ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୪/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 4/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 42 ମୂଲ୍ୟ₹୭/-




## Kia Syros
Evolved by the future

The new Kia Syros is light years ahead of its contemporary SUVs. Right from an evolved design language with upright squared shoulders, to the future-forward autonomous safety tech and future-ready connected car tech with over-the-air updates, everything about the Kia Syros is a giant leap in automotive thinking. Settle into the first-in-segment 2nd row ventilated, reclining & sliding seats, and you'll agree that the future itself has evolved it. Experience the Syros today!

### Innovative Technology
Future, reimagined


Dual Pane Panoramic Sunroof enhances the cabin's ambience for a seamless sense of spacious freedom




2nd Row Seat Reclining & Sliding with Seat Ventilation ensures every journey is in the lap of unparalleled comfort



76.20 cm (30") Trinity Panoramic Display Panel redefines innovation, offering a luxurious experience



Kia Connect 2.0# keeps your vehicle advanced and constantly evolving with Over-the-Air (OTA) Software updates and Kia Connect Diagnosis





Streamline Door Handles blend sleek design with innovative functionality


Harman Kardon Premium 8 Speakers Sound System delivers a truly immersive audio experience

### Innovative Safety
ADAS Level 2 with 16 Autonomous Features~ + Robust 20 Standard Safety Features

Forward Collision Warning and Avoidance Assist (FCW & FCA)


Parking Collision Avoidance Assist - Reverse (PCA-R)


Lane Keep Assist (LKA)


Smart Cruise Control (SCC) with Stop & Go



High Beam Assist


360 Degree Camera with Blind View Monitor in Cluster


**Robust 20 Hi-Safety Package**
STANDARD ACROSS ALL VARIANTS

Front Dual Airbags | Front Seat Side Airbags | Side Curtain Airbags | Highline Tyre Pressure Monitor | ABS (Anti-lock Brake System) with EBD | BAS (Brakeforce Assist System) | ESC (Electronic Stability Control) | VSM (Vehicle Stability Management) | HAC (Hill-start Assist Control) | ESS (Emergency Stop Signal) | Child Lock | Front Parking Sensors x4 | Rear Parking Sensors x4 | Speed Sensing Auto Door Lock | Impact Sensing Auto Door Unlock | Front & Rear All Seat 3-Point Seat Belts with Reminder | ISOFIX (Rear Anchors) | Front Passenger Airbag On/ Off Switch | Front Passenger Airbag On/ Off Indicator | Rear Occupant Alert

**Host of other innovative features:** Ice Cube MFR LED Headlamps with Starmap LED DRLs | Starmap LED Tail Lamps | Kia Signature Digital Tiger Face | R17 - 43.66 cm (17") Crystal Cut Alloy Wheels | Shark Fin Antenna and Integrated Spoiler | Electric Parking Brake with Auto Hold | 64 Color Ambient Mood Lighting | Wake-up Command | Kia Connect Diagnosis | Multilingual VR Commands | Call Center Assisted Navigation

**Kia Service**
Connected • Adaptive • Responsive • Engage

3 Years Unlimited km Warranty | Extended Warranty** Up to 5 Years | My Convenience Plus* Best-in-class Cost of Ownership | Scratch Care Program^ | IoT Based Smart Services`` | 24x7 | 3 Years Nationwide RSA°

**Pre-book now** | Call 1800 108 5000 | Visit www.kia.com/in | Kia Syros | Look for "Kia India" @

Terms & Conditions Apply. Segment is defined as vehicle with length between 3 990 mm – 3 999 mm and height - 1 680 mm. #Kia Connect 2.0 comes with 3 years free subscription. Amazon Alexa and any handheld device, mobile phone or/and smartwatch device are not standard car accessory & the customer needs to purchase from a third party. Kia Connect 2.0 features may vary depending on the variant, device compatibility, software and network availability in both vehicle and Alexa device. Kia Connect skill is only available in India and can be interacted with in English and Hindi. ~Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. **3 Years standard warranty and 2 years extended warranty. ``IoT based workshops for live vehicle tracking for digital experience. °RSA coverage across India except Andaman & Nicobar Islands and Lakshadweep. ^Scratch Care Program coverage includes repair of 1 scratch free of cost in an ownership period of 12 months from the date of sale, applicable on the new Syros retailed up to 30th June 2025. The product & feature images shown in this brochure is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this brochure. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect 2.0 features and other details of any model as mentioned in this brochure or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: SAMBALPUR: CENTRAL KIA,** PH: 7440004263, **BHUBANESHWAR: GUGNANI KIA,** PATIA, PH: 9777064777, **CENTRAL KIA,** PAHAL, PH: 7440002919, **TRUPTI KIA,** PATRAPADA, PH: 7064414001/ 7064414004/ 7064414005, **CUTTACK: CENTRAL KIA,** PH: 9237304769, **ROURKELA: KRISHNA KIA,** PH: 7852941723, **BALASORE: BASANTI KIA,** PH: 7077732182, **BERHAMPUR: CENTRAL KIA,** PH: 7440002919, **ANGUL: CENTRAL KIA,** PH: 7440002919, **JEYPORE: MAJESTY KIA,** PH: 9124572378, **KEONJHAR: TRUPTI KIA,** PH: 7064414005

INNOCEAN-001/25

## ସଂକ୍ଷେପରେ

### ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ଗିରଫଦାରିକୁ ରୋକିଲେ ସୁରକ୍ଷା କର୍ମୀ

ସିଓଲ,୩।୧

ଦକ୍ଷିଣ କୋରିଆର ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ବିରୋଧରେ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ତାଙ୍କୁ ଗିରଫ କରିବା ସହ ତାଙ୍କ କାର୍ଯ୍ୟାଳୟର ତଲାସି ନେବା ପାଇଁ ସେଠାର ଏକ ଅଦାଲତ ୱାରେଣ୍ଟ ଜାରି କରିଥିଲେ। ଶୁକ୍ରବାର ତାଙ୍କୁ ଗିରଫ କରିବା ପାଇଁ ଅଧିକାରୀମାନେ ବାସଭବନରେ ପହଞ୍ଚିଥିବାବେଳେ ତାଙ୍କ ସୁରକ୍ଷା କର୍ମୀ ଓ ସୈନ୍ୟମାନେ ସେମାନଙ୍କୁ ରୋକିଥିଲେ। ଡିସେମ୍ବର ୩ରେ ଦେଶରେ ଅଚାନକ ସାମରିକ ଆଇନ ଲାଗୁ କରିଥିବାରୁ ୟୁନ୍‌ଙ୍କ ବିରୋଧରେ ରାଜଦ୍ରୋହ ଅଭିଯୋଗର ତଦନ୍ତ ଚାଲିଛି। ଗିରଫ ପରୱାନା କାର୍ଯ୍ୟକାରୀ କରିବା ଭର୍ତ୍ତୁଆଲି ସମ୍ଭବ ନୁହେଁ ବୋଲି ଦୁର୍ନୀତି ତଦନ୍ତ ଅଧିକାରୀ କହିଛନ୍ତି।

### ଲାଞ୍ଚ ମାମଲାରେ ବରିଷ୍ଠ ଟ୍ରାଇ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୩।୧

ହିମାଚଳପ୍ରଦେଶର ଜଣେ କେବଲ୍ ଅପରେଟରଙ୍କ ଲାଇସେନ୍ସ କାଏମ ରଖିବାକୁ ତାଙ୍କଠାରୁ ଲକ୍ଷେ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ଟ୍ରାଇର ବରିଷ୍ଠ ଅଧିକାରୀ ନରେନ୍ଦ୍ର ସିଂ ରାୱତଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଛି। ଭାରତର ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ)ରେ ବରିଷ୍ଠ ରିସର୍ଚ୍ଚ ଅଫିସର ଥିବା ରାୱତ୍ କେବୁଲ ସେବା ଚଳାଇରଖିବା ପାଇଁ ଲାଇସେନ୍ସଧାରୀ ଅପରେଟରଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ରାଜ୍ୟର ଅନ୍ୟ ୫ ଲାଇସେନ୍ସଧାରୀ ଅପରେଟରଙ୍କ ତରଫରୁ ଲାଞ୍ଚ ଆଣି ପୈଠ କରିବାକୁ ମଧ୍ୟ ରାୱତ ତାଙ୍କୁ କହିଥିଲେ। ନ ହେଲେ ସମସ୍ତଙ୍କ ଲାଇସେନ୍ସ ବାତିଲ ପାଇଁ ସୁପାରିସ କରିବେ ବୋଲି ସେ କହିଥିଲେ। ସିବିଆଇ ଅଭିଯୋଗର ପ୍ରାଥମିକ ଯାଞ୍ଚ କରିବା ପରେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଟ୍ରାଇ ଅଫିସରଙ୍କୁ ଧରିଥିଲା। ରାୱତଙ୍କ ଗ୍ରେଟର ନୋଏଡ଼ା ଏବଂ ନୂଆଦିଲ୍ଲୀରେ ଥିବା ବାସଭବନ ଓ ଅଫିସ ପରିସରରେ ସିବିଆଇ ଚଢ଼ାଉ କରିଛି।

# ଚାଇନାରେ ଆଉ ଏକ କରୋନା




**କୋଭିଡ୍-୧୯ ମହାମାରୀର ପ୍ରାୟ ୫ ବର୍ଷ ପରେ ଏହାର ଉତ୍ପତ୍ତିସ୍ଥଳ ଚାଇନାରେ ଆଉ ଏକ ସଂକ୍ରାମକ ଭୂତାଣୁ ଆତଙ୍କ ଖେଳାଇଛି। ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍ (ଏଚ୍ଏମ୍‌ପିଭି) ବିଶେଷକରି ୧୪ ବର୍ଷରୁ କମ୍ ବୟସ୍କ ପିଲା ଓ ବରିଷ୍ଠ ନାଗରିକମାନଙ୍କୁ କବଳିତ କରୁଛି। ଫଳରେ ଦେଶର ହସ୍ପିଟାଲଗୁଡ଼ିକରେ ଚିକିତ୍ସା ପାଇଁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଲାଣି। ଏହାର ସଂକ୍ରମଣ ଅନ୍ୟ ଦେଶକୁ ବ୍ୟାପିଲେ ପରିଣତି ଭୟାବହ ହେବା ଆଶଙ୍କା ଉପୁଜିଛି। ଭାରତରେ ଏଚ୍ଏମ୍‌ପିଭିର କୌଣସି ମାମଲା ଚିହ୍ନଟ ହୋଇ ନ ଥିଲେ ମଧ୍ୟ ଦେଶ ପାଇଁ ଏହା ଏକ ସତର୍କଘଣ୍ଟି ସଦୃଶ। ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ବି ସଂକ୍ରମଣ ଏଡ଼ାଇବା ପାଇଁ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।**

ବେଜିଂ/ନୂଆଦିଲ୍ଲୀ,୩।୧

୨୦୨୪ ଡିସେମ୍ବରରୁ ଚାଇନାରେ ଏଚ୍ଏମ୍‌ପିଭି ନାମରେ ଏକ ଶ୍ୱାସଜନିତ ସଂକ୍ରାମକ ଭୂତାଣୁ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଗତମାସରେ ଏହା ଉପରେ ପାଇଲଟ୍ ମନିଟରିଂ ଆରମ୍ଭ କରାଯାଇଛି। ସଂକ୍ରମିତମାନଙ୍କ ଅସୁସ୍ଥତା ଯୋଗୁ ହସ୍ପିଟାଲ ଓ ମୃତ୍ୟୁ କାରଣରୁ ଶବଗୃହଗୁଡ଼ିକରେ ଭିଡ଼ ଜମୁଥିବା ନେଇ ସୋସିଆଲ ମିଡିଆରେ ଅନେକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଡିସେମ୍ବର ୧୬ରୁ ୨୨ ମଧ୍ୟରେ ସବୁଠୁ ବେଶି ସଂକ୍ରମଣ ବ୍ୟାପିଥିବା ଚାଇନାର ଏକ ସରକାରୀ ବିବୃତିରୁ ଜଣାପଡ଼ିଛି। ଚାଇନାରେ କେବଳ ଏଚ୍ଏମ୍‌ପିଭି ନୁହେଁ, ଇନ୍‌ଫ୍ଲୁଏଞ୍ଜା ଏ, ମାଇକୋପ୍ଲାଜ୍ମା ନିମୋନିଆ ଏବଂ କୋଭିଡ୍-୧୯ ଭାଇରସ୍ ମଧ୍ୟ ବ୍ୟାପୁଥିବା କେତେକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଅଦ୍ୟାବଧି ଭାରତରେ ଏହି ଭୂତାଣୁ ସଂକ୍ରମିତ କୌଣସି ବ୍ୟକ୍ତି ଚିହ୍ନଟ ହୋଇ ନ ଥିଲେ ମଧ୍ୟ ଦେଶ ପାଇଁ ଏହା ଏକ ସତର୍କଘଣ୍ଟି ବୋଲି କୁହାଯାଉଛି। ଦିଲ୍ଲୀ ମେଡିକାଲ କାଉନ୍‌ସିଲ ଅଧ୍ୟକ୍ଷ ଡ. ଅରୁଣ ଗୁପ୍ତା କହିଛନ୍ତି, ଏଚ୍ଏମ୍‌ପିଭି ଏବଂ କୋଭିଡ୍-୧୯ର ଲକ୍ଷଣ ମଧ୍ୟରେ ଅନେକ ସମାନତା ରହିଛି। ଏହାକୁ ନେଇ ଭାରତରେ କେହି ଚିନ୍ତିତ ହେବା ଅନୁଚିତ। ତେବେ ଏହା ଉପରେ କଡ଼ା ନଜର ରଖାଯିବାର ଆବଶ୍ୟକତା ରହିଥିବା ସେ ଦର୍ଶାଇଛନ୍ତି। ଡ. ଗୁପ୍ତା ଆହୁରି କହିଛନ୍ତି, ନୂଆ ଭୂତାଣୁକୁ ନେଇ ଭାଇରାଲ ଷ୍ଟଡି (ଅନୁଧ୍ୟାନ) କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଲାବରେଟୋରି ରହିଛି। ଭିଡ଼ରେ ମାସ୍କ ପିନ୍ଧିବା, କାହାରି ନିକଟତର ନ ହେବା ଭଳି ଉପାୟ ଦ୍ୱାରା ଏଚ୍ଏମ୍‌ପିଭି ସଂକ୍ରମଣକୁ ରୋକାଯାଇପାରେ। ୨୦୧୧-୧୨ରେ ମଧ୍ୟ ଏହି ଭୂତାଣୁ ଆମେରିକା, କାନାଡା ଓ ୟୁରୋପରେ ଚିହ୍ନଟ ହୋଇଥିବା ସେ ସୂଚନା ଦେଇଛନ୍ତି। ସାଧାରଣ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ଅତୁଲ ଗୋଏଲ କହିଛନ୍ତି, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଡିସି) ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସହ ଯୋଗସୂତ୍ରରେ ରହି ସ୍ଥିତି ଉପରେ କଡ଼ା ନଜର ରଖିଛି। ଚିନ୍ତିତ ହେବାର କିଛି ନାହିଁ। ତେବେ ଶ୍ୱାସଜନିତ ସଂକ୍ରମଣ ପ୍ରତି ସତର୍କ ରହିବା ଜରୁରୀ।

## ଏଚ୍ଏମ୍‌ପିଭି: ଭାରତ ପାଇଁ ସତର୍କଘଣ୍ଟି



### ଏଚ୍ଏମ୍‌ପିଭି କ'ଣ

ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍ (ଏଚ୍ଏମ୍‌ପିଭି) ଶ୍ୱାସକ୍ରିୟା ସହ ଜଡ଼ିତ ଏକ ଭୂତାଣୁ। ଏଥିରେ ସଂକ୍ରମିତ ବ୍ୟକ୍ତିଙ୍କଠାରେ ଥଣ୍ଡା ଓ ଜ୍ୱର ସଦୃଶ ଲକ୍ଷଣ ଦେଖାଯାଉଛି। ସଂକ୍ରମିତମାନେ କଫ, ଜ୍ୱର, ନାକ ବନ୍ଦ ଓ ଗଳାରୁଦ୍ଧ ହୋଇଯିବା ଭଳି ଅସୁବିଧା ଭୋଗୁଛନ୍ତି। ଅନେକସ୍ଥଳେ ଏଥିଯୋଗୁ ପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ବୋଙ୍କାଇଟିସ୍ (ଶ୍ୱାସନଳୀରେ ପ୍ରଦାହ) ବା ନିମୋନିଆ (ଫୁସ୍‌ଫୁସ୍ ସଂକ୍ରମଣ) ହୋଇପାରେ। ରୋଗ ପ୍ରତିଷେଧକ ଶକ୍ତି କମ୍ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିରେ ସଂକ୍ରମିତ ହେବା ଆଶଙ୍କା ରହିଛି।

### ଚିକିତ୍ସା କିମ୍ବା ଟିକା ନାହିଁ: ଶୀତରେ ବେଶି ବିପଦ

ବର୍ତ୍ତମାନ ଏଚ୍ଏମ୍‌ପିଭି ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଣ୍ଟିଭାଇରାଲ ଚିକିତ୍ସା ପଦ୍ଧତି କିମ୍ବା ଟିକା ନ ଥିବାରୁ ଏହାର ଲକ୍ଷଣ ଦୂରକରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଚାଇନାର ନ୍ୟାଶନାଲ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ସିଡିପିଏ) ପକ୍ଷରୁ ଏକ ପାଇଲଟ୍ ମନିଟୋରିଂ ସିଷ୍ଟମ୍ ଜରିଆରେ ଏହା ଉପରେ ନଜର ରଖାଯାଇଛି। ଶୀତଋତୁରେ ଶ୍ୱାସଜନିତ ରୋଗର ମୁକାବିଲା ପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ପ୍ରୋଟୋକଲ ସ୍ଥାପନ ହେଉଛି ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ।

### ଡବ୍ଲ୍ୟୁଏଚ୍‌ଓ ନୀରବ

ଚାଇନା ପକ୍ଷରୁ ଏଚ୍ଏମ୍‌ପିଭିର ଉତ୍ପତ୍ତିସ୍ଥଳ ସମ୍ପର୍କରେ କିଛି କୁହାଯାଇନାହିଁ। କୋଭିଡ୍-୧୯ ପରେ ଶୀତଋତୁରେ ଶ୍ୱାସଗତ ସମସ୍ୟା ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି। ସଂକ୍ରମଣ ବୃଦ୍ଧି ସତ୍ତ୍ୱେ ଚାଇନା ସରକାର କିମ୍ବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏଚ୍ଏମ୍‌ପିଭିକୁ ଏକ ଏମର୍ଜେନ୍ସି ଭାବେ ଘୋଷଣା କରାଯାଇ ନାହିଁ। ଏଭଳି ସ୍ଥିତିରେ ସରକାରୀ ସ୍ୱାସ୍ଥ୍ୟଗତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ ହୋଇ ଏହାର ଅନୁପାଳନ ଏବଂ ନିବାରଣାତ୍ମକ ଉପାୟ ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଉଛି। ମାସ୍କ ପିନ୍ଧିବା, ନିୟମିତ ହାତ ଧୋଇବା, ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା ଓ ଶ୍ୱାସଜନିତ ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଅତି ନିକଟତର ନ ହେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ପିଥମ୍‌ପୁରରେ ୨ ଜଣଙ୍କ ଆତ୍ମାହୁତି ଉଦ୍ୟମ

### ୟୁନିୟନ କାର୍ବାଇଡ୍ ଆବର୍ଜନା ବିରୋଧରେ ବିକ୍ଷୋଭ

ଧର୍,୩।୧



ମଧ୍ୟପ୍ରଦେଶର ଭୋପାଳସ୍ଥିତ ୟୁନିୟନ କାର୍ବାଇଡ୍ ଇଣ୍ଡିଆ ଲିଃ (ୟୁସିଆଇଆଇ) କୀଟନାଶକ ପ୍ଲାଣ୍ଟରୁ ବର୍ଜ୍ୟକୁ ୧୨ଟି କଣ୍ଟେନର ଟ୍ରକ୍‌ରେ ସିଲ୍ କରି ୨୫୦ କି.ମି. ଦୂର ଧର୍ ଜିଲା ପିଥମ୍‌ପୁର ଶିଳ୍ପାଞ୍ଚଳକୁ ନିଆଯିବାକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଛନ୍ତି। ୩୩୭ ଟନ୍ ବିପଜ୍ଜନକ ଆବର୍ଜନା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ଆଶଙ୍କା କରି 'ପିଥମ୍‌ପୁର ବଚାଓ ସମିତି' ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭବେଳେ ସମିତିର ୨ ଜଣ ସଦସ୍ୟ ଆତ୍ମାହୁତି ଉଦ୍ୟମ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଇନ୍ଦୋରସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିମାଡ଼ କରିବାରୁ ଅନେକେ ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ଲାଗିରହିଛି। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଧର୍ ଏସ୍‌ପି ମନୋଜ ସିଂ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୧୯୮୪ ଡିସେମ୍ବର ୨-୩ ରାତିରେ ଭୋପାଳସ୍ଥିତ ୟୁସିଆଇଆଇ କୀଟନାଶକ ପ୍ଲାଣ୍ଟରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ୩,୭୮୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ଲୋକ ବିକଳାଙ୍ଗ ହୋଇଯାଇଥିଲେ। ଏହାକୁ ବିଶ୍ୱର ସବୁଠୁ ଭୟଙ୍କର ଶିଳ୍ପାଞ୍ଚଳ ବିପର୍ଯ୍ୟୟ କୁହାଯାଏ। ଏହି ଘଟଣାର ଦୀର୍ଘ ୪୦ ବର୍ଷ ପରେ ବୁଧବାର ରାତିରେ କାରଖାନା ପରିସରରୁ ୩୭୭ ଟନ୍ ଓଜନର ବିପଜ୍ଜନକ ବର୍ଜ୍ୟ ହଟାଯାଇଥିଲା। ଏଥିପାଇଁ ୨୫୦ କି.ମି. ରାସ୍ତାକୁ ଗ୍ରୀନ୍ କରିଡର ଘୋଷଣା କରାଯାଇଥିଲା। ଟ୍ରକ୍‌ରେ ଆବର୍ଜନ ବୋଝେଇ ପାଇଁ ରବିବାରଠାରୁ ପ୍ରତି ୩୦ ମିନିଟ୍ ଶିଫ୍ଟରେ ପାଳିକରି ୧୦୦ ଶ୍ରମିକ ନିୟୋଜିତ ହୋଇଥିଲେ।

# ଚାଇନାର ନୂଆ କାଉଣ୍ଟି

ନୂଆଦିଲ୍ଲୀ,୩।୧(ପି.ଟି.)

ଚାଇନା ସୀମାନ୍ତ ଅଞ୍ଚଳରେ ୨ଟି କାଉଣ୍ଟି ସ୍ଥାପନ କରିଛି, ଯାହାର କେତେକ ଅଂଶ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଆସୁଛି। ଭାରତ ଏହାର ଦୃଢ଼ ବିରୋଧ କରିବା ସହ କୂଟନୈତିକ ଚ୍ୟାନେଲ ଜରିଆରେ ବେଜିଂ ନିକଟରେ ପ୍ରତିବାଦ ଜଣାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି।

ଉତ୍ତରପଶ୍ଚିମ ଚାଇନାର ଜିନ୍‌ଜିଆଙ୍ଗ ଉଇଗୁର ସ୍ୱାୟଂଶାସିତ ଅଞ୍ଚଳ ସରକାର ଦୁଇଟି ନୂଆ ହେଆନ୍ କାଉଣ୍ଟି ଏବଂ ହେକାଙ୍ଗ କାଉଣ୍ଟି ନିର୍ମାଣ କରିଥିବା ଗତ ୨୭ ତାରିଖରେ ଘୋଷଣା କରିଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନାର କେନ୍ଦ୍ରୀୟ କମିଟି ଏବଂ ରାଜ୍ୟ ପରିଷଦ ନୂଆ କାଉଣ୍ଟିଗୁଡ଼ିକୁ ଅନୁମୋଦନ କରିଛି। ତଥାକଥିତ କାଉଣ୍ଟିର କେତେକ ଅଂଶ ଲଦାଖ ମଧ୍ୟରେ ଆସୁଥିବାରୁ ଭାରତୀୟ ଅଞ୍ଚଳ ମଧ୍ୟରେ ଚାଇନାର ବେଆଇନ ଦଖଲକୁ କଦାପି ଗ୍ରହଣ କରାଯିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। କାଉଣ୍ଟି ନିର୍ମାଣ ଦ୍ୱାରା ଏହି କ୍ଷେତ୍ର ଉପରେ ଭାରତର ସାର୍ବଭୌମତ୍ୱ ସମ୍ବନ୍ଧୀୟ ଦୀର୍ଘକାଳୀନ ତଥା ସୁସଙ୍ଗତ ସ୍ଥିତି ଉପରେ ନା କୌଣସି ପ୍ରଭାବ ପଡ଼ିବ ନା ଏଥିରୁ ଚାଇନାକୁ ବେଆଇନ ଏବଂ ବଳପୂର୍ବକ କବ୍‌ଜା କରିବାର ବୈଧତା ମିଳିବ। କୂଟନୈତିକ ଚ୍ୟାନେଲ ଜରିଆରେ ଆମେ ଚାଇନା ନିକଟରେ ପ୍ରତିବାଦ ଜଣାଇଛୁ ବୋଲି ଜୟସ୍ୱାଲ ସୂଚନା ଦେଇଛନ୍ତି।

### ପ୍ରତିବାଦ ଜଣାଇଲା ଭାରତ

# ୨୦ ହଜାର ଡଲାରର ହୀରା ଉପହାର

### ଜିଲ୍ ବାଇଡେନ୍‌ଙ୍କୁ ମୋଦି ଦେଇଥିଲେ





ନୂଆଦିଲ୍ଲୀ/ୱାଶିଂଟନ୍,୩।୧

୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତବେଳେ ସେଠାକାର ରାଷ୍ଟ୍ରପତିଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍‌ଙ୍କୁ ୨୦,୦୦୦ ଡଲାର (ପ୍ରାୟ ୧୭.୧୫ ଲକ୍ଷ ଟଙ୍କା) ମୂଲ୍ୟର ଏକ ହୀରା ଉପହାର ଦେଇଥିଲେ। ଲାବ୍‌ରେ ପ୍ରସ୍ତୁତ ତଥା ସୁରଟ୍‌ରେ ପଲିଶ୍ କରାଯାଇଥିବା ୭.୫ କ୍ୟାରେଟ୍‌ର ଏହି ସବୁଜ ହୀରାକୁ କାଗଜ ମଣ୍ଡରେ ତିଆରି ଏକ ବକ୍ସ 'କର୍-ଏ-କାଲାମଦାନି'ରେ ରଖାଯାଇଛି।

ଆମେରିକାର ଅଫିସ୍ ଅଫ୍ ଦି ଚିଫ୍ ଅଫ୍ ପ୍ରୋଟୋକଲ ପକ୍ଷରୁ ଜାରି ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ପ୍ରଧାନମନ୍ତ୍ରୀ ମୋଦି ୨୦୨୩ ଜୁନ୍‌ରେ ଆମେରିକାକୁ ପ୍ରଥମ ସରକାରୀ ଗସ୍ତରେ ଯାଇଥିବାବେଳେ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ତାଙ୍କୁ ଆପ୍ୟାୟିତ କରିଥିଲେ। ମୋଦି ଭାରତ ସରକାରଙ୍କ ପକ୍ଷରୁ ଜୋ ବାଇଡେନ୍‌ଙ୍କୁ ଚନ୍ଦନକାଠରେ ନିର୍ମିତ ଏକ ବକ୍ସ ଉପହାର ଦେଇଥିଲେ। ସେଥିରେ ଗଣେଶଙ୍କ ମୂର୍ତ୍ତି, ଦୀପ ଓ 'ଦଶ ଦାନମ୍' ରହିଥିଲା। ସେହିପରି 'ଦି ଟେନ୍ ପ୍ରିନ୍ସିପାଲ ଉପନିଷଦ୍‌ସ' ଶୀର୍ଷକ ପୁସ୍ତକର ପ୍ରଥମ ସଂସ୍କରଣରୁ ଗୋଟିଏ କପି ମଧ୍ୟ ଜିଲ୍‌ଙ୍କୁ ମୋଦି ଦେଇଥିଲେ। ବାଇଡେନ୍ ଦମ୍ପତି ଏହା ବଦଳରେ ମୋଦିଙ୍କୁ ହାତରେ ତିଆରି ଏକ ଆମେରିକୀୟ ପ୍ରାଚୀନ ପୁସ୍ତକ, କ୍ୟାମେରା ଏବଂ ରୋବର୍ଟ ଫ୍ରୋଷ୍ଟଙ୍କ କବିତା ସଙ୍କଳନ ଉପହାର ଦେଇଥିଲେ।

ତେବେ ପ୍ରଧାନମନ୍ତ୍ରୀ ଜିଲ୍‌କୁ ଦେଇଥିବା ହୀରା ଉପହାରକୁ ସେ ବ୍ୟବହାର କରିପାରିବେ ନାହିଁ। ଆସନ୍ତା ୨୦ରେ ବାଇଡେନ୍ ଦମ୍ପତି ହ୍ୱାଇଟ୍ ହାଉସ୍ ଛାଡ଼ିବା ପୂର୍ବରୁ ଏହାକୁ ହସ୍ତାନ୍ତର କରିବା ପରେ ନ୍ୟାଶନାଲ ଆର୍କାଇଭ୍ସରେ ରଖାଯିବ। ଜିଲ୍ ଚାହିଁଲେ ଏହାକୁ କିଣିପାରିବେ। କାରଣ ଆମେରିକାର ଆଇନ ଅନୁସାରେ ୪୮୦ ଡଲାରରୁ ଅଧିକ ମୂଲ୍ୟର ବିଦେଶୀ ଉପହାରକୁ ରାଷ୍ଟ୍ରପତି କିମ୍ବା ତାଙ୍କ ସ୍ତ୍ରୀ କିଣିବା ଉପରେ କଟକଣା ରହିଛି।

# ମେଡିକାଲ ପାଠ୍ୟକ୍ରମ ସିଟ୍ ଖାଲି ରହିପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୧(ପି.ଟି.)

ଡାକ୍ତରୀ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ସିଟ୍‌ଗୁଡ଼ିକ ଖାଲି ପଡ଼ିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। କେନ୍ଦ୍ର ସରକାର ଏ ବାବଦରେ ରାଜ୍ୟ ସମେତ ଅନ୍ୟ ଉପଯୁକ୍ତ ଅଂଶୀଦାରମାନଙ୍କ ସହ ଆଲୋଚନା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ନିଯୁକ୍ତ କମିଟିର ସୁପାରିସକୁ ବିଚାରକୁ ନେବା ଲାଗି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

ଡାକ୍ତରୀ ପାଠ୍ୟକ୍ରମର ସୁପର ସ୍ପେଶିଆଲିଟି ସିଟ୍‌ଗୁଡ଼ିକ ପୂରଣ ହେଉ ନ ଥିବାରୁ ୨୦୨୩ ଏପ୍ରିଲରେ ସର୍ବୋଚ୍ଚ ଅଦାଲତ ଉଦ୍‌ବେଗ ପ୍ରକାଶ କରିଥିଲେ। ସେତେବେଳେ ଅଦାଲତ ଏହି ପ୍ରସଙ୍ଗର ସମାଧାନ ପାଇଁ ରାଜ୍ୟ ଓ ଘରୋଇ ମେଡିକାଲ କଲେଜ ପ୍ରତିନିଧିଙ୍କ ସମେତ ଷ୍ଟେକ୍‌ହୋଲ୍ଡରମାନଙ୍କୁ ନେଇ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟି କେନ୍ଦ୍ର ସରକାରଙ୍କୁ କେତେକ ସୁପାରିସ କରିଛନ୍ତି। କେନ୍ଦ୍ର ୩ ମାସ ମଧ୍ୟରେ ଏହା ଉପରେ ଷ୍ଟେକ୍‌ହୋଲ୍ଡରମାନଙ୍କ ବୈଠକ ଡାକି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# କାଲିଫର୍ନିଆରେ ବିମାନ ଦୁର୍ଘଟଣା: ୨ ମୃତ

ଫୁଲେରଟନ୍,୩।୧

ଆମେରିକାର କାଲିଫର୍ନିଆର ଦକ୍ଷିଣ ଭାଗରେ ଏକ କ୍ଷୁଦ୍ର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୮ ଜଣ ଆହତ ହୋଇଛନ୍ତି। ବିମାନଟି ଏକ ଆସବାବପତ୍ର କାରଖାନା ବିଲ୍ଡିଂ ଉପରେ ଖସିପଡ଼ି ଜଳିଯାଇଥିଲା।




## ଫୁର୍‌ସତ୍

# ଦୃଷ୍ଟିବାଧିତଙ୍କ ସୃଜନଶୀଳତା ପାଇଁ ବ୍ରେଲି

### ବିଶ୍ୱ ବ୍ରେଲି ଦିବସ



ମନର କଥା ଏବଂ ସୃଜନଶୀଳତାର ପରିପ୍ରକାଶ ପାଇଁ ସଭିଙ୍କ ମନରେ ଥାଏ ବହୁ ଉତ୍କଣ୍ଠା। ମାତ୍ର ଦୃଷ୍ଟିବାଧିତଙ୍କ ଭଳି କେତେକଙ୍କ ପକ୍ଷରେ ଅକ୍ଷର ଚିହ୍ନିବା, ପଢ଼ିବା ଏବଂ ଏହାର ପରିପ୍ରକାଶ ନିଜସ୍ୱ ଢଙ୍ଗରେ କରିବା ସମ୍ଭବ ହୋଇ ପାରି ନ ଥାଏ। ସେଭଳି ବ୍ୟକ୍ତିଙ୍କ ଲାଗି ବ୍ରେଲି ଅକ୍ଷର ହିଁ ସୃଜନଶୀଳତା ପରିପ୍ରକାଶର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥାଏ। ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲିର ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୪ରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ। ଦୃଷ୍ଟିବାଧିତଙ୍କ ପାଇଁ ମାନବିକ ଅଧିକାରର ପୂର୍ଣ୍ଣ ହୃଦୟଙ୍ଗମ କରିବାରେ ଯୋଗାଯୋଗର ମାଧ୍ୟମ ଭାବରେ ବ୍ରେଲିର ମହତ୍ତ୍ୱ ବିଷୟରେ ସଚେତନତା ଲାଗି ଏହି ଦିବସ ପାଳିତ ହୁଏ। ଜାତିସଂଘର ସାଧାରଣ ସଭା ଦ୍ୱାରା ନଭେମ୍ବର ୨୦୧୮ରେ ଘୋଷଣା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପାଳନ କରିବା ନିମନ୍ତେ ତାରିଖ ଚୟନ କରାଯାଇଥିଲା। ଦୃଷ୍ଟିବାଧିତଙ୍କ ଲାଗି ଏହି ଲେଖା ପ୍ରଣାଳୀର ସୃଷ୍ଟିକର୍ତ୍ତା ଲୁଇସ ବ୍ରେଲିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୯ ଜାନୁୟାରୀ ୪ରେ ପ୍ରଥମ ବିଶ୍ୱ ବ୍ରେଲି ଦିବସ ପାଳିତ ହୋଇଥିଲା। ୧୮୦୯ ଜାନୁୟାରୀ ୪ରେ ଲୁଇସ ବ୍ରେଲିଙ୍କ ଜନ୍ମ ହୋଇଥିଲା। ଏହାର ସ୍ମୃତିରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୪/୨୦୨୫ Bhubaneswar, Saturday, January 4/2025 



## ଚର୍ଚ୍ଚାରେ ଉର୍ବଶୀଙ୍କ ବୋଲ୍ଡ ଡ୍ୟାନ୍ସ

ରିଲିଜ ହେବାକୁ ଥିବା 'ଡାକୁ ମହାରାଜ' ସିନେମାର ଏକ ଗୀତରେ ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କ ବୋଲ୍ଡ ନୃତ୍ୟ ଚର୍ଚ୍ଚିତ ହୋଇଛି।

୦୨

୧୨

## ବିଶ୍ୱ ରେକର୍ଡ କଲେ କରୁଣ ନାୟାର

ଆଉଟ ନ ହୋଇ ଲିଷ୍ଟ 'ଏ' କ୍ରିକେଟରେ ସର୍ବାଧିକ ରନ ସଂଗ୍ରହ କରି କରୁଣ ନାୟାର ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।



# ଅଦିନିଆ ବର୍ଷା ପ୍ରାକୃତିକ ବିପର୍ଯ୍ୟୟ



ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ୩ ଦିନିଆ 'କୃଷି ଓଡ଼ିଶା କନ୍‌କ୍ଲେଭ୍-୨୦୨୫'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ।

### ଘୋଷଣା କଲେ ରାଜ୍ୟ ସରକାର

**■ ୬.୬୬ ଲକ୍ଷ ଚାଷୀଙ୍କୁ ମିଳିବ ୨୯୧ କୋଟି ୫୯ ଲକ୍ଷ ଟଙ୍କା ସହାୟତା**

### କୃଷି ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ଉଦ୍‌ଘାଟିତ

**ଭୁବନେଶ୍ୱର,୩।୧(ଅନିଲ ଦାସ)**

ରାଜ୍ୟ ସରକାର ଗତ ଡିସେମ୍ବରରେ ହୋଇଥିବା 'ଅଦିନିଆ ବର୍ଷା'କୁ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ରାଜ୍ୟରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ୧୬ଟି ଜିଲାର ପ୍ରାୟ ୬ ଲକ୍ଷ ୬୬ ହଜାର ୭୨୦ ଚାଷୀଙ୍କୁ କ୍ଷତିପୂରଣ ମିଳିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବରମୁଣ୍ଡା ପଡ଼ିଆଠାରେ ୩ ଦିନିଆ 'କୃଷି ଓଡ଼ିଶା କନ୍‌କ୍ଲେଭ-୨୦୨୫'କୁ ଉଦ୍‌ଘାଟନ କରି ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତମାସରେ ଅଦିନିଆ ବର୍ଷାରେ ଯେଉଁ ଚାଷୀମାନଙ୍କର ୩୩ପ୍ରତିଶତରୁ ଅଧିକ ଫସଲ କ୍ଷୟକ୍ଷତି ହୋଇଛି ସେମାନଙ୍କୁ ରାଜ୍ୟ ସରକାରଙ୍କ ରିଲିଫ କୋଡ୍ ବ୍ୟବସ୍ଥା ଆଧାରରେ ସହାୟତା ପ୍ରଦାନ କରିବେ। ଏଥିପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)ରୁ ୨୯୧କୋଟି ୫୯ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଜିଲାପାଳମାନଙ୍କ ରିପୋର୍ଟ ଅନୁସାରେ ଗତ ଡିସେମ୍ବର ୨୦ରୁ ୨୮ତାରିଖ ମଧ୍ୟରେ ହୋଇଥିବା ଅଦିନିଆ ବର୍ଷାରେ ୧୬ଟି ଜିଲାର ୬ଲକ୍ଷ ୬୬ହଜାର ୭୨୦ ଚାଷୀଙ୍କର ୨ଲକ୍ଷ ୨୬ହଜାର ୭୯୧ ହେକ୍ଟର ଚାଷଜମିରେ ୩୩ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବ୍ୟତୀତ ଯେଉଁ ଚାଷୀମାନେ କପା ଓ ପନିପରିବା ଚାଷ କରିଛନ୍ତି ଓ ଭାଗଚାଷୀଙ୍କୁ ମଧ୍ୟ ସହାୟତା ଦେବାକୁ ସରକାର ପଦକ୍ଷେପ ନେଇଛନ୍ତି। ଯେଉଁଚାଷୀମାନଙ୍କର ୩୩ ପ୍ରତିଶତ ଅଥବା ଅଧିକ ଫସଲ କ୍ଷତି ହୋଇଥିବ, ସେହି ଚାଷୀମାନଙ୍କୁ ସହାୟତା ମିଳିବ। ପ୍ରଧାନମନ୍ତ୍ରୀ ଫସଲ ☞ପୃଷ୍ଠା-୨

## ଶୋଇଥିବା ଭଉଣୀ, ଭାଇଙ୍କୁ ଗୁଳି

**ବଇଣ୍ଡା,୩।୧(ପରିକ୍ଷିତ ସାହୁ)**

ଖଟରେ ଶୋଇଥିବା ଭଉଣୀ, ଭାଇଙ୍କୁ ଗୁଳିମାଡ଼ ହୋଇଛି। ଗୁଳି ଭଉଣୀଙ୍କ ଛାତିରେ ବାଜି ପିଠିପଟେ ବାହାରି ଯାଇଥିବାବେଳେ ଭାଇଙ୍କ ହାତରେ ବାଜିଛି। ଅନୁଗୋଳ ଜିଲା କିଶୋରନଗର ଥାନା ବାମୁର ପଞ୍ଚାୟତର ଭାଙ୍ଗମୁଣ୍ଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଗୁଳିକାଣ୍ଡ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗୁରୁତର ଆହତ ହୋଇଥିବା ଭଉଣୀ, ଭାଇ ହେଲେ ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ଝିଅ ଯାଜ୍ଞସିନୀ ମିର୍ଦ୍ଧା (୧୫) ଓ ପୁଅ ପ୍ରକାଶ ମିର୍ଦ୍ଧା (୧୧)। ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ କିଶୋରନଗର ପୋଲିସ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଅନୁଗୋଳ ଏସ୍‌ପି ରାହୁଲ ଜୈନ ସ୍ୱେଶାଲ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରଫୁଲ୍ଲଙ୍କ ପରିବାର ସହ କାହାର ଶତ୍ରୁତା ଥିଲା କି ନାହିଁ ସେ ନେଇ ଏସ୍‌ପି ଜୈନ ତାଙ୍କ ବନ୍ଧୁବାନ୍ଧବଙ୍କୁ ପଚାରି ବୁଝିଛନ୍ତି। କିଶୋରନଗର ଆଇଆଇସି ବିଭୂତି ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଏଯାଏ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଏକ ସଂଯୋଗ**



ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଶୁକ୍ରବାର ନୂଆ ରାଜ୍ୟପାଳ ଭାବେ ଡକ୍ଟର ହରି ବାବୁ କମ୍ଭମ୍‌ପତିଙ୍କୁ ଶପଥପାଠ କରାଉଛନ୍ତି। **(ରିପୋର୍ଟ: ପୃଷ୍ଠା-୨)**

## ସୁଭଦ୍ରା:ମାର୍ଚ୍ଚ ଶେଷ ସୁଦ୍ଧା ଆବେଦନ କଲେ ମିଳିବ ୨ଟି କିସ୍ତି

**ଭୁବନେଶ୍ୱର,୩।୧(ଅନିଲଦାସ)**


ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଆବେଦନ କଲେ ୨ଟି କିସ୍ତି ପାଇପାରିବେ। ସୁଭଦ୍ରା ପଞ୍ଜୀକରଣ ପାଇଁ ୨୦୨୫ ମାର୍ଚ୍ଚ ୩୧ ତାରିଖରୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

୨୦୨୪ ଅଗଷ୍ଟ ୨୨ରେ କ୍ୟାବିନେଟ୍ ସୁଭଦ୍ରା ଯୋଜନାକୁ ଅନୁମୋଦନ

### କ୍ୟାବିନେଟ୍ ନିଷ୍ପତ୍ତି

**ଚଳିତ ମାସରୁ ମିଳିବ ବାର୍ଦ୍ଧକ୍ୟଙ୍କୁ ବର୍ଦ୍ଧିତ ଭତ୍ତା**

କରିଥିଲା। ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଏହି ଯୋଜନାରେ ୫ ବର୍ଷ ପାଇଁ ବଜେଟରେ ୫୫,୮୨୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସୁଭଦ୍ରାରେ ୧ କୋଟି ୬ ଲକ୍ଷରୁ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବ ଶୁଭାରମ୍ଭ, ସ୍ଥାନ: ମହାତ୍ମାଗାନ୍ଧୀ ମାର୍ଗ, ସମୟ: ସକାଳ ୭ଟା ୧୫।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ ଅବସରରେ ସମବେତ ଉପାସନା, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ମଦନପୁର, ସମୟ: ପୂର୍ବାହ୍ନ ୧୧ଟା।
- ନୀଳାଞ୍ଚଳ ଭଡ଼ା ମହାସଂଘ ପକ୍ଷରୁ ବିଶାଳ ଶୋଭାଯାତ୍ରା, ରାଲି ଓ ପ୍ରତିବାଦ ସଭା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ଅପରାହ୍ନ ୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧର୍ମବିହାରର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଖଣ୍ଡଗିରି, ସମୟ: ଅପରାହ୍ନ ୪ଟା ୩୦।
- ଏମ୍ ଡି କ୍ରିଏଶନ୍ସ ଆଣ୍ଡ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପରାହ୍ନ ୫ଟା।
- ନାଟ୍ୟ ଶାସ୍ତ୍ର ପକ୍ଷରୁ ନୃତ୍ୟ ଉତ୍ସବ ସମ୍ମାନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପ୍ରସ୍ତୁତି, ସ୍ଥାନ: ମା' ଅମ୍ବିକା ମନ୍ଦିର, କୁପାରୀ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବାସୀ ଭାରତୀୟ ଦିବସ ପାଳନ, ସ୍ଥାନ: ଖଇରା ସରକାରୀ ଉଚ୍ଚ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଲକି ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ଜାମୁନିଆ ଆଞ୍ଚଳିକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜାମୁନିଆ ଖେଳ ପଡ଼ିଆ, ରୂପସା, ସମୟ: ଅପରାହ୍ନ ୫ଟା।
- ୩୫ତମ ଚନ୍ଦ୍ରଭାଗା ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଶହୀଦ ପୀଠ ଇରମ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ପଥପ୍ରାନ୍ତ ନାଟକ, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ସେଣ୍ଟ ମେରିଜ ସ୍କୁଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।
- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ବଣିଆପଙ୍କ,ଛେନାପଦୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- କୃଷକମାନଙ୍କ ପାଠଶାଳା କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ୩୦।
- ୟଙ୍ଗ ମାସ ଆସୋସିଏସନର ୫ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ମୟୂର କେମିକାଲ କ୍ୟାମ୍ପସ, ବେତନଟୀ,ସମୟ: ସନ୍ଧ୍ୟା ୬ଟା।
- ବୈଶିଙ୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ, ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ପଞ୍ଚାୟତ ସମିତି ସଭାଗୃହ, କାମାକ୍ଷାନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ୍ କପ ଟୁର୍ନାମେଣ୍ଟ, ବହୁରୂପା କ୍ରିକେଟ୍ କ୍ଲବ, ପାରିନୂଆପଡ଼ା ଓ ଆଳି ଟାଉନ୍ କ୍ଲବ, ଆଳି ମଧରେ ଖେଳ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।

## ଯାଜପୁର

- ଧର୍ମଶାଳା ମହୋତ୍ସବରେ ମିକା ସିଂ ଓ ସାଥୀଙ୍କ ବଲିଓଡ ନାଇଟ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ସଡ଼କ ସୁରକ୍ଷା ଉପରେ ମିନି ମାରାଥନ, ସ୍ଥାନ: ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ସମାବେଶ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀ ଭଣ୍ଡାର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳ ଲଡୁବାବା ଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ଏନ୍‌ଆଇଟି ଆୟୋଗ ଯୁଗ୍ମ ସଚିବଙ୍କ ମୁନିଗୁଡା ବ୍ଲକର ସକଟା ଗ୍ରାମ ପରିଦର୍ଶନ, ସମୟ: ସକାଳ ୯ଟା ।
- ଚଇତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୭ରୁ ଆରମ୍ଭ ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଦାନୀପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ନବକୁଣ୍ଡିୟ ଶତଚଣ୍ଡି ମହାଯଜ୍ଞ, ସ୍ଥାନ: ମନ୍ଦଲିଆ ପଡ଼ିଆ, ସମୟ: ସକାଳ ୯ଟା।
- ସମ୍ବଲପୁର ଲୋକ ମହୋତ୍ସବ ସକାଶେ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା ୩୦।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଫଟୋ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପିଏଚ୍‌ଡି ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଦାନୀପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ଶ୍ରୀମଦ ଭାଗବତ କଥା ମହୋତ୍ସବରେ ଶ୍ରୀବରାହ ଅବତାର ବିଷୟରେ ପ୍ରବଚନ, ସ୍ଥାନ: ମନ୍ଦଲିଆ ପଡିଆ, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଲୋକ ନୃତ୍ୟ ଆସର, ସ୍ଥାନ: ପିଏଚ୍‌ଡି ପଡିଆ ସ୍ଥିତ ଲୋକମହୋତ୍ସବ ମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦ ରୁ ରାତି ୯ଟା ୪୫।

## ବଲାଙ୍ଗୀର

- ସଡକ ସୁରକ୍ଷା ମାସ ପାଳନ ଅବସରରେ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବୀରମହାରାଜପୁର ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହା ଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ୪ଥ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ବରଘାଟ ଖେଳପଡିଆ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୧୦ ଟା।
- ୩ୟ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପାୱାର ପ୍ଲାଣ୍ଟ ଜିମ୍, ଭଟଲି ଛକ, ବରଗଡ଼, ସମୟ: ସକାଳ ୯ଟା।
- ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ରେଡିଏନ୍ସ ଶିକ୍ଷାନୁଷ୍ଠାନ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।
- ମାଁ ନାରାୟଣୀ ମନ୍ଦିରର ତ୍ରିବାର୍ଷିକ ପ୍ରତିଷ୍ଠା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ଧାରୀପାଲି, ଅତାବିରା, ସମୟ: ଅପରାହ୍ନ ୨ଟା।
- ରଙ୍ଗମହଲ ଉଦ୍‌ଘାଟନ, ସ୍ଥାନ: ଲୋକ ମଣ୍ଡପ ପଡ଼ିଆ, ମଥୁରାନଗରୀ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ହାପି ମୁମେଣ୍ଟ ପକ୍ଷରୁ ଟାଲେଣ୍ଟ ଶୋ, ସ୍ଥାନ:କ୍ରିଷ୍ଟା ଗ୍ଲୋବାଲ ସ୍କୁଲ, ସେକ୍ଟର ୯, ସମୟ: ସକାଳ ୯ଟା।
- ଜାଗୃତି ପକ୍ଷରୁ କମ୍ବଳ ବଣ୍ଟନ, ସ୍ଥାନ: ଆମ୍ବେଡ଼କର ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ବିପିୟୁଟିରେ ହାକ୍‌ଥନ୍, ସ୍ଥାନ: ବିପିୟୁଟି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ଯୁବ ପରିଷଦର ରୌପ୍ୟ ଜୟନ୍ତୀ ପାଳନ, ସ୍ଥାନ: ଭଞ୍ଜଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଆଦମୀ ପାର୍ଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍-୨୭ ବାସନ୍ତୀ କଲୋନୀ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।
- ଡିଆର୍‌ଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ଅପରାହ୍ନ ୫ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ଅଭିଭାବକ-ଅଧ୍ୟାପକଙ୍କ ବୈଠକ, ସ୍ଥାନ: ଓଡ଼ିଆ ବିଭାଗ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ପିଆଇ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ଅଟୋମେଟିକ ସିଷ୍ଟମ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ସେଣ୍ଟ୍ରାଲ ସ୍କୁଲ ନିକଟ ଏମ୍‌ଭିଆଇ ଅଫିସ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ ରାସ ଉତ୍ସବ, ରୁକ୍ମିଣୀ ବିବାହ, ସ୍ଥାନ: ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଟାନୱାଟ ଉପସ୍ୱାସ୍ଥ୍ୟ କେନ୍ଦ୍ର ଲୁକୁପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୋଡେନ, ସମୟ: ସକାଳ ୯ଟା।
- ମା' ସୁନାଦେଇ କପ କ୍ରିକେଟ ଟୁର୍ନାମେଣ୍ଟ ଲିଗ ମ୍ୟାଚ, ସ୍ଥାନ: ଶହୀଦ ଭଗତ ସିଂ ଖେଳ ପଡିଆ ସୁନାବେଡା, ସମୟ: ସକାଳ ୯ଟା।

## ବୌଦ୍ଧ

- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବର ତୃତୀୟ ଦିନ, ସ୍ଥାନ: ମସିଣାଗୋରା, କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ଦିନ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିନ, ସ୍ଥାନ: ମାର୍ଡୋଲ (ବେହେରାପଡା) କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ପାରିବାରିକ ସମସ୍ୟା ସମାଧାନ କରି ଆଶ୍ୱସ୍ତି ଲଭିବେ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, ବ୍ୟବସାୟ, ପରିବହନ ଓ ନିର୍ମାଣାଧୀନ କାମରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉଠାଇ ପରିସ୍ଥିତିକୁ ଜଟିଳ କରିଦେବେ। ଅଭାବଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**ବୃଷ** ଏକ ଭିନ୍ନ ପରିବେଶରେ କୃତ୍ତିକା ନକ୍ଷତ୍ରର ଭାଇ, ବନ୍ଧୁ, ପଡ଼ୋଶୀ ଓ ସହକର୍ମୀଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ନିଜ କାମ ପଛକୁ ପକାଇ ଅନ୍ୟ ପାଇଁ କାମକରି ଅସୁବିଧାର ସମ୍ମୁଖୀନ ହେବେ। ମୃଗଶିରା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତିରୁ ଲାଭବାନ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଶାରୀରିକ ଅସୁସ୍ଥତା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯାଇପାରେ। ଆର୍ଥିକ ଅନଟନ ଓ ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରିଦେଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଆରଦ୍ରା ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଅବଲୋକନ କରି ନିଜକୁ ସଜାଡ଼ିବାକୁ ବାଧ୍ୟ ହେବେ। ମତାନ୍ତର ଯୋଗୁ ପିତାଙ୍କ ସହ ମତପାର୍ଥକ୍ୟ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିବ। ବାକ୍ ଅସଂଯମତା ଯୋଗୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପୁଷ୍ୟା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ସିଂହ** ବିବାଦୀୟ ସ୍ଥିତି ଦୂରେଇଯିବ ଏବଂ ବିଜାତୀୟ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପନ କରାଇବ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣାରୁ ସୁଯୋଗ ହାତଛଡ଼ା ହୋଇପାରେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନରେ ସମ୍ପର୍କହାନି ଆଶଙ୍କା ଦେଖାଦେବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତ ହେବେ।

**କନ୍ୟା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିଜନଙ୍କ ସହିତ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ହସ୍ତା ନକ୍ଷତ୍ର ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଶୁଭଫଳ ପ୍ରଦାନ କରିବ।

**ତୁଳା** ପରିସ୍ଥିତି ସ୍ୱାଭାବିକ ହେବା ସାଙ୍ଗକୁ ପରିବାରିକ ସ୍ଥିରତା ଫେରି ଆସିବ। ସ୍ୱାତୀ ନକ୍ଷତ୍ର ଚେଷ୍ଟା କରୁଥିବା କାମଗୁଡିକ ପାଇଁ ଚିନ୍ତିତ ହେବେ। ପରିବାରରେ ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ୍ୟ ହେବେ। ନିଜର ସଙ୍କୋଚତା ଓ ଜିଦ୍‌ଖୋର ପ୍ରବୃତ୍ତି କେତେକ ସମ୍ଭାବ୍ୟ ସମସ୍ୟାକୁ ନିମନ୍ତ୍ରଣ କରିପାରେ।

**ବିଛା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ଅଭ୍ୟର୍ଥନା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କାରବାରରେ ଲାଭବାନ ହେବେ। ଆଇନ, ଅଦାଲତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।

**ଧନୁ** ପ୍ରତିକୂଳତା ଦୂରହେବା ସାଙ୍ଗକୁ ପରିବାର, ପରିବହନ, ସାମାଜିକ ସ୍ଥିତି ହ୍ରାସ ପାଇବ। ମନାନ୍ତରଜନିତ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଉତ୍ତରାଷାଢ଼ା ନକ୍ଷତ୍ରର ଯାତ୍ରା, ଆଲୋଚନା, ନିର୍ମାଣ, ଚୁକ୍ତିପତ୍ର ପ୍ରଭୃତିରେ ଆଂଶିକ ସଫଳତା ମିଳିବ।

**ମକର** ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ତରରେ ଅସନ୍ତୁଷ୍ଟ ରହିପାରନ୍ତି। ଧନିଷ୍ଠା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ବହୁ ପୂର୍ବରୁ ଆଶା ପୋଷଣ କରିଥିବା କୌଣସି ଖବର ପାଇ ଖୁସି ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଆଜି ଆଶା କରିଥିବା ଦିଗରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ଶତଭିଷା ନକ୍ଷତ୍ରର ଅତ୍ୟଧିକ କର୍ମଜଞ୍ଜାଳ ଜନିତ ମାନସିକ ଚାପ ବୃଦ୍ଧି ପାଇବ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ, ଏଜେନ୍ସିପ୍ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ପ୍ରିୟ ବନ୍ଧୁଟିର ଅଶାଳୀନ ମନ୍ତବ୍ୟ କିମ୍ବା ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ପୂର୍ବଭାଦ୍ର ନକ୍ଷତ୍ର ସକାଶେ ଆଜି ପୂର୍ବ ସଂକଳ୍ପିତ କାର୍ଯ୍ୟ ସାଧିତ ହେବାରେ କୌଣସି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ଶତ୍ରୁତା ଜନିତ ବିଭିନ୍ନ ସମସ୍ୟା ମନକୁ ଭାରାକ୍ରାନ୍ତ କରିରଖିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟସ୍ତ ଓ ବିବ୍ରତତାକୁ ଦେଖି ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଜାନୁଆରୀ ୪ ତାରିଖ, ପୌଷ ଶୁକ୍ଳ ୫ମୀ, ଶନିବାର, ବିଶ୍ୱ ବ୍ରେଲ୍ ଦିବସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୨ ଗତେ ଘ.୦୯।୦୮ ମଧ୍ୟେ, ଘ.୧୨।୧୩ ଗତେ ଘ ୦୧।୧୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ୦୯।୦୮ ଗତେ ଘ.୧୦।୩୦ ମଧ୍ୟେ ରାହୁ କାଳ।

# ଶପଥ ନେଲେ ନୂଆ ରାଜ୍ୟପାଳ

**ଭୁବନେଶ୍ୱର,୩।୧ (ଅନିଲ ଦାସ)**

ଓଡ଼ିଶାର ରାଜ୍ୟପାଳ ଭାବେ ଡକ୍ଟର ହରି ବାବୁ କମ୍ଭମ୍‌ପଟି ଶୁକ୍ରବାର ଶପଥ ନେବା ସହିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ପୂର୍ବାହ୍ନ ୧୦ ଟା ୧୫ମିନିଟ୍‌ରେ ରାଜଭବନର ନୂଆ ଅଭିଷେକ ହଲ୍‌ଠାରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଡକ୍ଟର କମ୍ଭମ୍‌ପଟିଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଷ୍ଟ୍ରପତିଙ୍କ ସ୍ୱାକ୍ଷରିତ ନିଯୁକ୍ତିପତ୍ର (ୱାରେଣ୍ଟ ଅଫ୍ ଆପଏଣ୍ଟମେଣ୍ଟ) ପାଠ କରିଥିଲେ। ଶପଥ ପାଠ ପରେ ମୁଖ୍ୟ ଶାସନ ସଚିବ ରାଜ୍ୟପାଳଙ୍କ ଅନୁମତି କ୍ରମେ ଉତ୍ସବର ପରିସମାପ୍ତି ଘୋଷଣା କରିଥିଲେ। ଏହାପରେ ନବନିଯୁକ୍ତ ରାଜ୍ୟପାଳଙ୍କ ସମ୍ମାନାର୍ଥେ ରାଜଭବନ ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଗଣ, ରାଜ୍ୟର ପାର୍ଲାମେଣ୍ଟ ସଦସ୍ୟ, ବିଧାୟକଙ୍କ ସହିତ ରାଜ୍ୟ ଏବଂ ପୋଲିସ୍ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ଲେଡି ଗଭର୍ନର ଜୟଶ୍ରୀ କମ୍ଭମ୍‌ପଟି ଏବଂ ରାଜ୍ୟପାଳଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଗତ ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବରେ ହରିବାବୁ କମ୍ଭମପଟିଙ୍କୁ ନିଯୁକ୍ତି ମିଳିଥିଲା। ଗତକାଲି ଭୁବନେଶ୍ୱରରେ ପହଞ୍ଚି ସେ ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ।

# ଚର୍ଚ୍ଚାରେ ଉର୍ବଶୀଙ୍କ ବୋଲ୍ଡ ଡ୍ୟାନ୍ସ



ହାଇଦ୍ରାବାଦ: କେତେବେଳେ କ୍ରିକେଟରଙ୍କ ସହ ପ୍ରେମ ସମ୍ପର୍କ ତ କେବେ ନିଜର ଦାମୀ ପୋଷାକକୁ ନେଇ ଚର୍ଚ୍ଚାରେ ରହୁଥିବା ଅଭିନେତ୍ରୀ ଉର୍ବଶୀ ରୌତେଲା ପୁଣି ଖବରରେ। ଏହା ପଛର କାରଣଟି ହେଲା ତାଙ୍କର ବୋଲ୍ଡ ନୃତ୍ୟ। ଏକ ଗୀତରେ ଆଇଟମ୍ ଗର୍ଲ ଭାବେ ତାଙ୍କ ଅଙ୍ଗଭଙ୍ଗୀ ପ୍ରଶଂସକଙ୍କୁ କିମିଆଁ କରିଛି। କେତେଜଣ ତାଙ୍କୁ ସମାଲୋଚନା କରିଛନ୍ତି। ଦକ୍ଷିଣ ଭାରତୀୟ ଷ୍ଟାର ନନ୍ଦମୁରୀ ବାଲ୍‌କୃଷ୍ଣଙ୍କ ଆଗାମୀ ସିନେମା 'ଡାକୁ ମହାରାଜ'ର ନୂଆ ଗୀତ 'ଦାବିଦି ଦିବିଦି' ରିଲିଜ୍ ହୋଇଛି। ଗୀତରେ ଆଇଟମ୍ ଗର୍ଲ ଭାବେ ନଜର ଆସିଛନ୍ତି ଉର୍ବଶୀ। ବାଲ୍‌କୃଷ୍ଣଙ୍କ ସହ ତାଙ୍କର ନୃତ୍ୟ ବେଶ ବୋଲ୍ଡ ହୋଇଛି। ଶେଖର ମାଷ୍ଟର ଏହାକୁ କୋରିଓଗ୍ରାଫ କରିଛନ୍ତି। ସୋସିଆଲ ମିଡିଆରେ ଗୀତଟିକୁ ପସନ୍ଦ କରାଯାଉଥିବା ବେଳେ ଉର୍ବଶୀଙ୍କୁ କିଛି ପ୍ରଶଂସକ ଟ୍ରୋଲ କରୁଥିବା ନଜର ଆସିଛି। ୬୪ ବର୍ଷୀୟ ଅଭିନେତାଙ୍କ ସହ ୩୦ ବର୍ଷୀୟା ଅଭିନେତ୍ରୀଙ୍କ ଏଭଳି ନୃତ୍ୟ ଗ୍ରହଣଯୋଗ୍ୟ ନୁହେଁ। ବାଲ୍‌କୃଷ୍ଣଙ୍କ ସମ୍ମାନ ରଖି ଏହି ନୃତ୍ୟକୁ ହଟାଇ ଦିଆଯାଉ ବୋଲି କେତେଜଣ ଦାବି କରିଛନ୍ତି। ଫିଲ୍ମଟି ଆସନ୍ତା ୧୨ ତାରିଖରେ ପରଦାକୁ ଆସିବ।

ପ୍ରଥମ ପୃଷ୍ଠାରୁ...

## ଅଦିନିଆ ବର୍ଷା ...

ବୀମା ଯୋଜନାରେ ୨ ଲକ୍ଷ ୬୧ ହଜାର ଚାଷୀଙ୍କ ଆବେଦନ ହସ୍ତଗତ ହୋଇଛି। ବୀମାଭୁକ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଶୁକ୍ରବାରଠାରୁ ଡିବିଟି ଜରିଆରେ କ୍ଷତିପୂରଣ ପ୍ରଦାନ କରାଯାଉଛି। ରାଜ୍ୟ ସରକାର ଚାଷୀଙ୍କ ସହିତ ଅଛନ୍ତି ଓ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇନ୍‌ପୁଟ ସବ୍‌ସିଡି ସହିତ, ଆଉ କେଉଁ ପ୍ରକାର ସାହାଯ୍ୟ ପ୍ରଦାନ କରାଯାଇପାରିବ, ସରକାର ସେ ଦିଗରେ ବିଚାର କରୁଛନ୍ତି। ଏଥିସହିତ, ରବି ଫସଲ ପାଇଁ ଯାହା ଆବଶ୍ୟକ, ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ରାଜ୍ୟର ସମଗ୍ର କୃଷକ ଅନ୍ନଦାତାମାନଙ୍କ ପାଇଁ ଉତ୍ସର୍ଗୀକୃତ। ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କାମ କରି ଜୀବିକା ନିର୍ବାହ କରିଥାନ୍ତି। ଗତ ଦୁଇ ଦଶନ୍ଧିରେ କେବଳ ଚାଉଳକୁ ଛାଡ଼ିଦେଲେ ଅନ୍ୟ କୌଣସି କୃଷି ଉତ୍ପାଦରେ ଆମେ ସ୍ୱାବଲମ୍ବୀ ହୋଇପାରି ନାହୁଁ। ଆଳୁ, ପିଆଜ, ଟମାଟୋ ଭଳି ବିଭିନ୍ନ ପନିପରିବା ଏବଂ ମାଛ, ଅଣ୍ଡା ପାଇଁ ଆମକୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଉତ୍ତମ ଯୋଜନା ଏବଂ ଇଚ୍ଛା ଶକ୍ତିର ଟିକେ ଅଧିକ ପ୍ରୟୋଗ କରିଥିଲେ, କୃଷି ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇପାରିଥାନ୍ତା। ଓଡ଼ିଶାରେ କୃଷି ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ କୃଷି ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଜଳସେଚନ, ଶୀତଳ ଭଣ୍ଡାର, ମଡେଲ ମଣ୍ଡି ଏବଂ ଗୋଦାମ ଗୃହ ନିର୍ମାଣ, କୃଷି ଯନ୍ତ୍ରପାତି ଉପଲବ୍ଧତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ବଳଭଦ୍ର ଜୈବିକ ଚାଷ ମିଶନରେ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ବ୍ଲକ ଏବଂ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳରେ ରସାୟନମୁକ୍ତ ପ୍ରାକୃତିକ ଚାଷ ପ୍ରଚଳନ କରାଯିବ। ମୃତ୍ତିକାର ଜୈବିକ ଅଙ୍ଗାର ବୃଦ୍ଧି ନିମନ୍ତେ ରାଜ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟ ମିଶନ୍ ମଧ୍ୟ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ୍ ସହାୟତା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୯୩ ହଜାର ଚାଷୀଙ୍କୁ ୩ ହଜାର କୋଟିରୁ ଅଧିକ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଓ ୧ହଜାର କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ସେହିପରି ସିଏମ୍-କିଷାନ ଯୋଜନାରେ ୪୫ ଲକ୍ଷ ୫୭ ହଜାର ୭୩୩ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୩୯ ହଜାର ୩୦୩ ଭୂମିହୀନ କୃଷି ପରିବାରକୁ ରବି ଫସଲ ପାଇଁ ୯୨୫ କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ଆଳୁ ଚାଷକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଚଳିତ ରବିଋତୁରେ ୧.୮୦ ଲକ୍ଷ ଚାଷୀଙ୍କୁ ରିହାତି ଦରରେ ୧.୬୦ ଲକ୍ଷ କୁଇଣ୍ଟାଲ ପ୍ରାମାଣିକ ଆଳୁ ବିହନ ଯୋଗାଇ ଦିଆଯାଇଛି। ଚଳିତବର୍ଷ ୨.୪ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶାର ଭିଜନ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ସମସ୍ତଙ୍କର ମିଳିତ ଉଦ୍ୟମ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଅତିଥିମାନେ କୃଷି କ୍ଷେତ୍ରରେ ସଫଳତା ହାସଲ କରିଥିବା ରାଜ୍ୟର ୧୦ଜଣ ସଫଳ ଚାଷୀ ଓ ୯ ଜଣ ଉଦ୍ୟାନ କୃଷି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବିଭାଗ ପକ୍ଷରୁ ପ୍ରକାଶିତ 'ଅମଳ ଉତ୍କଳ' ପୁସ୍ତକ, ଇମେଜର ଅଫିସିଆଲ ୱେବ୍‌ସାଇଟ୍ ଉନ୍ମୋଚନ କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ପଶ୍ଚିମବଙ୍ଗର ଆଳୁ ଉପରେ ମନମାନିକୁ ଦେଖି ରାଜ୍ୟରେ ଚାଷୀମାନଙ୍କୁ ଉନ୍ନତ ମାନର ଆଳୁ ବିହନ ଯୋଗାଇ ଦିଆଯାଇଛି। ରାଜ୍ୟରେ ୫୮ଟି ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଯାହା ଆବଶ୍ୟକ ହେବ ରାଜ୍ୟ ସରକାର ତାହା ଯୋଗାଇଦେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଥିବା ବେଳେ କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ୍ ଚନ୍ଦ୍ର ଚୌଧାରୀ ଧନ୍ୟବାଦ ଦେଇଥିଲେ।

## ଶୋଇଥିବା ଭଉଣୀ, ...

ଗୁଳିମାଡ଼ର କାରଣ ଓ ଅଭିଯୁକ୍ତଙ୍କ ସମ୍ପର୍କରେ ଜଣାପଡ଼ି ନାହିଁ। ଏସ୍‌ଡିପିଓ କଅଁର କହିଛନ୍ତି, ଘଟଣାସ୍ଥଳରେ ପୋଲିସ ରହିଛି। ପ୍ରଫୁଲ୍ଲଙ୍କ ସହ କାହାରି ଶତ୍ରୁତା ନ ଥିବା ଗ୍ରାମବାସୀ କହିଛନ୍ତି। ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ଭାଙ୍ଗମୁଣ୍ଡା ଗ୍ରାମର ପ୍ରଫୁଲ୍ଲ ୨ ଝିଅ ଓ ଗୋଟିଏ ପୁଅକୁ ନେଇ ଭଙ୍ଗା ଆଜବେଷ୍ଟସ ଘରେ ରହୁଛନ୍ତି। ଗୁରୁବାର ପ୍ରଫୁଲ୍ଲ ଇଟାଭାଟିକୁ କାମ କରିବାକୁ ଯାଇ ଫେରି ନ ଥିଲେ। ଘରେ ତାଙ୍କ ବଡ଼ ଝିଅ ଦର୍ଶନୀ ମିର୍ଦ୍ଧାଙ୍କ ସହ ସାନ ଝିଅ ଯାଙ୍କସିନୀ ଓ ପୁଅ ପ୍ରକାଶ ରହିଥିଲେ। ରାତିରେ ଦର୍ଶନୀ ତଳେ ଶୋଇଥିବା ବେଳେ ଯାଙ୍କସିନୀ ଓ ପ୍ରକାଶ ଖଟରେ ଶୋଇଥିଲେ। ଏହି ସମୟରେ ହଠାତ୍ ଯାଙ୍କସିନୀ ଓ ପ୍ରକାଶଙ୍କ ଦେହରେ ଗୁଳି ବାଜିଥିଲା। ଖଜୁରୀ ଡାଳର ତାଟି କାନ୍ଥ ଭିତରେ କେହି ବାହାରୁ ଦେଶୀ ବନ୍ଧୁକ ପୂରାଇ ଗୁଳି ଫୁଟାଇଥିବା ଅନୁମାନ କରାଯାଉଛି। ଗୁରୁତର ଅବସ୍ଥାରେ ଭଉଣୀ ଭାଇଙ୍କୁ ଗ୍ରାମବାସୀ ଉଦ୍ଧାର କରି ରେଢ଼ାଖୋଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ବୁର୍ଲା ପଠାଇ ଦିଆଯାଇଥିଲା। ଅବସ୍ଥା ଅଧିକ ଖରାପ ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ପ୍ରଫୁଲ୍ଲଙ୍କ ଭଉଣୀ ଲାଞ୍ଜି ଗ୍ରାମର ବାସନ୍ତୀ ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନମ୍ବର ୬/୨୫) ରୁଜୁ କରିଛି।



ଗୁଳିମାଡ଼ରେ ଗୁରୁତର ହୋଇଥିବା ଯାଙ୍କସିନୀ ମିର୍ଦ୍ଧା, ପ୍ରକାଶ ମିର୍ଦ୍ଧା

## ସୁଭଦ୍ରା:ମାର୍ଚ୍ଚ ଶେଷ ସୁଦ୍ଧା ...

ଅଧିକ ଆବେଦନ ପଞ୍ଜୀକୃତ ହୋଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ୍) ଡାଟାବେସରେ ଥିବା ଆବେଦନକାରୀ ଏବଂ ସମସ୍ତ ପଞ୍ଜୀକୃତ ଆବେଦନକାରୀଙ୍କ ମଧ୍ୟରୁ ୮୦,୨୯,୭୪୧ ଜଣଙ୍କୁ ମଞ୍ଜୁର କରାଯାଇ ପ୍ରଥମ କିସ୍ତିର ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେବେ ଏନଏଫଏସଏ ଏବଂ ଏସ୍‌ଏଫଏସଏସ୍ ଅଧୀନରେ ନ ଥିବା ଅବଶିଷ୍ଟ ଆବେଦନଗୁଡ଼ିକ ବିଚାରାଧୀନ ରହିଛି। ସେହି ଆବେଦନଗୁଡିକୁ କ୍ଷେତ୍ରୀୟ ସ୍ତରରେ କ୍ଷେତ୍ର ଅନୁସନ୍ଧାନ ଦଳ ଦ୍ୱାରା ଗାଇଡଲାଇନ୍ ଅନୁଯାୟୀ ସେମାନଙ୍କର ଯୋଗ୍ୟତା ନିର୍ଦ୍ଧାରଣ କରିବା ପାଇଁ ଯାଞ୍ଚ କରାଯାଉଛି। ତେବେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିନା କୌଣସି ଶେଷ ତାରିଖ ଥାଇ ସୁଭଦ୍ରା ଅଧୀନରେ ଆବେଦନ ଗ୍ରହଣ କରାଯାଉଛି। ଏହି ଆର୍ଥିକ ବର୍ଷ ପାଇଁ ସୁଭଦ୍ରାର ପଞ୍ଜୀକରଣର ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ସେହିପରି ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ତଥା ଶତକଡା ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଜାନୁଆରୀ ମାସରୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଉଭୟ ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ଶତକଡା ୮୦ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଥିବା ହିତାଧିକାରୀମାନଙ୍କ ଭତ୍ତା ରାଶିକୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଅଛି। ଏହାକୁ ଚଳିତ ମାସରୁ ଲାଗୁ କରାଯିବ। ଏଥିସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟରେ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।




# ସ୍ୱାସ୍ଥ୍ୟ ପରୀକ୍ଷାରେ ୭୦, ଖାଦ୍ୟରେ ୬୩ ହଜାର ଖର୍ଚ୍ଚ

## ଉଚ୍ଚଶିକ୍ଷା ପାଇଁ ଡିଏମ୍‌ଏଫ୍ ଅନୁଦାନ ପ୍ରସଙ୍ଗ

କେନ୍ଦୁଝର/ ହାଟଡ଼ିହୀ, ୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ)

ଛାତ୍ରୀଛାତ୍ର ମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଶିକ୍ଷା କ୍ଷେତ୍ରରେ ସରକାର ବିଭିନ୍ନ ସମୟରେ ନାନା ପରିବର୍ତ୍ତନ ଆଣୁଛନ୍ତି। ଅନେକ କୋଟି ଟଙ୍କା ବ୍ୟୟ ମଧ୍ୟ କରୁଛନ୍ତି। କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ ଅଧିକାଂଶ ସମୟରେ ଶିକ୍ଷା ନାମରେ ଆସୁଥିବା ଅନୁଦାନ ହେରଫେର ହେଉଥିବା ବହୁ ଉଦାହରଣ ରହିଛି। ତେବେ କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷାରେ ସହାୟତା ନାମରେ ଡିଏମ୍ଏଫ୍(ଜିଲା ଖଣିଜ ପାଣ୍ଠି)ରୁ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖାକରିବା ପାଇଁ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଓଡ଼ିଶା ବଦଳରେ କୋଲକାତାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୭୦ ହଜାର, ଖାଦ୍ୟ ବାବଦକୁ ୬୩ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜକୁ ୫ ଜଣ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇଁ ଅଷ୍ଟ୍ରେଲିଆର କର୍ଟିନ ୟୁନିଭର୍ସିଟିରେ ପାଠ ପଢ଼ିବା ବାବଦରେ ଜିଲା ଖଣିଜ ପ୍ରତିଷ୍ଠାନରୁ ୧୨ ଅଗଷ୍ଟ ୨୦୧୩ରେ ୬ କୋଟି ୫ ଲକ୍ଷ ୭୫ ହଜାର ୫୨ ଟଙ୍କା ଅନୁମୋଦନ ହୋଇଥିଲା। ଅନୁମୋଦନର ଗୋଟିଏ ଦିନ ପରେ ଅର୍ଥାତ୍ ଚିଠି(ନଂ. ୨୪୫୮/୧୪ ଅଗଷ୍ଟ ୨୦୨୩) ଅନୁସାରେ ଉକ୍ତ ଟଙ୍କା କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲଙ୍କୁ ପ୍ରଦାନ କରାଯାଇଛି। ଚିଠି(ନଂ. ୨୩୮୦/୨୮।୧୦।୨୦୨୪) ଅନୁସାରେ ବର୍ଷେ ବିତିଯାଇଥିଲେ ସୁଦ୍ଧା କଲେଜ ତରଫରୁ କୌଣସି ୟୁସି(ୟୁଟିଲାଇଜେଶନ ସାର୍ଟିଫିକେଟ୍) ପ୍ରଦାନ କରାଯାଇନାହିଁ। ଅନୁଦାନ ଅର୍ଥ ୧୮ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ବାବଦରେ ମୋଟ ୨ କୋଟି ୩୯ ଲକ୍ଷ ୨୦ ହଜାର ୬୧୨ଟଙ୍କା ଖର୍ଚ୍ଚ ହୋଇଛି। ଅବଶିଷ୍ଟ ୩ କୋଟି ୭୬ ଲକ୍ଷ ୯୦ ହଜାର ୮୧୧ ଟଙ୍କା ବଳକା ରହିଛି। କିନ୍ତୁ କଲେଜ କର୍ତ୍ତୃପକ୍ଷଙ୍କ ବ୍ୟାଙ୍କ ବହିକୁ ସୁଧ ବାବଦରେ ବ୍ୟାଙ୍କ ତରଫରୁ କେତେ ଟଙ୍କା ମିଳିଛି ଏବଂ ସୁଧ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି ତାହାର କୌଣସି ସୂଚନା ମିଳିନାହିଁ। ଖର୍ଚ୍ଚ ତାଲିକାରେ କୋର ବ୍ୟାଙ୍କିଙ୍ଗ୍ ପାଇଁ ୪୬ ହଜାର ୨୫୦ ଟଙ୍କା, ଜିଏସ୍‌ଟି ପାଇଁ ୨ ହଜାର ୨୦୫ଟଙ୍କା, ପାଠପଢ଼ା ଫି ବାବଦରେ ୨ କୋଟି ୨୮ଲକ୍ଷ ୮୪ ହଜାର ୨୪୧ଟଙ୍କା ଦର୍ଶାଯାଇଛି। ଅନ୍ୟାନ୍ୟ ବାବଦରେ ଯଥା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ୪୦ ହଜାର, କୋଲକାତାରେ ୫ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯିବା ବାବଦରେ ୭୦ ହଜାର, ୨ ପର୍ଯ୍ୟାୟରେ ଏୟାର ଟିକେଟ ପାଇଁ ୨ ଲକ୍ଷ ୬୦ ହଜାର ୩୯୦ଟଙ୍କା ଏବଂ ୬୦ ହଜାର ୬୦ ଟଙ୍କା, ୫ ଜଣ ଛାତ୍ରୀଛାତ୍ରଙ୍କୁ ୧ ଲକ୍ଷ ୧୦ ହଜାର, ପ୍ରିଣ୍ଟିଂ ଏବଂ ଫ୍ଲେକ୍ସ ବ୍ୟାନର ପାଇଁ ୩୨ହଜାର ୭୯୫ଟଙ୍କା, କଣ୍ଟିଜେନ୍ସି ପାଇଁ ୭ ହଜାର ୫୭୬ଟଙ୍କା, ଓଏସ୍‌ଆର୍‌ଟିସି ବସ୍ ଭଡ଼ା ପାଇଁ ୪୭ ହଜାର ୭୯୧ ଟଙ୍କା, ଇଭେଣ୍ଟ ମ୍ୟାନେଜମେଣ୍ଟ ପାଇଁ ୧ ଲକ୍ଷ ୩୦୦ ଟଙ୍କା, କିଷାନ ଟ୍ରାଭେଲକୁ ୨ଟି ପର୍ଯ୍ୟାୟରେ ୮ ହଜାର ୯୧୦ଟଙ୍କା ଏବଂ ୧୦ ହଜାର ୯୩୮ ଟଙ୍କା, କେନ୍ଦୁଝର ଜିଲାର ଏକ ଖାଦ୍ୟ ଦୋକାନକୁ ତିନୋଟି ପର୍ଯ୍ୟାୟରେ ମୋଟ ୩୩ ହଜାର ୭୫ଟଙ୍କା ପ୍ରଦାନ କରାଯାଇଛି। ଏତଦ୍ ବ୍ୟତୀତ ଛାତ୍ରୀଛାତ୍ରଙ୍କ ଆଡମିଶନ ବାବଦରେ ଡିଏମ୍ଏଫ୍ କଣ୍ଟିଜେନ୍ସିରୁ କେନ୍ଦୁଝରର ଏକ ହୋଟେଲକୁ ମଧ୍ୟାହ୍ନଭୋଜନ ପାଇଁ ୩୦ ହଜାର ୯୭୫ ଟଙ୍କା ପ୍ରଦାନ ହୋଇଛି। ଅନ୍ୟପକ୍ଷେ ୧୦ ସେପ୍ଟେମ୍ବର ୨୦୧୯ରେ ରାଜ୍ୟ ମୁଖ୍ୟ ଶାସନ ସଚିବ ୩୦: ୪୦: ୩୦ ଅନୁପାତରେ ଅନୁଦାନ ରିଲିଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅନୁଦାନର ଗୋଟିଏ ଦିନ ପରେ ସମସ୍ତ ଅର୍ଥ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଡିଏମ୍ଏଫ୍ ସିଇଓ ଚିଠି (ନଂ. ୨୫୪୩/୧୬ ନଭେମ୍ବର ୨୦୨୪) ଅନୁସାରେ ୩୦: ୪୦: ୩୦ ଅନୁପାତରେ ଅନୁଦାନ ଅର୍ଥ ରିଲିଜ୍ ହେଉଥିବା ରାଜ୍ୟ ଯୋଜନା ଏବଂ ସଂଯୋଜନା ବିଭାଗକୁ ଦେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି।

# ୬ରୁ 'ପଞ୍ଚମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ'

ଭୁବନେଶ୍ୱର,୩।୧(ବନ୍ଦନା ସେଠୀ)


ଖବରଦାତା ସମ୍ମିଳନୀରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଉଛନ୍ତି।

- ସାତପଡ଼ା, ବରକୁଲ ବୁଲିବେ ପ୍ରବାସୀ ଭାରତୀୟ
- ୧୭, ୧୮ରେ ପକ୍ଷୀ ଗଣନା
- ଚିଲିକାରେ ହେବ ସ୍ୱତନ୍ତ୍ର ରିସର୍ଚ୍ଚ ସେଣ୍ଟର

ଜାନୁଆରୀ ୬ରୁ ଆରମ୍ଭ ହେବ ପଞ୍ଚମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ। ଉକ୍ତ ଦିନ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଉତ୍ସବର ଉଦ୍‌ଘାଟନ କରିବେ। ୭ଦିନ ଧରି ୧୨ ତାରିଖ ପର୍ଯ୍ୟନ୍ତ ଚିଲିକା ବିହଙ୍ଗ ଉତ୍ସବ ଚାଲିବ। ଏଥିରେ ବହୁ ପରିବେଶବିତ୍, ପରିବେଶ ବିଜ୍ଞାନୀ ଓ ପକ୍ଷୀପ୍ରେମୀ ଅଂଶଗ୍ରହଣ କରିବେ। ୬ରୁ ୮ ତାରିଖ ମଧ୍ୟରେ ୬୦ଜଣ ଫଟୋଗ୍ରାଫରଙ୍କୁ ନଳବଣ ଓ ମଙ୍ଗଳାଯୋଡ଼ିରେ ଫଟୋଗ୍ରାଫି କରିବାର ସୁଯୋଗ ମଧ୍ୟ ମିଳିବ ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଶୁକ୍ରବାର ଖାରବେଳ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ଚିତ୍ରକଳା ମହାବିଦ୍ୟାଳୟ ଏବଂ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ ହେବ। ପ୍ରବାସୀ ଭାରତୀୟ ଦିବସ ଅବସରରେ ପ୍ରବାସୀ ଭାରତୀୟମାନେ ନନ୍ଦନକାନନ ବୁଲିବା ସହ ଓଡ଼ିଶାର ବନ୍ୟପ୍ରାଣୀ ପର୍ଯ୍ୟଟନର ଅନୁଭୂତି ନେବେ। ଏଥିସହ ସାତପଡ଼ା ଓ ଚିଲିକାର ବରକୁଳ ଯାଇ ବିଭିନ୍ନ ପ୍ରଜାତିର ପକ୍ଷୀ ଓ ଡଲଫିନ ଦେଖିବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଉତ୍ସବରେ ପକ୍ଷୀ ଚିତ୍ର ପ୍ରଦର୍ଶନୀ, ବିକେ ଆର୍ଟସ୍, କଳିଙ୍ଗ ଧଉଳି, ଖଲ୍ଲିକୋଟ ମହାବିଦ୍ୟାଳୟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରକଳା ଓ ପୋଷ୍ଟର ପ୍ରଦର୍ଶନୀ ଦେଖିବାକୁ ମିଳିବ। ଜାନୁଆରୀ ୭ରୁ ୧୨ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର, ଫଟୋ ଓ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ବିଜ୍ଞାନ ସଂଗ୍ରହାଳୟଠାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହେବ। ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଫରେଷ୍ଟ ପାର୍କ, ଆଞ୍ଚଳିକ ଗବେଷଣା କେନ୍ଦ୍ର ଓ ଆନନ୍ଦଭବନଠାରେ ସକାଳ ୭ଟାରୁ ପକ୍ଷୀ ନିରୀକ୍ଷକ ପଦଯାତ୍ରା ଆୟୋଜନ ହେବ। ଏହାଛଡ଼ା ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବାର୍ଡ କନକ୍ଲେଭ ଚିଲିକାର ବରକୁଳଠାରେ ଆୟୋଜିତ ହେବ। ଓଡ଼ିଶାର ପକ୍ଷୀ ନିରୀକ୍ଷକ ଓ ଗବେଷକମାନେ ଆଲୋଚନା କରିବା ସହିତ ନଳବଣ ବୁଲିବା ପାଇଁ ଯିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅପରପକ୍ଷେ ଜାନୁଆରୀ ୧୭ ଓ ୧୮ରେ ପକ୍ଷୀ ଗଣନା ହେବ। ଏବର୍ଷ ଚିଲିକା, ହୀରାକୁଦ, ଅଂଶୁପା, ଭିତରକନିକା ଆଦି ସମସ୍ତ ଜଳାଶୟରେ ଏକକାଳୀନ ପକ୍ଷୀ ଗଣନା କରାଯିବ। ଏଥିପାଇଁ ଟେକ୍ନୋଲୋଜି ବ୍ୟବହାର କରାଯିବ। ପ୍ରଥମଥର ଲାଗି ଚଳିତ ପକ୍ଷୀ ଗଣନାବେଳେ ସାଟେଲାଇଟ୍ କଲାର ରିଙ୍ଗ୍ ଜରିଆରେ କିଛି ବିଦେଶାଗତ ପକ୍ଷୀଙ୍କ ଉପରେ ନଜର ରଖାଯିବ। ବିଶେଷଜ୍ଞଙ୍କ ସହାୟତାରେ ଫ୍ଲେମିଙ୍ଗୋ, ବାର୍ ହେଡେଡ୍ ଗିଜ୍, ପିନ୍ ଟେଲ, ବ୍ଲାକ ଟେଲ୍‌ଡ ଗଡ୍‌ୱିଟ ଭଳି ୧୦ଟି ପକ୍ଷୀ ଗୋଡ଼ରେ ସାଟେଲାଇଟ କଲାର୍ ରିଙ୍ଗ ଲଗାଯିବ ବୋଲି ପିସିସିଏଫ୍ ପ୍ରେମ୍ କୁମାର ଝା ସୂଚନା ଦେଇଛନ୍ତି। ସେହିପରି ପକ୍ଷୀ ଓ କଇଁଛଙ୍କ ପାଇଁ ଚିଲିକାରେ ସ୍ୱତନ୍ତ୍ର ରିସର୍ଚ୍ଚ ସେଣ୍ଟର ସ୍ଥାପନ ହେବ। ଏହା ଜରିଆରେ ପକ୍ଷୀ ଓ କଇଁଛଙ୍କ ଗତିବିଧି ଉପରେ ଲଗାତର ନଜର ରଖାଯିବ ବୋଲି କୁହାଯାଇଛି। ୨୦୨୪ରେ ଚିଲିକାକୁ ୧୮୪ ପ୍ରକାର ପ୍ରଜାତିର ୧୧ଲକ୍ଷରୁ ଅଧିକ ପକ୍ଷୀ ଆସିଥିବାବେଳେ ଚଳିତବର୍ଷ ଆହୁରି ଅଧିକ ସଂଖ୍ୟକ ପକ୍ଷୀ ଆସିବା ନେଇ ଆଶା କରାଯାଉଛି। ଉକ୍ତ ଖବରଦାତା ସମ୍ମିଳନୀରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷଣ ପ୍ରେମ କୁମାର ଝା, ନନ୍ଦନକାନନ ନିର୍ଦ୍ଦେଶକ ଡ. ଭି. ନାୟାର, ବିଭାଗୀୟ ଶାସନ ସଚିବ ଦେବେନ ପ୍ରଧାନ ଏବଂ ଅତିରିକ୍ତ ଶାସନ ସଚିବ ଧରମ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା ଓଡ଼ିଆ ଭାଷା ପରୀକ୍ଷାଫଳ

କଟକ,୩।୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୮ମ ଷ୍ଟାଣ୍ଡାର୍ଡର ୨ୟ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା ଏବଂ ୧୦ମ ଷ୍ଟାଣ୍ଡାର୍ଡର ୨ୟ ଏକକ ବିଷୟ ଓଡ଼ିଆ ପରୀକ୍ଷାର ଫଳ ଶୁକ୍ରବାର ପ୍ରକାଶ ପାଇଛି। ୮ମ ଷ୍ଟାଣ୍ଡାର୍ଡରେ ୮୧.୧୯% ଏବଂ ୧୦ମ ଷ୍ଟାଣ୍ଡାର୍ଡରେ ୯୪.୫୨% ପାସ୍ ହାର ହୋଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀମାନେ ନିଜ ରୋଲ୍ ନମ୍ବର କିମ୍ବା ନାମ ବ୍ୟବହାର କରି ପରୀକ୍ଷାଫଳ ଜାଣିପାରିବେ। ୧୦ମ ଷ୍ଟାଣ୍ଡାର୍ଡର ୨ୟ ଏକକ ବିଷୟ ଓଡ଼ିଆ ପରୀକ୍ଷାର ଡିଜିଟାଇଜଡ୍ ସାର୍ଟିଫିକେଟ୍ କେବଳ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ।

ସୂଚନାନୁସାରେ, ୮ମ ଷ୍ଟାଣ୍ଡାର୍ଡ ପରୀକ୍ଷା ପାଇଁ ୩୦୩ ଜଣ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୨୪୬ ଜଣ କୃତକାର୍ଯ୍ୟ, ୨୯ ଜଣ ଅକୃତକାର୍ଯ୍ୟ ଓ ୨୮ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ରାଜ୍ୟର ୭ଟି କେନ୍ଦ୍ରରେ ଗତ ନଭେମ୍ବର ୩୦ରେ ପରୀକ୍ଷା ହୋଇଥିଲା। ସେହିପରି ୧୦ମ ଷ୍ଟାଣ୍ଡାର୍ଡ ପରୀକ୍ଷା ପାଇଁ ୩,୮୩୨ ଜଣ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୩,୬୨୨ ଜଣ କୃତକାର୍ଯ୍ୟ, ୫୮ ଜଣ ଅକୃତକାର୍ଯ୍ୟ ଓ ୧୫୨ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ରାଜ୍ୟର ୨୦ଟି କେନ୍ଦ୍ରରେ ଗତ ନଭେମ୍ବର ୩୦ରେ ପରୀକ୍ଷା ହୋଇଥିଲା।

# ଶୀତରେ ଥରୁଛି ଜି.ଉଦୟଗିରି
# ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ

ଜି.ଉଦୟଗିରି,୩।୧ (ଚିନ୍ମୟ କୁମାର ସେଠୀ)

ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଜି.ଉଦୟଗିରି ପ୍ରଥମ ସ୍ଥାନରେ ରହିଥିବା ବେଳେ ଦିନକୁ ଦିନ ପାରଦ ତଳମୁହାଁ ହେବା ସହ ଥଣ୍ଡାର ପ୍ରକୋପ ବଢ଼ିବାରେ ଲାଗିଛି। ସରକାରୀ ସୂଚନାନୁସାରେ, ଗୁରୁବାର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବା ବେଳେ ଶୁକ୍ରବାର ମଧ୍ୟ ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ତାପମାତ୍ରା ଯେତେ କମୁଛି ପ୍ରବଳ ଥଣ୍ଡା ସହ ଜାଡ଼ ଅନୁଭୂତ ହେଉଛି। ଲୋକେ ନିଆଁ ଲଗେଇ ଶୀତରୁ ରକ୍ଷା ପାଇବା ପାଇଁ ପ୍ରୟାସ କରୁଛନ୍ତି। ସକାଳ ୯ଟା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଥଣ୍ଡା ଓ କୁହୁଡ଼ିର ବଳୟ ରହୁଥିବା ସହ ଅଞ୍ଚଳରେ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ୩ ବର୍ଷ ହେବ କ୍ରମାଗତ ଭାବେ ଜି.ଉଦୟଗିରି ରାଜ୍ୟର ସବୁଠାରୁ ଅଧିକ ଥଣ୍ଡାର ସହର ଭାବେ ରେକର୍ଡ ହୋଇଥିବା ବେଳେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ଆଗମନ ହେଉଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ପର୍ଯ୍ୟଟନର ପ୍ରଚୁର ଭିତ୍ତିଭୂମି ରହିଥିଲେ ମଧ୍ୟ ସରକାରଙ୍କ ତରଫରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଆଖିଦୃଶିଆ ବିକାଶ ହୋଇପାରିନାହିଁ। କିଛି ବର୍ଷ ହେବ ଜି.ଉଦୟଗିରିକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ଇକୋ ପାର୍କ ନିକଟରେ ଇକୋ କଟେଜ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

ଛେଣ୍ଡିପଦା,୩।୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ବାଗଡ଼ିଆ ଥାନା ବାଘୁଆବୁଲ ଗ୍ରାମରେ ଶୁକ୍ରବାର ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ନେଙ୍କୁରୀ ଭୂତିଆଙ୍କ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ବାଘୁଆବୁଲ ଗ୍ରାମର ନେଙ୍କୁରୀ, ବାଗଡିଆ ଗ୍ରାମର ରାଜେନ୍ଦ୍ର, ଦୁର୍ଯ୍ୟୋଧନ ଏବଂ ନିରଞ୍ଜନ ଘର ସମ୍ମୁଖରେ ବସି ନିଆଁ ସେକି ହେଉଥିବା ବେଳେ ଏକ ଗୋଠଛଡ଼ା ଦନ୍ତାହାତୀ ନେଙ୍କୁରୀଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ଏହାଦେଖି ଅନ୍ୟମାନେ ଦୌଡ଼ି ପଳାଇ ଯିବାବେଳେ ପଡ଼ି ଆହତ ହୋଇଥିଲେ। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ନେଙ୍କୁରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଓ ପରେ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ନେଙ୍କୁରୀଙ୍କ ମୃତ୍ୟୁ ହୋଇଯାଇଛି। ନେଙ୍କୁରୀଙ୍କ ମୃତ୍ୟୁ ପାଇଁ ଅଞ୍ଚଳବାସୀ ଛେଣ୍ଡିପଦା ବନବିଭାଗକୁ ଦାୟୀ କରିବା ସହ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟ ଆହତମାନେ ଛେଣ୍ଡିପଦାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

# ବରଗଡ଼ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ମଥୁରାନଗରୀ,୩।୧ (ପ୍ରେମାନନ୍ଦ ଖମାରୀ)



ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ୩୦ମିନିଟ୍‌ରେ ଉଦ୍‌ଘାଟିତ ହୋଇଛି। ପରମ୍ପରା ଅନୁଯାୟୀ, ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ନୂଆ ସରକାର ଧନୁଯାତ୍ରାରେ ଏଥର ଅନୁଦାନ ରାଶିକୁ ୧୦ଲକ୍ଷରୁ ୧କୋଟି ଟଙ୍କାକୁ ବୃଦ୍ଧି କରିବା ସହିତ ମହୋତ୍ସବରେ ନୂତନତ୍ୱ ଆଣିଥିବା ଯୋଗୁ ଅତିଥିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ପୌରାଧକ୍ଷା କଳ୍ପନା ମାଝୀ ମଧ୍ୟ ମଞ୍ଚାସୀନ ଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଆଦିତ୍ୟ ଗୋୟଲ ଉଦ୍‌ଘାଟନୀ ସମାରୋହରେ ସଭାପତିତ୍ୱ କରିଥିଲେ। ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ସମାରୋହକୁ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ରାଜ ଦରବାର କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସମେତ ଅନ୍ୟ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। ମହୋତ୍ସବ ଉଦ୍‌ଘାଟନ ପରେ ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିଛି। ସେହିପରି ଉଭୟ ସ୍ଥାନ ମଧ୍ୟରେ ପ୍ରବାହିତ ଜିରା ନଦୀ ଯମୁନା ହୋଇଛି।


ମହୋତ୍ସବ ଉଦ୍‌ଘାଟିତ ହେବା ପରେ ମହାରାଜା ଉଗ୍ରସେନଙ୍କ ଉପସ୍ଥିତିରେ ସ୍ଥାନୀୟ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ କଂସଙ୍କ ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଏହାପରେ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସ ମଥୁରାନଗରୀର ଶାସନ ନିଜ ହାତକୁ ନେଇଥିଲେ। ଏହାପରେ କଂସ ଦେବକୀ, ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ)କୁ ପଠାଇ ଦେଇଥିଲେ। ମଥୁରାନଗରୀ କଂସ ରାଜୁତିରେ ଅଶାନ୍ତ ହୋଇ ପଡ଼ିଛି। ଅନ୍ୟପଟେ ଦୈବବାଣୀ ଶୁଣିବା ପରେ କଂସ ବିଚଳିତ ହୋଇ ପଡ଼ିଛନ୍ତି। ମନକୁ ଶାନ୍ତ କରିବା ପାଇଁ କଂସ ରାଜ ଦରବାରରେ ନୃତ୍ୟ ପରିବେଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ।


ସାତକୋଶିଆ ଅଭୟାରଣ୍ୟକୁ ଆସିଥିବା ବିଦେଶୀ ପକ୍ଷୀ।

# ୫ରୁ ସାତକୋଶିଆରେ କୁମ୍ଭୀର ଗଣନା

ଅନୁଗୋଳ,୩।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ କୁମ୍ଭୀର ଓ ପକ୍ଷୀ ଗଣନା କରାଯିବ। ଆସନ୍ତା ୫ ରୁ ୯ ତାରିଖ ଯାଏ କୁମ୍ଭୀର ଗଣନା ଓ ୧୭ ରୁ ୧୮ ତାରିଖ ଯାଏ ପକ୍ଷୀ ଗଣନା କରାଯିବ। ଉକ୍ତ ଦିନଗୁଡ଼ିକରେ ସାତକୋଶିଆକୁ ପର୍ଯ୍ୟଟକଙ୍କ ପ୍ରବେଶ ବାରଣ କରାଯାଇଛି। ସେହିପରି ମହାନଦୀରେ ବୋଟିଂ ବନ୍ଦ ରଖାଯିବା ସହିତ ନଦୀରେ ମାଛ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଥିବା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ସାତକୋଶିଆର ମହାନଦୀରେ କୁମ୍ଭୀର ଓ ପକ୍ଷୀ ଗଣନା କରାଯିବା ପାଇଁ ୧୪ଟି ଟିମ୍ ପ୍ରସ୍ତୁତ କରାଯାଇଛି। ପ୍ରତି ଟିମ୍‌ରେ ୩ ଜଣ ଅବଜରଭର, ୨ ଜଣ ବନ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣଙ୍କୁ ନିୟୋଜିତ କରାଯାଇଛି। ମୋଟ୍ ୭୦ ଜଣ ସାତକୋଶିଆ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ କୁମ୍ଭୀର ଓ ପକ୍ଷୀ ଗଣନା କରି ରିପୋର୍ଟ ପ୍ରସ୍ତୁତ କରିବେ। ଉକ୍ତ ରିପୋର୍ଟ ବନ ବିଭାଗ ନିକଟରେ ଦାଖଲ କରାଯିବା ପରେ କୁମ୍ଭୀର ଓ ଦେଶୀ ବିଦେଶୀ ପକ୍ଷୀଙ୍କ ସଂଖ୍ୟା କେତେ ରହିଛି ତାହା ଜଣାପଡ଼ିବ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

19th Death Anniversary

# Er. Sukanta Chandra Samantaray
( 12.05.1946 - 04.01.2006 )
Selfless soul always loving and kind
Such are memories you leave behind
you fell asleep without goodbye
but memories of you will never die
TRUPTI redefining ideas Since 1970
Founder: TRUPTI GROUP

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ଏକ ସଂଯୋଗ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନିକଟରେ ନୂଆଦିଲ୍ଲୀରେ ସଚିବ ସ୍ତରୀୟ ଅଦଳବଦଳକୁ ନେଇ କେତେକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏହି ଅଦଳବଦଳର ଯୁକ୍ତିଯୁକ୍ତତା ପଛରେ ରହସ୍ୟ ରହିଛି। କିନ୍ତୁ ବର୍ତ୍ତମାନ ପାଇଁ ଆସନ୍ତୁ ଏଗୁଡ଼ିକ ମଧ୍ୟରୁ କେତୋଟିର ରହସ୍ୟ ଉନ୍ମୋଚନ କରିବା। ପ୍ରଥମରେ ହେଉଛି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)। ଅନେକ ଦିନ ଡିଓପିଟି ସଚିବ ପଦବୀ ଖାଲି ପଡ଼ିବା ପରେ ଗୋଟିଏ ବର୍ଷରେ ତିନି ଥର ନିଯୁକ୍ତି କ୍ରମରେ ୧୯୯୧ କେରଳ କ୍ୟାଡର୍ ଆଇଏଏସ୍ ଅଧିକାରୀ ରଚନା ଶାହାଙ୍କୁ ନିଯୁକ୍ତ କରାଯାଇଛି। ଶେଷରେ ପଦବୀଟି ମହିଳାଙ୍କ ହାତରେ ରହିଲା। ଏହା ବ୍ୟତୀତ ରାଧା ଏସ୍ ଚୌହାନଙ୍କ ସ୍ଥାନରେ ଶାହାଙ୍କୁ ନିଯୁକ୍ତ କରାଯାଇଥିବାବେଳେ ନିକଟରେ ମନୀଷା ସକ୍ସେନା ଏଷ୍ଟାବ୍ଲିଶମେଣ୍ଟ ଅଫିସର ଭାବରେ ଦାୟିତ୍ୱ ନେବା ସହ କବିତା ସିଂ କ୍ୟାବିନେଟ ସେକ୍ରେଟାରିଏଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଏସିସି ମାମଲା ଦାୟିତ୍ୱ ନେଇଛନ୍ତି। ଏହା ଏକ ସଂଯୋଗ ନୁହେଁ କି? ତଥ୍ୟ ପ୍ରଘଟ ଏବଂ ଆଶ୍ଚର୍ଯ୍ୟଜନକ ଘଟଣାକୁ ରୋକିବା ପାଇଁ ଏହି ବ୍ୟବସ୍ଥା କରାଯାଇଥିବା ମନେହୁଏ। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଶାହା ନଭେମ୍ବର ୨୦୨୭ରେ ଅବସର ପର୍ଯ୍ୟନ୍ତ ରହିପାରନ୍ତି। ରାଜସ୍ୱ ବିଭାଗରେ, ୧୯୯୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅରୁନିଶ ଚାୱଲାଙ୍କ ନିଯୁକ୍ତି ସହ ଅଦଳବଦଳ ପ୍ରକ୍ରିୟାକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା। ବର୍ତ୍ତମାନର ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ଚାୱଲା ସିବିଡିଟି, ସିବିଆଇସି ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ପରିଚାଳନା କରିବାର କଠିନ ଦାୟିତ୍ୱର ସମ୍ମୁଖୀନ ହୋଇଛନ୍ତି। ସେ ଉଚ୍ଚ ପଦବୀକୁ ଚାଲିଯାଇଥିଲେ ମଧ୍ୟ ଏବେସୁଦ୍ଧା ସଂସ୍କୃତି ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଛନ୍ତି। ଚାୱଲା କିପରି ଏହି ଦ୍ୱୈତ ଦାୟିତ୍ୱକୁ ସଞ୍ଚାଳନ କରିବେ ତାହା ଦେଖିବାକୁ ବାକି ରହିଲା।

### ଇସ୍ତଫା ପଛର କାହାଣୀ

ନିୟମିତ ଭାବେ ଏକ ଅମଲାତନ୍ତ୍ରିକ କାହାଣୀ ଆସେ, ଯାହାର ପ୍ରଚ୍ଛଦପଟର ଘଟଣା ଆମକୁ ଆଶ୍ଚର୍ଯ୍ୟ କରେ। ୨୦୧୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ କାମ୍ୟା ମିଶ୍ରାଙ୍କ ମାମଲାଟି ବଡ଼ ବିଚିତ୍ର। ବ୍ୟକ୍ତିଗତ କାରଣ ଦର୍ଶାଇ ନିକଟରେ ଦରଭଙ୍ଗାସ୍ଥିତ ଗ୍ରାମୀଣ ଅଧୀକ୍ଷକ (ଏସ୍‌ପି) ପଦରୁ ମିଶ୍ରା ଦେଇଥିବା ଇସ୍ତଫାକୁ ବିହାର ସରକାର ଅନୌପଚାରିକ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପରିବର୍ତ୍ତେ, ନଭେମ୍ବର ୨୦୨୪ରୁ ତାଙ୍କୁ ୧୮୦ ଦିନ ଛୁଟି ମଞ୍ଜୁର କରାଯାଇଛି । ପୋଲିସ ସେବାରେ ନିୟମିତ ଅଦଳବଦଳ ହୋଇଥାଏ, କିନ୍ତୁ ତାଙ୍କ ମାମଲା ସାମାନ୍ୟରୁ ଅଧିକ କିଛି ଅନୁଭବ ହୁଏ। ତାଙ୍କ ସ୍ୱାମୀ ତଥା ୨୦୧୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅବଦେଶ ସରୋଜ ଦୀକ୍ଷିତ ମଧ୍ୟ ଏବେ ଗୋପାଳଗଞ୍ଜର ଏସ୍‌ପି ଅଛନ୍ତି। ଏହା ପୂର୍ବରୁ ସେ ମୁଜାଫରପୁରରେ ସିଟି ଏସ୍‌ପି ଭାବରେ କାର୍ଯ୍ୟ କରିଥିଲେ। ୨୦୨୧ରେ ବିବାହ କରିଥିବା ଏହି ଯୋଡ଼ିଙ୍କୁ ଅମଲାତନ୍ତ୍ରିକ କ୍ଷେତ୍ରରେ ଅଧିକ ସମ୍ମାନ ଦିଆଯାଏ। ତେଣୁ ମିଶ୍ରାଙ୍କ ପରି ଜଣେ ସମ୍ମାନିତ ତଥା ପ୍ରଭାବୀ ଅଧିକାରୀ କାହିଁକି ଇସ୍ତଫା ଦେବେ? ଏବଂ କାହିଁକି ସରକାର ତାଙ୍କୁ ଯିବାକୁ ମନା କରିବେ? ଆଗକୁ ହେବାକୁ ଥିବା ବିହାର ନିର୍ବାଚନ ଓ ରାଜ୍ୟ ରାଜନୈତିକ ବାତାବରଣ ସହିତ ଏହାର ସମ୍ପର୍କ ଥାଇପାରେ କି? ଦରଭଙ୍ଗାରେ ମିଶ୍ରାଙ୍କ କାର୍ଯ୍ୟକାଳ ଏବଂ ଇସ୍ତଫା ଦେବାର ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଇପାରେ, କିନ୍ତୁ ତାଙ୍କୁ ଦୂରେଇ ରଖିବାରେ ସରକାରଙ୍କ ପଦକ୍ଷେପ ଅଧିକ ପ୍ରଶ୍ନ ସୃଷ୍ଟି କରିଛି। ଏଠାରେ ଭାଜପା-ନୀତୀଶ କୁମାରଙ୍କ ରାଜନୈତିକ ଗଣନା କାମ କରୁଛି କି? କାରଣ ଯାହା ହେଉନା କାହିଁକି, ଗୋଟିଏ କଥା ସ୍ପଷ୍ଟ ଯେ, ଯେହେତୁ ରାଜ୍ୟରେ ରାଜନୈତିକ ଉଷ୍ମତା ବଢୁଛି, ଏହି ଭଳି କାହାଣୀ ଆମକୁ ଭାରତର ଅମଲାତନ୍ତ୍ରରେ ଶାସନ ଏବଂ ରାଜନୀତି ମଧ୍ୟରେ ଥିବା ସନ୍ତୁଳନକୁ ସ୍ମରଣ କରାଇଦିଏ।

### ସୋମନାଥନ୍‌ଙ୍କ ଚିଠି

ସମସ୍ୟା ଠାବ କରିବା, ତଥ୍ୟ ସଂଗ୍ରହ କରିବା, ବିକଳ୍ପ ମୂଲ୍ୟାଙ୍କନ ତଥା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣକୁ ସୀମିତ କରିବା ଲାଗି ଏକ ଦୁଇ ବର୍ଷର ପୁରୁଣା ନିର୍ଦ୍ଦେଶକୁ ମନ୍ତ୍ରଣାଳୟଗୁଡ଼ିକ ଅଣଦେଖା କରିଚାଲିଥିଲେ। ଏ ସମ୍ପର୍କରେ ମନ୍ତ୍ରଣାଳୟଗୁଡ଼ିକୁ କ୍ୟାବିନେଟ ସଚିବ ଟି.ଭି. ସୋମନାଥନ କାର୍ଯ୍ୟାନ୍ୱୟନର ଆହ୍ୱାନ ଦେଇଛନ୍ତି। ଏକ ଚିଠିରେ ସେ ଦର୍ଶାଇଛନ୍ତି ଯେ, ଅନୁପାଳନ କରା ନ ଯିବା ଯୋଗୁ ଅନାବଶ୍ୟକ ବିଳମ୍ବ ଘଟୁଛି ଏବଂ ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପକୁ ଅଣଦେଖା କରାଯାଉଛି। ଲକ୍ଷ୍ୟ ହାସଲ କରିବାରେ ସେ ଦୃଢ଼ ନିଶ୍ଚିତ। ଏକ ନିର୍ମଳ, ଉତ୍ତମ ବ୍ୟବସ୍ଥା ସୃଷ୍ଟି କରି ପ୍ରକ୍ରିୟାଗୁଡ଼ିକୁ ଶୃଙ୍ଖଳିତ କରିବା ଏହି ନିର୍ଦ୍ଦେଶନାମାର ଉଦ୍ଦେଶ୍ୟ । ବିଭିନ୍ନ ବିଷୟକୁ ଧିମା କରିଦେଉଥିବା ଅତିରିକ୍ତ ଲେୟାର ବା ବୋଝକୁ ହ୍ରାସ କରି ସ୍ୱତନ୍ତ୍ର, ଅତିରିକ୍ତ ଏବଂ ଯୁଗ୍ମ ସଚିବମାନେ ସ୍ୱାଧୀନ ବ୍ୟୁରୋ ମୁଖ୍ୟ ଭାବରେ କାର୍ଯ୍ୟ କରନ୍ତୁ ସୋମନାଥନ ଚାହୁଁଛନ୍ତି। ତାଙ୍କର ବାର୍ତ୍ତା ହେଉଛି, 'ଡି-ଲେୟାରିଂ' କେବଳ ଏକ ଶବ୍ଦ ନୁହେଁ; ଏହା ନିଷ୍ପତ୍ତି ତ୍ୱରାନ୍ୱିତ କରିବା ଏବଂ ଦକ୍ଷତା ବୃଦ୍ଧି କରିଥାଏ। ବ୍ୟକ୍ତିଗତ ଭାବରେ ସଚିବମାନଙ୍କୁ ମଧ୍ୟ ମନେପକାଇ ଦେଇଛନ୍ତି ଯେ ଏକ ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଶାସନ ଏହା ଉପରେ ନିର୍ଭର କରେ। ଏହା ସହିତ ଯୋଗାଯୋଗକୁ ସଂକ୍ଷିପ୍ତ ଏବଂ ସୁଗମ ରଖିବା ପାଇଁ କ୍ୟାବିନେଟ ସଚିବ ଏକ ସ୍ମାରକପତ୍ର ଦେଇଛନ୍ତି। ମୁଖ୍ୟ ସମସ୍ୟା ଏବଂ ବିଳମ୍ବକୁ ସାମ୍ନାକୁ ଆଣି ସଚିବମାନଙ୍କୁ କେବଳ ଦୁଇ ପୃଷ୍ଠାର ସଂକ୍ଷିପ୍ତ ମାସିକ ରିପୋର୍ଟ ପଠାଇବାକୁ କହିଛନ୍ତି। ତାଙ୍କ ବାର୍ତ୍ତା ହେଉଛି-କମ୍ ଅମଲାତନ୍ତ୍ର, ଅଧିକ କାର୍ଯ୍ୟ।

Email: dilipcherian@gmail.com

# ପ୍ରବାସୀ ଭାରତୀୟ ଦିବସ: ଓଡ଼ିଆଙ୍କ ପାଇଁ ସଂକଳ୍ପର ଦିବସ



**ମୋହନ ଚରଣ ମାଝୀ**

ଏଥର ଓଡ଼ିଶାରେ ଅନୁଷ୍ଠିତ ହେଉଛି ପ୍ରବାସୀ ଭାରତୀୟ ଦିବସ। ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟର ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟର ଉଦ୍ଦେଶ୍ୟ ବିଭିନ୍ନ ଦେଶରେ ରହୁଥିବା ଭାରତୀୟମାନଙ୍କୁ ଏକ ସୂତ୍ରରେ ବାନ୍ଧି ସମ୍ପର୍କ ସ୍ଥାପନ କରିବା। ପରସ୍ପର ସହ ଆଲୋଚନା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ମଞ୍ଚ।

ପ୍ରବାସୀମାନଙ୍କର ଭାରତ ସରକାରଙ୍କ ସହ ସମ୍ପର୍କ, ବିଦେଶ ମାଟିରେ ରହୁଥିବା ଭାରତୀୟ ଓ ଭାରତୀୟ ବଂଶୋଦ୍ଭବଙ୍କୁ ନିଜ ସଂସ୍କୃତି, ପରମ୍ପରା, ଐତିହ୍ୟ ତଥା ନିଜ ପୂର୍ବ ପୁରୁଷମାନଙ୍କର ସ୍ମୃତି ସହ ଯୋଡ଼ିବା ପାଇଁ ଏହା ଏକ ଅନନ୍ୟ କାର୍ଯ୍ୟକ୍ରମ।

ଭାବାତ୍ମକ ଆବେଗର ମିଳନ ସହ ପ୍ରବାସୀମାନଙ୍କୁ ସାରା ଦେଶ ଓ ସେମାନଙ୍କର ମୂଳ ରାଜ୍ୟର ସ୍ଥିତି ଜାଣିବା ସହ ସେମାନଙ୍କର ଅନୁଭବ ଓ ପ୍ରତିଷ୍ଠାର ଲାଭ ଦେଶକୁ ପହଞ୍ଚାଇବାରେ ମଧ୍ୟ ଅନେକ ସମ୍ଭାବନା ଅତୀତରେ ସୃଷ୍ଟି କରିଛି ପ୍ରବାସୀ ଭାରତୀୟ ଦିବସ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ସାଢ଼େ ୪ କୋଟି ଓଡ଼ିଆଙ୍କ ତରଫରୁ ମୁଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ବିଶ୍ୱର ଅଦ୍ୱିତୀୟ ଜନନାୟକ ନରେନ୍ଦ୍ର ମୋଦିଙ୍କୁ ଓଡ଼ିଶାକୁ ଏହାର ଆୟୋଜନର ସୁଯୋଗ ଦେଇଥିବାରୁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି।

ଓଡ଼ିଶାରେ କାହିଁକି ପୂରା ପୂର୍ବ ଭାରତରେ ଭାରତ ସରକାରଙ୍କର ଏଭଳି ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ଆୟୋଜନ କେବଳ ଓଡ଼ିଶାକୁ ଲାଭ ଦେଇଦେବ କହିବାକୁ ଚାହୁଁନି। କିନ୍ତୁ ଏହି ଆୟୋଜନ ପଛର ଯେଉଁ ବିଶାଳ ଲକ୍ଷ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ ଅଛି ଯଦି ଆମେ ସାଢ଼େ ୪ କୋଟି ଓଡ଼ିଆ ହୃଦୟଙ୍ଗମ କରିବା ଓ ନିଜକୁ ବିକାଶର ମଞ୍ଚରେ ସାମିଲ କରିବା ପାଇଁ ଉଦ୍ୟମ କରିବା ତେବେ ଆମେ ରାଜ୍ୟକୁ ପ୍ରଗତିର ଶୀର୍ଷକୁ ନେଇପାରିବା ଏଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ।

ଦିଲ୍ଲୀରେ ମୋଦିଜୀଙ୍କର ହେଉ ବା ଓଡ଼ିଶାରେ ତାଙ୍କ ମାର୍ଗ ଦର୍ଶନରେ ଚାଲିଥିବା ସରକାର ସବୁବେଳେ ଲୋକଙ୍କ ସରକାର। ମୋଦିଜୀ ଯେତେବେଳେ ଓଡ଼ିଶାକୁ ପ୍ରବାସୀ ଭାରତୀୟ ଦିବସର ଭବ୍ୟ ଆୟୋଜନର ଦାୟିତ୍ୱ ଦେଇଛନ୍ତି ତାଙ୍କ ନେତୃତ୍ୱରେ ଯଦି ସାଢ଼େ ୪କୋଟି ଓଡ଼ିଆ ପାଦେ ପାଦେ ଆଗକୁ ଚାଲିବେ ତାହାହେଲେ ଓଡ଼ିଶା ସାଢ଼େ ୪ କୋଟି ପାଦ ଆଗକୁ ଯିବ। କହିବାର ଉଦ୍ଦେଶ୍ୟ ଆମେ ଓଡ଼ିଶାବାସୀ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ। ଯଦି ଏ ଜାତି ଆଗକୁ ବଢ଼ିବା ପାଇଁ ଦୃଢ଼ ନିଶ୍ଚିତ ହୁଏ ଏହାର ପ୍ରଗତିକୁ କେହି ରୋକି ପାରିବେ ନାହିଁ।

ପ୍ରବାସୀ ଭାରତୀୟ ଦିବସ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ହୋଇଥାଇପାରେ। ମାତ୍ର ଏହାର ଦର୍ଶନ ଆମ ଓଡ଼ିଆଙ୍କୁ ହୃଦୟଙ୍ଗମ କରିବାକୁ ପଡ଼ିବ ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଦୃଢ଼ ସଂକଳ୍ପ କରିବାକୁ ପଡ଼ିବ।

୬ ମାସ ପୂର୍ବରୁ ନିର୍ବାଚନ ପ୍ରକ୍ରିୟାରେ ଓ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ ମୁଁ ଯେତେବେଳେ ନୂଆ ଓଡ଼ିଶାର ନୂଆ ପିଢ଼ି ସହ ମିଶିଛି ସେମାନଙ୍କ ଆଖିରେ ନିଜେ ବଡ଼ ହେବାର ଓ ଆମ ମାତୃଭୂମିକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାର ଶପଥର ଝଲକକୁ ମର୍ମେ ମର୍ମେ ଅନୁଭବ କରିଛି।

ମୋର ପ୍ରିୟ ରାଜ୍ୟବାସୀ, ଓଡ଼ିଶା ଧନୀ ଓ ଓଡ଼ିଆମାନେ ଗରିବ ଏହା କହି ଆମେ କେତେଦିନ ଶାନ୍ତିରେ ଶୋଇପାରିବା। ବୋଧହୁଏ ମୋଦିଜୀଙ୍କ ଓଡ଼ିଶାକୁ ପ୍ରବାସୀ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା ଆମକୁ ସାଢ଼େ ୪ କୋଟି ଓଡ଼ିଆଙ୍କୁ ଆତ୍ମସମୀକ୍ଷା ପାଇଁ ସୁଯୋଗ ସୃଷ୍ଟି କରିଛି।

ଓଡ଼ିଶା ମାଟିତଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅମାପ ଖଣିଜ ସମ୍ପଦ ଦେଇଛନ୍ତି। ଉଚ୍ଚମାନର ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ, କୋଇଲା, ଚୂନପଥର, ଲାଇମଷ୍ଟୋନ୍, ଡୋଲମାଇଟ୍, ଗ୍ରାଫାଇଟ୍‌ର ଅମାପ ଭଣ୍ଡାର ଦେଇଛନ୍ତି।

ଆମର ନଦନଦୀ, ଜଳଶକ୍ତି ଓଡ଼ିଶାକୁ ବେଶ୍ ସମୃଦ୍ଧ କରିଛି। ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ଆମର ଅନନ୍ୟ ସମ୍ପଦ। ନୀଳ ଅର୍ଥନୀତିର ବଡ଼ ସମ୍ଭାବନାର ସୁଯୋଗ ଆମକୁ ଦେଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶା ପାଖରେ ଅଛି ଅମାପ ଜଙ୍ଗଲ ସମ୍ପଦ। ଜଙ୍ଗଲ ସହିତ ଜଡ଼ିତ ଆଦିବାସୀ ଓ ବନଜାତ ଦ୍ରବ୍ୟ ଏବଂ ଜଙ୍ଗଲ ସହିତ ଜଡ଼ିତ ଆର୍ଥିକ ବିକାଶର ଅନେକ ଦିଗ ବିକାଶର ବାଟରେ ଆମ ରାଜ୍ୟକୁ ଆଗେଇ ନେବା ପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି।

ଓଡ଼ିଶା ଆଜି ଦିନରେ ଭୌତିକ ଦୃଷ୍ଟିରୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ହୁଏତ ପଛରେ ଥାଇପାରେ। ମାତ୍ର ଆମ ଯୁବପିଢ଼ିର ବୌଦ୍ଧିକ ଶକ୍ତି ଦେଶର କୌଣସି ବି ରାଜ୍ୟଠାରୁ ପଛରେ ନୁହେଁ ଏକଥା ମୁଁ ଦୃଢ଼ତାର ସହିତ କହିପାରିବି। ଭାରତର ବଡ଼ ବୁଦ୍ଧି ଆଧାରିତ ସୂଚନା ଓ ପ୍ରଯୁକ୍ତି ବା ଆଇଟି ଶିଳ୍ପରେ ଓଡ଼ିଆ ନୂଆ ପିଢ଼ିର ଯୋଗଦାନକୁ ଯେ କେହି ବି ସ୍ୱୀକାର କରିବ।

ଓଡ଼ିଆ ଜାତି ପରିଶ୍ରମୀ। ଏକଥା ସତ ଆମେ ଆମ ଲୋକମାନଙ୍କୁ ଆମ ମାଟିରେ ରୋଜଗାରର ସୁଯୋଗ ଯୋଗାଇ ଦେଇ ପାରି ନାହୁଁ। ମାତ୍ର ଆମ ଲୋକମାନଙ୍କର ଝାଳରେ ଦେଶର ପଶ୍ଚିମ ଓ ଦକ୍ଷିଣ ପ୍ରଦେଶମାନେ ଯେ, ଆର୍ଥିକ ପ୍ରଗତିର ଶୀର୍ଷକୁ ଯିବା ପାଇଁ ସଫଳ ହୋଇଛନ୍ତି ଏଥିରେ କେହି ଦ୍ୱିମତ ହେବେ ନାହିଁ।

ଏସବୁ ପ୍ରସଙ୍ଗ ଉଠାଇବା ପଛରେ ମୋ ମନରେ ଏକ ଆବେଗ ଅଛି। ଆମେ ଆମର ଅପାର ସମ୍ଭାବନାକୁ ଠିକ୍ ଉପଯୋଗ ନ କରିବା କାରଣରୁ ଆମେ ସାରା ଦେଶରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ପ୍ରଗତିର ମାପଦଣ୍ଡରେ ପଛରେ ପଡ଼ିଛେ। କାହାକୁ ଦୋଷ ଦେଇ ନିଜ ଦାୟିତ୍ୱରୁ ହଟିଯିବା ମୋ ଭଳି ଗରିବ ପୃଷ୍ଠଭୂମିରୁ ସଂଘର୍ଷର ରାସ୍ତା ଆପଣାଇ ଏହି ସ୍ଥାନରେ ପହଞ୍ଚିଥିବା ମେହେନତି ମଣିଷ ପକ୍ଷରେ ସମ୍ଭବ ନୁହେଁ।

ମୋଦିଜୀ ଦେଇଥିବା ପ୍ରବାସୀ ଭାରତୀୟ ଦିବସର ଆୟୋଜନର ସୁଯୋଗ ଭିତରେ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନର ସ୍ୱପ୍ନ ମୁଁ ଦେଖୁଛି। ବର୍ତ୍ତମାନ ଓଡ଼ିଶାର ସ୍ଥିତିରେ ଆଲୋଚନା କରିବାର ଇଚ୍ଛା ଥିଲେ ମଧ୍ୟ ସାଙ୍କେତିକ ଭାବରେ ଗୋଟିଏ ଆବେଗପୂର୍ଣ୍ଣ ବିଷୟକୁ ମୋର ପ୍ରିୟ ଓଡ଼ିଶାବାସୀଙ୍କ ସାମ୍ନାରେ ରଖିବାକୁ ଚାହୁଁଛି।

ତଥ୍ୟ କହୁଛି, ରାଜ୍ୟର ଗର୍ଭବତୀ ମହିଳାଙ୍କ ମଧ୍ୟରେ ୬୨ ପ୍ରତିଶତ ରକ୍ତହୀନତାର ଶିକାର। ଏହି ହାର ରାଷ୍ଟ୍ରୀୟ ହାରଠାରୁ ୧୦ ପ୍ରତିଶତ ଅଧିକ। ତଥ୍ୟ କହୁଛି ଗତ ୫ ବର୍ଷରେ ରକ୍ତହୀନତାର ଶିକାର ମହିଳାଙ୍କ ସଂଖ୍ୟା ଆମ ରାଜ୍ୟରେ ୧୪ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି। ୫ ବର୍ଷରୁ କମ୍ ଶିଶୁଙ୍କ ମଧ୍ୟରୁ ଅପେକ୍ଷିତ ଓଜନଠାରୁ ୩୦ ପ୍ରତିଶତ ଓଜନ କମ୍। ବୟସ ଅନୁସାରେ ଉଚ୍ଚତା ଓ ଉଚ୍ଚତା ଅନୁସାରେ ଓଜନର ମାପଦଣ୍ଡରେ ରାଷ୍ଟ୍ରୀୟ ହାରଠାରୁ ଓଡ଼ିଶା ବହୁ ପଛରେ। ଯଦି ନୂଆପିଢ଼ି ନିର୍ବଳିଆ ହୁଏ ସଶକ୍ତ ଓଡ଼ିଶାର ଭାର କିଏ ବୋହିବ? ଓଡ଼ିଶା ପ୍ରଗତି କରିନି ବୋଲି କହୁନି, କିନ୍ତୁ ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରରେ ରାଷ୍ଟ୍ରୀୟ ପରିସଂଖ୍ୟାନଠାରୁ ଓଡ଼ିଶା କାହିଁକି ପଛରେ ରହିବ ଏ ଚିନ୍ତା ମୋତେ ବ୍ୟଥିତ କରୁଛି।

ଭଗବାନ ଆମକୁ ଖଣି ଦେଇଛନ୍ତି। ଗତ କିଛିବର୍ଷରେ ମୋଦି ସରକାରଙ୍କର ଖଣି ଓ ଖଣି ଆଧାରିତ ନୀତିରେ ପରିବର୍ତ୍ତନ ଓ ଖଣିଥିବା ରାଜ୍ୟକୁ ଏହାର ସବୁ ଫାଇଦା ଦେବା କାରଣରୁ ଓଡ଼ିଶାର ରୋଜଗାରର ଆକାରକୁ ବହୁତ ବଢ଼ାଇଛି। ସରକାରଙ୍କର ବଜେଟ୍ ସାଇଜ ବଡ଼ ହୋଇଛି ସତ କିନ୍ତୁ ଓଡ଼ିଆ ଲୋକଙ୍କର ରୋଜଗାର ଯେତିକି ବଢ଼ିବା କଥା ତାହା ବଢ଼ି ପାରିନାହିଁ।

ଆମକୁ ଲୋକଙ୍କ ପାଖରେ ରୋଜଗାର ପହଞ୍ଚାଇବାକୁ ପଡ଼ିବ। ଖଣି ଆଧାରିତ ରାଜ୍ୟ ରାଜସ୍ୱ ତ ମିଳିବ କିନ୍ତୁ ଆମକୁ ଖଣି ବାହାରେ ପୁରୁଷାର୍ଥ କରିବାକୁ ପଡ଼ିବ। କୃଷି, କୃଷି ଆଧାରିତ ଆନୁଷଙ୍ଗିକ କ୍ଷେତ୍ର ଓ କୃଷି ଉତ୍ପାଦର ପ୍ରକ୍ରିୟାକରଣର ସମ୍ଭାବନାକୁ ଖୋଜିବାକୁ ପଡ଼ିବ। ଓଡ଼ିଆ ଲୋକଙ୍କୁ ଚାକିରିଆ ନୁହେଁ, ରୋଜଗାର ସୃଷ୍ଟି କରିବା ପାଇଁ ଉଦ୍ୟମୀ ହେବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ପଡ଼ିବ। ଶିଳ୍ପ, କ୍ଷୁଦ୍ର, ଲଘୁ ଉଦ୍ୟୋଗ ଏବଂ ଓଡ଼ିଶାର ପାରମ୍ପରିକ ଶିଳ୍ପ ଯଥା ବୟନଶିଳ୍ପ, ହସ୍ତକଳା ଆଦିକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ବଡ଼ ଯୋଜନାକୁ କ୍ରିୟାନ୍ୱିତ କରିବାକୁ ପଡ଼ିବ।

ଦେଶ ଏବେ ଅମୃତକାଳରେ। ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବ। ମାତ୍ର ଏହା ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଆମର ସଂକଳ୍ପ ଦେଶ ଯେତେବେଳେ ୧୦୦ ବର୍ଷ ପୂରଣ କରିବ ଦେଶକୁ ବିଶ୍ୱର ଏକ ନମ୍ବର ଅର୍ଥନୀତି କରିବାରେ ଓଡ଼ିଶା ଏକ ନିର୍ଣ୍ଣାୟକ ଭୂମିକା ନେବ। ସେଥିପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ଖାଲି ଭାରତର ନୁହେଁ ବିଶ୍ୱର ଆର୍ଥିକ ଦୃଷ୍ଟିରୁ ଆଗୁଆ ଭୂଖଣ୍ଡ ଭାବେ ଗଢ଼ିତୋଳିବା ପାଇଁ ଆମକୁ ଯୋଜନାରେ ସଫଳ ହେବାକୁ ପଡ଼ିବ।


ଆମ ଆତ୍ମବିଶ୍ୱାସ ଆମର ଶକ୍ତି। ଆମ ରାଜାଙ୍କ ବିଜୟ ପାଇଁ କଳା ଧଳା ଘୋଡ଼ାରେ ଚଢ଼ି ଆମ ବଡ଼ଠାକୁର ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇବା ଓଡ଼ିଆଙ୍କ ଲୋକବିଶ୍ୱାସ। ଓଡ଼ିଆ ସାଧବପୁଅ ସାତ ଦରିଆ ତେର ନଈ ଡେଇଁ ସମୁଦ୍ରପଥରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲା। ମୋର ବିଶ୍ୱାସ ଓଡ଼ିଆଙ୍କ ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରି ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ଉତ୍‌ପ୍ରେରକର ଭୂମିକା ନେବ।

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀଙ୍କଠାରୁ ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ଦେଶ ବିକାଶର ନୂଆ ଧାରାର ସୂତ୍ରପାତ କରିଛନ୍ତି। ବାଜପେୟିଜୀ ମହାତ୍ମା ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିବାର ଦିବସ ଜାନୁଆରୀ ୯, ୧୯୧୫ ଆଧାରରେ ଜାନୁଆରୀ ୯କୁ ପ୍ରବାସୀ ଭାରତୀୟ ଦିବସ ଭାବେ ପାଳନ କରିବାର ଶୁଭାରମ୍ଭ କରିଥିଲେ। ବାଜପେୟୀଙ୍କ ଧାରାକୁ ନରେନ୍ଦ୍ର ମୋଦି ନୂଆ ଦିଶା ଦେଇ ପ୍ରବାସୀ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବମାନଙ୍କୁ ନିଜ ଦେଶ ସହିତ ଯୋଡ଼ି ବିକାଶ ଧାରାରେ ସାମିଲ କରିବା ପାଇଁ ନୂଆ ରାସ୍ତା କାଢ଼ିଛନ୍ତି।

ସାଢ଼େ ୪ କୋଟି ଓଡ଼ିଆଙ୍କୁ ମୋର ନିବେଦନ ଓଡ଼ିଶାରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ। ଦେଶ ଓ ରାଜ୍ୟକୁ ବିକାଶର ଶୀର୍ଷକୁ ନେବା ପାଇଁ ଦୃଢ଼ ସଂକଳ୍ପ ନିଅନ୍ତୁ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଅନେକ ଆଶା, ଭରସା



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠି ବର୍ଷାର ଅଭାବ ନାହିଁ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏଇ ପ୍ରଦେଶରେ ଖଣିଜ ସମ୍ପଦ ଅପର୍ଯ୍ୟାପ୍ତ ଏବଂ ଉପକୂଳବର୍ତ୍ତୀ ରାଜ୍ୟ ଭାବେ ସମୁଦ୍ରତଟ ପ୍ରାୟ ୪୮୫ କିଲୋମିଟର ଦୀର୍ଘ। ଏ ସବୁର ସଦୁପଯୋଗ ଦ୍ୱାରା ଆମ ରାଜ୍ୟବାସୀଙ୍କ ଭାଗ୍ୟ ପରିବର୍ତ୍ତନ ସମ୍ଭବ।

ପ୍ରଥମତଃ ଆମର ଉଦ୍‌ବେଗର ଗୋଟିଏ କାରଣ ହେଉଛି କୃଷିର ଅବନତି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଅନେକ ଥର କେନ୍ଦ୍ର ସରକାରଙ୍କଠାରୁ ପୁରସ୍କୃତ ମଧ୍ୟ ହୋଇଛି। ବର୍ତ୍ତମାନର ବଜାରର ଚଢ଼ା ଦରଦାମ୍ ଓ ନିଅଣ୍ଟିଆ ପରିସ୍ଥିତିକୁ ଦେଖିଲେ କୃଷି ପ୍ରଧାନ ରାଜ୍ୟର ଏହି ଅବନତି ନିଶ୍ଚିନ୍ତ ଭାବେ ଦୁଃଖଦ। ନୂଆ ପିଢ଼ିର ଯୁବକ, କାର୍ଯ୍ୟକ୍ଷମ ଲୋକେ ଗାଁ ଛାଡ଼ି ସହରକୁ ଆସିବା ପାଇଁ ବ୍ୟଗ୍ର, ଚାଷ ପ୍ରତି ବିମୁଖ। କୃଷିକୁ ଅର୍ଥ ଉପାର୍ଜନର ଏକ ମୁଖ୍ୟ ଉତ୍ସରେ ପରିଣତ କରିବା ପାଇଁ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତା ଅଛି, ସେଥିପ୍ରତି ସରକାର ଦୃଷ୍ଟି ଦେବା ଅନିବାର୍ଯ୍ୟ। ଚାଷୀମାନଙ୍କୁ ଉଚିତ ମୂଲ୍ୟ ମିଳିବା ପାଇଁ ଆବଶ୍ୟକ ଆନୁଷ୍ଠାନିକ ସମର୍ଥନ ସରକାରଙ୍କର ଦାୟିତ୍ୱ। ଦ୍ୱିତୀୟ କଥାଟି ହେଉଛି ଦୀର୍ଘ ସମୁଦ୍ରତଟ ସତ୍ତ୍ୱେ ସାମୁଦ୍ରିକ ସମ୍ପଦ ଯଥା ମାଛ, ଚିଙ୍ଗୁଡ଼ି ଇତ୍ୟାଦିରେ ଉଦ୍ୟୋଗୀକରଣ ପାଇଁ ସରକାର କିଛି ଦର୍ଶନୀୟ ପଦକ୍ଷେପ ନେଇନାହାନ୍ତି। ସରକାରୀ ଉଦ୍ୟମରେ ବା କଡ଼ା ନିରୀକ୍ଷଣରେ ଘରୋଇ ବ୍ୟବସାୟୀଙ୍କ ମାଧ୍ୟମରେ ମାଛ ଓ ଚିଙ୍ଗୁଡ଼ି ରପ୍ତାନି କରାଗଲେ ଆମ ସମୁଦ୍ରତଟ ଅଜସ୍ର ଅର୍ଥଲାଭର ଉତ୍ସ ହୋଇପାରନ୍ତା। ଆମେ ଏ ନେଇ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତେ ନାହିଁ। ତୃତୀୟ କଥା ଆମର ଅପାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଘଞ୍ଚ ଜଙ୍ଗଲ, ସୁନ୍ଦର ଜଳପ୍ରପାତ, ସବୁଜିମା ଆଚ୍ଛାଦିତ ପାହାଡ଼, ବିସ୍ତୃତ ସମୁଦ୍ରକୂଳ କ'ଣ ନାହିଁ ଓଡ଼ିଶାରେ? ଯାହା ନାହିଁ, ତାହା ହେଉଛି ପର୍ଯ୍ୟଟକମାନଙ୍କ ପାଇଁ ସୁଲଭ ଦରରେ, ସୁନ୍ଦର, ପରିଷ୍କାର ପରିଚ୍ଛନ୍ନ ରହିବା ଓ ଖାଦ୍ୟପେୟର ବ୍ୟବସ୍ଥା। ନିକଟସ୍ଥ ଦର୍ଶନୀୟ ସ୍ଥଳଗୁଡ଼ିକ ବିକଶିତ ହେଲେ ସ୍ଥାନୀୟ ଅଞ୍ଚଳରେ ରୋଜଗାର ବଢ଼ିବା ସହ ପ୍ରାକୃତିକ ସମ୍ପଦ ଓ ହାତତିଆରି ଦ୍ରବ୍ୟର ସୁଦୂରପ୍ରସାରୀ ଚାହିଦା ବାହାରକୁ ଯାଇପାରନ୍ତା।

ଚତୁର୍ଥ କଥା ଆମର ପ୍ରଚୁର ଖଣିଜ ସମ୍ପଦ। ଅମୂଲ୍ୟ ସମ୍ପଦକୁ ରାଜ୍ୟବାସୀଙ୍କ ପାଇଁ ସଦୁପଯୋଗ କରାଯାଉ। ପଞ୍ଚମ କଥା ଆମେ ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ନଦୀ ଜଳ ପାଇଁ ଦୀର୍ଘ କାଳ ଧରି



ବିବାଦରେ ଅଛେ। କିନ୍ତୁ ଆମ ରାଜ୍ୟ ଭିତରେ ଥିବା ନଦୀଗୁଡ଼ିକ ଜଳର ଆମେ ସଦୁପଯୋଗ କରିଛେ କି? ଆମର ଖରସ୍ରୋତା ନଦୀଗୁଡ଼ିକରେ ନୂଆ ବନ୍ଧ ବାନ୍ଧି ଜଳସେଚନ ଓ ବିଦ୍ୟୁତ ଉତ୍ପାଦନକୁ ପ୍ରସାରିତ କରିଛେ କି? ନୂଆ ସରକାର ଏ ବିଷୟରେ ଚିନ୍ତା କରିବା ଉଚିତ। ଷଷ୍ଠ କଥା ତୃଣମୂଳ କ୍ଷେତ୍ରରେ ବିକାଶ ଉପରେ ଦୃଷ୍ଟି ଦିଆଯାଉ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ବ୍ୟୟବହୁଳ ଯୋଜନା ମାଧ୍ୟମରେ ଆମେ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ କରିପାରନ୍ତେ। ପ୍ରତି ଗ୍ରାମରେ ଦୁଇଟି ବା ତିନୋଟି ଜଳାଶୟ ନିର୍ମାଣ କରି ସେଥିରେ ମାଛ ଚାଷ କରାଯାଉନାହିଁ କାହିଁକି? ପଞ୍ଚାୟତ ସ୍ତରରେ ଏ କାମ ଅନାୟାସରେ ହୋଇପାରନ୍ତା।

ସପ୍ତମ କଥା ଶିକ୍ଷା ବିଷୟ। ଛାତ୍ରଙ୍କ ପାଠ ଓ ଚରିତ୍ର ଗଠନ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷକମାନଙ୍କୁ ଉଚିତ ପ୍ରୋତ୍ସାହନ ଦରକାର। ଯେଉଁ ସରକାରୀ ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ଉଚ୍ଚ ବୈଷୟିକ ଶିକ୍ଷା ଲାଗି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଉଛନ୍ତି, ସେ ସ୍କୁଲର ସମ୍ପୃକ୍ତ ଶିକ୍ଷକମାନଙ୍କୁ ଆର୍ଥିକ ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବା ଉଚିତ। ପ୍ରତି ଜିଲା ମୁଖ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବୃତ୍ତି ବିଷୟରେ, ଉଚ୍ଚ ଶିକ୍ଷାର ସୁଯୋଗ ବା ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ସମ୍ବନ୍ଧରେ ବର୍ଷକୁ ଥରେ ବା ଦୁଇଥର ବିଶେଷ ଶିବିର ଆୟୋଜନ କରାଯିବା ଉଚିତ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଏ କ୍ଷେତ୍ରରେ ସାମିଲ କରିବା ବାଞ୍ଛନୀୟ। ଅଷ୍ଟମ କଥା ହେଉଛି ସ୍ୱାସ୍ଥ୍ୟ ସେବା ଯୋଗାଇବା ସରକାରଙ୍କର ମୌଳିକ ଦାୟିତ୍ୱ। ଘରୋଇ ହସ୍ପିଟାଲଗୁଡ଼ିକ ହାତରେ ଓଡ଼ିଶାର ଜନତାଙ୍କ ଭାଗ୍ୟ ସମର୍ପି ଦେବା ନିତାନ୍ତ ଅନୁଚିତ। ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଏ ସବୁ କାମକୁ ଠିକ୍ ଭାବରେ ତଦାରଖ କରିବା ପାଇଁ ସରକାର ପ୍ରତି ଜିଲା ପାଇଁ ନୋଡାଲ ଅଫିସର ନିଯୁକ୍ତ କରିପାରିବେ। ବିଭିନ୍ନ ବିଭାଗର ଅଧିକାରୀମାନେ ଠିକ୍‌ଭାବରେ କାମ କରୁଛନ୍ତି କି ନାହିଁ ସେ ବିଷୟରେ ନୋଡାଲ ଅଫିସରମାନେ ସରକାରଙ୍କୁ ରିପୋର୍ଟ ଦେବେ। ସର୍ବାଙ୍ଗୀନ ମଙ୍ଗଳ ନିମନ୍ତେ ଆମମାନଙ୍କର ଦାୟିତ୍ୱବୋଧକୁ ନିଷ୍ଠାପର ଭାବେ ପାଳନ କରିବା ଦ୍ୱାରା ବିକଶିତ ଓଡ଼ିଶା ସମ୍ଭବ।

**କଟିକଟା, ମଙ୍ଗଳପୁର, ଯାଜପୁର**
**ମୋ: ୯୪୩୮୨୭୬୭୬୦**

## ଏଇ ଭାରତରେ

ଗୁପଚୁପ୍ ଖାଇବା ପାଇଁ ଲୋକେ ବହୁତ ଭଲ ପାଆନ୍ତି। ହେଲେ ଏହାକୁ ସାଜସଜ୍ଜା କରିବା ପାଇଁ ଯେ ବ୍ୟବହାର କରାଯାଏ ଏକଥା ହୁଏତ ଖୁବ୍ କମ୍ ଜାଣିଥିବେ। ତେବେ ଏଭଳି ଏକ ଭିନ୍ନ କାମ କରି ଏବେ ସାରା ଦେଶରେ ଚର୍ଚ୍ଚିତ ବ୍ୟକ୍ତି ପାଲଟିଛନ୍ତି ରାଜସ୍ଥାନ ବିକାନେର ସହରର ଧର୍ମେନ୍ଦ୍ର ଅଗ୍ରୱାଲ। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସେ ଭିନ୍ନ ଭିନ୍ନ ପ୍ରକାରର ଗୁପ୍‌ଚୁପ୍ ବ୍ୟବହାର କରିଥିଲେ। ମୋଟ ୮୦୦ଟି ଗୁପ୍‌ଚୁପ୍‌ରେ ସେ ଡିଜାଇନ୍ କରିଥିଲେ। ଏଥିରେ ପାନ୍‌ବାହାର, ଗୋଲାପ, ମେଥି, ଖଟ୍ଟା ଆଦି ୮ ପ୍ରକାରର ସ୍ୱାଦର ଗୁପ୍‌ଚୁପ୍ ଥିଲା। ତେବେ ଏଥିରେ ବିଭିନ୍ନ ରଙ୍ଗର ୧୫୧ ପ୍ରକାରର ଗୁପଚୁପ୍ ମଧ୍ୟ ବ୍ୟବହାର କରାଯାଇଥିଲା। ଏହି ସବୁକୁ ନେଇ ସେ ବେଶ୍ ସୁନ୍ଦରଭାବରେ ଇଂଲିଶରେ ସ୍ୱାଗତ ୨୦୨୫ ବୋଲି ଲେଖିଥିଲେ। ତାଙ୍କର ଏଭଳି ଏକ ଭିନ୍ନ ପ୍ରୟାସ ପାଇଁ ତାଙ୍କ ନାମ ଲିମ୍କା ବୁକ୍ ଅଫ୍ ରେକର୍ଡରେ ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଜାନୁଆରୀ ୧୯୭୬**

- ରାଜ୍ୟରେ ଶିଳ୍ପ ବିକାଶ ଓ ସେ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠିତ।
- ସୁପରିଚିତ ବଙ୍ଗୀୟ ସାହିତ୍ୟିକ ଶୈଳଜାନନ୍ଦ ମୁଖୋପାଧ୍ୟାଙ୍କ ୭୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେ କିବା ମୋହରି ଆଶେ
ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ
ପୀଡ଼ଇ କି ଛାତି?
ଗୀତେ ତା'ର ପ୍ରାଣ ଉଠେ ମାତି।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 2 | | | | | |
| 8 | 2 | 1 | | | | | | |
| | | | 1 | 6 | | | | 9 |
| | | | | 2 | | | 8 | 3 |
| | | 3 | | | | 6 | | |
| 2 | | | | 8 | 5 | | | |
| 4 | | | 5 | | | 2 | | 8 |
| | | | | | | 9 | | |
| 9 | | | | 7 | | 5 | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 4 | 5 | 1 | 3 | 6 | 9 |
| 6 | 1 | 4 | 9 | 8 | 3 | 2 | 7 | 5 |
| 3 | 5 | 9 | 7 | 2 | 6 | 8 | 1 | 4 |
| 4 | 2 | 7 | 3 | 9 | 5 | 6 | 8 | 1 |
| 1 | 9 | 8 | 2 | 6 | 7 | 5 | 4 | 3 |
| 5 | 6 | 3 | 8 | 1 | 4 | 7 | 9 | 2 |
| 9 | 3 | 5 | 1 | 7 | 8 | 4 | 2 | 6 |
| 2 | 7 | 6 | 5 | 4 | 9 | 1 | 3 | 8 |
| 8 | 4 | 1 | 6 | 3 | 2 | 9 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାନ କିଣି ନେଉଛନ୍ତି ଆନ୍ଧ୍ର ବେପାରୀ

ମହାଶୟ,

ବାହାର ରାଜ୍ୟର କୌଣସି ବେପାରୀ ଧାନ ନେଇପାରିବେ ନାହିଁ। ଧାନ ନେଲେ ଅଟକ ରଖାଯିବ ବୋଲି ରାଜ୍ୟ ସରକାର ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲାରେ ଦୈନିକ ଆନ୍ଧ୍ରବେପାରୀ ଏହି ଅଞ୍ଚଳର ଦଲାଲମାନଙ୍କୁ ଧରି ଚାଷୀମାନଙ୍କ ଠାରୁ ୨୦୦୦ରୁ ୨୧୦୦ଟଙ୍କରେ ଟ୍ରକ୍ ଟ୍ରକ୍ ଧାନ ବୋହିନେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ମଣ୍ଡି ଖୋଲା ଯାଇନାହିଁ। ଚାଷୀମାନେ ଦଲାଲମାନଙ୍କ ସହାୟତାରେ ଆନ୍ଧ୍ର ବେପାରୀଙ୍କୁ ଶସ୍ତାରେ ଧାନ ବିକ୍ରି କରିବା ଦ୍ୱାରା ଚାଷୀମାନେ କ୍ଷତି ସହିବେ। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଯଥାଶୀଘ୍ର ସତ୍ୟବାଦୀ ବ୍ଲକର ପଞ୍ଚାୟତଗୁଡ଼ିକରେ ମଣ୍ଡି ଖୋଲନ୍ତୁ।

**-ଦେବଭକ୍ତି ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାଜକୋଟ୍‌ରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କର୍ଲାମୁଣ୍ଡା/ରିଷିଢ଼ା,୩।୧ (ପ୍ରଦୀପ କୁମାର ସାହୁ/ସୁଶାନ୍ତ କୁମାର ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜାହାଲ ପଞ୍ଚାୟତ ଗଜାହାଲ ଗ୍ରାମର ଇଶାନ ବିଭାର (୩୩) ରାଜକୋଟ୍‌ର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ସମୟରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସଞ୍ଜୁ ସୁନା ଅସୁସ୍ଥ ହୋଇପଡ଼ିଥିବାରୁ ତାଙ୍କୁ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇଶାନଙ୍କ ମୃତ୍ୟୁ ଖବର ସମ୍ପର୍କରେ ସାମାଜିକ କର୍ମୀ ଚିନ୍ମୟ ମିଶ୍ର ଓ ରିଙ୍କୁ ବାଗ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ଜଣାଇବା ପରେ ଜିଲା ପ୍ରଶାସନ ଉଦ୍ୟମରେ ମୃତଦେହ ଶନିବାର ଜନ୍ମମାଟିରେ ପହଞ୍ଚିବାକୁ ଥିବା ପରିବାର ଲୋକେ କହିଛନ୍ତି। ଇଶାନ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ମୃତ୍ୟୁ ପରେ ୯ ବର୍ଷ ଓ ୭ ବର୍ଷର ୨ପୁଅ, ସ୍ତ୍ରୀ ଓ ମା' ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ବାଇକ୍ ଦୁର୍ଘଟଣା: ଜଣେ ମୃତ

**ବେହେରା,୩।୧ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ପର୍ଲା ନଦୀ ବ୍ରିଜ୍ ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଧର୍ମଗଡ଼ ଥାନା ମଝେନପଦର ଗାଁର ନୀଳାମ୍ବର ନାଏକ (୨୫)। ନୀଳାମ୍ବର ବେହେରାରୁ ଦଣ୍ଡପାଟ ଧନୁଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଶୁକ୍ରବାର ସକାଳେ ଧର୍ମଗଡ଼ ଥାନାରେ ଏତଲା ଦେଲା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ରୁପ୍ରାରୋଡ୍,୩।୧ (ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି ସଭାଗୃହଠାରେ ବିଡିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲାର ଲୁପ୍ତ ପାଇଯାଉଥିବା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇରଖିବା ଉଦ୍ଦେଶ୍ୟରେ କଳାହାଣ୍ଡି ଉତ୍ସବ ପାଳନ କରାଯାଉଛି। ଏହି ଉତ୍ସବ ପ୍ରଥମେ ପଞ୍ଚାୟତ ଓ ପରେ ବ୍ଲକ୍ ଏବଂ ଶେଷରେ ଜାନୁଆରୀ ୧୪ରେ ଜିଲାସ୍ତରରେ ପାଳନ କରାଯିବ। ପ୍ରସ୍ତୁତି ବୈଠକରେ କିଭଳି ଏହାର ପ୍ରଚାରପ୍ରସାର ହେବ, ଉତ୍ସବ ଆୟୋଜନ ଓ ଏହା କିପରି ଅଧିକ ଆକର୍ଷଣୀୟ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିଡିଓ ଦୀପ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ମାସ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ବ୍ଲକ୍‌ସ୍ତରୀୟ ଘୁମୁରା ଉତ୍ସବ ଅନୁଷ୍ଠିତ ହେବ। ଏହାର ପରିଚାଳନା ପାଇଁ ମୁଖ୍ୟ କମିଟି ଓ ଉପକମିଟି ଚୟନ କରାଯାଇଥିଲା।

# ଭବାନୀପାଟଣାରେ ମାଙ୍କଡ଼ ଆତଙ୍କ ଜାରି

**ଭବାନୀପାଟଣା,୩।୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ପୁଣି ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି। ଗୁରୁବାର ସହରର ଗୋଦାମପଡ଼ାରେ ଗୋଟିଏ ମାଙ୍କଡ଼ ପ୍ରାୟ ୧୫ ଜଣଙ୍କୁ ଆକ୍ରମଣ କରିଥିଲା। ଏଥିରେ ସମସ୍ତ ଆହତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହା ପରେ ବନବିଭାଗର ଆର୍‌ଆର୍‌ଟି (ରାପିଡ୍ ରେଶପନ୍ସ ଟିମ୍) ଅପରେଶନ ଆରମ୍ଭ କରି ଦୀର୍ଘ ୮ ଘଣ୍ଟା ପରେ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ କରି ଧରିବାରେ ସଫଳ ହୋଇଥିଲା। ମାଙ୍କଡ଼କୁ ନିକଟସ୍ଥ ଡ଼ଙ୍ଗରିରେ ଛଡା ଯାଇଥିଲା। ହେଲେ ଏହି ମାଙ୍କଡ଼ ଶୁକ୍ରବାର ସକାଳେ ପୁଣି ସହରକୁ ଆସି ଆତଙ୍କ ମଚାଇଛି। ସହରର ଧୋବାପଡ଼ା, ଚଞ୍ଚରାପଡ଼ା, ଆହାର କେନ୍ଦ୍ର, ଗାନ୍ଧୀ ଛକ, ଷ୍ଟେଡ୍ୟୁ



ଆର୍‌ଆର୍‌ଟି ମାଙ୍କଡ଼ ଧରିବାକୁ ଉଦ୍ୟମ ଚଳାଇଛି।

ପଡ଼ାରେ ପ୍ରାୟ ୧୫ ଜଣଙ୍କୁ ଆକ୍ରମଣ କରିଥିବା ଏହି ମାଙ୍କଡ଼କୁ କାବୁ କରିବାରେ ଫେଲ ମାରିଛି ବନ ବିଭାଗ। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗର ଆର୍‌ଆର୍‌ଟି ଟିମ୍ ପହଞ୍ଚିଥିଲେ ମଧ୍ୟ ମାଙ୍କଡକୁ ଟ୍ରାଙ୍କୁଲାଇଜ କରିବାରେ ବିଫଳ ହୋଇଛି। ଫଳରେ ସହରରେ ଏବେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏ ନେଇ ଭବାନୀପାଟଣା ବାସିନ୍ଦା ଆଶ୍ୱିନ ଚନ୍ଦନ କହିଛନ୍ତି ଯେ, ଗତକାଲି ସହରର ଗୋଦାମପଡ଼ାରେ ମାଙ୍କଡ ଲୋକଙ୍କୁ ଆକ୍ରମଣ କରିଥିଲା।

**୨ ଦିନରେ ୩୦ରୁ ଊର୍ଦ୍ଧ୍ୱ ଆହତ**

ବନ ବିଭାଗ ମାଙ୍କଡକୁ ଧରିଥିଲେ ମଧ୍ୟ ଦୂରରେ ଛାଡ଼ିବା ପରିବର୍ତ୍ତେ ସହର ନିକଟରେ ଛାଡି ଦେବା ଫଳର ଆଜି ମାଙ୍କଡ ସହରକୁ ଆସି ଲୋକଙ୍କୁ ଆକ୍ରମଣ କରିଛି। ଏଥିଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଜଙ୍ଗଲ କ୍ଷୟ ହେବା କାରଣରୁ ମାଙ୍କଡମାନେ ସହରକୁ ଖାଦ୍ୟ ପାଇଁ ଆସୁଛନ୍ତି। ଆଉ ସହରରେ ଲୋକେ ଖାଦ୍ୟ ଦେବା କାରଣରୁ ସେମାନେ ସହର ଛାଡ଼ି ଯାଉ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ୨ ଦିନରେ ମାଙ୍କଡ଼ ଆକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମାଙ୍କଡ଼କୁ ଧରିବା ପାଇଁ ବନ ବିଭାଗର ଆର୍‌ଆର୍‌ଟି ଟିମ୍ ଅପରେଶନ ଜାରି ରଖିଛି।


କଳସ ଯାତ୍ରାରେ ସାମିଲ ମହିଳାପୁରୁଷ।

# କୁମାରଗୁଡ଼ା ବୁଢ଼ାରଜା ମହୋତ୍ସବ ଶୁଭାରମ୍ଭ

**ଲାଞ୍ଜିଗଡ,୩।୧ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ କୁମାରଗୁଡ଼ାଠାରେ ବୁଢ଼ାରଜାଙ୍କ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଏହା ଆସନ୍ତା ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଶତାଧିକ ମହିଳାପୁରୁଷ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବୁଢାରଜା ପୂଜା କମିଟି ସଭାପତି ରାମଚନ୍ଦ୍ର ମାଝୀଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ ମୁଖ୍ୟ ଅତିଥି, ଲାଖବାହାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମତୁ ମାଝୀ, ଗୋବିନ୍ଦ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର ମୁଖ୍ୟ ପୂଜକ ରତ୍ନ ମାଝୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ଉପସଭାପତି ଈଶ୍ୱର ବାଗ, ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ, ସହ ସମ୍ପାଦକ ସୁମନ୍ତ ନାଏକ, ପରିଚାଳକ ବିଷ୍ଣୁ ନାଏକ, ପରିଚାଳନା ନିର୍ଦ୍ଦେଶକ ରମେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟହ ରାତିରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଅରକେଷ୍ଟ୍ରା, ମେଲୋଡି, ରେକର୍ଡ ଡ୍ୟାନ୍ସ କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ସାବିତ୍ରୀବାଈ ଫୁଲେଙ୍କ ୧୯୪ତମ ଜୟନ୍ତୀ

**ଜୁନାଗଡ଼, ୩।୧ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ସଂସ୍କୃତି ଭବନଠାରେ କ୍ରାନ୍ତିଜ୍ୟୋତି ମାତା ସାବିତ୍ରୀବାଇ ଫୁଲେଙ୍କ ୧୯୪ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜୟନ୍ତୀ କମିଟି ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ଏଡିଏମ୍ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଛବିଲାଲ ସାହୁ ମୁଖ୍ୟବକ୍ତା, କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟାପକ ବୈଲୋଚନ ନାଏକ, ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷା ହିମାଦ୍ରି ନାଏକ, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଏସ୍‌ଟିଏସ୍‌ସି ଓବିସି ମିଳିତ ମଞ୍ଚର ଆବାହକ ଡମ୍ବରୁଧର ଲହଜଲ, ଅଲ୍‌ଓଡିଶା ସିଡ୍ୟୁଲକାଷ୍ଟ ଫେଡ଼ରେଶନର ସଭାପତି ଶ୍ରୀବତ୍ସ ତାଣ୍ଡି, ବହୁଜନ ସଂଗ୍ରାମ ସମିତି ଅଧ୍ୟକ୍ଷ ରଞ୍ଜନ କୁମାର ଜାଲ, କୁବେର ସମାଜ


ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସଭାପତି ଉଦ୍ଧବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସାବିତ୍ରୀବାଇ ଫୁଲେଙ୍କ ସ୍ମୃତିଚାରଣ କରିଥିଲେ। ଏସ୍ ସୁଜାତା ମଞ୍ଚ ପରିଚଳନା କରିଥିବାବେଳେ ଜୟନ୍ତି କମିଟି ସମ୍ପାଦକ ଚିତ୍ତରଞ୍ଜନ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବୁଢ଼ା କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖଡ଼ିଆଳ,୩।୧ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଭାଲୁଡୋଙ୍ଗରି ଶିବ ଶକ୍ତି କ୍ଲବ ପକ୍ଷରୁ ଶୁକ୍ରବାର ପ୍ରଥମ ବୁଢା କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଭୋଜପୁର ସରପଞ୍ଚ କୁଳମଣି ନାଏକ, ସମିତି ସଭ୍ୟା ଯଶୋବନ୍ତି ବେହେରା, ଖବରଦାତା କୁନୁ କରୁଆଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଏଥିରେ ଜିଲାର ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୧ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ଭୋଜପୁରକୁ ହରାଇ ଝୋଳପଥର ବିଜୟୀ ହୋଇଛି। ଦିତୀୟ ମ୍ୟାଚରେ ବଡ଼ମୂଳା ଦଳକୁ ହରାଇ ଭୁଲିଆସିକୁଆଁ ଦଳ ବିଜୟୀ ହୋଇଛି।

### ଗବେଷକ ସତ୍ୟନାରାୟଣଙ୍କୁ ପଣ୍ଡିତ ରୀକ୍ଷିରାମ ସ୍ମୃତି ସମ୍ମାନ

**ବେହେରା,୩।୧ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଅବସରରେ ଗବେଷକ ସତ୍ୟନାରାୟଣ ମହାପାତ୍ରଙ୍କୁ ପଣ୍ଡିତ ରୀକ୍ଷିରାମ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟନାରାୟଣ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ସିନିୟର ଫେଲୋଶିପ ପାଇ ଘୁମୁରା ଗୀତ (ସଙ୍ଗୀତ)ର ସାହିତ୍ୟିକ ସୌନ୍ଦର୍ଯ୍ୟବୋଧ ଉପରେ ଗବେଷଣା କରୁଛନ୍ତି। ସେ ୨୦୨୦ରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଛନ୍ତି। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଥିଲେ। ସେ ଏକାଧାରରେ ମଞ୍ଚ, ବେତାର, ଦୂରଦର୍ଶନର ଲେଖକ, ନିର୍ଦ୍ଦେଶକ ଓ ପ୍ରଯୋଜକ। ମହାରାଜ କଂସ ଓ ଅତିଥିଙ୍କ ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଥିଲା। ସେ ପୁରସ୍କାର ଗ୍ରହଣ ପୂର୍ବକ ପଣ୍ଡିତ ରୀକ୍ଷିରାମ ତିୱାରୀଙ୍କ ଘୁମୁରା ପ୍ରତି ରହିଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପଣ୍ଡିତ ରୀକ୍ଷିରାମ କଳାହାଣ୍ଡି ଲୋକକଳା ଘୁମୁରାର ଅଦ୍ୱିତୀୟ ଗୁରୁ ଥିଲେ। ସେ ଘୁମୁରାକୁ ନେଇ ଅନେକ କାଳଜୟୀ ଗୀତ ରଚନା କରିବା ସହ ତାଙ୍କ ପ୍ରଶିକ୍ଷିତ ଘୁମୁରା ଦଳକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ


ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଖଡ଼ିଆଳ,୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ଭିଆଇ ଉପେନ୍ଦ୍ର ପୁସିକା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଡ଼କ ସୁରକ୍ଷା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପରେ ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ପାଇଁ ଜନସଚେତନତାମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ପ୍ରଜ୍ଞାପାରମିତା ଭୋଳ, ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ପୋଲିସ ସବ୍‌ଇନ୍ସପେକ୍ଟର ରାଜେଶ କୁମାର ଅଗସ୍ତି, କ୍ରୀଡ଼ା ଶିକ୍ଷକ ରତନ ସିଂ ବାରିକ, ଗାଇଡ୍ କ୍ୟାପ୍‌ଟେନ ମଞ୍ଜୁଷା ଜଗତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହେଲ୍‌ମେଟ ପିନ୍ଧିଥିବା ଗାଡ଼ି ଚାଳକମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ଉତ୍ସାହିତ କରାଯାଇଥିଲା।

# ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀରେ 'ସଦ୍‌ଭାବନା ସମାବେଶ'



ସମାବେଶରେ ଯୋଗଦେଇଥିବା ଅତିଥିମାନେ।

**କୋକସରା,୩।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ଶ୍ରୀରାମପୁରଠାରେ ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀ ଅବସରରେ ମହାବୀର ଯୁବ ଅନୁଷ୍ଠାନ, ଦଣ୍ଡପାଟ ଯୁବ ସେବା ସଂଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେଶନର ମିଳିତ ଆନୁକୂଲ୍ୟରେ 'ସଦ୍‌ଭାବନା ସମାବେଶ' ଅନୁଷ୍ଠିତ ହେଇଯାଇଛି। ଯୁବ ସମାଜସେବୀ ଧର୍ମବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସମାଜସେବୀ ଚିନ୍ମୟ ବେହେରା ମୁଖ୍ୟଅତିଥି, ଅଧ୍ୟାପକ ମୋହନ ଚରଣ ବିଶି ମୁଖ୍ୟବକ୍ତା, ସରପଞ୍ଚ ମାଧବୀ ଧରୁଆ, ଏମ୍‌ବିକେ ବନିତା ସୁନାନୀ, ମହିଳା ସଂଘ ସଭାନେତ୍ରୀ ପଙ୍କଜିନୀ ମେହେର, ସମ୍ପାଦିକା ଗୀତାଞ୍ଜଳି ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦଣ୍ଡପାଟ ଯୁବସେବା ସଂଗଠନ ସମ୍ପାଦକ ଭୁଜବଳ ନାଏକ ପରିଚାଳନା କରିଥିବା ବେଳେ ଯୁବ ସଂଗଠକ ଅବିନାଶ ମୁଣ୍ଡ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସହ ସମ୍ପାଦକ ସୁଶୀଲ ଚନ୍ଦ୍ର ନାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭିକାରୀ ଚରଣ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ବୈଠକ


ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ଧର୍ମଗଡ଼,୩।୧ (ଆକାଶ କୁମାର ଜଗତ)**

ଧର୍ମଗଡ଼ଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ବ୍ଲକ ସଭାଗୃହରେ ଉପଜିଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷ ଧିମାନ ଚକମାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇଥିଲେ। ଆସନ୍ତା ଜାନୁୟାରୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଧର୍ମଗଡ଼ଠାରେ ସମ୍ପ୍ରସାରିତ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବରେ ଭବାନୀପାଟଣାକୁ ଆସୁଥିବା ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଆସନ୍ତା ୧୪ ତାରିଖରୁ ଭବାନୀପାଟଣାଠାରେ ଚାରିଦିନ ଓ ୧୫ରୁ ଧର୍ମଗଡ଼ଠାରେ ତିନିଦିନ ଧରି ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବ। ବୈଠକରେ ତହସିଲଦାର ସଞ୍ଜୟ ସାମନ୍ତରା, ବିଡ଼ିଓ ଶରତ କୁମାର ପାତ୍ରୋ, ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଏନ୍‌ଏସି ଉପାଧ୍ୟକ୍ଷା ମନୀଷା ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।

# ବେନ୍ଦ୍ରାବାହାଲକୁ ହରାଇ ଗାନ୍ଧୀନଗର ଚାମ୍ପିୟନ

**ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ୍ ଉଦ୍‌ଯାପିତ**

**ଖଡ଼ିଆଳ,୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା ବୈଦେହି ସାଗର ଖେଳ ପଡିଆରେ ନବମ ଭଗବାନ ଦୁରିଆ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେନ୍ଦ୍ରାବାହାଲ ଓ ଗାନ୍ଧୀନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବେନ୍ଦ୍ରାବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ଗାନ୍ଧୀନଗର ଦଳ ୧୧ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସଭାରେ ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ଼ା ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା ଓ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ପଟ୍ଟନାୟକ, ନୂଆପଡ଼ା ଗୋଷ୍ଠୀ ଶିକ୍ଷାଅଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।



ଟ୍ରଫି ସହ ଖେଳାଳିମାନେ।

# ମଦ ଦୋକାନ ଜାଳିଦେଲେ ମହିଳା

**ନୂଆପଡ଼ା,୩।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଛି। ମଦ ଯୋଗୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବାବେଳେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାକୁ ବନ୍ଦ ପାଇଁ ଗ୍ରାମବାସୀ ପୋଲିସଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ମହିଳାମାନେ ମଦ ଦୋକାନରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ପ୍ରାପ୍ତ ସୂଚନା ଅନୁଯାୟୀ କୁସୁମପଡା, ଝାକରପଡା, ମହୁଲପଡା, ଝରିଆପଡା, ନାଏକପଡା, ମୁଣ୍ଡାପଡା, ମାଳପଡା, ଗହିରାପଡା, ପଦରଭଟାପଡା, ଧରୁଆପଡା, ଠୋଙ୍ଗୋ ଗାଁକୁ ନେଇ ୪



ଫାଣ୍ଡିକୁ ଅଭିଯୋଗ ପାଇଁ ଆସିଥିବା ମହିଳା।

ୱାର୍ଡ ରହିଥିବାବେଳେ ୪ଟି ବେଆଇନ ମଦ କୋଠି ରହିଛି। ଅଞ୍ଚଳର ଲୋକେ ଏଠାରୁ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। ଏହାକୁ ରୋକିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକତ୍ରିତ ହୋଇ ଦୁଇ ଗୋଟି ମଦ କୋଠି ଜାଳିଦେଇଥିଲେ। ପରେ ଶୁକ୍ରବାର ଶତାଧିକ ମହିଳାପୁରୁଷ ତରବୋଡ ଫାଣ୍ଡିକୁ ଆସି ବେଆଇନ ମଦ କୋଠି ସମ୍ପୂର୍ଣ୍ଣ ବନ୍ଦ ନ କଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ରାଜକୋଟ୍‌ରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କର୍ଲାମୁଣ୍ଡା/ରିଷିଡ଼ା,୩।୧(ପ୍ରଦୀପ କୁମାର ସାହୁ/ସୁଶାନ୍ତ କୁମାର ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜାହାଲ ପଞ୍ଚାୟତ ଗଜାହାଲ ଗ୍ରାମର ଇଶାନ ବିଭାର (୩୩) ରାଜକୋଟ୍‌ର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ସମୟରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସଞ୍ଜୁ ସୁନା ଅସୁସ୍ଥ ହୋଇପଡ଼ିଥିବାରୁ ତାଙ୍କୁ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇଶାନଙ୍କ ମୃତ୍ୟୁ ଖବର ସମ୍ପର୍କରେ ସାମାଜିକ କର୍ମୀ ଚିନ୍ମୟ ମିଶ୍ର ଓ ରିଙ୍କୁ ବାଗ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ଜଣାଇବା ପରେ ଜିଲା ପ୍ରଶାସନ ଉଦ୍ୟମରେ ମୃତଦେହ ଶନିବାର ଜନ୍ମମାଟିରେ ପହଞ୍ଚିବାକୁ ଥିବା ପରିବାର ଲୋକେ କହିଛନ୍ତି। ଇଶାନ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ମୃତ୍ୟୁ ପରେ ୯ ବର୍ଷ ଓ ୭ ବର୍ଷର ୨ପୁଅ, ସ୍ତ୍ରୀ ଓ ମା' ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ବାଇକ୍ ଦୁର୍ଘଟଣା: ଜଣେ ମୃତ

**ବେହେରା,୩।୧(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ପର୍ଲା ନଦୀ ବ୍ରିଜ୍ ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଧର୍ମଗଡ଼ ଥାନା ମଝେନପଦର ଗାଁର ନୀଳାମ୍ବର ନାଏକ (୨୫)। ନୀଳାମ୍ବର ବେହେରାରୁ ଦଣ୍ଡପାଟ ଧନୁଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଶୁକ୍ରବାର ସକାଳେ ଧର୍ମଗଡ଼ ଥାନାରେ ଏତଲା ଦେଲା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ରୁପ୍ରାରୋଡ୍,୩।୧(ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି ସଭାଗୃହଠାରେ ବିଡିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲାର ଲୁପ୍ତ ପାଇଯାଉଥିବା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇରଖିବା ଉଦ୍ଦେଶ୍ୟରେ କଳାହାଣ୍ଡି ଉତ୍ସବ ପାଳନ କରାଯାଉଛି। ଏହି ଉତ୍ସବ ପ୍ରଥମେ ପଞ୍ଚାୟତ ଓ ପରେ ବ୍ଲକ୍ ଏବଂ ଶେଷରେ ଜାନୁଆରୀ ୧୪ରେ ଜିଲାସ୍ତରରେ ପାଳନ କରାଯିବ। ପ୍ରସ୍ତୁତି ବୈଠକରେ କିଭଳି ଏହାର ପ୍ରଚାରପ୍ରସାର ହେବ, ଉତ୍ସବ ଆୟୋଜନ ଓ ଏହା କିପରି ଅଧିକ ଆକର୍ଷଣୀୟ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିଡିଓ ଦୀପ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ମାସ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ବ୍ଲକ୍‌ସ୍ତରୀୟ ଘୁମୁରା ଉତ୍ସବ ଅନୁଷ୍ଠିତ ହେବ। ଏହାର ପରିଚାଳନା ପାଇଁ ମୁଖ୍ୟ କମିଟି ଓ ଉପକମିଟି ଚୟନ କରାଯାଇଥିଲା।

# ପ୍ରତିଶ୍ରୁତି ମିଳିଲା, ଧାରଣା ଉଠିଲା

**ମଥୁରାନଗରୀ,୩।୧(ପ୍ରେମାନନ୍ଦ ଖମାରୀ)**



ଅତିରିକ୍ତ ଜିଲାପାଳ ଧାରଣାରତ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଧାନ ଉଠାଣକୁ ଦେଢ଼ମାସ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ଧାନବିକ୍ରିରେ ଜିଲାର ଚାଷୀମାନେ ନାନା ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି। କଟନୀଛଟନୀ, ମିଲର୍ସଙ୍କ ଟ୍ୟାଗ ନ ଥିବା ଆଦି ଆଳ ଦେଖାଇ ବିଭିନ୍ନ ମଣ୍ଡିରୁ ଧାନ ଉଠାଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗତମାସ ୨୭ତାରିଖରୁ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମଣ୍ଡିଗୁଡ଼ିକରୁ ଧାନ ଉଠାଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ଏହି କ୍ରମରେ ଧାରଣା ଜାରି ରହିଥିଲା ଏବଂ ଏଥିରେ ବିଭିନ୍ନ ଦିବସରେ ଜିଲାର ପୃଥକ ଅଞ୍ଚଳର ଚାଷୀମାନେ ସାମିଲ ହୋଇଥିଲେ। ତେବେ ଶୁକ୍ରବାର ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ବିଭାଗୀୟ ଅଧିକାରୀ ବ୍ୟୋମକେଶ ମାଝୀ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ମଣ୍ଡିରେ ପଡ଼ି ରହିଥିବା ସବୁଧାନ ଉଠାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ପ୍ରତିଶ୍ରୁତି ପରେ ଧାରଣାକୁ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ଏବଂ ଏହି ଅବଧି ମଧ୍ୟରେ ମଣ୍ଡିରେ ପଡ଼ିଥିବା ସବୁଧାନ ଉଠା ନ ଗଲେ ପୁଣି ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଚେତାବନୀ ଦେଇଛି।

ଶୁକ୍ରବାର ଧାରଣାରେ କୁମ୍ଭାରୀ ଅଞ୍ଚଳର ଚାଷୀ ପ୍ରତିନିଧି ଭୁବନେଶ୍ୱର ପ୍ରଧାନ, ତୁଲଣ୍ଡି ଅଞ୍ଚଳର ବନବାସ ପ୍ରଧାନ, ରେଶମ ଅଞ୍ଚଳର ସୁଦାମ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ଉପେନ୍ଦ୍ର ଭୋଇ, ବିକାଶ ମାଝୀ, ସୁରେଶ ନେକାଷ୍ଟି, ରବିଶଙ୍କର ପ୍ରଧାନ, ଲୋକେଶ ପ୍ରଧାନ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ପାଇକମାଳର ଅରକ୍ଷିତ ପ୍ରଧାନ, ରାଜେଶ ସାହୁ, ଦୟାସାଗର ସାହୁ, ପ୍ରୀତିଚନ୍ଦ୍ର ସାହୁ ପ୍ରମୁଖ ଧାରଣାକୁ ସମର୍ଥନ ଜଣାଇଥିଲେ।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ


ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଖଡ଼ିଆଳ,୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ଭିଆଇ ଉପେନ୍ଦ୍ର ପୁସିକା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଡ଼କ ସୁରକ୍ଷା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପରେ ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ପାଇଁ ଜନସଚେତନତାମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ପ୍ରଜ୍ଞାପାରମିତା ଭୋଳ, ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ପୋଲିସ ସବ୍‌ଇନ୍ସପେକ୍ଟର ରାଜେଶ କୁମାର ଅଗସ୍ତି, କ୍ରୀଡ଼ା ଶିକ୍ଷକ ରତନ ସିଂ ବାରିକ, ଗାଇଡ୍ କ୍ୟାପ୍ଟେନ ମଞ୍ଜୁଷା ଜଗତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହେଲ୍‌ମେଟ ପିନ୍ଧିଥିବା ଗାଡ଼ି ଚାଳକମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ଉତ୍ସାହିତ କରାଯାଇଥିଲା।

## ଗାଇସିଲେଟ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ



କ୍ରୀଡ଼ା ପ୍ରତିଯୋଗିତା ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଗାଇସିଲେଟ,୩।୧(ଦୁର୍ଗାପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଦୁଇଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମହାବିଦ୍ୟାଳୟ ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଇଭେଣ୍ଟ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟର କ୍ରୀଡ଼ା କମିଟିର ନାରାୟଣ ମିଶ୍ର, ବିଶ୍ୱନାଥ ସାହୁ, ଅରୁଣ ମୁନା, ଲକ୍ଷ୍ମୀକାନ୍ତ ଷଡଙ୍ଗୀ, ଝରଣା ସାହୁ, ସଂଘମିତ୍ରା ସାହୁ, ସୁନିଲ ପାଣିଗ୍ରାହୀ, ରାକ୍ଷୀ ମେହେର, ପ୍ରତିଭା ଦାଶ, ସୋନାଲିକା ସାହୁ, ପୂର୍ଣ୍ଣିମା ହରିପାଲ, ବିଶ୍ୱନାଥ ବାଙ୍କ ଓ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଯୁକ୍ତ ୨ ବର୍ଗର ଛାତ୍ର ବାବୁଲୁ ସାହୁ ଓ ଛାତ୍ରୀ ସୁସ୍ମିତା ଭୋଇ ଏବଂ ଯୁକ୍ତ ୩ ବର୍ଗର ଛାତ୍ର ରାହୁଲ ସେଠ ଓ ଛାତ୍ରୀ ମନୋରମା ଗହୀର ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ ମାନସ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥ ପୀଠରେ କର୍ମକାଣ୍ଡ ପରିଷଦ ଗଠିତ

**ପାଇକମାଳ,୩।୧(ବଡ଼ ଶତପଥୀ)**

ବରଗଡ ଜିଲା ନୃସିଂହନାଥ ପରିସରରେ ଥିବା ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜ ଗାୟତ୍ରୀ ମଣ୍ଡପରେ ସମାଜର ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶ୍ରୀ ଶ୍ରୀ ମାର୍ଜାର କେଶରୀ ନୃସିଂହନାଥ କର୍ମକାଣ୍ଡ ପରିଷଦ ଗଠନ ହୋଇଛି । ପାଇକମାଳ, ଝାରବନ୍ଧ, ପଦ୍ମପୁର, ସୋହେଲା, ବିଜେପୁର, ଗାଇସିଲେଟ ଓ ବରଗଡରୁ ଆସିଥିବା କର୍ମକାଣ୍ଡୀୟ ପଣ୍ଡିତଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ସୁବଳ ପଣ୍ଡା, ଉପସଭାପତି କୈଳାସ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରେମାନନ୍ଦ ଦେବତା, ସହ ସମ୍ପାଦକ ସରୋଜ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାଢି, ସହ କୋଷାଧ୍ୟକ୍ଷ ଭାବେ ଦେବରାଜ ପଣ୍ଡା ମନୋନିତ ହୋଇଥିଲେ। ପ୍ରତ୍ୟେକ ପଣ୍ଡିତମାନଙ୍କୁ ନେଇ ୧୧ଜଣିଆ ଉପଦେଷ୍ଟା କମିଟି ଗଠିତ ହୋଇଥିଲା। ନୃସିଂହନାଥରେ ପୂଜକମାନଙ୍କ ଭବିଷ୍ୟତ ଜ୍ୟୋତିଷ କର୍ମକାଣ୍ଡ ଶିକ୍ଷା ପ୍ରଦାନ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ରଖାଯାଇଛି ବୋଲି ସୂଚନା ଦିଆଯାଇଥିଲା। ବରିଷ୍ଠ ସଦସ୍ୟ ମାତୃ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିଗଣ।

**ପାଇକମାଳ,୩।୧(ବଡ଼ ଶତପଥୀ)**

ବରଗଡ ଜିଲା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପଦ୍ମପୁର ଡିଭିଜନ ତରଫରୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ୧୦୬ତମ ଜୟନ୍ତୀ ପାଇକମାଳସ୍ଥିତ କେନ୍ଦୁପତ୍ର ଗୋଦାମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଉପସଭାପତି କୋକିଳ ସାହୁ ସଭାପତିତ୍ୱ କରିଥିଲେ। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ପଦ୍ମପୁର କେନ୍ଦୁପତ୍ର ଡିଭିଜନ ଡିଏଫ୍‌ଓ ବିଭୂତି ଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବଡ ଶତପଥୀ, ସୁରେଶ ପଣ୍ଡା, ଚୂଡ଼ାମଣି ପାଣିଗ୍ରାହୀ, ପ୍ରଫୁଲ୍ଲ କୁମ୍ଭାର, ଋଷଭ ପ୍ରଧାନ, ନାରାୟଣ ପୋଢ ପ୍ରମୁଖ ଯୋଗ ଦେଇଥିଲେ। ମେଲଛାମୁଣ୍ଡା ସର୍କଲ ଚେକର ଚକାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚାକାଂକ୍ଷୀ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ

**ମଥୁରାନଗରୀ,୩।୧(ପ୍ରେମାନନ୍ଦ ଖମାରୀ)**


ଶିବିରରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ କରାଯାଉଛି।

ବରଗଡ଼ ଜିଲା ଭଟଲିସ୍ଥିତ ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଚ୍ଚାକାଂକ୍ଷୀ ଛାତ୍ରୀଛାତ୍ରଙ୍କ ଆଭିମୁଖୀକରଣ କାର୍ଯ୍ୟକ୍ରମ ଇଲାଇଟ୍ ଏଚିଭର୍ସର ଦ୍ୱିତୀୟ ପର୍ଯ୍ୟାୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ସଫଳତା ପାଇବାର ବିଭିନ୍ନ ପାହାଚ, ମାଟ୍ରିକ ପରୀକ୍ଷା ପ୍ରସ୍ତୁତି ଉପରେ ବୁଝାଇଥିଲେ। ଏଥିରେ ଭଟଲି ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୪୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦେବାନନ୍ଦ ବିଶି, କୃଷ୍ଣ କେଦାର ସାହୁ, ଠାକୁର ସାହୁ, ଯଜ୍ଞବ୍ରତ କର, ଉମାରାଣୀ ବେହେରା, ସୁରେଶ କୁମାର ପ୍ରଧାନ, ପ୍ରଦୀପ ସାହୁ, ଲଳିତ ବିଶ୍ୱାଳ, ଅନିମା ବାରିକ, ଘନଶ୍ୟାମ ପଣ୍ଡା, କୁମୁଦ ଭୋଇ, ବନ୍ଦିତା ପ୍ରଧାନ, ମନୋଜ କୁମାର ନାୟକ, ପରମାନନ୍ଦ ଭୋଇ, ଡାଲେଶ୍ୱରୀ ପଟେଲ, ଜ୍ୟୋତ୍ସ୍ନା ମହାନନ୍ଦ, କୁମୁଦ ଭୋଇ ପ୍ରମୁଖ ସାଧନ କର୍ମୀ ଭାବେ ଯୋଗଦାନ କରିଥିଲେ। ସମସ୍ତ ବିଷୟରେ ସେମାନେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଭୁଏ ଛାତ୍ରୀଛାତ୍ର ଏବଂ ସାଧନ କର୍ମୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସିଆର୍‌ସିସି ଲୋକନାଥ ମେହେର, ବିରେନ୍ଦ୍ର ପାଣ୍ଡେ, ଶିକ୍ଷକ ନୀଳାମ୍ବର ପଟେଲ, ବ୍ୟାସଦେବ ସାହୁ, କିଶୋର ସାହୁ, ଜ୍ଞାନରଞ୍ଜନ ସାହୁ, ଦିବାକର ପଟେଲ, ସୁଶାନ୍ତ କରନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବୁଢ଼ା କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖଡ଼ିଆଳ,୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଭାଲୁଡୋଙ୍ଗରି ଶିବ ଶକ୍ତି କ୍ଲବ ପକ୍ଷରୁ ଶୁକ୍ରବାର ପ୍ରଥମ ବୁଢା କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଭୋଜପୁର ସରପଞ୍ଚ କୁଳମଣି ନାଏକ, ସମିତି ସଭ୍ୟା ଯଶୋବନ୍ତି ବେହେରା, ଖବରଦାତା କୁନୁ କରୁଆଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଏଥିରେ ଜିଲାର ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୧ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଗବେଷକ ସତ୍ୟନାରାୟଣଙ୍କୁ ପଣ୍ଡିତ ରୀକ୍ଷିରାମ ସ୍ମୃତି ସମ୍ମାନ

**ବେହେରା,୩।୧(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଅବସରରେ ଗବେଷକ ସତ୍ୟନାରାୟଣ ମହାପାତ୍ରଙ୍କୁ ପଣ୍ଡିତ ରୀକ୍ଷିରାମ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟନାରାୟଣ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ସିନିୟର ଫେଲୋଶିପ ପାଇ ଘୁମୁରା ଗୀତ (ସଙ୍ଗୀତ)ର ସାହିତ୍ୟିକ ସୌନ୍ଦର୍ଯ୍ୟବୋଧ ଉପରେ ଗବେଷଣା କରୁଛନ୍ତି। ସେ ୨୦୨୦ରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଛନ୍ତି। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଥିଲେ। ସେ ଏକାଧାରରେ ମଞ୍ଚ, ବେତାର, ଦୂରଦର୍ଶନର ଲେଖକ, ନିର୍ଦ୍ଦେଶକ ଓ ପ୍ରଯୋଜକ। ମହାରାଜ କଂସ ଓ ଅତିଥିଙ୍କ ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଥିଲା। ସେ ପୁରସ୍କାର ଗ୍ରହଣ ପୂର୍ବକ ପଣ୍ଡିତ ରୀକ୍ଷିରାମ ତିୱାରୀଙ୍କ ଘୁମୁରା ପ୍ରତି ରହିଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପଣ୍ଡିତ ରୀକ୍ଷିରାମ କଳାହାଣ୍ଡି ଲୋକକଳା ଘୁମୁରାର ଅଦ୍ୱିତୀୟ ଗୁରୁ ଥିଲେ। ସେ ଘୁମୁରାକୁ ନେଇ ଅନେକ କାଳଜୟୀ ଗୀତ ରଚନା କରିବା ସହ ତାଙ୍କ ପ୍ରଶିକ୍ଷିତ ଘୁମୁରା ଦଳକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇ ପାରିଥିଲେ।

## ବେନ୍ଦ୍ରାବାହାଲକୁ ହରାଇ ଗାନ୍ଧୀନଗର ଚାମ୍ପିୟନ

**ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ୍ ଉଦ୍‌ଯାପିତ**

**ଖଡ଼ିଆଳ,୩।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା ବୈଦେହି ସାଗର ଖେଳ ପଡିଆରେ ନବମ ଭଗବାନ ଦୁରିଆ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେନ୍ଦ୍ରାବାହାଲ ଓ ଗାନ୍ଧୀନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବେନ୍ଦ୍ରାବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ଗାନ୍ଧୀନଗର ଦଳ ୧୧ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସଭାରେ ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ଼ା ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା ଓ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କଂଗ୍ରେସ ବିଧାୟକ ପ୍ରାର୍ଥୀ କମଲ ଚରଣ ତାଣ୍ଡି, ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ପଟ୍ଟନାୟକ, ନୂଆପଡ଼ା ଗୋଷ୍ଠୀ ଶିକ୍ଷାଅଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।



ଟ୍ରଫି ସହ ଖେଳାଳିମାନେ।

## ମଦ ଦୋକାନ ଜାଳିଦେଲେ ମହିଳା

**ନୂଆପଡ଼ା,୩।୧ (ମକାରୁ ବେମାଲ)**



ଫାଣ୍ଡିକୁ ଅଭିଯୋଗ ପାଇଁ ଆସିଥିବା ମହିଳା।

ନୂଆପଡ଼ା ଜିଲା କୋମନା ଥାନା ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଛି। ମଦ ଯୋଗୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବାବେଳେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାକୁ ବନ୍ଦ ପାଇଁ ଗ୍ରାମବାସୀ ପୋଲିସଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ମହିଳାମାନେ ମଦ ଦୋକାନରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ପ୍ରାପ୍ତ ସୂଚନା ଅନୁଯାୟୀ କୁସୁମପଡା, ଝାକରପଡା, ମହୁଲପଡା, ଝରିଆପଡା, ନାଏକପଡା, ମୁଣ୍ଡାପଡା, ମାଳପଡା, ଗହିରାପଡା, ପଦରଭଟାପଡା, ଧରୁଆପଡା, ଠୋଙ୍ଗୋ ଗାଁକୁ ନେଇ ୪ ୱାର୍ଡ ରହିଥିବାବେଳେ ୪ଟି ବେଆଇନ ମଦ କୋଠି ରହିଛି। ଅଞ୍ଚଳର ଲୋକେ ଏଠାରୁ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। ଏହାକୁ ରୋକିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକତ୍ରିତ ହୋଇ ଦୁଇ ଗୋଟି ମଦ କୋଠି ଜାଳିଦେଇଥିଲେ। ପରେ ଶୁକ୍ରବାର ଶତାଧିକ ମହିଳାପୁରୁଷ ତରବୋଡ ଫାଣ୍ଡିକୁ ଆସି ବେଆଇନ ମଦ କୋଠି ସମ୍ପୂର୍ଣ୍ଣ ବନ୍ଦ ନ କଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଜଳିଗଲା ଇଲେକ୍ଟ୍ରି ସ୍କୁଟି

**ରାଉରକେଲା,୩।୧(ଦିନେଶ ମିଶ୍ର):** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଏଲ୍. ବ୍ଲକ୍ ଅଞ୍ଚଳରେ ଶୁକ୍ରବାର ଇଲେକ୍ଟ୍ରି ସ୍କୁଟିରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଖେଳେଇ ହେବା ପୂର୍ବରୁ ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ସ୍ଥିତ ଏଲ ଫେଜ୍ ୱାନ୍ ଘର ନମ୍ବର-୧୩୧ ଘର ଅଗଣାରେ ଏକ ଇଲେକ୍ଟ୍ରି ସ୍କୁଟି ଚାର୍ଜି ଅବସ୍ଥାରେ ଥିଲା। ସନ୍ଧ୍ୟା ସାଢେ ୫ଟାରେ ହଠାତ ସ୍କୁଟିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଫଳରେ ସ୍କୁଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଉକ୍ତ ଗାଡି ପାଖରେ ଥିବା ଏକ ବାଇକ୍‌ରେ ମଧ୍ୟ ନିଆଁ ଲାଗିଯାଇଥିଲା। ଏହି ନିଆଁ ଯୋଗୁ ଘର କାଚ ଝରକା ସବୁ ଫୁଟିବାକୁ ଲାଗିଥିଲା। ତେବେ ଏହି ଅଗ୍ନିକାଣ୍ଡରେ ଦୁଇଯଇ ଗାଡି ଜଳିଯାଇଥିବାବେଳେ କୌଣସି ଜୀବନ ହାନି ହୋଇନାହିଁ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା,୩।୧(ଦିନେଶ ମିଶ୍ର):** ରାଉରକେଲା ଡେଲିମାର୍କେଟ ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହକୁ ଶୁକ୍ରବାର ସକାଳେ ରେଳଧାରଣାରୁ ଜବତ କରାଯାଇଛି। ମୃତକ ହେଲେ ଅମିତ କୁମାର ଯାଦବ(୩୮)। ଜିଆର୍‌ପି ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ ହୋଇଛି। ସୂଚନା ଅନୁସାରେ, ଡେଲିମାର୍କେଟସ୍ଥିତ ମଛଲିଗଲିର ଅମିତ ଗୁରୁବାର ରାତିରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ଝଗଡା କରିଥିଲେ। ଶୁକ୍ରବାର ସକାଳେ ସେ ଘର ପାଖ ରେଳ ଧାରଣାରେ ଟ୍ରେନ ଆଗକୁ ଡେଇଁ ପଡିଥିବା ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକ ସଂଘର ଶୋକସଭା

**ରାଉରକେଲା, ୩।୨(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ନିମ୍ନମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ବିଷ୍ଣୁଚରଣ ବେହେରାଙ୍କ ପତ୍ନୀ ଅମୃତି ଦାସଙ୍କର ଗତ ୨ ତାରିଖ ୬୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୁ, ଝିଅ, ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ବେଦବ୍ୟାସ ଶ୍ମଶାନଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡପୁଅ ଶିବ ଶଙ୍କର ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ଇସ୍ପାତ କାରଖାନା ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କରାଯାଇ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଅମୃତି ଦାସ କୁଆଁରମୁଣ୍ଡା ତେଲିପୋଷ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାମ କରି ଅବସର ଗ୍ରହଣ କରିଥିଲେ। ଏହି ଶୋକସଭାରେ ମଧୁସୂଦନ ବଳ, ଅଜୟ କୁମାର ନନ୍ଦ, ରମେଶ ଚନ୍ଦ୍ର ରଥ, ଉଦୟ କୁମାର ସାହୁ, ଗୋପବନ୍ଧୁ ବାରିକ, ସୁଦର୍ଶନ ସାହୁ, ଦେବକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ନିଶା କାରବାର ଉପରେ ଚଢ଼ାଉ, ୪ ଗିରଫ

**ରାଉରକେଲା,୩।୧(ସଙ୍ଗୀତା ଜେନା)**



ମୀନାପଡ଼ାରେ ଚଢ଼ାଉ କରାଯାଇଛି ।

ଝାଡ଼ଖଣ୍ଡ, ଛତିଶଗଡ଼ ସମେତ ବାହାର ରାଜ୍ୟ ଦେଇ ରାଉରକେଲାକୁ ଆସୁଛି ନିଶାଦ୍ରବ୍ୟ। ଏପରିକି ବାଂଲାଦେଶ ସମେତ କିଛି ଏସୀୟ ଦେଶରୁ ମଧ୍ୟ ପଶ୍ଚିମବଙ୍ଗର କୋଲକୋତା ଦେଇ ରାଉରକେଲାରେ ଅବାଧ ନିଶା କାରବାର ଜାରି ରହିଛି। ଏହାକୁ ପ୍ରତିହତ କରିବା ପାଇଁ ରାଉରକେଲା ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଶୁକ୍ରବାର ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମୀନାପଡ଼ା ସମେତ କିଛି ଅଞ୍ଚଳରେ ବ୍ୟାପକ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ୭/୮ଟି ଘର ଉପରେ ସନ୍ଦେହ ଆଧାରରେ ଏହି ଚଢ଼ାଉ କରାଯାଇଥିଲା। ପ୍ରଥମ ମାମଲାରେ ମହତାବ ରୋଡ୍‌ର ନେହା ପରୱିନ(୨୭) ଏବଂ ସୁଲତାନା ଖାତୁନ୍(୫୬)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଘରୁ ୧୨କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଦ୍ୱିତୀୟ ମାମଲାରେ ରେଶ୍‌ମା ଖାତୁନ୍(୪୦) ଏବଂ ଏମ୍‌ଡ଼ି ନସିମ୍(୨୧)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କଠାରୁ ୨୨ କେଜି ଗଞ୍ଜେଇ, ୫ ଗ୍ରାମ୍ ବ୍ରାଉନସୁଗାର, ୭୫ ହଜାର ନଗଦ ଟଙ୍କା ସହ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସକାଳ ପ୍ରାୟ ୫ଟା ସମୟରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଅତିରିକ୍ତ ଏସ୍‌ପି, ୪ ଜୋନାଲ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୩୦ ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ତଥା ୬ପ୍ଲାଟୁନ ଫୋର୍ସ, ସ୍ୱତନ୍ତ୍ର ଡଗ୍ ସ୍କ୍ୱାଡ୍ ସହଯୋଗରେ ଏହି ଚଢ଼ାଉ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ୱାଧୱାନୀ କହିଛନ୍ତି, ନିଶା କାରବାର ଓ ଅପରାଧ ନିୟନ୍ତ୍ରଣ ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ନିଶା କାରବାରରେ ସମ୍ପୃକ୍ତ ଲୋକଙ୍କୁ ଆଦୌ ବରଦାସ୍ତ କରାଯିବ ନାହିଁ। ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ନିଶା କାରବାର ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି ଚଢ଼ାଉ ଆଗାମୀ ଦିନରେ ଜାରି ରହିବ ବୋଲି ଏସ୍‌ପି କହିଥିଲେ।

**ଆକ୍ସନ ମୋଡ୍‌ରେ ରାଉରକେଲା ପୋଲିସ**

## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ରାଉରକେଲା,୩।୧(ସଙ୍ଗୀତା ଜେନା)**

ହାୱଡ଼ା-ମୁମ୍ବାଇ ମୁଖ୍ୟମାର୍ଗରେ ଥିବା ଜରେଇକେଲା ରେଳବାଇ ଷ୍ଟେଶନ ନିକଟରେ ଶୁକ୍ରବାର ସକାଳ ୮ଟା ସମୟରେ ଏକ କୋଇଲା ବୋଝେଇ ଟ୍ରେନରେ ହଠାତ୍ ନିଆଁ ଲାଗିଯାଇଥିଲା। ଟ୍ରେନ ବଗିରୁ ନିଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ। ରେଳ କର୍ମଚାରୀଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲିଭାଇବା ପରେ ଉକ୍ତ ଟ୍ରେନ୍ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ଏଥିରେ କୌଣସି ରେଳଯାତ୍ରୀଙ୍କ କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ।



ଟ୍ରେନ ବଗିରୁ ଧୂଆଁ ବାହାରୁଛି।

# ୧୧ଦଫା ଦାବିରେ ଜନସଚେତନତା ଅଭିଯାନ



ଜନସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚର କର୍ମକର୍ତ୍ତା।

**ରାଉରକେଲା,୩।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବ୍ୟାସକ୍ଷେତ୍ରର ଉନ୍ନତୀକରଣ ସମେତ ୧୧ଦଫା ଦାବିରେ ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକରେ ଶୁକ୍ରବାର ଜନସଚେତନା ଅଭିଯାନ ଆୟୋଜିତ ହୋଇଯାଇଛି। ବେଦବ୍ୟାସ ସଙ୍ଗମସ୍ଥଳରେ ୧୦କିମି ପରିମିତ ଅଞ୍ଚଳ ମଧ୍ୟରେ ଜଳଭଣ୍ଡାର ସୃଷ୍ଟି, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକ ରିଂରୋଡ୍‌ରେ ବ୍ୟାସବାଟିକା ନିର୍ମାଣ ତଥା ଉକ୍ତ ଛକକୁ ବ୍ୟାସଦେବ ଛକ ନାମରେ ନାମିତ କରିବା, ବ୍ରାହ୍ମଣୀ ନଦୀ ମଝିରେ ଭଗବାନ ବ୍ୟାସଦେବଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ, ବେଦବ୍ୟାସକୁ ତପୋଭୂମି ମାନ୍ୟତା ପ୍ରଦାନ, ବର୍ଷକରେ ୧୫ଦିନ ପାଇଁ ଭାରତ ବର୍ଷର ସାଧୁସନ୍ଥମାନଙ୍କୁ ନେଇ ବାର୍ଷିକୋତ୍ସବ ଆୟୋଜନ, ପୂଜାର୍ଚ୍ଚନା ତଥା ଆରାଧନା ଲାଗି ମନୋରମ ସ୍ଥଳୀ ନିର୍ମାଣ, ବଟାନିକାଲ ଗାର୍ଡେଟ, ଯୋଗଶିକ୍ଷା କେନ୍ଦ୍ର, ଧ୍ୟାନକକ୍ଷ ସହିତ ପାଠାଗାର, ଧର୍ମଶାଳା ତଥା ପାନ୍ଥଶାଳା ନିର୍ମାଣ କରାଯିବା ପାଇଁ ମଞ୍ଚର କର୍ମକର୍ତ୍ତାମାନେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନ ମାର୍ଗଦର୍ଶକ ମହେନ୍ଦ୍ର କୁମାର ପଟ୍ଟନାୟକ, ସଭାପତି ବଦ୍ରିନାରାୟଣ ପାଢୀ, ଉପସଭାପତି ରମାକାନ୍ତ ପାଣ୍ଡେ, ନରେନ୍ଦ୍ର କୁମାର ଦାଶ, ରାଜକୁମାର ମହାନ୍ତି, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ, ବିଜୟାନନ୍ଦ ଅଗ୍ରୱାଲ, ଅର୍ଜୁନ ଚନ୍ଦ୍ର ସାହୁ, ଅପୂର୍ବ କୁଣ୍ଡୁ ଓ କୋଷାଧ୍ୟକ୍ଷ ମଧୁସୂଦନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ୨ ଭାଇଙ୍କୁ ମରଣାନ୍ତକ ଆକ୍ରମଣ: ଥାନାରେ ଅଭିଯୋଗ

**କୁତ୍ରା,୩।୧(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା କରମାବାହାଲରେ ନିର୍ମିତ ହେଉଥିବା ମନ୍ଦିର ନିକଟରେ ଗତ ୧ ତାରିଖରେ ୨ଭାଇଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଶୁକ୍ରବାର କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ସଗରା ଗ୍ରାମର ରଞ୍ଜିତ ପୋଡ ଓ ତାଙ୍କ ଭାଇ କରମାବାହାଲ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ସେହି ସମୟରେ ଲତାଲଗା ଗ୍ରାମର କେତେକ ଯୁବକ ଦ୍ରୁତ ଗତିରେ ବାଇକକୁ ତାଙ୍କ ପାଖରେ ବାରମ୍ବାର ଚଳାଉଥିଲେ। ଏହାକୁ ୨ ଭାଇ ବିରୋଧ କରିବାରୁ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଗ୍ରାମର ପ୍ରାୟ ୩୦ ଜଣ ଯୁବକଙ୍କୁ ଡାକି ମାରଣାନ୍ତକ ଆକ୍ରମଣ କରିଥିଲେ। ୨ ଭାଇଙ୍କୁ ଗଡପୋଷ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କୁତ୍ରା ପୋଲିସ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରିଥିଲେ ଓ ଗଡପୋଷ ମେଡିକାଲ ଯାଇ ଆକ୍ରମଣର ଶିକାର ହୋଇଥିବା ଯୁବକମାନଙ୍କୁ ଦେଖିବା ସହିତ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏହାକୁ ନେଇ ଶୁକ୍ରବାର ରଞ୍ଜିତ ପୋଡ ଓ ପରିବାର ବର୍ଗ ଆସି କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଉଛି ଆର୍‌ଏସ୍‌ପି



ଅତିଥିମାନେ ଟେବୁଲ ଟେନିସ୍ ଅଭ୍ୟାସ କରୁଛନ୍ତି।

**ରାଉରକେଲା,୩।୧(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପି କ୍ରୀଡ଼ା ସଂସ୍କୃତିର ପ୍ରୋତ୍ସାହନ, ସ୍ଥାନୀୟ ପ୍ରତିଭାଙ୍କ ପ୍ରତିପୋଷଣ ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରଭାବଶାଳୀ ପ୍ରଶିକ୍ଷଣ ଏବଂ ପ୍ରତିଯୋଗିତାମୂଳକ ପ୍ରସ୍ତୁତି ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇବା ଉଦ୍ଦେଶ୍ୟରେ ବର୍ଦ୍ଧିତ ସୁବିଧା ଓ ଆବଶ୍ୟକ ନବୀକରଣ ସହ ଏହାର କ୍ରୀଡା ଭିତ୍ତିଭୂମିର ଉନ୍ନତୀକରଣ କରାଯାଇଛି। ନବୀକୃତ କ୍ରୀଡ଼ା ସୁବିଧାଗୁଡିକ ମଧ୍ୟରେ ଏକ ଆଧୁନିକୀକୃତ ବ୍ୟାଡମିଣ୍ଟନ କୋର୍ଟ, ନୂତନ ଟେବୁଲ ଟେନିସ ହଲ ଓ ଭଲିବଲ କୋର୍ଟ ଅନ୍ତର୍ଭୁକ୍ତ ରହିଛି। ଆର୍‌ଏସ୍‌ପି କ୍ରୀଡ଼ା ଭିତ୍ତିଭୂମିରେ ଉନ୍ନତି ସାଧାନ ଏବଂ ବିଶ୍ୱସ୍ତରୀୟ ମନୋରଞ୍ଜନ ସୁବିଧା ଯୋଗାଇବା ପାଇଁ ସେକ୍ଟର-୨୦ ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ କୋର୍ଟକୁ ୨୬ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ କରାଯାଇଛି। ମରାମତି କାର୍ଯ୍ୟରେ କ୍ଷତିଗ୍ରସ୍ତ କାଠ ଚଟାଣର ପୁନରୁଦ୍ଧାର ଏବଂ ନୂତନ ବ୍ୟାଡମିଣ୍ଟନ ପୋଲ, ନେଟ ଏବଂ ପିଭିସି ମ୍ୟାଟ୍ ସହିତ ୩ଟି କୋର୍ଟ ସ୍ଥାପନ ହେବ। ଏହାସହିତ ଶୌଚାଳୟ ସୁବିଧାର ମଧ୍ୟ ନବୀକରଣ କରାଯାଇଛି ତଥା ଦର୍ଶକ ଗ୍ୟାଲେରିକୁ ଗ୍ରାନାଇଟ ଫିନିସିଂ ସହିତ ପୁନଃନିର୍ମାଣ କରାଯାଇଛି । ସୁଦୃଶ୍ୟ ଆଲୋକମାଳା ପାଇଁ ଆଣ୍ଟି ଗ୍ଲେଟ ଲାଇଟ ମଧ୍ୟ କରାଯାଇଛି। ସେହିଭଳି ଉକ୍ତ କ୍ରୀଡ଼ା କମ୍ପ୍ଲେକ୍ସରେ ୫୦.୧୩ ଲକ୍ଷ ଟଙ୍କା ବିନିଯୋଗରେ ଏକ ଟେବୁଲ ଟେନିସ ହଲ୍ ନିର୍ମାଣ କରାଯାଇଛି। ଏହି ନୂତନ ସୁବିଧାରେ ତିନୋଟି ଟିଟି କୋର୍ଟ ସମେତ ଆଣ୍ଟି ଗ୍ଲେର ଆଲୋକ, ପୃଥକ ଶୌଚାଳୟ ଏବଂ ଖେଳାଳିମାନଙ୍କ ପାଇଁ ପରିବର୍ତ୍ତନ ପ୍ରକୋଷ୍ଠ ରହିଛି। ପୂର୍ବରୁ ଟେବୁଲ ଟେନିସ ଏବଂ ବ୍ୟାଡମିଣ୍ଟନ ସାଧାରଣ ସ୍ଥାନରେ ଖେଳାଯାଉଥିଲା ଯାହା ବ୍ୟାଘାତ ସୃଷ୍ଟି କରୁଥିଲା। ଖେଳାଳିମାନେ ବର୍ତ୍ତମାନ ନୂତନ ହଲ ସହିତ ଏକ ସୁସଜ୍ଜିତ ପରିବେଶ ମଧ୍ୟରେ ନିରବଚ୍ଛିନ୍ନ ଅଭ୍ୟାସ ଏବଂ ମ୍ୟାଚ୍ ଉପଭୋଗ କରିପାରିବେ। ସହର ଇଞ୍ଜିନିୟରିଂ ସିଭିଲ ସହାୟତା କ୍ରମେ ଇନ୍‌ଡୋର ଷ୍ଟାଡିୟମରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସେକ୍ଟର-୨ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଏନ୍‌ବିସିସି ଦ୍ୱାରା ଏକ ନୂତନ ଭଲିବଲ କୋର୍ଟ ନିର୍ମାଣ କରାଯାଇଛି। ଦର୍ଶକଙ୍କ ପାଇଁ ବିସ୍ତୃତ ଆସନ ବ୍ୟବସ୍ଥା ଓ ଖେଳାଳିମାନଙ୍କ ପାଇଁ ବିଶ୍ରାମ ସେଡ, ମ୍ୟାଚ୍ ଆୟୋଜନ ଓ ପ୍ରଶିକ୍ଷଣ ଅଧିବେଶନ ପାଇଁ ଏକ ବୃତ୍ତିଗତ-ଗ୍ରେଡ ସୁବିଧା ଏଠାରେ ଉପଲବ୍ଧ। ଆରଏସ୍‌ପିର ନୂତନ ତଥା ନବୀକୃତ କ୍ରୀଡ଼ା ସୁବିଧାକୁ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହାମଧ୍ୟରେ ଉଦଘାଟନ କରିସାରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରୀଆ, ଅପରେଶନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ ତଥା କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ରହିଥିଲେ।

# ୫ରୁ ୩୭ ତମ ଲୋକନାଟକ ମହୋତ୍ସବ

**ରାଉରକେଲା,୩।୧(ସଙ୍ଗୀତା ଦାଶ)**



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା କଲଚରାଲ ଏକାଡେମୀ ପକ୍ଷରୁ ଆସନ୍ତା ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ସିଭିକ୍ ସେଣ୍ଟରରେ ହେବାକୁ ଯାଉଛି ୩୭ତମ ଲୋକନାଟକ ମହୋତ୍ସବ-୨୦୨୫। ଏ ନେଇ ଶୁକ୍ରବାର ଏକାଡେମୀ ପ୍ରକୋଷ୍ଠରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ, ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ମହୋତ୍ସବର ଯୁଗ୍ମ ଆବାହକ ଅକ୍ଷୟ ସାମଲ, ପୂର୍ବତନ ସଭାପତି ଡ. ପ୍ରଭାତ ମଲ୍ଲିକ, ଡ. କୃପାସିନ୍ଧୁ ନାୟକ ମଞ୍ଚାସୀନ ରହିଥିଲେ। ଏଥିସହ ଆଲୋକ ବୋଷ, କେଦାର ପ୍ରଧାନ, ଅକ୍ଷୟ ପଣ୍ଡା, ବଳରାମ ରାଉଳ, ଏକତ୍ର ସଭାପତି ରାଜୀବ ପାଣି, ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ହେବାକୁ ଥିବା ଲୋକନାଟକ ମହୋତ୍ସବ ଉପରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସପ୍ତାହ ବ୍ୟାପୀ ହେବାକୁ ଥିବା ନାଟ୍ୟ ମହୋତ୍ସବରେ ନାଟକ ମୁକ୍ତି, ସବୁଜ କ୍ରାନ୍ତି, ଜାନୁଘଣ୍ଟ, କର୍ପୋରେଟ ଜନ୍ତା, ପୁନଶ୍ଚ ମହାତ୍ମା, ନମସ୍ୟା ଶ୍ୟାମଳୀ ଓ ଅତୀତର ଛାଇ ଆଦି ନାଟକ ପରିବେଶ କରାଯିବ। କଳିଙ୍ଗ କଳା ପରିଷଦ, ସାରନା ନବ ଯୁବ ସଂଘ, ପରିଚୟ, ଉତ୍କଳ ନାଟ୍ୟ ଥିଏଟର ଅଭିଯାନ, ପ୍ରତିଧ୍ୱନି ଆଦି ନାଟ୍ୟାନୁଷ୍ଠାନ ତରଫରୁ ଏହିସବୁ ନାଟକ ମଞ୍ଚସ୍ଥ ହେବ। ଏହାସହ ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟାନୁଷ୍ଠାନ ପକ୍ଷରୁ ମଧ୍ୟ ନାଟ୍ୟ ପରିବେଷଣ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

## ଇସ୍ପାତ ସହରରେ ଗରିବଙ୍କୁ କମ୍ବଳ ବଣ୍ଟନ

**ରାଉରକେଲା,୩।୧(ସଙ୍ଗୀତା ଜେନା)**

କିଛିଦିନର ବ୍ୟବଧାନ ପରେ ଇସ୍ପାତ ସହରକୁ ପୁଣି ଶୀତ ଫେରିଛି। ଶୀତ ପ୍ରକୋପ ବୃଦ୍ଧି ଯୋଗୁ ବିଶେଷ କରି ଗରିବ ଶ୍ରେଣୀର ଲୋକେ ଅସୁବିଧା ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତିଲକାନଗର ଦୁର୍ଗାମନ୍ଦିର ପରିସରରେ ଶୁକ୍ରବାର କିଛି ଅଭାବୀ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସମାଜସେବୀ ପ୍ରଶାନ୍ତ ସେଠୀ, ଚନ୍ଦନ ଚୌବେ, ଅଖିଳେଶ ସିଂହ, ଉତ୍ତମ ମହାନ୍ତିଙ୍କ ଉଦ୍ୟମରେ ଏହି ସେବାକାର୍ଯ୍ୟ କରାଯାଇଛି। ଅସହ୍ୟ ଶୀତରୁ ବର୍ତ୍ତିବା ପାଇଁ ଏଭଳି କାର୍ଯ୍ୟ ଆଗାମୀ ଦିନରେ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ଟେକ୍ନିସିଆନ ଆପ୍ରେଣ୍ଟିସ୍‌ଙ୍କ ପ୍ରବେଶିକା କର୍ମଶାଳା ଆରମ୍ଭ

**ରାଉରକେଲା,୩।୧ (ବିପ୍ଳବ ରଞ୍ଜନ ଦାଶ)**

୧୯୬୧/୧୯୭୩ର ଆପ୍ରେଣ୍ଟିଶିପ୍ ଆକ୍ଟ ପ୍ରାବଧାନ ଅନୁଯାୟୀ ଏକ ବର୍ଷର ତାଲିମ ପାଇଁ ଆର୍‌ଏସ୍‌ପିରେ ୧୫୪ଜଣ ଗ୍ରାଜୁଏଟ୍, ଟେକ୍ନିସିଆନ ଓ ଆପ୍ରେଣ୍ଟିସ ଟ୍ରେନିଂରେ ଚତୁର୍ଥ ବ୍ୟାଚ୍‌କୁ ପ୍ରବେଶ କରାଯାଇଛି। ଗୋପବନ୍ଧୁ ପ୍ରେକ୍ଷାଳୟରେ ସେମାନଙ୍କ ପାଇଁ ଏକ ତିନିଦିନିଆ ପ୍ରବେଶିକା କର୍ମଶାଳା ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ଏସ୍ ଏବଂ ଏଲ୍‌ଏଣ୍ଡଡି ବିଭାଗର ସିଜିଏମ୍ ପି. କେ. ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ଜିଏମ୍ ସୁଶ୍ରୀ ଚୈତାଳି ଦାସ ଉପସ୍ଥିତ ଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ସାହୁ ରାଷ୍ଟ୍ର ନିର୍ମାଣରେ ଆର୍‌ଏସ୍‌ପିର ଗୁରୁତ୍ୱ ଏବଂ ସରକାରଙ୍କର ସ୍କିଲ ଇଣ୍ଡିଆ ଉଦ୍ୟମରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ସୁରକ୍ଷା ଉପରେ ଅଧିକ ଧ୍ୟାନ ଦେଇ ସେମାନଙ୍କ ବୈଷୟିକ ଜ୍ଞାନର ପରିସୀମାକୁ ବୃଦ୍ଧି କରିବାର ସୁଯୋଗର ସର୍ବୋତ୍ତମ ଉପଯୋଗ କରିବାକୁ ସେ ସମସ୍ତଙ୍କୁ କହିଥିଲେ। ଏହି ତିନିଦିନିଆ ଇଣ୍ଡକ୍ସନ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ ସେଲ ଏଣ୍ଡ ଆରଏସ୍‌ପିର ସୁରକ୍ଷା ଦିଗ ଉପରେ ସଂକ୍ଷିପ୍ତ ମାଗଦର୍ଶିକା ପ୍ରଦାନ କରାଯାଇଥିଲା। ଅଧିବେଶନ ସମୟରେ ଉତ୍ପାଦଗୁଡିକ ଅଡିଓ ଏବଂ ଭିଜୁଆଲରେ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗର ଉପପ୍ରବନ୍ଧକ ଏସ୍. କେ. ଶୁକ୍ଲା ସଂଯୋଜନା କରିଥିଲେ।

# ସ୍ଥାୟୀ ଅଭିବୃଦ୍ଧି ହାସଲ, ନିରନ୍ତର ଉନ୍ନତି ପାଇଁ ଆହ୍ୱାନ

**ରାଉରକେଲା,୩।୧(ବିପ୍ଳବ ରଞ୍ଜନ ଦାଶ)**



ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥିତ ଆର୍‌ଏସ୍‌ପିର ଅଧିକାରୀଗଣ।

ଆର୍‌ଏସ୍‌ପି ଓ ବୋକାରୋ ଷ୍ଟିଲ ଲିମିଟେଡ (ବିଏସ୍‌ଏଲ)ର ଭାରପ୍ରାପ୍ତ ନିର୍ଦ୍ଦେଶକ ବି. କେ. ତିୱାରୀ ଶୁକ୍ରବାର ଆର୍‌ଏସ୍‌ପି ମନ୍ଥନ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ସେ ଅଧ୍ୟକ୍ଷତା କରି କାରଖାନାର ଉତ୍ପାଦନ ପ୍ରଦର୍ଶନ, ଉତ୍ପାଦନ ମୂଲ୍ୟ, କଞ୍ଚାମାଲ ଉପଲବ୍ଧତା, ଖଣି କାର୍ଯ୍ୟଧାରା, ଆର୍ଥିକ ପ୍ରଦର୍ଶନ ଏବଂ ଜାରି ରହିଥିବା ପ୍ରକଳ୍ପ ସମେତ ବିଭିନ୍ନ ପ୍ରମୁଖ ବିଷୟ ବସ୍ତୁ ଉପରେ ସମୀକ୍ଷା କରିଛନ୍ତି। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. ବେହୁରୀଆ, ଅପରେଶନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି. ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜେ. କେ. ଆଚାର୍ଯ୍ୟ ତଥା କାରଖାନାର ସମସ୍ତ ସିଜିଏମ ଓ ବିଭାଗ ମୁଖ୍ୟମାନେ ବୈଠକରେ ଉପସ୍ଥିତ ରହିଥିଲେ। ତିୱାରୀ କହିଥିଲେ ଯେ, ଗତ କିଛିବର୍ଷ ମଧ୍ୟରେ ଆରଏସ୍‌ପି ଯେଉଁଭଳି ଭାବେ ବିକଶିତ ହୋଇଛି ତାହା ପ୍ରଶଂସନୀୟ। ଏହାର କାର୍ଯ୍ୟ ସଂସ୍କୃତି ଏବଂ କର୍ମଚାରୀଙ୍କ ପ୍ରଗତିଶୀଳ ମାନସିକତା ଅତୁଳନୀୟ। ଏହା ମୋର ସୌଭାଗ୍ୟ ଯାହା ମୋତେ ଆରଏସପି ପରିବାରର ସଦସ୍ୟ କରିଛି ଏବଂ ଆରଏସ୍‌ପି ଦଳର ନେତୃତ୍ୱ ନେବାର ସୁଯୋଗ ଦେଇଛି। ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ତିୱାରୀ ସମସ୍ତ କାର୍ଯ୍ୟରେ ସୁରକ୍ଷା ଭିତ୍ତିକ ପ୍ରାଥମିକ ମାନସିକତା ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ବିଭାଗରେ ଆବଶ୍ୟକ କ୍ଷେତ୍ରରେ କ୍ଷୁଦ୍ର କ୍ଷୁଦ୍ର ଉନ୍ନତି କାର୍ଯ୍ୟକାରୀ କରିବାକୁ ସେ ସାମୂହିକଙ୍କୁ ଉତ୍ସାହିତ କରିଥିଲେ। ସେହିପରି ନିରନ୍ତର ଛୋଟ ଛୋଟ ପରିବର୍ତ୍ତନ ଗୁଡିକ ଏକ ରୂପାନ୍ତରଣ ମୂଳକ ଫଳାଫଳ ଆଣିପାରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏଥିରେ କାରଖାନା ଏବଂ ଖଣିର ଉତ୍ତମ ପ୍ରଦର୍ଶନ ଉପରେ ପିପିସି ବିଭାଗର ସିଜିଏମ ସୁନୀତା ସିଂ ଏବଂ ଆର୍‌ପି ଏଣ୍ଡ ଇ ବିଭାଗର ସିଜିଏମ ମାଲ୍ଲା ଶ୍ରୀନିବାସଙ୍କ ଦ୍ୱାରା ବହୁ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ନିର୍ବାହୀ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ମତ ବିନିମୟ ସମୟରେ ସେ ଗୋଟିଏ ବ୍ଲାଷ୍ଟ ଫର୍ନେସ ସଟ୍ ଡାଉନ ପାଇଁ ଆରଏସପିର ରଣନୀତିକ ନିଷ୍ପତ୍ତି ତଥା ନୂତନ ଆହ୍ୱାନ ଗ୍ରହଣ ପାଇଁ କାରଖାନା ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ।

# ୨୦ ହଜାର ୩୪୭ ବସ୍ତା ଧାନ ପଡ଼ିରହିଛି

କୁଚିଣ୍ଡା,୩।୧(ବିରଞ୍ଚି ଦର୍ଗା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଧାନ କିଣା ଆରମ୍ଭର ମାସେ ପରେ ବି ଅବ୍ୟବସ୍ଥା ଲାଗି ରହିଛି। ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ଅବସ୍ଥା ଅଧିକ ଗମ୍ଭୀର ହେବାରେ ଲାଗିଛି। କୁଚିଣ୍ଡା ବ୍ଲକର ବକ୍ସମା ମଣ୍ଡିରେ ଏବେ ସୁଦ୍ଧା ୨୦ ହଜାର ୩୪୭ ବସ୍ତା ଧାନ ପଡ଼ି ରହିଛି। ହେଲେ ଧାନ ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଥିଲେ ବି ମିଲର୍ସଙ୍କ ଅନାଗ୍ରହ ଯୋଗୁ ମଣ୍ଡିରୁ ଧାନ ଉଠିପାରୁନାହିଁ। ଫଳରେ ମିଲର୍ସଙ୍କ ଜିଦ୍ ଆଗରେ ପ୍ରଶାସନ ମୁଣ୍ଡ ନୁଆଁଉଥିବା ଦେଖିବାକୁ ମିଳୁଛି। ଧାନ କିଣା ପାଇଁ କୁଚିଣ୍ଡା ଲ୍ୟାମ୍ପ୍ସକୁ ବକ୍ସମା ମଣ୍ଡି ଦାୟିତ୍ୱ ମିଳିଛି। ବୁଧବାର ଏହି ମଣ୍ଡିକୁ ୧୨୨ଜଣ ଚାଷୀ ୧୦ ହଜାର ୭୪୬ ବସ୍ତା ଧାନ ବିକ୍ରୀ ପାଇଁ ଆଣିଥିଲେ। ଧାନର ମାନ ପରୀକ୍ଷା ନିମନ୍ତେ ଆର୍‌ଏମ୍‌ସି କର୍ମଚାରୀଙ୍କ ସହ ଲ୍ୟାମ୍ପ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ମାତ୍ର ଏହି ମଣ୍ଡିରେ ଧାନକିଣା ପାଇଁ ୧୨ଟି ମିଲର୍ସଙ୍କୁ ଟ୍ୟାଗ କରାଯାଇଥିଲେ ବି ଅଧିକାଂଶ ମିଲର୍ସ କିମ୍ବା ତାଙ୍କ ପ୍ରତିନିଧିଙ୍କ ଦେଖାଦର୍ଶନ ମିଳି ନ ଥିଲା। ନିୟମ ଅନୁସାରେ ଚାଷୀମାନେ ଧାନ ଆଣି ମଣ୍ଡିରେ ଅନଲୋଡ କରି ମାନ ଯାଞ୍ଚ ପରେ କୁଚିଣ୍ଡା ଲ୍ୟାମ୍ପ୍ସକୁ ଧାନ ବିକ୍ରି କରିବା ପାଇଁ ଉଦ୍ୟମ କରିଥିଲେ ବି ମିଲର୍ସଙ୍କ ଅନୁପସ୍ଥିତି ଯୋଗୁ ଏହା ସମ୍ଭବ ହୋଇପାରି ନ ଥିଲା। ଫଳରେ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ମଣ୍ଡିରେ ପଡ଼ି ରହିଥିଲା। ଏହା ପୂର୍ବରୁ ମଧ୍ୟ ଗତ ୧୮ରେ ୧୫୨ ଜଣ ଚାଷୀ ୧୫ହଜାର ୪୫୬ ବସ୍ତା ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିଥିଲେ। ଏଯାବତ ୧୦ ହଜାର ବସ୍ତା ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡ଼ି ରହିଛି। ଧାନକିଣାରେ ଅବ୍ୟବସ୍ଥା ଦେଖି ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହିପରି ଅବ୍ୟବସ୍ଥା ଲାଗି ରହିଲେ ଚାଷୀଙ୍କ ଧାନର ମାନ ଖରାପ ହେବାର ଆଶଙ୍କା ଥିବାରୁ ଅତିଶୀଘ୍ର ବକ୍ସମା ମଣ୍ଡିରେ ପଡ଼ିଥିବା ସମସ୍ତ ଧାନକୁ କିଣିବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ତେବେ ଧାନ ମଣ୍ଡିର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଲା ଯେଉଁ ମଣ୍ଡିରେ ସରକାରଙ୍କ ଧାନକ୍ରୟ ନୀତିର ପାଳନ କରାଯାଉ ନାହିଁ ସେଠାରୁ ବିନା ଯାଞ୍ଚ ଓ ଓଜନରେ ଧାନ କିଣାଯାଉଥିବା ବେଳେ ଧାନକ୍ରୟ



କୁଚିଣ୍ଡା ବ୍ଲକର ବକ୍ସମା ମଣ୍ଡିରେ ପଡିରହିଥିବା ଚାଷୀଙ୍କ ଧାନ।

**ମଣ୍ଡିକୁ ଆସୁନାହାନ୍ତି ମିଲର୍ସ, ଧାନକିଣାରେ ଅଚଳାବସ୍ଥା**

ନୀତି ପାଳନ କରୁଥିବା ମଣ୍ଡିରୁ ଧାନ ବିକ୍ରି ହୋଇ ପାରୁ ନ ଥିବା ଦେଖାଯାଉଛି। ଅନ୍ୟପକ୍ଷରେ ବକ୍ସମା ମଣ୍ଡିରେ ଟ୍ୟାଗ ହୋଇଥିବା ୧୨ଟି ମିଲର୍ସ ମଧ୍ୟରୁ ୮ଟି ମିଲର୍ସ କିମ୍ବା ତାଙ୍କ ପ୍ରତିନିଧି ଏତେ ଦିନ ପରେ ମଧ୍ୟ ମଣ୍ଡିକୁ ଆସୁ ନାହାଁନ୍ତି କି ଧାନ ବି ଉଠାଉ ନାହାଁନ୍ତି। ଏପରି ସ୍ଥଳେ ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଚାଷୀମାନେ ରାତିରେ ଥଣ୍ଡା କାକରରେ ହାତୀ ଭୟରେ ପୁଣି ଧାନକୁ ଜଗି ରହୁଛନ୍ତି। ଏଭଳି ପରିସ୍ଥିତିକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଶନିବାର ଜିଲା ଯୋଗାଣ ଅଧିକାରୀ ମିଟିଂ ଡାକିଛନ୍ତି। ଧାନ ଉଠାଇବା ନେଇ ସେଠାରେ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି।

# ସମ୍ବଲପୁରର ଦେବସ୍ମିତାଙ୍କୁ ମିସ୍ ଇଣ୍ଡିଆ-୨୦୨୪ ମୁକୁଟ



ମିସ୍ ଇଣ୍ଡିଆ ବିଜୟିନୀ ଦେବସ୍ମିତା ସାହୁ।

ସମ୍ବଲପୁର, ୩।୧(ପ୍ରମୋଦ ବହିଦାର)

ନୂଆଦିଲ୍ଲୀର ହୋଟେଲ ରେଡିସନ୍ ବ୍ଲୁରେ ଡିକେ ପାଜେଣ୍ଟ ପକ୍ଷରୁ ଆୟୋଜିତ ପ୍ରାଇଡ୍ ଅଫ୍ ଇଣ୍ଡିଆ ପ୍ରତିଯୋଗିତାରେ ସମ୍ବଲପୁରର ଲଳନା ଦେବସ୍ମିତା ସାହୁ ମିସ୍ ଇଣ୍ଡିଆ-୨୦୨୪ ମୁକୁଟ ହାସଲ କରି ସମ୍ବଲପୁରକୁ ଗୌରବାନ୍ୱିତ କରିଛନ୍ତି। ସମ୍ବଲପୁର ଗୋଲବଜାର ଅଞ୍ଚଳର ସ୍ୱର୍ଗତ ଦିଲୀପ ସାହୁ ଓ ସନ୍ତୋଷିନୀ ସାହୁଙ୍କ କନ୍ୟା ଦେବସ୍ମିତା ଏକମାତ୍ର ପ୍ରତିଯୋଗୀ ଭାବେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ। ଗତ ଡିସେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ଦେବସ୍ମିତାଙ୍କ ସମେତ ୧୫ ଜଣ ଫାଇନାଲ ରାଉଣ୍ଡଙ୍କୁ ଉନ୍ନୀତ ହୋଇଥିଲେ। ଏଥିରେ ସେ କଠୋର ପରୀକ୍ଷାର ସମ୍ମୁଖିନ ହୋଇଥିଲେ ହେଁ ନିଜର ପ୍ରତିଭା ପ୍ରଦର୍ଶନ ପୂର୍ବକ ଦେବସ୍ମିତା ଫାଇନାଲ ୩ରେ ପ୍ରବେଶ କରିଥିଲେ। ଶେଷ ରାଉଣ୍ଡରେ ସେ ତୀବ୍ର ପ୍ରତିଦ୍ୱନ୍ଦିତାର ସମ୍ମୁଖିନ ହୋଇଥିଲେ। ମାତ୍ର ଶେଷରେ ଅନ୍ୟ ଦୁଇ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେବସ୍ମିତା ମିସ୍ ଇଣ୍ଡିଆ--୨୦୨୪ ଆଖ୍ୟା ଅର୍ଜନ କରିବାରେ ସକ୍ଷମ ହୋଇଥିଲେ। ଦେବସ୍ମିତା ନିଜର ଗଭୀର ଆତ୍ମବିଶ୍ୱାସ, ମନୋବଳ ଓ ଚମତ୍କାର ପ୍ରତିଭା, ବିଚକ୍ଷଣ ବାକଚାତୁରୀ ତଥା ଅସାମାନ୍ୟ ବ୍ୟକ୍ତିତ୍ୱ ଦ୍ୱାରା ବିଚାରକ ମଣ୍ଡଳୀକୁ ପ୍ରଭାବିତ କରିପାରିଥିଲେ।

# ପିଏମ୍ ଉଷା ଦ୍ୱାରା ରାଜ୍ୟର ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ: ଜୟନାରାୟଣ ମିଶ୍ର



ଜୟନାରାୟଣ ମିଶ୍ରଙ୍କ ଫାଇଲ ଫଟୋ।

ସମ୍ବଲପୁର,୩।୧(ଭବାନୀ ଶଙ୍କର ଭୋଇ)

ଶିକ୍ଷା ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା) ଯୋଜନା ପ୍ରଣୟନ ଏକ ଯୁଗାନ୍ତକାରୀ ଓ ଐତିହାସିକ ନିଷ୍ପତ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚାରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜୟନାରାୟଣ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ମିଶ୍ର ଦେଇଥିବା ପ୍ରେସ ବିବୃତ୍ତିରେ କହିଛନ୍ତି ଯେ, ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନର ଲାଭ ପ୍ରତିଫଳନ ପ୍ରତ୍ୟେକ ବିଭାଗରେ ପରିଲକ୍ଷିତ ହେଲାଣି। ଓଡ଼ିଶାରେ ସରକାର ଆସିବାର ୮୧ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣା ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା (ପିଏମ-ଉଷା) ଯୋଜନାରେ ଓଡ଼ିଶାକୁ ୬୭୬.୭ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହା ନିଶ୍ଚିତ ଭାବେ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ସହ ମାନବ ସମ୍ବଳ ବିକାଶ, ଗବେଷଣା ଏବଂ ଛାତ୍ରୀଛାତ୍ରଙ୍କର ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି ଜୟନାରାୟଣ କହିଛନ୍ତି। ଓଡ଼ିଶାରେ ୬୭୬.୭ କୋଟି ଟଙ୍କା ଆର୍ଥିକ ରାଶି ଅନୁଦାନ ମଧ୍ୟରୁ ୩୮ଟି ପ୍ରସ୍ତାବ ନିମନ୍ତେ ୬୭୦ କୋଟି ଟଙ୍କା ଏବଂ ମ୍ୟାନେଜମେଣ୍ଟ ମନିଟରିଙ୍ଗ ଇଭାଲ୍ୟୁସନ ଆଣ୍ଡ ରିସର୍ଚ୍ଚ ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସର୍ବମୋଟ ୬୭୬.୭ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାରଙ୍କ ତରଫରୁ ୪୦୮.୭ କୋଟି ଏବଂ ରାଜ୍ୟ ସରକାରଙ୍କ ତରଫରୁ ୨୬୮ କୋଟି ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ଆକାଂକ୍ଷୀ ଜିଲାମାନଙ୍କରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିକାଶ ନିମନ୍ତେ ମଧ୍ୟ ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବ। ଯାହାକି ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣରେ ମଧ୍ୟ ସହାୟକ ହେବ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସବ ମୁଖର ଝାରସୁଗୁଡ଼ା



ଦୁଲ୍‌ଦୁଲି ମଞ୍ଚରେ ଜିଲାପାଳ ବାଚସ୍ପତିଙ୍କୁ ସମ୍ମାନିତ କରୁଛନ୍ତି।

ଝାରସୁଗୁଡା,୩।୧(ଆଶିଷ ରଞ୍ଜନ ଦାଶ)

**ଜିଲା ମହୋତ୍ସବ ଦୁଲଦୁଲି**

ଝାରସୁଗୁଡା ଜିଲା ପ୍ରତିଷ୍ଠା ଦିବସ ତଥା ଜିଲା ମହୋତ୍ସବ ଦୁଲଦୁଲିର ତୃତୀୟ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝାରସୁଗୁଡା ଉତ୍ସବ ମୁଖର ହୋଇ ଉଠିଛି। ସନ୍ଧ୍ୟାରେ ଝାରସୁଗୁଡା ସହର ଓ ବିଟିଏମ ପଡିଆଠାରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଝାରସୁଗୁଡା ମ୍ୟୁନିସିପାଲିଟି ଅଧ୍ୟକ୍ଷା ରାନୀ ହାତୀ ଏବଂ ଲଖନପୁର, ଝାରସୁଗୁଡା, କିର୍ମିରା ବ୍ଲକର ଅଧ୍ୟକ୍ଷାମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଜିଲାପାଳ ଆବୋଲି ସୁନୀଲ ନରୱାଣେ ସଭାପତିତ୍ୱ କରିଥିଲେ। ପିଡି ଡିଆରଡିଏ ପ୍ରବୀର କୁମାର ନାୟକ ସଭା ପରିଚାଳନା କରିଥିଲେ। ବାଚସ୍ପତି ତାଙ୍କ ଅଭିଭାଷଣରେ ଝାରସୁଗୁଡାକୁ ମିନି ଇଣ୍ଡିଆ ଭାବେ ତୁଳନା କରିବା ସହିତ ଏହା ଓଡିଶାର ଶିଳ୍ପ ରାଜଧାନୀ କହି ସମ୍ବୋଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁନେର ଅମୀର ମାଡାମଙ୍କ ଦ୍ୱାରା କଥକ, ଗୋଟିପୁଅ ଡାନ୍ସ ଏକାଡେମୀ ପୁରୀ ଦ୍ୱାରା ଗୋଟିପୁଅ ନୃତ୍ୟ, କୋଶଲ ଫୋକ ଏକାଡେମୀ, ବଲାଙ୍ଗୀର ଦ୍ୱାରା ତୁଟୁକୁ ତୁଟା, ସ୍ୱୟଂ ଏକାଡେମୀ ସମ୍ବଲପୁର ଦ୍ୱାରା ସମଲ ମାଟିର କଥା, ପାଲା ଦାସକାଠିଆ, ସମ୍ବଲପୁରୀ ନୃତ୍ୟ ଆଦି ଲୋକଙ୍କ ମନୋରଞ୍ଜନ କରିଥିଲା।

# ଅସହଯୋଗ ଆନ୍ଦୋଳନର ସ୍ମୃତିଚାରଣ ଦିବସ

ସମ୍ବଲପୁର,୩।୧(ବି.ଶଙ୍କର)

ଐତିହ୍ୟ ସମ୍ପନ୍ନ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲରେ ଅସହଯୋଗ ଆନ୍ଦୋଳନର ୧୦୩ତମ ସ୍ମୃତିଚାରଣ ଦିବସ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଶୁକ୍ରବାର ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ବିଦ୍ୟାଳୟର ଯଶ, ଗୌରବ ଓ ପୁରାତନ ଛାତ୍ରମାନଙ୍କର ଐତିହାସିକ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ପୂର୍ବତନ ସଭାପତି ଶଶାଙ୍କ ଶେଖର ପୁରୋହିତ ଯୋଗ ଦେଇଥିଲେ। ଅସହଯୋଗ ଆନ୍ଦୋଳନର ତତ୍କାଳୀନ ସମ୍ବଲପୁର ଜିଲା ସ୍କୁଲ ଛାତ୍ରଙ୍କର ଶ୍ରେଣୀ ବର୍ଜନ ଓ ଅସହଯୋଗକୁ ସମର୍ଥନ ଉପରେ ମୁଖ୍ୟ ଅତିଥି ପୁରୋହିତ ଆଲୋଚନା କରିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ଇଞ୍ଜିନିୟର ପ୍ରଦୀପ୍ତ କୁମାର ନାଥ ପ୍ରତ୍ୟେକ ନାଗରିକ ପାଇଁ ଦେଶ ପ୍ରତି ସମ୍ମାନ ଓ ପ୍ରେମର ପରାକାଷ୍ଠା କିଭଳି ରହିବା ଉଚିତ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋକପାତ କରିଥିଲେ। ଏଥିସହ ପୁରାତନ ଛାତ୍ର ଅଜୟ କୁମାର ସରାଫ ଛାତ୍ରମାନଙ୍କୁ ସମାଜ ତଥା ଦେଶର ଉନ୍ନତି ନିମନ୍ତେ ନିଜ ମଧ୍ୟରେ ଉତ୍ସର୍ଗୀକୃତ ମନୋଭାବ ଜାଗ୍ରତ କରିବା ନିମନ୍ତେ ଉପଦେଶ ଦେଇଥିଲେ। ଏହି ସଭାରେ ପୁରାତନ ଛାତ୍ର ସଂଘର ସଭାପତି ସୁରଜିତ ମିଶ୍ର, ଅନ୍ୟାନ୍ୟ ପୁରାତନ ଛାତ୍ର, ଶିକ୍ଷକ ତଥା ବିଦ୍ୟାଳୟର ଛାତ୍ରମାନେ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପ କେଶରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଶିକ୍ଷକ କୁଳମଣି ଦାଶ ପରିଚାଳନା କରିଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଶିମିଳିପାଳ ଚାମ୍ପିୟନ

ନାକଟିଦେଉଳ,୩।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ କ୍ରିକେଟ କ୍ଲବ ପକ୍ଷରୁ ଗତ ୨୮ ତାରିଖରୁ ଚାଲିଥିବା ମା' ବାହ୍ୟ ବୁଢ଼ୀ କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଶିମିଳିପାଳ ଏବଂ ବଂଶାଜାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିମିଳିପାଳ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୪ ଓଭର ୫ ବଲରେ ସମୁଦାୟ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବଂଶାଜାଲ ଦଳ ୧୫ ଓଭରରେ ୮ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ ବିକାଶ କୁମାର ସାହୁ ଏବଂ ଟିଟୁ ସାହୁ। ଟୁର୍ଣ୍ଣାମେଣ୍ଟ ରେ ଶିମିଳିପାଳରର ଧନୁ ସାହୁଙ୍କୁ ମେନ ଅଫ ଦି ମ୍ୟାଚ ଏବଂ ବଂଶାଜାଲର ନୀଳମଣି ସାହୁଙ୍କୁ ମେନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। କୃତି ସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ମାନଗୋବିନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଗୋଗୁଆ ସରପଞ୍ଚ ଧନେଶର ପ୍ରଧାନ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ, ଡଇଁଚା ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଗୋଗୁଆ ଗ୍ରାମ୍ୟ କମିଟି ସଭାପତି ଲୋକେଶର ସାହୁ, ରଞ୍ଜନ କୁମାର ସାହୁ ଏବଂ ଅବସରପ୍ରାପ୍ତ କୃଷି ଅଧୀଦର୍ଶକ କାଶୀନାଥ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଶିମିଳିପାଳ ଏବଂ ଉପବିଜେତା ବଂଶାଜାଲ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଗୋଗୁଆ କ୍ରିକେଟ କ୍ଲବର ଶାନ୍ତନୁ ବାଘ, ଭୀମସେନ ସାହୁ, ପ୍ରତ୍ୟୁଷ ସାହୁ, ରାଜକିଶୋର ପ୍ରଧାନ, ସାଗର ସାହୁ, ଉଦିତ ସାହୁ, ଦୀପକ ସେଠୀ ଏବଂ ଆଶୀଷ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧସଭା

ସମ୍ବଲପୁର,୩।୧(ବି.ଶଙ୍କର)

ନୃସିଂହ ଗୁରୁ ସ୍ମୃତି ସମିତି ଆୟୋଜନରେ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୧ତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ରାତିରେ ପାଳିତ ହୋଇଯାଇଛି। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ଅଧ୍ୟାପନା ପ୍ରକୋଷ୍ଠ-୧ରେ ଅନୁଷ୍ଠାନର ସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ପୌରୋହିତ୍ୟ କରିଥିଲେ। ସଭାରେ ଡାକ୍ତର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡାକ୍ତର ଷଡଙ୍ଗୀ କହିଥିଲେ ଯେ, ନୃସିଂହ ଗୁରୁଙ୍କ ଆଦର୍ଶ ନାମ ସହ କାମର ସମତା ଥିଲା। ପଶ୍ଚିମ ଓଡିଶାର ଗାନ୍ଧୀ ଭାବେ ଜଣାଶୁଣା ସ୍ୱର୍ଗତ ଗୁରୁ ଥିଲେ ବହୁ ଆୟାମଯୁକ୍ତ ବ୍ୟକ୍ତିତ୍ୱର ଅଧିକାରୀ। ଜଡତା ଉପରେ ଚେତନାର ଆରୋପ ତଥା ବାଧା ଉପରେ ସିଦ୍ଧିର ବିଜୟ ଥିଲା ତାଙ୍କର ଜୀବନ ଦର୍ଶନ। ତାଙ୍କ ଭଳି ଜଣେ ମହାପୁରୁଷଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବାକୁ ଡା. ଷଡଙ୍ଗୀ ଆହ୍ୱାନ ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଗୁରୁଙ୍କ ଜୟନ୍ତୀ ଉତ୍ସବକୁ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ କରାଯିବା ଉଦ୍ଦେଶ୍ୟରେ ସମ୍ବଲପୁରର ନାଗରିକ ସମାଜ ପକ୍ଷରୁ ପ୍ରସ୍ତାବ ଉପସ୍ଥାପିତ କରିବା ପାଇଁ କୁଳପତି ନାଗାରାଜୁ ମତ ରଖିଥିଲେ। ସମିତିର ଉପସଭାପତି ଅରବିନ୍ଦ ମହାପାତ୍ର ଛାତ୍ରୀଛାତ୍ରଙ୍କ ପାଇଁ ନୃସିଂହ ଗୁରୁଙ୍କ ଆଦର୍ଶ ଅତ୍ୟନ୍ତ ଶିକ୍ଷଣୀୟ ବୋଲି ମତବ୍ୟକ୍ତ କରିବା ସହ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ଭାଷଣ ଓ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ବିନିକା ସ୍ଥିତ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ବେଦ ପାଠ କରିଥିବାବେଳେ ବିଶିଷ୍ଟ ସାହିତ୍ୟିକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ଯୁଗ୍ମ ସମ୍ପାଦକ କାର୍ତ୍ତିକ ବହିଦାରଙ୍କ ସଂଯୋଜନାରେ ୮ଟି ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ୧୧୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜେନ୍ଦ୍ର ସତନାମୀ, ପ୍ରଫୁଲ୍ଲ ଗୁରୁ, ରାଜୀବ ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରାଧ୍ୟାପକ ଡ. ଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ନିହାଲ ସିଂହ, ସରୋଜ କୁମାର ମହାପାତ୍ର, ସମଲେଶ୍ୱରୀ କଲେଜର ଅଧ୍ୟକ୍ଷା ସଙ୍ଗୀତା ପୁରୋହିତ ଓ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ।



ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ମଞ୍ଚାସୀନ ଅତିଥି ଓ ବକ୍ତା।

**ବିଦେଶୀ ଶାସନ ବିପକ୍ଷରେ ସୁପ୍ତ ଜାତିକୁ ଜାଗ୍ରତ କରିଥିଲେ**

# ଉପଯୁକ୍ତ ରୋଗୀସେବା ନ ମିଳିବାରୁ ଉଦ୍‌ବେଗ

■ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ କଲେ କଲିକେଶ

■ହସ୍ପିଟାଲ ଅବ୍ୟବସ୍ଥା ସୁଧାରିବାକୁ ଦେଲେ ପରାମର୍ଶ

■୮ ମାସ ପରେ ବି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ ନୂଆ ହସ୍ପିଟାଲ

ବଲାଙ୍ଗୀର,୩।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ଶୁକ୍ରବାର ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନରେ ଯାଇଥିଲେ। ସେଠାରେ ଏହି ହସ୍ପିଟାଲର ଦୁରବସ୍ଥା, ଚିକିତ୍ସାସେବା ଓ ଅପରିଷ୍କାର ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ବିଧାୟକ ସିଂଦେଓଙ୍କ ସହ ପୌରାଧ୍ୟକ୍ଷା ଲିକା ସାହୁ, ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଓ ପୌର କାଉନସିଲରମାନେ ହସ୍ପିଟାଲ ବୁଲି ଦେଖିଥିଲେ। ପ୍ରଥମେ ସେମାନେ ଭେଷଜ ବିଭାଗ ପୁରୁଷ ୱାର୍ଡକୁ ଯାଇ ସେଠାକାର ସ୍ଥିତି ତଦାରଖ କରିଥିଲେ। ସେଠାରେ ବ୍ୟାପକ ଅବ୍ୟବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଅନେକ ରୋଗୀ ଶଯ୍ୟା ନ ପାଇ ଚଟାଣରେ ଶୋଇଥିବା ଦେଖିବାକୁ ପାଇଥିଲେ। ୱାର୍ଡ ଭିତରେ ଯେତିକି ରୋଗୀ ରହିବା କଥା ତା' ଠାରୁ ପ୍ରାୟ ଦେଢଗୁଣା ଅଧିକ ରୋଗୀ ଥିବା ଦେଖିବାକୁ ପାଇଥିଲେ। କିଛି ରୋଗୀଙ୍କ ସାଲାଇନ୍ ଫାୟାର ଲାଇନରେ ଝୁଲାଯାଇଥିବା ଦେଖିବାକୁ ପାଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଫାୟାର ସେଫ୍‌ଟି ଜୋନ୍‌ରେ ବିଭିନ୍ନ ମଇଳା ପକାଯାଉଥିବା ଦେଖିବାକୁ ପାଇଥିଲେ।



ବିଧାୟକ କଲିକେଶ ନାରାୟଣ ସିଂଦେଓ ଭୀମଭୋଇ ମେଡିକାଲ କଲେଜ ଅଧୀକ୍ଷିକାଙ୍କୁ ହସ୍ପିଟାଲ ଅବ୍ୟବସ୍ଥାର ଫଟୋ ଦେଖାଉଛନ୍ତି।

ସେଠାରୁ ହସ୍ପିଟାଲ ଅଧୀକ୍ଷିକାଙ୍କ ଅଫିସ ଚ୍ୟାମ୍ବରକୁ ଆସି ଅଧୀକ୍ଷିକା ଡା. ମାନସୀ ପଣ୍ଡା ଓ ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁଙ୍କ ସହ ହସ୍ପିଟାଲର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ହସପିଟାଲ ମ୍ୟାନେଜର ସୁଦୀପ ଦତ୍ତ, ଏନ୍‌ଏଚ୍‌ଏମ୍‌ର ଡିପିଏମ ମୃତ୍ୟୁଞ୍ଜୟ ମୁଣ୍ଡ ଉପସ୍ଥିତ ଥିଲେ। ଆଲୋଚନା ବେଳେ କେତେଜଣ ବ୍ୟକ୍ତି ସାଧାରଣ ରୋଗୀ କିଭଳି ଏଠାରେ ଚିକିତ୍ସା ସେବା ପାଉ ନ ଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ହୃତ୍‌ରୋଗ, ନ୍ୟୁରୋଲଜି ବିଭାଗ ଡାକ୍ତର ନଥିବାରୁ ରୋଗୀମାନେ କିଭଳି ବୁର୍ଲା ଓ ଅନ୍ୟ ସ୍ଥାନକୁ ଯିବାକୁ ବାଧ ହେଉଛନ୍ତି କହିଥିଲେ। ଗନ୍ଧରେଲଠାରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ନୂଆ ହସ୍ପିଟାଲ କୋଠା ଉଦ୍‌ଘାଟନ ହେବାର ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ତାହା କିଭଳି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ କିଛି ଓପିଡି ସେବା ଚାଲୁଥିବାରୁ ଲୋକେ ହଇରାଣ ହେଉଛନ୍ତି ବିଧାୟକ କହିଥିଲେ। ନୂଆ ସରକାର ଆସିବା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଜିଲାର ହେବା ସତ୍ତ୍ୱେ ହସ୍ପିଟାଲରେ କିଭଳି ଅବ୍ୟବସ୍ଥା ଲାଗି ରହୁଛି ବୋଲି ପ୍ରଶ୍ନ କରିଥିଲେ। ରୋଗୀ ସଂଖ୍ୟା ଯେଭଳି ଭାବେ ବୃଦ୍ଧି ପାଇ ଚାଲିଛି ତୁରନ୍ତ ନୂଆ ହସ୍ପିଟାଲ କୋଠାକୁ କାର୍ଯ୍ୟକ୍ଷମ କରିବାକୁ ସେ କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ମେଡିକାଲ କଲେଜ ହସ୍ପିଟାଲରେ ଏମଆରଆଇ ମେଶିନ ଲାଗିବା କଥା। କିନ୍ତୁ ଏପର୍ଯ୍ୟନ୍ତ ହସ୍ପିଟାଲରେ ଏମଆରଆଇ ମେଶିନ ଯୋଗାଇ ଦିଆଯାଇନାହିଁ ବୋଲି ଅଧୀକ୍ଷିକା ଡା. ପଣ୍ଡା କହିଥିଲେ। ଏହି ହସ୍ପିଟାଲର ନର୍ସ, ଆଟେଣ୍ଡାଣ୍ଟ ଓ ଡାକ୍ତର ଅଭାବ ଉପରେ ମଧ୍ୟ ସମୀକ୍ଷା କରିଥିଲେ। ବିଧାୟକ ସିଂଦେଓ ରୋଗୀ କଲ୍ୟାଣ ସମିତି ଓ ହସପିଟାଲ ଆଇସିୟୁ ଉପରେ ମଧ୍ୟ ପଚାରି ବୁଝିଥିଲେ। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ସରକାର ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରଥିଲେ। ଏ ଦିଗରେ ବିଧାନସଭାରେ ମଧ୍ୟ ଆଲୋଚନା କରିବେ ବୋଲି ବିଧାୟକ ସିଂଦେଓ ଗଣମାଧ୍ୟମକୁ କହିଥିଲେ। ବିଧାୟକଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା କୈଳାଶ ଚନ୍ଦ୍ର ମହାନ୍ତି, ବୁଲୁ ବେହେରା, ପାଣ୍ଡବ କୁମ୍ଭାର, ମୁନୁ ପୋଢ, ଗଙ୍ଗାଧର ଚାନ୍ଦ, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, କିଶୋର କୁମ୍ଭାର, ପ୍ରତିମା ଛତ୍ରିଆ, ନନ୍ଦିନୀ ପୋଢ, ସୁବଳ ମହାକୁର ଉପସ୍ଥିତ ଥିଲେ।

## ତହସିଲଦାରଙ୍କୁ ଭେଟିଲେ ୪୦ ଉର୍ଦ୍ଧ୍ୱ ବ୍ୟକ୍ତି



ପାଟଣାଗଡ ତହସିଲ କାର୍ଯ୍ୟାଳୟକୁ ଆସିଥିବା ହିତାଧିକାରୀମାନେ।

■ଜାଗା ଛାଡିବାକୁ ନୋଟିସ

■ଜମି ଫେରାଇ ନ ନେବାକୁ ଦାବି

ପାଟଣାଗଡ,୩।୧(ସଚ୍ଚିଦାନନ୍ଦ ମହାକୁଡ)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଞ୍ଚାୟତ ବେହେରାବନ୍ଧ ଗାଁର ୪୦ରୁ ଉର୍ଦ୍ଧ୍ୱ ପଟ୍ଟା ପାଇଥିବା ହିତାଧିକାରୀ ଶୁକ୍ରବାର ପାଟଣାଗଡ ତହସିଲଦାରଙ୍କୁ ଭେଟିଛନ୍ତି। ହିତାଧିକାରୀମାନେ ପାଟଣାଗଡ ତହସିଲ କାର୍ଯ୍ୟାଳୟକୁ ଆସି ସେମାନେ ପାଇଥିବା ଜମି ଫେରାଇ ନ ନେବାକୁ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। ପରେ ଏନେଇ ଉପଜିଲାପାଳ ସୁନୀଲ ମେହେରଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶ ଯେ, ଉକ୍ତ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ପାଇଥିବା ଜାଗାକୁ ଛାଡିବାକୁ ତହସିଲଦାରଙ୍କ କାର୍ଯ୍ୟାଳୟରୁ ନୋଟିସ ଦିଆଯାଇଥିଲା। ଏହି ନୋଟିସକୁ ଧରି ହିତାଧିକାରୀମାନେ ତହସିଲଦାରଙ୍କୁ ଭେଟି ତାଙ୍କର ଦାବି ଜଣାଇବା ସହିତ ପାଇଥିବା ଜମିକୁ ଛାଡ଼ିବୁନାହିଁ ବୋଲି କହିଥିଲେ। ତହସିଲଦାର ନାୟକଙ୍କ କହିବା ଅନୁଯାୟୀ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଜାଗାକୁ ୩ ବର୍ଷ ପର୍ଯ୍ୟନ୍ତ ଯଦି ପାଇଥିବା ହିତାଧିକାରୀ ବ୍ୟବହାର ନ କରନ୍ତି, ତାହେଲେ ସେହି ଜମିକୁ ସରକାରଙ୍କ ଖାତାକୁ ସ୍ଥାନାନ୍ତର କରାଯିବାର ନିୟମ ରହିଛି।

## ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର



ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ହାଇୱା ।

ଲୋଇସିଂହା,୩।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୋଇସିଂହା-ପଦ୍ମପୁର ରାସ୍ତାର ପତ୍ରାପାଲି ରାଇସ ମିଲ ନିକଟରେ ଶୁକ୍ରବାର ଏକ ହାଇୱା (ନଂ ଓଡି୦୩ଏ ସି ୨୦୦୯)ଓ ବାଇକ (ନଂ ଓଡି୩୧ ଏମ ୦୬୬୪) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଆରୋହୀ ବଲାଙ୍ଗୀର ସଦର ଥାନା ଜାମୁଟିଆ ଗ୍ରାମର ଶୁଭମ୍ ସିଂ (୨୫)ଓ ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ବିଶିମୁଣ୍ଡା ଗ୍ରାମର ସଦାନନ୍ଦ ମହାନନ୍ଦ(୨୯) ଗୁରୁତର ହୋଇଛନ୍ତି । ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁଇ ବାଇକ୍ ଆରୋହୀ ଲୋଇସିଂହା ପଟରୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା ସହ ଧକ୍କା ହୋଇଥିଲା। ଦୁର୍ଘଟଣା ସମୟରେ ପ୍ରାୟ ୨୦ ଫୁଟ ଯାଏ ବାଇକ୍ ସହିତ ଆରୋହୀଙ୍କୁ ହାଇୱା ଘୋଷାଡି ନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଆହତ ଦୁଇ ଜଣ ଆଦର୍ଶ ଫାଇନାନ୍ସରେ କାମ କରୁଥିବା ଜଣାଯାଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

# କୁଶମେଲରେ ବ୍ଲକ୍ କଳାକାର ସଂଘ ସମାବେଶ

**୩ ମାସ ହେଲା କଳାକାରଙ୍କୁ ମିଳିନି ଭତ୍ତା**

ଲୋଇସିଂହା,୩।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ସାପ୍ତାହିକ ବଜାର ପଡିଆରେ ନିକଟରେ କଳାକାରଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବ୍ଲକର ବିଭିନ୍ନ ଗାଁରୁ କଳାକାରମାନେ ଯୋଗ ଦେଇଥିଲେ। ଏଥିରେ କୁଶଙ୍ଗାଇ ଦେବୀ କଳାକାର ପରିଷଦର ଆବାହକ କରୁଣାକର ବାଗ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ବ୍ଲକ କଳାକାର ସଂଘ ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ବ୍ରଜମୋହନ ବିଶୋଇ, ଜିଲା ସମନ୍ୱୟ ସମିତିର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ।



ସମାବେଶରେ ଯୋଗ ଦେଇଥିବା କଳାକାର।

ସମାବେଶରେ କଳାକାରଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା । ବିଶେଷ କରି କଳାକାର ଭତ୍ତା ଠିକ ସମୟରେ ମିଳୁନି । ଗତ ୩ ମାସ ହେଲା କଳାକାରମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପୂର୍ବ ସରକାର ସମୟରେ ଭତ୍ତା ନିୟମିତ ମିଳୁଥିବା ବେଳେ ଏବେ ଅହେତୁକ ବିଳମ୍ବ କରାଯିବା କଳାକାରଙ୍କ ପ୍ରତି ବର୍ତ୍ତମାନ ସରକାରର ଆନ୍ତରିକତା ନାହିଁ ବୋଲି କେତେକ ବରିଷ୍ଠ କଳାକାର ମତ ପ୍ରକାଶ କରିଥିଲେ। ଅପରପକ୍ଷେ ନୂତନ କଳାକାର ଭତ୍ତା ପାଇଁ ଆବେଦନର ଗୋଟିଏ ବର୍ଷ ପୁରିବାକୁ ବସିଥିବା ବେଳେ ଏ ନେଇ ନିଷ୍ପତ୍ତି କ'ଣ ନିଆଗଲା ଜଣାପଡୁ ନଥିବାରୁ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଏହାପୂର୍ବରୁ କଳାକାରଙ୍କୁ ଭତ୍ତା ଦେବାକୁ ଦାବି ହୋଇଛି। ଏହାବ୍ୟତୀତ କଳାକାରଙ୍କ ପାଇଁ ବୀମା ଓ ଭତ୍ତା ପଉଥିବା କଳାକାରଙ୍କ ମୃତ୍ୟୁ ପରେ ତାଙ୍କର ଜଣେ ଉତ୍ତରାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବାକୁ ସରକାରଙ୍କ ନିକଟରେ ଦାବି ରଖିବାକୁ ସମାବେଶରେ ନିଷ୍ପତ୍ତି ହୋଇଛି । ନିକଟରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବ୍ଲକରେ ହୋଇଥିବା ସଚେତନତା କାର୍ଯ୍ୟକ୍ରମରେ ବ୍ଲକ କଳାକାରଙ୍କୁ ସାମିଲ କରାଯାଇ ନ ଥିବାରୁ କଳାକାରମାନେ ଦୁଃଖ ପ୍ରକାଶ କରିଥିଲେ। ଏନେଇ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଫେରାଦ ହେବାକୁ ମତପ୍ରକାଶ ପାଇଥିଲା। ଚଳିତବର୍ଷ ବ୍ଲକସ୍ତରୀୟ ଲୋକ ମହୋତ୍ସବରେ ଅଧିକରୁ ଅଧିକ କଳାକାର ସାମିଲ ହେବାକୁ ବ୍ଲକ କଳାକାର ସଂଘ ସଭାପତି ବିଶ୍ୱାଳ ଆହ୍ୱାନ କରିଥିଲେ।

# ଲୋଇସିଂହା ରେଞ୍ଜରେ ଛତିଶଗଡ଼ ହାତୀପଲ

ଲୋଇସିଂହା,୩।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜକୁ ଛତିଶଗଡ଼ର ୯ ଟିକିଆ ହାତୀ ପଲ ପଶିଛନ୍ତି । ଏହି ହାତୀ ପଲରେ ୨ ଶାବକ, ୩ ମାଇ ଓ ୪ ଦନ୍ତା ରହିଥିବା ବନ ବିଭାଗ ସୂତ୍ରରୁ ଜଣାଯାଇଛି। ହାତୀପଲ ରେଞ୍ଜ ଅଧୀନ ପିପିଲି ଓ ବଘାପାଲି ମଝିରେ ଥିବା କାଳିଡୁଙ୍ଗରୀସ୍ଥିତ ଗ୍ରେଭେଲିଆ ବଣରେ ଦିନ ତମାମ ରହିଥିଲେ। ଶୁକ୍ରବାର ସକାଳେ ଏହି ରାସ୍ତା ଦେଇ ଯିବା ବେଳେ ସ୍ଥାନୀୟ ଲୋକେ ହାତୀପଲ ଦେଖିବାକୁ ପାଇଥିଲେ। ଏହି ଅଞ୍ଚଳ ହାତୀ ଜୋନ ହୋଇ ନ ଥିବାରୁ ହାତୀପଲ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ଆତଙ୍କିତ ହୋଇ ପଡିଥିଲେ। ଉକ୍ତ ହାତୀପଲ ବରଗଡ ଜିଲା ପଦ୍ମପୁର ରେଞ୍ଜ ଦେଇ ଉକ୍ତ ବଣ ପରିସରକୁ ଚାଲି ଆସିଥିଲେ। ଅପରିଚିତ ସ୍ଥାନ ହୋଇଥିବାରୁ ଗ୍ରେଭେଲିଆ ବଣରେ ଦିନ ତମାମ ରହିଯାଇଥିଲେ। ଖବର ଲେଖା ପର୍ଯ୍ୟନ୍ତ ହାତୀ ପଲ ସେଠାରୁ ବାହାରି ନଥିବା ସ୍ଥାନୀୟ ଫରେଷ୍ଟର ବାବୁଲା ଦାଶ କହିଛନ୍ତି। ହାତୀପଲ କୌଣସି ପ୍ରକାର ଉପଦ୍ରବ ଘଟାଇ ନାହାନ୍ତି। ଜନସାଧାରଣ ଓ ଉକ୍ତ ହାତୀପଲ ସୁରକ୍ଷା ପାଇଁ ଲୋଇସିଂହା ଓ ପାଟଣାଗଡ଼ ରେଞ୍ଜ କର୍ମଚାରୀ ଜଗି ରହି ସ୍ଥିତି ନିରୀକ୍ଷଣ କରୁଥିବା ସେ କହିଛନ୍ତି। ଆସିଥିଲା ବାଟ ଦେଇ ଫେରିଯିବା ଆଶଙ୍କା କରାଯାଉଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।



ଗ୍ରେଭେଲିଆ ବଣରେ ହାତୀପଲ।

# ସଂସ୍କୃତି, ପରମ୍ପରା ଓ କଳାକୁ ବଞ୍ଚାଇ ରଖିବା ପାଇଁ ମହୋତ୍ସବ ଏକ ମାଧ୍ୟମ

**ଚାନ୍ଦିଲି ପାହାଡ଼ ମହୋତ୍ସବ**

ଦେଓଗାଁ,୩।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକର ଦେଷଣ୍ଡ ଚାନ୍ଦିଲି ପାହାଡ ପାଦଦେଶରେ ଚାଲିଥିବା ଅଷ୍ଟମ ଚାନ୍ଦିଲି ପାହାଡ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏଥିରେ ମହୋତ୍ସବ କମିଟି ଆବାହକ ଲକ୍ଷ୍ମଣ କୁମାର ମେହେର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ଦେଓଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ କୁମାର, ରସରାଜ କବି ଅଚ୍ୟୁତ ପୁରୋହିତ ଯୋଗ ଦେଇଥିଲେ । ଏହି ଅବସରରେ ସଂସ୍କୃତି, ପରମ୍ପରା ଓ କଳାକୁ ବଞ୍ଚାଇ ରଖିବା ପାଇଁ ମହୋତ୍ସବ ଏକ ମାଧ୍ୟମ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ପୂର୍ବତନ ଜିଲା ପରିଷଦ ସଭ୍ୟା ସଭ୍ୟ ଦେଓଗାଁର ସ୍ମିତା ପାତ୍ର, ବନ୍ଧପଡାର ଅଶୋକ କୁମାର ଭୋଇ, ଟେପ୍ରେନର ଗୋପାଳ ଚନ୍ଦ୍ର ମିଶ୍ର, ବଡଡୁଙ୍ଗୁରୀପାଲିର ରୀନା ମେହେର, ବଡବନ୍ଧର ଶୁଶିଲ କୁମାର ଚାନ୍ଦ, ରାମଚନ୍ଦ୍ରପୁର ପିଏଚସିର ଡ. ଲଳିତ ସାହୁ, ବନ୍ଧପଡାର ଡ. ପବିତ୍ର ଦଣ୍ଡସେନା, ଦେଷଣ୍ଡର ଗୋବର୍ଦ୍ଧନ ରଣା, ମୁରଲିଧର ରାଉତ, ନୀଳମଣି ପାଣିଗ୍ରାହୀଙ୍କୁ ଚାନ୍ଦିଲି ପାହାଡ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରତ୍ୟହ କଂସ ଦରବାର ଶୁଭମ ଘିଭେଲା ଓ ତାଙ୍କ ସାଥୀଙ୍କ ଦ୍ୱାରା ପରିବେଷଣ ହେଉଛି । ମଲମୁଣ୍ଡା ବଜାଶାଳ ଅନୁଷ୍ଠାନ, ଅତାବିରା କୁରେ ଫୁଲ କଳାପରିଷଦ ଓ ମା' ସମଲେଇଶ୍ୱରୀ ଝୁମେର ସୁନ୍ଦରଗଡ ଶରଧାପୁର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାଧେଶ୍ୟାମ ମେହେର, ସ୍ୱଂୟମ୍ବର ମେହେର, ପିଙ୍କୁ ଷଡଙ୍ଗୀ, ରଘୁ ରଣା, ରବୀନ୍ଦ୍ର ସାଏ, କ୍ଷେତ୍ରବାସୀ ଷଡଙ୍ଗୀ, ଇନ୍ଦ୍ରଜିତ ରାଉତ, ଦୁର୍ଯୋଧନ ମେହେରଙ୍କ ସମେତ ଦେଷଣ୍ଡ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା**

ଲାଠୋର,୩।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିକାଲି ବଞ୍ଚିବାକୁ ହେଲେ କଠିନ ପରିଶ୍ରମ ନିହାତି ଜରୁରୀ ବୋଲି କହିବା ସହ ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ମିନକେତନ ବରିହା ଯୋଗଦେଇ ଶିକ୍ଷା ଏକ ଜୀବନ ବ୍ୟାପି ପ୍ରକ୍ରିୟା। ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସେହିପରି ବିଦ୍ୟାଳୟର ପ୍ରତିଷ୍ଠାତା ଘାସିରାମ ଅଗ୍ରୱାଲ ବିଦ୍ୟାଳୟକୁ ନେଇ ଦେଖିଥିବା ସ୍ୱପ୍ନ ଧୀରେ ଧୀରେ ପୂର୍ଣ୍ଣ ହେଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଥାନା ଅଧିକାରୀ ରାକେଶ ବେହେରା ଛାତ୍ରୀଛାତ୍ରମାନେ ଖେଳୁଆଡ଼ ମନୋବୃତ୍ତି ନେଇ ଭବିଷ୍ୟତକୁ ସୁନ୍ଦର ଭାବେ ଗଢିବା ପାଇଁ ଉଦ୍ୟମ କରିବା ଉଚିତ ବୋଲି କହିଥିଲେ। ପଞ୍ଚାୟତ ଡ଼ିଗ୍ରୀ ମହା ବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ ଦାସ ଯୋଗଦେଇ ଶିକ୍ଷାର୍ଥୀ ପାଇଁ ଉଭୟ ଶିକ୍ଷା ଏବଂ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରଥମେ ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେବା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇ ଶପଥ ଗ୍ରହଣ କରାଯାଇଥିଲା। ଦୁଇ ଦିନ ଧରି ଚାଲିବାକୁ ଥିବା କ୍ରୀଡା ଉତ୍ସବ ପୂର୍ବରୁ ଛାତ୍ରୀଛାତ୍ରମାନେ ସ୍ଥାନୀୟ ତାରିଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟରେ ପହଞ୍ଚିବା ପରେ କ୍ରୀଡ଼ା ଆରମ୍ଭ ହୋଇଥିଲା। ୧୭ ଗୋଟି ପ୍ରତିଯୋଗିତାରେ ୧ ଶହ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଖେଳ ଶିକ୍ଷକ ଗୁଣମଣି ସାହୁ କ୍ରୀଡା ପରିଚାଳନା କରୁଛନ୍ତି। ତାଙ୍କୁ ଖପ୍ରାଖୋଲର ହରିଶଙ୍କର କଲେଜର ଖେଳ ଶିକ୍ଷକ ହରିଶ କୁମାର ବେହେରା, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରୁଛନ୍ତି।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

# 'ଯୁବପିଢ଼ି ଚାହିଁଲେ ଅପସଂସ୍କୃତି ଦୂର କରିପାରିବେ'

**ଚତୁରଙ୍ଗ ବଲାଙ୍ଗୀର ବିଶେଷାଙ୍କ ଲୋକାର୍ପିତ**

ବଲାଙ୍ଗୀର,୩।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଂସ୍କୃତି ଭବନଠାରେ କୋଶଳ କଳାମଣ୍ଡଳର ମୁଖପତ୍ର ଚତୁରଙ୍ଗ ନବପ୍ରକାଶର ବଲାଙ୍ଗୀର ବିଶେଷାଙ୍କ ଗୁରୁବାର ଲୋକାର୍ପିତ ହୋଇଛି। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ଡ. ମଧୁସୂଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦାନ କରିଥିଲେ। ପରିଚାଳନା ସମ୍ପାଦକ ତଥା ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ପତ୍ରିକା ସହସମ୍ପାଦକ ସନାତନ ଠାକୁର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦନ ମଣ୍ଡଳୀ ସଦସ୍ୟ ସନ୍ଦୀପ କୁମାର କୁଅଁର ପରିଚାଳନା କରିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି କହିଥିଲେ ଯେ, ସାହିତ୍ୟିକ ବାୟୁମଣ୍ଡଳ ଗଢ଼ିବା ପାଇଁ ଯୁବପିଢ଼ିଙ୍କୁ ଆଗେଇ ଆସିବାକୁ ହେବ। ଯୁବପିଢ଼ି ଆଗେଇ ଆସିଲେ ଅପସଂସ୍କୃତି ଦୂରୀଭୂତ ହେବ। ଏ ଦିଗରେ ବରିଷ୍ଠମାନେ ମଧ୍ୟ ସହଯୋଗ କରିବେ। ତେବେ ଯେଉଁ ମହାନ ଲକ୍ଷ୍ୟ ନେଇ ଚତୁରଙ୍ଗ ପ୍ରକାଶ ପାଇଥିଲା ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଏଦିଗରେ ଜିଲା ପ୍ରଶାସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଉଚିତ୍ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଡ. ସେଠୀ ତାଙ୍କ ବକ୍ତବ୍ୟରେ ସାହିତ୍ୟିକ ପରମ୍ପରା ସୃଷ୍ଟି ଦିଗରେ କବି, ଲେଖକ ଏବଂ ସାହିତ୍ୟିକଙ୍କ ଯେଉଁ ଭୂମିକା ରହିଛି ତାକୁ ଆଗେଇ ନେବାରେ ଜିଲା ପ୍ରଶାସନ ଉଦ୍ୟମ କରିବ ଏବଂ ଏହା ସଫଳ ହେବ ବୋଲି ଆଶା ପ୍ରକାଶ କରିଥିଲେ। ସହସମ୍ପାଦକ ଠାକୁର ସମ୍ପାଦକୀୟ ବିବରଣୀ ପାଠ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ଶ୍ରୀନିବାସ ଉଦ୍‌ଗାତା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ପାଦନା ମଣ୍ଡଳୀ ସଦସ୍ୟ କବି ଭାଗିରଥି ମିଶ୍ର, ଡ. ସୁଷମା ମଞ୍ଜରୀ ନାୟକ, ଡ. ସଞ୍ଜୟ କୁମାର ମିଶ୍ର, ଡ. ଗୋବର୍ଦ୍ଧନ ନାୟକ, ଭିକାରୀ ମିଶ୍ର, ବନ୍ଧୁକଲ୍ୟାଣ ଗଡତ୍ୟା, ଡ. ଗୋପବନ୍ଧୁ ରଥ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପରିଚାଳନା ସମ୍ପାଦକ ତଥା ଜିଲା ସଂସ୍କୃତି ଅଧିକାରୀ ମିଶ୍ର ସ୍ୱାଗତ ଭାଷଣ ଓ ବୀରେନ୍ଦ୍ର କୁମାର ଝାଙ୍କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରଘୁନାଥ ବାବୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ, ନିଗମାନନ୍ଦ ନାଥ ଓ ଅନ୍ୟମାନେ ସହଯୋଗ କରିଥିଲେ। ସୁଲେଖକ ଭବାନୀ ଶଙ୍କର ପଟେଲ, ପ୍ରଦୀପ ମିଶ୍ର, ଅରୁଣ କୁମାର ନାୟକ, ଅବଦୁଲ ଜମାଲ ଖାନ୍, କବି ଡ. ପ୍ରହ୍ଲାଦ ଶତପଥୀ, ସୁଶାନ୍ତ ବାଗ, ରସରାଜ ଅଚ୍ୟୁତ ପୁରୋହିତ, ଅଶ୍ୱିନୀ ରଥ, ଗୋପାଳ ପ୍ରଧାନ, ଆନନ୍ଦ ଚନ୍ଦ୍ର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଅତିଥିମାନେ ଚତୁରଙ୍ଗ ନବପ୍ରକାଶର ବଲାଙ୍ଗୀର ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)



କଣ୍ଠଶିଳ୍ପୀ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁର ପଏଁରୀ ଅନୁଷ୍ଠାନ ପକ୍ଷରୁ ପୁରୁଣା ଟାଉନହଲଠାରେ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୫ତମ ପଏଁରୀ ତିହାର ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତର ତାଳରେ ଝୁମିଥିଲେ ଦର୍ଶକ। ପଏଁରୀର ସଭାପତି ଲଡ୍ଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁରର କଳା ଓ ସଂସ୍କୃତି ରାଜ୍ୟ ଓ ରାଜ୍ୟ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ସେହିପରି ପଏଁରୀ ଅନୁଷ୍ଠାନ ଜିଲାର କଳା ଓ ଲୋକ କଳାକାରଙ୍କ ସମ୍ମାନ ବଢାଇଥିବା ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଜିଲାପାଳ ବିଶ୍ୱନାଥ ବାରିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ନୀଳାମ୍ବର ଶତପଥୀ, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ଉପଦେଷ୍ଟା ଗଦାଧର ବାରିକ୍, ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ ଓ ପ୍ରଫୁଲ୍ଲ ନାଏକ ଯୋଗଦାନ କରି ଲୋକକଳା ଓ ଲୋକସଂସ୍କୃତି ଅଞ୍ଚଳର ପରିଚୟ। ତେଣୁ ଲୋକକଳା ଓ କଳାକାରଙ୍କୁ ବଞ୍ଚାଇ ରଖିବା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନ ଓ ବାଦ୍ୟକାର ଗଙ୍ଗାଧର ଗର୍ଡିଆଙ୍କୁ ପୁରନ୍ଦର ବାରିକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଜିଲାର ବରିଷ୍ଠ କଳାକାର, ସମାଜସେବୀ ଓ ଶିକ୍ଷାବିତ୍‌ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଓ ସୁଶାନ୍ତ ସାହୁଙ୍କ ସଂଯୋଜନାରେ ପଏଁରୀ ଅନୁଷ୍ଠାନର କଳାକାରମାନେ ଜାମୁଡାଲି ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି ବରଗଡ ଚୁମ୍‌କୁଚୁମା କଳାପରିଷଦର ବଜନିଆ, ମୟୁରଭଞ୍ଜର କଳାକାରଙ୍କ ଛଉ, କଳାହାଣ୍ଡି ଜିଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ମଲ୍ଲିଫୁଲ ଓ ଝାଡଖଣ୍ଡର କଳାକାର ମାନେ ଝୁମୁର ନୃତ୍ୟ ପରିବେଷଣ କରିଥିଲେ। ମମତା ଫେଶନ ଶୋ ପକ୍ଷରୁ ର୍‍ୟାମ୍ପ ଶୋ ଆୟୋଜିତ ହୋଇଥିଲା। ସୁପ୍ରିୟା ଶର୍ମା, ସୁଚିତ୍ରା ଦାସ ପ୍ରମୁଖ ଲୋକସଙ୍ଗୀତ ଗାନ କରିଥିଲେ। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ ହୋଇଥିଲା।

# ପରାମର୍ଶଦାତାଙ୍କୁ ଉତ୍ତମ ପରାମର୍ଶ ପାଇଁ ତାଲିମ



ଶିବିରରେ ଅତିଥି ଓ ତାଲିମଦାତା।

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ପରାମର୍ଶଦାତାଙ୍କୁ ଉତ୍ତମ ପରାମର୍ଶ ପାଇଁ ତାଲିମ ଦିଆ ଯାଇଥିଲା। ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବରେ ସାମଜିକ କର୍ମୀ ଘାସିରାମ ପଣ୍ଡା, ବୌଦ୍ଧ ଜିଲା ଶିଶୁ ମଙ୍ଗଳ କମିଟିର ସଭ୍ୟ ରାଜୀବ ନାୟକ ଓ ରେଆର ସମ୍ପାଦକ ଅନଙ୍ଗ ନେଗୀ ଯୋଗଦେଇ ଉତ୍ତମ ପରାମର୍ଶ ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ବାଳାଶ୍ରମ, ଭୀମଭୋଇ ଶିଶୁ ସଦନ, ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଏଜେନସି, ଶକ୍ତି ସଦନ, ଜାଗୃତି ତଥା ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ସମନ୍ୱିତ ଶିଶୁ ବିକାଶର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବାଲ୍ୟ ବିବାହ ସଂଯୋଜକ ଅକ୍ଷୟ କୁମାର ସିଂ ଓ ପୋଷଣ ସଂଯୋଜକ ସଞ୍ଜୀବ ମିଶ୍ର ଯୋଗଦେଇ ନିଜର ମତାମତ ଦେଇଥିଲେ। ଅନୁଷ୍ଠାନ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର ଥବୀର କାଲସେ, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, ସ୍ୱାଗତ ରାଜ ମିଶ୍ର, ସରିତା ସୁନା ଓ ଅନିଲ ମହଲା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଖଣ୍ଡହତା ଅଞ୍ଚଳରେ ହାତୀ ଉପଦ୍ରବ

## ଗଚ୍ଛିତ ଧାନ ଫସଲ ନଷ୍ଟ କରୁଛନ୍ତି ହାତୀପଲ

ଅମରପାଲି,୩।୧ (ପୀତାମ୍ବର ସାହୁ)



ଚୌକାରେ ହାତୀପଲ।

ସୁବର୍ଣ୍ଣପୁର ବନଖଣ୍ଡ ଅଧୀନସ୍ଥ ବୀରମହାରାଜପୁର ବନାଞ୍ଚଳ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତ ଅଞ୍ଚଳରେ ହାତୀପଲ ବ୍ୟାପକ ଗଚ୍ଛିତ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଅମଳ ହୋଇସାରିଥିବା, ଖଳାରେ ଗଚ୍ଛିତ ଥିବା ଧାନ ଫସଲ ଏବଂ ଜମିରେ ଥିବା ଧାନକୁ ହାତୀ ନଷ୍ଟ କରୁଛନ୍ତି। ଆଡାଲ, ଚୌକ, ମୁଡ଼ିଦାମକ, ଚନ୍ଦଲି, କାଶଲପୁର, ସେରଗେଡ଼ା ଆଦି ଗ୍ରାମରେ ହାତୀପଲ ଫସଲ ନଷ୍ଟ କରିଛନ୍ତି। ଉକ୍ତ ହାତୀ ପଲରେ ପ୍ରାୟ ୬ ଟି ଦନ୍ତାହାତୀ ଥିବା ଏସିଏଫ ଅବିନାଶ ବରିହା ସୂଚନା ଦେଇଛନ୍ତି। ଉକ୍ତ ହାତୀପଲ ରେଢ଼ାଖୋଲ ପଟରୁ ବୀରମହାରାଜପୁର ପଟରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ପଶି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ହାତୀପଲଙ୍କୁ ସ୍ଥାନୀୟ ଲୋକେ ବନ କର୍ମଚାରୀଙ୍କ ସହିତ ମିଶି ଘଉଡାଇ ଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲ ଆଡ଼କୁ ଘଉଡାଇବାକୁ ଚେଷ୍ଟା କରିଥିଲେ । ଶେଷ ଖବର ସୁଦ୍ଧା ହାତୀ ବର୍ତ୍ତମାନ ସେରଗେଡା ଜଙ୍ଗଲ ଦେଇ ରେଢାଖୋଲ ବନଖଣ୍ଡ ଅଧୀନସ୍ଥ ସଂରକ୍ଷିତ ଜଙ୍ଗଲ ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀପଲ ପଛେ ପଛେ ବନ ବିଭାଗର କର୍ମଚାରୀମାନେ ଯାଇ ଘଉଡାଉ ଥିବା ଦେଖିବାକୁ ମିଳିଛି। ହାତୀପଲ ଦିନ ବେଳା ଜଙ୍ଗଲରେ ରହି ଯାଉଥିବା ବେଳେ ରାତି ହେଲେ ଗାଁ ମୁହାଁ ହୋଇ ଧାନ ଫସଲ ନଷ୍ଟ କରିବା ଯୋଗୁ ଚାଷୀ ଚିନ୍ତାରେ ରହିଛନ୍ତି।

# ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ସ୍ତ୍ରୀ ମୃତ: ସରପଞ୍ଚ ସ୍ୱାମୀ ଗୁରୁତର

ହରଭଙ୍ଗା,୩।୧(ନରେନ୍ଦ୍ର କୁମାର ସାହୁ)

ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେରଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ମେହେରଙ୍କ ମୃତ୍ୟୁ ଘଟିଛି । ତାଙ୍କୁ ରକ୍ଷା କରିବାକୁ ଯାଇ ସରପଞ୍ଚ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗୁରୁବାର ରାତିରେ ଚାରିଛକ ବଜାରସ୍ଥିତ ନିଜ ଘରେ ଥିବା ବେଳେ କୌଣସି କାରଣରୁ ପ୍ରଥମେ ସରପଞ୍ଚଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କ ଦେହରେ ନିଆଁ ଲାଗିଥିଲା। ଏହାଦେଖି ନିଆଁ ଲିଭାଇବା ବେଳେ ସରପଞ୍ଚ ମେହେର ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲକୁ ନେଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ସରପଞ୍ଚଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୌଦ୍ଧ ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ବିଷ୍ଣୁପ୍ରିୟାଙ୍କ ଭାଇ ସଞ୍ଜୀବ ମେହେର ପୁରୁଣାକଟକ ଥାନାରେ ନିଆଁ ଲାଗି ଭଉଣୀର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲା। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସଙ୍କୁ ପଚାରିବାରୁ ମୃତ ବିଷ୍ଣୁପ୍ରିୟାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ପ୍ରକାଶ କରିଛନ୍ତି।

# ୧୧୨ ୟୁନିଟ୍ ରକ୍ତ ସଂଗ୍ରହ

## ସଡ଼କ ସୁରକ୍ଷା ମାସରେ ରକ୍ତଦାନ ଶିବିର




ଯୁବକମାନେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି ।

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)

ସଡକ ସୁରକ୍ଷା ମାସ ୨୦୨୫ ପାଳନ ଅବସରରେ ଶୁକ୍ରବାର ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ବିଭାଗ ସମ୍ମିଳନୀ କକ୍ଷରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବହନ ବିଭାଗ ଓ ଜିଲା ଘରୋଇ ବସ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ଓ ଜିଲା ମୋଟର ଯାନ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୁଢାରାଜା ଯୁବକ ସଂଘ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜିଲା ବସ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ରକ୍ତଦାନ କରିଥିଲେ। ଜିଲା ରକ୍ତଦାତା ସଂଘର ସଭାପତି ମନୋଜ କୁମାର ପଣ୍ଡା, ଜିଲା ଘରୋଇ ବସ୍ ମାଲିକ ସଂଘର ସଭାପତି ଦୀପକ କୁମାର ମହାପାତ୍ର, ପୁରୁଷୋତ୍ତମ ପାଣିଗ୍ରାହୀ ଓ ସୁଦର୍ଶନ ପଣ୍ଡା ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ। ଡାକ୍ତର ସରୋଜ ପଟେଲଙ୍କ ନେତୃତ୍ୱରେ ଜିଲା ରକ୍ତ ଭଣ୍ଡାରର ଟେକନିସିଆନ ସୁଦାମ ବିଶ୍ୱାଳ, ଜଗତ ନାରାୟଣ ଦରୱାନ, ଯୁଧିଷ୍ଠିର ନାଏକ, ଟଙ୍କଧର କୁଅଁର ଓ ବିଶିକେଶନ ଭୋଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତା ଓ ଉପସ୍ଥିତ ଯୁବତୀଯୁବକଙ୍କୁ ରାକ୍ତଦାନର ଆବଶ୍ୟକତା ଏବଂ ମହତ୍ୱ ସମ୍ପର୍କରେ ବୁଝା ଯାଇଥିଲେ। ପରିବହନ ବିଭାଗର କର୍ମଚାରୀ ପୂଜା ଭେଙ୍ଗ୍ରା, ଚିତ୍ତରଞ୍ଜନ ଭୋଇ, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ, ଜ୍ୟୋତି ପ୍ରସାଦ ସାହୁ, ସଙ୍ଗା ଆୟୁଷ୍ମା ମିଶ୍ର ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ଆଦିବାସୀ ନୃତ୍ୟରେ ଦର୍ଶକ ବିଭୋର

## ଦ୍ୱିତୀୟ ଦିନରେ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା



ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

**ହରଭଙ୍ଗା,୩।୧(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲାର ୩୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଚେରି ଖେଳପଡିଆଠାରେ ଚାଲିଥିବା ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମଞ୍ଚାସୀନ ଥିଲେ । ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡେପୁଟି କଲେକ୍ଟର ସୁଚିସ୍ମିତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିବସ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ଆଦିବାସୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହାଛଡା ସ୍ଥାନୀୟ କଳାକାରମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ । ମହୋତ୍ସବରେ ଏଥର ୧୯୦ ଗୋଟି ଷ୍ଟଲ ଖୋଲାଯାଇଛି ।

# ବିଶ୍ୱନାଥ ପଣ୍ଡିତଙ୍କ ୧୦୭ ତମ ଜୟନ୍ତୀ ପାଳିତ

ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସମ୍ବଲପୁର ଡିଭିଜନସ୍ତରୀୟ ୧୦୭ତମ ବିଶ୍ୱନାଥ ପଣ୍ଡିତ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ସିଣ୍ଡୋଲ ରେଞ୍ଜ ଆଇଁଲାଛାଟଠାରେ ଜୟନ୍ତୀ ସଭା ପାଳନ ହୋଇଥଲା। ଏଥିରେ ଡିଭିଜନ ସମ୍ପାଦକ ଗୋକୁଳ ମେହେର ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ପଣ୍ଡିତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରମିକ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ସଂଗ୍ରାମମୟ ଜୀବନୀ ଉପରେ ଉପସ୍ଥିତ ବକ୍ତା ମାନେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସିନ୍ଧୋଲ ରେଞ୍ଜ ଅଧିକାରୀ କୃପାସିନ୍ଧୁ ଖମାରୀ ଯୋଗ ଦେଇଥିଲେ । ରେଞ୍ଜ ସମ୍ପାଦକ ଚୈତନ୍ୟ ହୋତା, ହିମାଂଶୁ ପୁରୋହିତ, ପ୍ରଶାନ୍ତ ଦୀପ, ହେଡ ଚେକର ସୁବାସ ଚନ୍ଦ୍ର ମିଶ୍ରଙ୍କ ସମେତ ନେପାଲ ମେଣ୍ଡଳି,ଦୟାନନ୍ଦ ମୁଦୁଲି, ସତ୍ୟଜିତ ଗଡୁଆ, ହିମାଂଶୁ ସେଠୀ, ମିଥୁନ କମ୍ପ, ଅଗସ୍ତି ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ରେଞ୍ଜ ସମ୍ପାଦକ ରମେଶ ମାହାର ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

# ଏକତାର ପ୍ରତୀକ ଆଦିବାସୀ ସଂସ୍କୃତି

## କୁଞ୍ଜାପାଲିରେ ବଡ଼ଦେଓ ମହୋତ୍ସବ ଉଦ୍‌ଯାପିତ



ଶେଷ ସନ୍ଧ୍ୟାରେ ନିମନ୍ତ୍ରିତ ଅତିଥିମାନେ।



ବଡ଼ଦେଓ ମହୋତ୍ସବରେ ଅଂଶଗ୍ରହଣ କରିଥିବା ନୃତ୍ୟ ଦଳ।

ଅମରପାଲି,୩।୧(ପୀତାମ୍ବର ସାହୁ)

ଆଦିବାସୀ ସଂସ୍କୃତି ଓ ପରମ୍ପରା ନିଆରା। ଏହି ସଂସ୍କୃତି ଅତି ସରଳ ଓ ମଧୁର। ଏହି ସମାଜ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ବାର୍ତ୍ତା ଦେଇଥାଏ। ଏକତା, ସହଯୋଗ ଓ ଉନ୍ନତିର ବାର୍ତ୍ତା ଦେଉଛି ବଡ଼ଦେଓ ମହୋତ୍ସବ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର କୁଞ୍ଜାପାଲିରେ ତିନିଦିନ ଧରି ଚାଲିଥିବା ୨୦ ତମ ବଡ଼ଦେଓ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କୁଞ୍ଜାପାଲି ଶ୍ରୀ ଶ୍ରୀ ବଡ଼ଦେଓ ଲୋକ ମହୋତ୍ସବ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ତିନି ଦିନ ଧରି ହୋଇଥିଲା ଏହି ମହୋତ୍ସବ। ଉଦ୍‌ଯାପନୀ ସମାରୋହରେ ଆୟୋଜକ ସଭାପତି ଅଚ୍ୟୁତ ପଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଦୁର୍ଜନତୈଲା ପଞ୍ଚାୟତର ସମିତି ସଭ୍ୟା ପ୍ରତିନିଧି ଲମ୍ବୋଦର ମହାକୁର ଓ ବହଲପଦର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୀତାମ୍ବର ସାହୁ, ପ୍ରେମାନନ୍ଦ ନାଏକ, ମଣ୍ଟୁ ମନ୍ତ୍ରୀ,ରାଜେଶ ବାଘଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ସମ୍ପାଦକ ଦଶରଥ ପଧାନ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ବିଶ୍ୱାମିତ୍ର ନାଏକ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ଦିବସରେ କଳସ ଯାତ୍ରା ପରେ ପୀଠରେ କଳସ ସ୍ଥାପନ କରାଯାଇଥିଲା। ପରେ ବଡଦେଓଙ୍କ ଦାରୁ ପ୍ରତିଷ୍ଠା କରାଯାଇଥିଲା। ଦ୍ୱିତୀୟ ଦିବସ ରେ ଗୋଣ୍ଡ ସମାଜର ଶତାଧିକ ଜାତି ଭାଇ ଆସିଥିଲେ। ଦିନବେଳା ବଡଦେଓ ଙ୍କ ପୂଜା ପରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ବୀରମହାରାଜପୁରର ଭୀମ ଭୋଇ କଳା ନିକେତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାଜ୍ୟର ନୂଆପଡ଼ା,ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ସୋନପୁର ଆଦି ଜିଲାର ଶତାଧିକ ଗୋଣ୍ଡ ସମାଜର ଜାତିଭାଇ ଆସିଥିଲେ। ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଜାତିର ସମସ୍ତେ ଏକାଠି ରହି ସମାଜର ସମସ୍ତ ନୀତି ନିୟମ ମାନି ଚାଲିବାକୁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ, କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ବୀରମହାରାଜପୁରର ସୁର ମେଲୋଡି ଆନୁକୂଲ୍ୟରେ ଅବିନାଶ ହୋତା,ପୀତବାସ ଶତପଥୀ ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଗୀତ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା। ଏହା ଦେଖିବାକୁ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

**ସଂକ୍ଷେପରେ**

## ଶିକ୍ଷୟିତ୍ରୀଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ରାଜଗାଙ୍ଗପୁର,୩।୧(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସାଗରିକା ପଣ୍ଡା(୩୬)। ସାଗରିକାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ସୂଚନା ଅନୁସାରେ, ଗୁରୁବାର ସାଗରିକାଙ୍କ ସ୍ୱାମୀ ଜ୍ଞାନରଞ୍ଜନ ତ୍ରିପାଠୀ ଝିଅ ପୁଅଙ୍କ ସହ ମନ୍ଦିରା ଡ୍ୟାମ ବୁଲିବାକୁ ଯାଇଥିଲେ। ଘରକୁ ଫେରିଲା ବେଳକୁ ସ୍ତ୍ରୀ ଫ୍ୟାନରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପଡୋଶୀଙ୍କ ସହାୟତାରେ ସ୍ତ୍ରୀଙ୍କୁ ଲାଇଙ୍ଗ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଫାସି ଲଗାଇ ଥିବା ଶାଢ଼ୀକୁ ଜବତ କରିଛି। ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଓ କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛନ୍ତି।

## ଲୋଇସିଂହା ରେଞ୍ଜରେ ଛତିଶଗଡ଼ ହାତୀପଲ

**ଲୋଇସିଂହା,୩।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜକୁ ଛତିଶଗଡ଼ର ୯ ଟିକିଆ ହାତୀ ପଲ ପଶିଛନ୍ତି । ଏହି ହାତୀ ପଲରେ ୨ ଶାବକ, ୩ ମାଈ ଓ ୪ ଦନ୍ତା ରହିଥିବା ବନ ବିଭାଗ ସୂତ୍ରରୁ ଜଣାଯାଇଛି। ହାତୀପଲ ରେଞ୍ଜ ଅଧୀନ ପିପିଲି ଓ ବଘାପାଲି ମଝିରେ ଥିବା କାଳିଡୁଙ୍ଗରୀସ୍ଥିତ ଗ୍ରେଭେଲିଆ ବଣରେ ଦିନ ତମାମ ରହିଥିଲେ। ଶୁକ୍ରବାର ସକାଳେ ଏହି ରାସ୍ତା ଦେଇ ଯିବା ବେଳେ ସ୍ଥାନୀୟ ଲୋକେ ହାତୀପଲ ଦେଖିବାକୁ ପାଇଥିଲେ। ଏହି ଅଞ୍ଚଳ ହାତୀ ଜୋନ ହୋଇ ନ ଥିବାରୁ ହାତୀପଲ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ଆତଙ୍କିତ ହୋଇ ପଡିଥିଲେ। ଉକ୍ତ ହାତୀପଲ ବରଗଡ ଜିଲା ପଦ୍ମପୁର ରେଞ୍ଜ ଦେଇ ଉକ୍ତ ବଣ ପରିସରକୁ ଚାଲି ଆସିଥିଲେ। ଅପରିଚିତ ସ୍ଥାନ ହୋଇଥିବାରୁ ଗ୍ରେଭେଲିଆ ବଣରେ ଦିନ ତମାମ ରହିଯାଇଥିଲେ। ଖବର ଲେଖା ପର୍ଯ୍ୟନ୍ତ ହାତୀ ପଲ ସେଠାରୁ ବାହାରି ନଥିବା ସ୍ଥାନୀୟ ଫରେଷ୍ଟର ବାବୁଲା ଦାଶ କହିଛନ୍ତି। ହାତୀପଲ କୌଣସି ପ୍ରକାର ଉପଦ୍ରବ ଘଟାଇ ନାହାନ୍ତି। ଜନସାଧାରଣ ଓ ଉକ୍ତ ହାତୀପଲ ସୁରକ୍ଷା ପାଇଁ ଲୋଇସିଂହା ଓ ପାଟଣାଗଡ଼ ରେଞ୍ଜ କର୍ମଚାରୀ ଜଗି ରହି ସ୍ଥିତି ନିରୀକ୍ଷଣ କରୁଥିବା ସେ କହିଛନ୍ତି। ଆସିଥିଲା ବାଟ ଦେଇ ଫେରିଯିବା ଆଶଙ୍କା କରାଯାଉଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।



ଯାତ୍ରା ମହୋତ୍ସବର ୨ୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବିହୁ ନୃତ୍ୟରେ ଦୁଲୁକିଲା ମଞ୍ଚ

### ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

**ସୁନ୍ଦରଗଡ଼, ୩।୧(ଜୟ ନାରାୟଣ ମେଣ୍ଡୁଲି)**

**ଯାତ୍ରା ମହୋତ୍ସବର ୨ୟ ସନ୍ଧ୍ୟା**

ସୁନ୍ଦରଗଡ଼ ଜିଲା ମହୋତ୍ସବ ଯାତ୍ରାର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ପଶ୍ଚିମାଞ୍ଚଳ ଡିଆଇଜି (ରାଉରକେଲା) ବ୍ରିଜେଶ ରାୟ, ଜିଲାପାଳ ମନୋଜ ମହାଜନ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଆଞ୍ଚଳିକ ବନ ସଂରକ୍ଷକ, ରାଉରକେଲା ପି. ରାମାସାମି, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡିଆଇଜି ବ୍ରିଜେଶ ରାୟ ଯୋଗଦେଇ ଯତରା ମଞ୍ଚରେ ବିଭିନ୍ନ ଅଞ୍ଚଳରୁ କଳାକାରମାନେ ନିଜର କଳାକୁ ପ୍ରଦର୍ଶନ କରିବାର ସୁଯୋଗ ପାଉଛନ୍ତି ଏବଂ ଏଥିରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏକତ୍ରିତ ହେବାର ସୁଯୋଗ ମଧ୍ୟ ପାଉଛନ୍ତି ବୋଲି କହିଥିଲେ। ବ୍ଲକ ସ୍ତରରେ ଅନୁଷ୍ଠିତ ଯତ୍ରା କାର୍ଯ୍ୟକ୍ରମର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ବିଶ୍ରା ବ୍ଲକ, ହେମଗିରି ଏବଂ ଗୁରୁଣ୍ଡିଆ ବ୍ଲକର କଳାକାରମାନେ ପ୍ରଥମେ ନିଜ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଆଦିବାସୀ କିସାନ୍ କର୍ମା ଦଳ, ନଟରାଜ କଳା ପରିଷଦ, ଆସାମର ବିହୁ ନୃତ୍ୟ, ପଶ୍ଚିମ ବଙ୍ଗର ପୁରୁଲିଆ ଛଉ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ମଣ୍ଟୁ ଛୁରୀଆଙ୍କ ନାଚ ଗୀରେ ଦର୍ଶକ ଝୁମିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ଲାଟପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ରାଉରକେଲାର ସୁଶ୍ରୀ ଅରୁଣିମା ଠାକୁର, ଇଣ୍ଡିଆ ବୁକ୍ ଅଫ ରେକର୍ଡରେ କୃତିତ୍ୱ ଲାଭ କରିଥିଲା ଲେଫ୍ରିପଡ଼ା ବ୍ଲକର ସ୍ୱରିତ ଉପାଧ୍ୟାୟ, ରାଜ୍ୟ ଶକ୍ତି ଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ସୁନ୍ଦରଗଡ଼ର ସଚିନ୍ଦ୍ର କେରକେଟା, ରାଜ୍ୟ ବକ୍ସିଂରେ ସ୍ୱର୍ଣ୍ଣ ପଦକ ବିଜେତା ସୁଶ୍ରୀ ସୋନିଆ ରଣା ଏବଂ ରାଜଗାଙ୍ଗୁରର ପାରା ଆଥଲେଟ୍ ନିଲମ୍ ବାହାଦୁର ଶ୍ରେଷ୍ଠାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଧାନମଣ୍ଡି ଉଦ୍‌ଘାଟିତ

**ବଡ଼ଗାଁ,୩।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଭୋଇପାଲି ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଧାନ କ୍ରୟ କମିଟି ସଦସ୍ୟ ରବୀନ୍ଦ୍ର ପଟେଲ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କୃଷି ନୋଡାଲ ଅଫିସର ନର୍ମଦା କୁମୁରା, ବଡ଼ଗାଁ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତପନ ପ୍ରଧାନ, ବଡ଼ଗାଁ ଲ୍ୟାମ୍ପସ ଏମ୍‌ଡି ଜେନାମଣି ମହାକୁଲ, ସମବାୟ ସମିତିର କର୍ମଚାରୀ ପ୍ରଦ୍ୟୁମ୍ନ ବିଶି, ସଞ୍ଜୟ ବେହେରା, ସୁନୀଲ ସା, ଚାଷୀ ଶିଶିର ପଟେଲ, ମନୋଜ ପୃଷେଟ, ଉମାକାନ୍ତ ନାଏକ, ସୁମନ୍ତ ମେହେର, ପ୍ରେମାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିରେ ଶୁକ୍ରବାରଠାରୁ ଆନୁଷ୍ଠାନିକ ଭାବେ ଧାନ କ୍ରୟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚାଷୀମାନେ କିପରି ସୁରୁଖୁରୁରେ ଧାନ ବିକ୍ରିକରିପାରିବେ ଆଲୋଚନା ହୋଇଥିଲା।



ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ସ୍ତ୍ରୀ ମୃତ: ସରପଞ୍ଚ ସ୍ୱାମୀ ଗୁରୁତର

**ହରଭଙ୍ଗା,୩।୧(ନରେନ୍ଦ୍ର କୁମାର ସାହୁ)**

ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେରଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ମେହେରଙ୍କ ମୃତ୍ୟୁ ଘଟିଛି । ତାଙ୍କୁ ରକ୍ଷା କରିବାକୁ ଯାଇ ସରପଞ୍ଚ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗୁରୁବାର ରାତିରେ ଚାରିଛକ ବଜାରସ୍ଥିତ ନିଜ ଘରେ ଥିବା ବେଳେ କୌଣସି କାରଣରୁ ପ୍ରଥମେ ସରପଞ୍ଚଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କ ଦେହରେ ନିଆଁ ଲାଗିଥିଲା। ଏହାଦେଖି ନିଆଁ ଲିଭାଇବା ବେଳେ ସରପଞ୍ଚ ମେହେର ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲକୁ ନେଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ସରପଞ୍ଚଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୌଦ୍ଧ ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ବିଷ୍ଣୁପ୍ରିୟାଙ୍କ ଭାଇ ସଞ୍ଜୀବ ମେହେର ପୁରୁଣାକଟକ ଥାନାରେ ନିଆଁ ଲାଗି ଭଉଣୀର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ କରିଥିବା ଜଣାପଡିଛି।

## ୨ ଟ୍ରାକ୍ଟରରୁ ୩୦ ହଜାର ଜରିମାନା ଆଦାୟ

**କୁଆଁରମୁଣ୍ଡା,୩।୧(ମହେନ୍ଦ୍ର କୁମାର ସାହୁ)**

**ବେଆଇନ ଇଟାଚାଲାଣ**

ବୀରମିତ୍ରପୁରରୁ କୁଆଁରମୁଣ୍ଡାକୁ ଲାଲ ଇଟା ବୋଝେଇ ୨ଟି ଟ୍ରାକ୍ଟର (ନଂ.ଓଡି୧୪ୱାଇ/୪୪୪୦) ଓ (ନଂ.ଓଡି୧୬ଏମ/୫୯୬୦) ଆସୁଥିଲା ବେଳେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଶୁକ୍ରବାର ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଏଥିରେ ଅନିୟମିତତା ଥିବା ଜଣାପଡିବା ପରେ ସେ କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରାଙ୍କୁ ସୂଚନା ଦେଇଥିଲେ। ତହସିଲଦାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ପରିଦର୍ଶକ ବେଣୁଧର ବେହେରା ଓ କୁଆଁରମୁଣ୍ଡା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରରେ ଚାଲାଣ ହେଉଥିବା ଲାଲ ଇଟା ବେଆଇନ ଆଧାରରେ ୧୫ ହଜାର ଲେଖାଏଁ ମୋଟ ୩୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

**ଲୋଇସିଂହା,୩।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୋଇସିଂହା-ପଦ୍ମପୁର ରାସ୍ତାର ପତ୍ରାପାଲି ରାଇସ ମିଲ ନିକଟରେ ଶୁକ୍ରବାର ଏକ ହାଇୱା (ନଂ ଓଡି୦୩ଏ ସି ୨୦୦୯)ଓ ବାଇକ (ନଂ ଓଡି୩୧ ଏମ ୦୬୬୪) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଆରୋହୀ ବଲାଙ୍ଗୀର ସଦର ଥାନା ଜାମୁଟିଆ ଗ୍ରାମର ଶୁଭମ୍ ସିଂ (୨୫)ଓ ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ବିଶିମୁଣ୍ଡା ଗ୍ରାମର ସଦାନନ୍ଦ ମହାନନ୍ଦ(୨୯) ଗୁରୁତର ହୋଇଛନ୍ତି । ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁଇ ବାଇକ୍ ଆରୋହୀ ଲୋଇସିଂହା ପଟରୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା ସହ ଧକ୍କା ହୋଇଥିଲା । ଦୁର୍ଘଟଣା ସମୟରେ ପ୍ରାୟ ୨୦ ଫୁଟ ଯାଏ ବାଇକ୍ ସହିତ ଆରୋହୀଙ୍କୁ ହାଇୱା ଘୋଷାଡି ନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଆହତ ଦୁଇ ଜଣ ଆଦର୍ଶ ଫାଇନାନ୍ସରେ କାମ କରୁଥିବା ଜଣାଯାଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ତାଲିମ ଶିବିରରେ ଉପସ୍ଥିତ ଛାତ୍ରୀମାନେ।

**ବଡ଼ଗାଁ,୩।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ବରଙ୍ଗାକଛାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନବୀନ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ। ଅଧକ୍ଷ ନାଏକ ବର୍ତ୍ତମାନର ଜଟିଳ ସମାଜରେ ମହିଳାଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଆଲୋକପାତ କରିଥିଲେ। ସମସ୍ତ ଛାତ୍ରୀ ଏଠାରେ ତାଲିମ ନେଲାପରେ ଦୈନନ୍ଦିନ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଅଧାପକ ଗଜେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି, ପରମ୍ପରା ଓ କଳାକୁ ବଞ୍ଚାଇ ରଖିବା ପାଇଁ ମହୋତ୍ସବ ଏକ ମାଧ୍ୟମ

**ଦେଓଗାଁ,୩।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକର ଦେଷଣ୍ଡ ଚାନ୍ଦିଲି ପାହାଡ ପାଦଦେଶରେ ଚାଲିଥିବା ଅଷ୍ଟମ ଚାନ୍ଦିଲି ପାହାଡ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଥିରେ ମହୋତ୍ସବ କମିଟି ଆବାହକ ଲକ୍ଷ୍ମଣ କୁମାର ମେହେର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ଦେଓଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ କୁମାର, ରସରାଜ କବି ଅଚ୍ୟୁତ ପୁରୋହିତ ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍କୃତି, ପରମ୍ପରା ଓ କଳାକୁ ବଞ୍ଚାଇ ରଖିବା ପାଇଁ ମହୋତ୍ସବ ଏକ ମାଧ୍ୟମ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ପୂର୍ବତନ ଜିଲା ପରିଷଦ ସଭ୍ୟା ସଭ୍ୟ ଦେଓଗାଁର ସ୍ମିତା ପାତ୍ର, ବନ୍ଧପଡାର ଅଶୋକ କୁମାର ଭୋଇ, ଟେପ୍ରେନର ଗୋପାଳ ଚନ୍ଦ୍ର ମିଶ୍ର, ବଡଡୁଙ୍ଗୁରୀପାଲିର ରୀନା ମେହେର, ମୁରଲିଧର ରାଉତ, ନୀଳମଣି ପାଣିଗ୍ରାହୀଙ୍କୁ ଚାନ୍ଦିଲି ପାହାଡ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ତହସିଲଦାରଙ୍କୁ ଭେଟିଲେ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି

**ପାଟଣାଗଡ,୩।୧(ସଚ୍ଚିଦାନନ୍ଦ ମହାକୁଡ)**

**■ଜାଗା ଛାଡିବାକୁ ନୋଟିସ**

**■ଜମି ଫେରାଇ ନ ନେବାକୁ ଦାବି**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଞ୍ଚାୟତ ବେହେରାବନ୍ଧ ଗାଁର ୪୦ରୁ ଉର୍ଦ୍ଧ୍ୱ ପଟ୍ଟା ପାଇଥିବା ହିତାଧିକାରୀ ଶୁକ୍ରବାର ପାଟଣାଗଡ ତହସିଲଦାରଙ୍କୁ ଭେଟିଛନ୍ତି। ହିତାଧିକାରୀମାନେ ପାଟଣାଗଡ ତହସିଲ କାର୍ଯ୍ୟାଳୟକୁ ଆସି ସେମାନେ ପାଇଥିବା ଜମି ଫେରାଇ ନ ନେବାକୁ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। ପରେ ଏନେଇ ଉପଜିଲାପାଳ ସୁନୀଲ ମେହେରଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶ ଯେ, ଉକ୍ତ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ପାଇଥିବା ଜାଗାକୁ ଛାଡିବାକୁ ତହସିଲଦାରଙ୍କ କାର୍ଯ୍ୟାଳୟରୁ ନୋଟିସ ଦିଆଯାଇଥିଲା। ଏହି ନୋଟିସକୁ ଧରି ହିତାଧିକାରୀମାନେ ତହସିଲଦାରଙ୍କୁ ଭେଟି ତାଙ୍କର ଦାବି ଜଣାଇବା ସହିତ ପାଇଥିବା ଜମିକୁ ଛାଡ଼ିବୁ ନାହିଁ ବୋଲି କହିଥିଲେ। ତହସିଲଦାର ନାୟକଙ୍କ କହିବା ଅନୁଯାୟୀ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଜାଗାକୁ ୩ ବର୍ଷ ପର୍ଯ୍ୟନ୍ତ ଯଦି ପାଇଥିବା ହିତାଧିକାରୀ ବ୍ୟବହାର ନ କରନ୍ତି, ତାହେଲେ ସେହି ଜମିକୁ ସରକାରଙ୍କ ଖାତାକୁ ସ୍ଥାନାନ୍ତର କରାଯିବାର ନିୟମ ରହିଛି।



ପାଟଣାଗଡ ତହସିଲ କାର୍ଯ୍ୟାଳୟକୁ ଆସିଥିବା ହିତାଧିକାରୀମାନେ।

# ପ୍ରଥମ ଦିନରେ ସଂଗ୍ରହ ହେଲା ୩୯ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମାଣ୍ଡିଆ

**ସୁନ୍ଦରଗଡ,୩।୧(ଜୟ ନାରାୟଣ ମେଣ୍ଡୁଲି)**

କୃଷି ଓ କୃଷକର ସଶକ୍ତି କରଣ ବିଭାଗ ଦ୍ୱାରା ଶ୍ରୀ ଅନ୍ନ ଅଭିଜାନ କାର୍ଯ୍ୟକ୍ରମକୁ ସହଯୋଗୀ ସଂସ୍ଥା ଭାବେ ସେବକ ଟାଙ୍ଗରପାଲି ବ୍ଲକରେ କାର୍ଯ୍ୟ କରିଆସୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମହୁଲପାଲି ସ୍ଥିତ ବସୁଧା କୃଷି ଉତ୍ପାଦକ ସଂସ୍ଥା କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ମାଣ୍ଡି ଉଦ୍‌ଘାଟନ, ପୁଷ୍ଟିଶସ୍ୟ ଖାଦ୍ୟମେଳାର ଆୟୋଜନ କରାଯିବା ସଙ୍ଗେ ସଙ୍ଗେ ମାଣ୍ଡିଆ ମଣ୍ଡି ନିମନ୍ତେ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ସେବକର ଟାଙ୍ଗରପାଲି ବ୍ଲକର ଅତିରିକ୍ତ ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗଦେଇ ଚାଷୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସଫା ମାଣ୍ଡିଆ ଆଣି ମଣ୍ଡିରେ ବିକ୍ରି କରି ଉଚିତ ମୂଲ୍ୟ ପାଇବାକୁ କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା କୃଷି ଅଧିକାରୀ ହରିହର ନାୟକ ଯୋଗଦେଇ ଚାଷୀ ମାନେ କିପରି ଅଧିକରୁ ଅଧିକ ମାଣ୍ଡିଆ ଚାଷ କରି ରୋଜଗାର କ୍ଷମ ହୋଇପାରିବେ ଓ ନିଜ ଖାଦ୍ୟ ଥାଳିରେ ସାମିଲ କରିବା ସହିତ ଅନ୍ୟମାନଙ୍କର ଉଦାହରଣ ହୋଇପାରିବ ସେ ବିଷୟରେ ଧାରଣା ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ ତାଙ୍କ ବକ୍ତବ୍ୟରେ ସରକାର ପ୍ରତି ବର୍ଷ ମାଣ୍ଡିଆ ଚାଷ କରିବା ପାଇଁ ସହାୟକ ମୂଲ୍ୟ ବୃଦ୍ଧି କରୁଛନ୍ତି। ଚାଷୀମାନେ ମାଣ୍ଡିଆ, ବାଜରା, ସୁଆଁ ,କଦୋ, କାଙ୍ଗୁ ଚାଷ କରି ଲାଭବାନ ହୋଇପାରିବେ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ,ପୁଷ୍ଟି ଶସ୍ୟ ଖାଦ୍ୟମେଳାର ଆୟୋଜନ**

ସେ ବିଷୟରେ ମତାମତ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା ଟାଙ୍ଗରପାଲି ବ୍ଲକର ଚାଷୀ ଭଉଣୀ ଭାଇମାନେ ମାଣ୍ଡିଆକୁ ସବୁଦିନ ଚାଷ କରିବା ସହିତ ଏହାର ଲାଭ ଉଠାନ୍ତୁ ବୋଲି କହିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଚାଷୀମାନଙ୍କୁ ମାଣ୍ଡିଆ ଖାଦ୍ୟର ଭିଟାମିନ ଓ ଉପକାରିତା ଉପରେ ମତାମତ ଦେଇଥିଲେ। ସେବକର ଅଧକ୍ଷ ଅମୀୟ କାନ୍ତ ନାୟକ ଓ ସିନିୟର ପ୍ରୋଗ୍ରାମ୍ ମ୍ୟାନେଜର ଦିଗମ୍ବର ଉପଧ୍ୟାୟ ପୁଷ୍ଟିଶସ୍ୟ ଖାଦ୍ୟକୁ ନିୟମିତ ବ୍ୟବହାର କରିବା ପାଇଁ ମତାମତ ଦେଇଥିଲେ। ଏହି ଅବସରରେ ଏକ ପୁଷ୍ଟିଶସ୍ୟ ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। ଏହି ଖାଦ୍ୟ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଆରିଷା, ଠେଠେରି, କାଠିନିମକୀ, ଲଡୁ, ଗୁଲାବଜାମୁନ, ଜିଲାପି, ଶଙ୍ଖ ପିଠା, କ୍ଷୀରୀ,ବିସ୍କୁଟ,ମିକ୍ସଚର ଆଦି ସମସ୍ତଙ୍କୁ ଖାଇବାକୁ ଦିଆଯାଇଥିଲା। ସରକାର ଚଳିତ ବର୍ଷ ମାଣ୍ଡିଆର ମୂଲ୍ୟ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ରଖିଛନ୍ତି। ଏଣୁ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁଧୀର କୁମାର ନାୟକ ସଫା ମାଣ୍ଡିଆ ସବୁ ମଣ୍ଡିରେ ଆଣିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଟିଡିସିସି, ୱାସନ କର୍ମୀ , ନିୟନ୍ତ୍ରିତ ବଜାର କମିଟିର କର୍ମୀ ,ଟାଙ୍ଗରପାଲି ବ୍ଲକର ଆସିଥିବା ସମସ୍ତ ଚାଷୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୩୩ ଜଣ ଚାଷୀଙ୍କ ଠାରୁ ୩୯.୪୭ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ମାଣ୍ଡିଆ ମଣ୍ଡି ସଚେତନତା ରଥ ଗଡିବାର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ୪ ଦିନ ଧରି ଟାଙ୍ଗରପାଲି ବ୍ଲକର ସମସ୍ତ ଗ୍ରାମ ପରିକ୍ରମା କରିବ। ଉକ୍ତ କାର୍ଯ୍ୟକ୍ରମକୁ ସେବକର ହେମନ୍ତ ପୃଷଠ, ଅଜୟ ସୁଣ୍ୟାନୀ, କୃତିକା ସିଂହ, ସରିତା ବୁଡା, ଯଶୋବନ୍ତ ରାଉତ ,ଆକାଶ ଚୌଧୁରୀ ,ସଞ୍ଜୟ ସିଂହ ,ଶୁଭମ ପଶାୟତ, ସୁମନ୍ତ ଖମାରି, ସୁଜାତା ପଟେଲ, କ୍ଷେତ୍ରମଣି ଦେହେରି ପ୍ରମୁଖ ପରିଚାଳନା କରିଥିଲେ।

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ପଏଁରୀ ଅନୁଷ୍ଠାନ ପକ୍ଷରୁ ପୁରୁଣା ଟାଉନହଲଠାରେ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୫ତମ ପଏଁରୀ ତିହାର ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତର ତାଳରେ ଝୁମିଥିଲେ ଦର୍ଶକ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁରର କଳା ଓ ସଂସ୍କୃତି ରାଜ୍ୟ ଓ ରାଜ୍ୟ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ସେହିପରି ପଏଁରୀ ଅନୁଷ୍ଠାନ ଜିଲାର କଳା ଓ ଲୋକ କଳାକାରଙ୍କ ସମ୍ମାନ ବଢାଇଥିବା ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଜିଲାପାଳ ବିଶ୍ୱନାଥ ବାରିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ନୀଳାମ୍ବର ଶତପଥୀ, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ଉପଦେଷ୍ଟା ଗଦାଧର ବାରିକ୍, ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ ଓ ପ୍ରଫୁଲ୍ଲ ନାଏକ ଯୋଗଦାନ କରି ଲୋକକଳା ଓ ଲୋକସଂସ୍କୃତି ଅଞ୍ଚଳର ପରିଚୟ। ତେଣୁ ଲୋକକଳା ଓ କଳାକାରଙ୍କୁ ବଞ୍ଚାଇ ରଖିବା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନ ଓ ବାଦ୍ୟକାର ଗଙ୍ଗାଧର ଗର୍ଡିଆଙ୍କୁ ପୁରନ୍ଦର ବାରିକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଜିଲାର ବରିଷ୍ଠ କଳାକାର, ସମାଜସେବୀ ଓ ଶିକ୍ଷାବିତ୍‌ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଓ ସୁଶାନ୍ତ ସାହୁଙ୍କ ସଂଯୋଜନାରେ ପଏଁରୀ ଅନୁଷ୍ଠାନର କଳାକାରମାନେ ଜାମୁଡାଲି ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି ବରଗଡ ଢୁମ୍‌କୁଢୁମା କଳାପରିଷଦର ବଜନିଆ, ମୟୂରଭଞ୍ଜର କଳାକାରଙ୍କ ଛଉ, କଳାହାଣ୍ଡି ଜିଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ମଲ୍ଲିଫୁଲ ଓ ଝାଡଖଣ୍ଡର କଳାକାର ମାନେ ଝୁମୁର ନୃତ୍ୟ ପରିବେଷଣ କରିଥିଲେ। ମମତା ଫେଶନ ଶୋ ପକ୍ଷରୁ ର୍ୟାମ୍ପ ଶୋ ଆୟୋଜିତ ହୋଇଥିଲା। ସୁପ୍ରିୟା ଶର୍ମା, ସୁଚିତ୍ରା ଦାସ ପ୍ରମୁଖ ଲୋକସଙ୍ଗୀତ ଗାନ କରିଥିଲେ। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ ହୋଇଥିଲା।


କଣ୍ଠଶିଳ୍ପୀ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ଟ୍ରାକ୍ଟର ଧକ୍କାରେ ପାଟ୍ରୋଲିଂରତ ଗୃହରକ୍ଷୀଙ୍କ ମୃତ୍ୟୁ

**ଦେବଗଡ଼,୩।୧(ଶଶାଙ୍କ କେଶଖର ଝାଙ୍କର)**

ଜଣେ ଟ୍ରାକ୍ଟର ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ପାଟ୍ରୋଲିଂରତ ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଦେବଗଡ ଥାନା ତିଲେଇବଣି ପୋଲିସ ଫାଣ୍ଡିରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ତିଲେଇବଣି ଗ୍ରାମର କିଶୋର ହରିଜନ(୪୩) ଶୁକ୍ରବାର ନିଜ ବାଇକ୍ ଯୋଗେ ପାଟ୍ରୋଲିଂ କରୁଥିଲେ। ସେ ତିଲେଇବଣିରୁ ଚଟିବରଘାଟ ଛକ ପଟକୁ ଯାଉଥିବା ବେଳେ ଭୁଲ ରାସ୍ତାରେ ଆସୁଥିବା ଏକ ଟ୍ରାକ୍ଟର (ନଂ.ଓଡି୧୫ୱାଇ-୫୧୨୩)ତାଙ୍କୁ ଧକ୍କା ଦେଇଥିଲା । ଫଳରେ କିଶୋର ରାସ୍ତା କଡକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସୂଚନା ପାଇ ଘଟଣାସ୍ଥଳରୁ କିଶୋରଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ମାତ୍ର ଡାକ୍ତର କିଶୋରଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତ ଗୃହରକ୍ଷୀଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ଦେବଗଡ ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଘର ଭାଙ୍ଗି ଧାନ, ଚାଉଳ ଖାଇଲା ହାତୀ


ହାତୀ ଦ୍ୱାରା ଭାଙ୍ଗିଥିବା ଘର।

**ଦେବଗଡ଼,୩।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ବନଖଣ୍ଡ କଂସର ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଖଜୁରୀଖମଣ(ଟାମ୍ପର) ଗ୍ରାମରେ ଏକ ଜଙ୍ଗଲୀ ଦନ୍ତାହାତୀ ପଶି ୨ ଜଣଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଧାନ ଓ ଚାଉଳ ଆଦି ଖାଦ୍ୟଶସ୍ୟ ଖାଇଦେଇଛି। ଅନ୍ୟପକ୍ଷରେ ହାତୀକୁ ଘଉଡାଇବା ବେଳେ ଆକ୍ରମଣ ପାଇଁ ଗୋଡାଇବାରୁ ଜୀବନ ବିକଳରେ ଦୌଡି ପଳାଉଥିବା ୩ ଜଣ ତଳେ ପଡି ଖଣ୍ଡିଆଖାବରା ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଦନ୍ତାହାତୀଟି ଶୁକ୍ରବାର ପ୍ରତ୍ୟୁଷରେ ଖଜୁରୀଖମଣ ଗ୍ରାମରେ ପଶି ରାମଚନ୍ଦ୍ର ଦେହୁରି ଓ ଧୁବେଇ ମାଝୀଙ୍କ ଘରର ଆଜ୍‌ବେଷ୍ଟସ୍ ଓ କାନ୍ଥଭାଙ୍ଗି ଘରେ ପଶିଯିବା ସହ ଘରେ ଥିବା ଧାନ ଚାଉଳ ଖାଇଦେଇଥିଲା । ତେବେ ହାତୀ ଆସୁଥିବା ଜାଣିପାରି ଉଭୟ ପରିବାରର ସଦସ୍ୟମାନେ ବାହାରକୁ ଦୌଡି ପଳାଇ ଜୀବନ ବଞ୍ଚାଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ବନ ବିଭାଗ କର୍ମଚାରୀ ହାତୀଟିକୁ ଘଉଡାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ଆକ୍ରମଣ ପାଇଁ ଗୋଡାଇଥିଲା। ଫଳରେ ଦୌଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଫରେଷ୍ଟଗାର୍ଡ କାର୍ତ୍ତିକେଶ୍ୱର ଦେହୁରୀ ଓ ଉକ୍ତ ଗ୍ରାମର ଅନ୍ୟ ଦୁଇ ଜଣ ଯୁବକ ତଳେ ପଡି ଆହତ ହୋଇଥିଲେ। ତେବେ ଦୀର୍ଘ ସମୟ ପରେ ହାତୀଟିକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାରେ ସଫଳ ହୋଇଥିଲେ। ହାତୀଟି ବର୍ତ୍ତମାନ ନିକଟସ୍ଥ କଂସର ସେକ୍ସନର ପାଲୁଣିପଡା ବିଟ ଅନ୍ତର୍ଗତ କଂସର ସଂରକ୍ଷିତ ଜଙ୍ଗଲରେ ରହିଛି। ରାତିରେ ପୁଣିଥରେ ହାତୀ ଗାଁରେ ପଶି କ୍ଷୟକ୍ଷତି ଘଟାଇବା ଆଶଙ୍କା ଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

# ଖଣ୍ଡହତା ଅଞ୍ଚଳରେ ହାତୀ ଉପଦ୍ରବ

## ଗଚ୍ଛିତ ଧାନ ଫସଲ ନଷ୍ଟ କରୁଛନ୍ତି ହାତୀପଲ

**ଅମରପାଲି,୩।୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ବନଖଣ୍ଡ ଅଧୀନସ୍ଥ ବୀରମହାରାଜପୁର ବନାଞ୍ଚଳ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତ ଅଞ୍ଚଳରେ ହାତୀପଲ ବ୍ୟାପକ ଗଚ୍ଛିତ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଅମଳ ହୋଇସାରିଥିବା, ଖଳାରେ ଗଚ୍ଛିତ ଥିବା ଧାନ ଫସଲ ଏବଂ ଜମିରେ ଥିବା ଧାନକୁ ହାତୀ ନଷ୍ଟ କରୁଛନ୍ତି। ଆଡାଲ, ଚୌକ, ମୁଡ଼ିଦାମକ, ଚନ୍ଦଲି, କାଶଲପୁର, ସେରଗେଡ଼ା ଆଦି ଗ୍ରାମରେ ହାତୀପଲ ଫସଲ ନଷ୍ଟ କରିଛନ୍ତି। ଉକ୍ତ ହାତୀ ପଲରେ ପ୍ରାୟ ୬ ଟି ଦନ୍ତାହାତୀ ଥିବା ଏସିଏଫ ଅବିନାଶ ବରିହା ସୂଚନା ଦେଇଛନ୍ତି। ଉକ୍ତ ହାତୀପଲ ରେଢ଼ାଖୋଲ ପଟରୁ ବୀରମହାରାଜପୁର ପଟରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ପଶି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ହାତୀପଲଙ୍କୁ ସ୍ଥାନୀୟ ଲୋକେ ବନ କର୍ମଚାରୀଙ୍କ ସହିତ ମିଶି ଘଉଡାଇ ଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲ ଆଡ଼କୁ ଘଉଡାଇବାକୁ ଚେଷ୍ଟା କରିଥିଲେ । ଶେଷ ଖବର ସୁଦ୍ଧା ହାତୀ ବର୍ତ୍ତମାନ ସେରଗେଡା ଜଙ୍ଗଲ ଦେଇ ରେଢାଖୋଲ ବନଖଣ୍ଡ ଅଧୀନସ୍ଥ ସଂରକ୍ଷିତ ଜଙ୍ଗଲ ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀପଲ ପଛେ ପଛେ ବନ ବିଭାଗର କର୍ମଚାରୀମାନେ ଯାଇ ଘଉଡାଉ ଥିବା ଦେଖିବାକୁ ମିଳିଛି। ହାତୀପଲ ଦିନ ବେଳା ଜଙ୍ଗଲରେ ରହି ଯାଉଥିବା ବେଳେ ରାତି ହେଲେ ଗାଁ ମୁହାଁ ହୋଇ ଧାନ ଫସଲ ନଷ୍ଟ କରିବା ଯୋଗୁ ଚାଷୀ ଚିନ୍ତାରେ ରହିଛନ୍ତି।


ଚୌକାରେ ହାତୀପଲ।

# ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ସ୍ତ୍ରୀ ମୃତ: ସରପଞ୍ଚ ସ୍ୱାମୀ ଗୁରୁତର

**ହରଭଙ୍ଗା,୩।୧(ନରେନ୍ଦ୍ର କୁମାର ସାହୁ)**

ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେରଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ମେହେରଙ୍କ ମୃତ୍ୟୁ ଘଟିଛି । ତାଙ୍କୁ ରକ୍ଷା କରିବାକୁ ଯାଇ ସରପଞ୍ଚ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗୁରୁବାର ରାତିରେ ଚାରିଛକ ବଜାରସ୍ଥିତ ନିଜ ଘରେ ଥିବା ବେଳେ କୌଣସି କାରଣରୁ ପ୍ରଥମେ ସରପଞ୍ଚଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କ ଦେହରେ ନିଆଁ ଲାଗିଥିଲା। ଏହାଦେଖି ନିଆଁ ଲିଭାଇବା ବେଳେ ସରପଞ୍ଚ ମେହେର ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲକୁ ନେଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ସରପଞ୍ଚଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୌଦ୍ଧ ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ବିଷ୍ଣୁପ୍ରିୟାଙ୍କ ଭାଇ ସଞ୍ଜୀବ ମେହେର ପୁରୁଣାକଟକ ଥାନାରେ ନିଆଁ ଲାଗି ଭଉଣୀର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲା। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସଙ୍କୁ ପଚାରିବାରୁ ମୃତ ବିଷ୍ଣୁପ୍ରିୟାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ପ୍ରକାଶ କରିଛନ୍ତି।

# ଆଦିବାସୀ ନୃତ୍ୟରେ ଦର୍ଶକ ବିଭୋର

## ଦ୍ୱିତୀୟ ଦିନରେ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା

**ହରଭଙ୍ଗା,୩।୧(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲାର ୩୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଚେରି ଖେଳପଡିଆଠାରେ ଚାଲିଥିବା ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମଞ୍ଚାସୀନ ଥିଲେ । ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡେପୁଟି କଲେକ୍ଟର ସୁଚିସ୍ମିତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିବସ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ଆଦିବାସୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହାଛଡା ସ୍ଥାନୀୟ କଳାକାରମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ । ମହୋତ୍ସବରେ ଏଥର ୧୯୦ ଗୋଟି ଷ୍ଟଲ ଖୋଲାଯାଇଛି ।


ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

# ବିଶ୍ୱନାଥ ପଣ୍ଡିତଙ୍କ ୧୦୭ ତମ ଜୟନ୍ତୀ ପାଳିତ

**ସୋନପୁର,୩।୧(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସମ୍ବଲପୁର ଡିଭିଜନସ୍ତରୀୟ ୧୦୭ତମ ବିଶ୍ୱନାଥ ପଣ୍ଡିତ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ସିଣ୍ଡୋଲ ରେଞ୍ଜ ଆଇଁଲାଛାଟଠାରେ ଜୟନ୍ତୀ ସଭା ପାଳନ ହୋଇଥଲା। ଏଥିରେ ଡିଭିଜନ ସମ୍ପାଦକ ଗୋକୁଳ ମେହେର ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ପଣ୍ଡିତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରମିକ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ସଂଗ୍ରାମମୟ ଜୀବନୀ ଉପରେ ଉପସ୍ଥିତ ବକ୍ତା ମାନେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସିଣ୍ଡୋଲ ରେଞ୍ଜ ଅଧିକାରୀ କୃପାସିନ୍ଧୁ ଖମାରୀ ଯୋଗ ଦେଇଥିଲେ । ରେଞ୍ଜ ସମ୍ପାଦକ ଚୈତନ୍ୟ ହୋତା, ହିମାଂଶୁ ପୁରୋହିତ, ପ୍ରଶାନ୍ତ ଦୀପ, ହେଡ ଚେକର ସୁବାସ ଚନ୍ଦ୍ର ମିଶ୍ରଙ୍କ ସମେତ ନେପାଳ ମେଣ୍ଡଳି,ଦୟାନନ୍ଦ ମୁଦୁଲି, ସତ୍ୟଜିତ ଗଡୁଆ, ହିମାଂଶୁ ସେଠୀ, ମିଥୁନ କମ୍ପ, ଅଗସ୍ତି ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ରେଞ୍ଜ ସମ୍ପାଦକ ରମେଶ ମାହାର ଧନ୍ୟବାଦ ଦେଇଥିଲେ।

# ଯୁବବର୍ଗଙ୍କ ନେତୃତ୍ୱ ହିଁ ଭାରତକୁ ବିଶ୍ୱ ଗୁରୁ କରିବ

**ଝାରସୁଗୁଡା,୩।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାରେ ଦୁଲଦୁଲି ଲୋକ ମହୋତ୍ସବ ଅବସରର ତୃତୀୟ ଦିବସରେ ଶୁକ୍ରବାର 'ବିଶ୍ୱଗୁରୁ ଭାରତ ବର୍ଷ ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ବକ୍ତାମାନେ ଅଂଶଗ୍ରହଣ କରି ପରିସ୍ଥିତି ଓ ପରିବେଶ ଯାହା ଥାଉନା କାହିଁକି ଆମେ ମଣିଷ ପଣିଆ ଭୁଲିବା ନାହିଁ। ମାନବିକତା ହିଁ ସବୁଠାରୁ ମଣିଷର ଶ୍ରେଷ୍ଠ ଓ ପ୍ରକୃତ ପରିଚୟ। ଭାରତ ବର୍ଷର ଗୁରୁ ଶିଷ୍ୟ ପରମ୍ପରା ପ୍ରାଚୀନ ଓ ମହାନ। ଭାରତ ବର୍ଷ ବିଶ୍ୱକୁ ମାନବିକତାର ବାର୍ତ୍ତା ଦିଏ। ଭାରତକୁ ଅନୁସରଣ କରି ଦକ୍ଷିଣ ଆଫ୍ରିକା ଇଂରେଜ କବଳରୁ ସ୍ୱାଧୀନ ହେଲା। ଯେତେବେଳେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ସୁଦୃଢ଼ ଥିଲା । ବୁଦ୍ଧଙ୍କ ବାଣୀ ଶ୍ରେଷ୍ଠ ବୋଲି ସମଗ୍ର ବିଶ୍ୱମାନିଛି। ସେହି ମୂହୁର୍ତ୍ତ ବା ସମୟ ହିଁ ଭାରତ ବିଶ୍ୱ ଗୁରୁ ଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଅର୍ଥନୀତିକୁ ହିଁ ବିକାଶ ଓ ବିଶ୍ୱ ଗୁରୁ ବୋଲି ସମଗ୍ର ବିଶ୍ୱ ଗ୍ରହଣ କରୁଛି। ଏହାକୁ ସୁଦୃଢ଼ କରିବାକୁ ହେଲେ ଆମକୁ ନୈତିକତା ଆଧାରରେ ପ୍ରଗତି କରିବାକୁ ପଡ଼ିବ ବୋଲି ବକ୍ତାମାନେ ଆଲୋଚନାଚକ୍ରରେ ମତ ଦେଇଛନ୍ତି। ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସରୋଜ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଡ. ଗୋପୀନାଥ ବାଗ, ସମାଜସେବୀ ଲିଙ୍ଗରାଜ ମହାପାତ୍ର, ପ୍ରେମସାଗର ଦେହେରିଆ, ପ୍ରଶାନ୍ତ ମହାନ୍ତି, ଏଇତ ଜୀବନ ସଂସ୍ଥାର ସମାଜସେବୀ ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମିନା ସୋନି ସଂଯୋଜନା କରିଥିବାବେଳେ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଧନ୍ୟବାଦ ଜ୍ଞାପନ କରିଥିଲେ। ରାଜଶ୍ରୀ ତ୍ରିପାଠୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଲୋଚନାଚକ୍ର କମିଟିର ସଦସ୍ୟ ବିରାଟ ରାଜା ପଧାନ, ପ୍ରଫେସର ନରେନ୍ଦ୍ର ପଣ୍ଡା, ଟହଲୁ ସାହୁ, ସୁଜାତା ମହପାତ୍ର, ବସନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଏକତାର ପ୍ରତୀକ ଆଦିବାସୀ ସଂସ୍କୃତି

## କୁଞ୍ଜାପାଲିରେ ବଡ଼ଦେଓ ମହୋତ୍ସବ ଉଦ୍‌ଯାପିତ


ଶେଷ ସନ୍ଧ୍ୟାରେ ନିମନ୍ତ୍ରିତ ଅତିଥିମାନେ।


ବଡ଼ଦେଓ ମହୋତ୍ସବରେ ଅଂଶଗ୍ରହଣ କରିଥିବା ନୃତ୍ୟ ଦଳ।

**ଅମରପାଲି,୩।୧(ପୀତାମ୍ବର ସାହୁ)**

ଆଦିବାସୀ ସଂସ୍କୃତି ଓ ପରମ୍ପରା ନିଆରା। ଏହି ସଂସ୍କୃତି ଅତି ସରଳ ଓ ମଧୁର। ଏହି ସମାଜ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ବାର୍ତ୍ତା ଦେଇଥାଏ। ଏକତା, ସହଯୋଗ ଓ ଉନ୍ନତିର ବାର୍ତ୍ତା ଦେଉଛି ବଡ଼ଦେଓ ମହୋତ୍ସବ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟୈଲା ପଞ୍ଚାୟତର କୁଞ୍ଜାପାଲିରେ ତିନିଦିନ ଧରି ଚାଲିଥିବା ୨୦ ତମ ବଡ଼ଦେଓ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କୁଞ୍ଜାପାଲି ଶ୍ରୀ ଶ୍ରୀ ବଡ଼ଦେଓ ଲୋକ ମହୋତ୍ସବ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ତିନି ଦିନ ଧରି ହୋଇଥିଲା ଏହି ମହୋତ୍ସବ। ଉଦ୍‌ଯାପନୀ ସମାରୋହରେ ଆୟୋଜକ ସଭାପତି ଅଚ୍ୟୁତ ପଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଦୁର୍ଜନଟୈଲା ପଞ୍ଚାୟତର ସମିତି ସଭ୍ୟା ପ୍ରତିନିଧି ଲମ୍ବୋଦର ମହାକୁର ଓ ବହଳପଦର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୀତାମ୍ବର ସାହୁ, ପ୍ରେମାନନ୍ଦ ନାଏକ, ମଣ୍ଟୁ ମନ୍ତ୍ରା,ରାଜେଶ ବାଘଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ସମ୍ପାଦକ ଦଶରଥ ପଧାନ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ବିଶ୍ୱାମିତ୍ର ନାଏକ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ଦିବସରେ କଳସ ଯାତ୍ରା ପରେ ପୀଠରେ କଳସ ସ୍ଥାପନ କରାଯାଇଥିଲା। ପରେ ବଡଦେଓଙ୍କ ଦାରୁ ପ୍ରତିଷ୍ଠା କରାଯାଇଥିଲା। ଦ୍ୱିତୀୟ ଦିବସ ରେ ଗୋଣ୍ଡ ସମାଜର ଶତାଧିକ ଜାତି ଭାଇ ଆସିଥିଲେ। ଦିନବେଳା ବଡଦେଓ ଙ୍କ ପୂଜା ପରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ବୀରମହାରାଜପୁରର ଭୀମ ଭୋଇ କଳା ନିକେତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାଜ୍ୟର ନୂଆପଡ଼ା,ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ସୋନପୁର ଆଦି ଜିଲାର ଶତାଧିକ ଗୋଣ୍ଡ ସମାଜର ଜାତିଭାଇ ଆସିଥିଲେ। ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଜାତିର ସମସ୍ତେ ଏକାଠି ରହି ସମାଜର ସମସ୍ତ ନୀତି ନିୟମ ମାନି ଚାଲିବାକୁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ, କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ବୀରମହାରାଜପୁରର ସୁର ମେଲୋଡି ଆନୁକୂଲ୍ୟରେ ଅବିନାଶ ହୋତା,ପୀତବାସ ଶତପଥୀ ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଗୀତ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା। ଏହା ଦେଖିବାକୁ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

# ମଣପୁରମ୍ ଗୋଲ୍ଡ ଲୋନ୍ ସଂସ୍ଥାରେ ଡକାୟତି

## ୩୦ କେଜି ସୁନା ଅଲଙ୍କାର, ଟଙ୍କା ଲୁଟ୍

ସମ୍ବଲପୁର,୩୧ା୧(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ବ୍ୟସ୍ତବହୁଳ ଅଞ୍ଚଳ ବୁଢ଼ାରଜାରେ ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ମଣପୁରମ ଗୋଲ୍ଡ ଲୋନ୍ ସଂସ୍ଥାରୁ ୩୦କେଜି ଓଜନର ବ୍ୟାଗ ଭର୍ତ୍ତି ସୁନାଗହଣା ସହ ପ୍ରାୟ ନଗଦ ୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣାସ୍ଥଳରେ ଅଇଁଠାପାଲି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡକାୟତଦଳକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ମଣପୁରମ୍ ଗୋଲ୍ଡ ଲୋନର ଶାଖା କାର୍ଯ୍ୟାଳୟ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ ଖୋଲିଥିଲା। ଏହି ସମୟରେ ୩ଟି ବାଇକ୍‌ରେ ଆସିଥିବା ୭ ଜଣିଆ ମୁଖାପିନ୍ଧା ଦୁର୍ବୃତ୍ତ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିଲେ। ସେମାନେ ସୁରକ୍ଷାକର୍ମୀ ଓ ଭିତରେ ଥିବା କର୍ମଚାରୀମାନଙ୍କୁ ମାରପିଟ କରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରି ସମସ୍ତଙ୍କୁ ଏକ କୋଠରିରେ ବନ୍ଦ କରିଦେଇଥିଲେ। ଏହାପରେ ସେମାନେ କର୍ମଚାରୀଙ୍କଠାରୁ ପାସ୍‌ୱାର୍ଡ ନେଇ ଲକରରୁ ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ଏନେଇ ଶାଖା ପ୍ରବନ୍ଧକଙ୍କଠାରୁ ଖବର ପାଇ ଅଇଁଠାପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ବିନ ଆରମ୍ଭ କରିଥିଲା। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ସମ୍ବଲପୁରର ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ମୁକେଶ ଭାମୁ, ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଡକାୟତି ଘଟଣାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଛନ୍ତି। ଏପରିକି ମୁଖ୍ୟରାସ୍ତା ଓ ଅଞ୍ଚଳରେ ବିଭିନ୍ନ ଗଳିକନ୍ଦିରେ ଲାଗିଥିବା ସିସି କ୍ୟାମେରାକୁ ମଧ୍ୟ ପୋଲିସ ଯାଞ୍ଚ କରୁଛି।



ପୋଲିସ ପକ୍ଷରୁ ଡକାୟତି ଘଟଣାର ଯାଞ୍ଚ କରାଯାଉଛି।

# ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଭଣ୍ଡୁର କରିବାକୁ ଚେତାବନୀ | ପନ୍ନୁଙ୍କ ନାଁରେ ପୁଣି ଧମକପୂର୍ଣ୍ଣ ଇ-ମେଲ୍

ଭୁବନେଶ୍ୱର,୩୧ା୧(ସତ୍ୟଜିତ୍ ରାଉତ)

ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଯାଉଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଭଳି ସ୍ଥିତିରେ ଏହି ଉତ୍ସବକୁ ଭଣ୍ଡୁର କରିବାକୁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଶିଖ୍ ଫର୍ ଜଷ୍ଟିସ୍‌ର ମୁଖ୍ୟ ଗୁରୁପତ୍‌ୱନ୍ତ ସିଂ ପନ୍ନୁ ଯୋଜନା ଚଳାଇଛନ୍ତି। ଭୁବନେଶ୍ୱର ବାସିନ୍ଦା ତଥା ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଶୁକ୍ରବାର ପନ୍ନୁଙ୍କ ନାଁରେ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିବାବେଳେ ଏହାକୁ ନେଇ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଉକ୍ତ ମେଲ୍‌ରେ ଇଂଲିଶ ମେସେଜ୍ ସହ ପନ୍ନୁଙ୍କ ଏକ ଭିଡିଓ ମଧ୍ୟ ଆଟାଚ୍ ହୋଇଛି। ପ୍ରବାସୀ ଭାରତୀୟ ଦିବସକୁ ସେ ପ୍ରବାସୀ ଭାରତୀୟ ସନ୍ତ୍ରାସବାଦ ଦିବସ ବୋଲି କହି ନାନା ପ୍ରକାରର ଧମକ ଦେଇଛନ୍ତି। ଅକ୍ଷୟଙ୍କ ପାଖକୁ ସକାଳ ୭ଟା ୨ରେ ଏହି ମେଲ୍ ଆସିଥିଲା। ଅକ୍ଷୟ ଏହି ମେଲ୍‌କୁ ସକାଳ ୭ଟା ୪୧ରେ ଦେଖିଥିଲେ। ଇମେଲ୍‌ରେ କୁହାଯାଇଛି, ଭାରତର ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ଉଇଙ୍ଗ୍ (ର) ଏହି ଉତ୍ସବ ଦ୍ୱାରା ଗୁପ୍ତଚର ତିଆରି କରୁଛି। ଖଲିସ୍ତାନୀ ଉଗ୍ରପନ୍ଥୀମାନଙ୍କୁ ମାରିବାକୁ ଏହି ଗୁପ୍ତଚର ତିଆରି କରାଯାଉଛି। ଭାରତୀୟ ଏଜେନ୍ସି (ର) ସହ କାନାଡ଼ା, ୟୁକେ, ୟୁଏସ୍ ଆଦି ସମ୍ପର୍କ ଛିନ୍ନ କରୁଛନ୍ତି। ଏଭଳିସ୍ଥଳେ ଏହି ଉତ୍ସବ ଜରିଆରେ ବିଭିନ୍ନ ଦେଶରେ ଭାରତର ଗୁପ୍ତଚର ନେଟୱର୍କ ତିଆରି କରିବା ଉଦ୍ଦେଶ୍ୟ ବୋଲି ମେଲ୍‌ରେ କୁହାଯାଇଛି। ତେବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କିପରି ଏୟାରପୋର୍ଟରୁ ଉତ୍ସବସ୍ଥଳକୁ ଯିବେ ସେ ଚିନ୍ତା କରନ୍ତୁ ବୋଲି ଉଲ୍ଲେଖ ରହିଛି। ଏଭଳି ବିଭିନ୍ନ ଦିଗକୁ କେନ୍ଦ୍ର କରି ଧମକପୂର୍ଣ୍ଣ ମେଲ୍ ରହିଛି। ତେବେ ଏହି ଇମେଲ୍ ସଂକ୍ରାନ୍ତରେ ଅକ୍ଷୟ ବିଧିବଦ୍ଧ ଭାବେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କୁ ଜଣାଇଛନ୍ତି। ଏଥିସହ ସମ୍ପୂର୍ଣ୍ଣ ମେଲ୍ କଣ୍ଟେଣ୍ଟ୍ ମଧ୍ୟ ପୋଲିସ ପାଖକୁ ପଠାଇଛନ୍ତି ବୋଲି ଅକ୍ଷୟ କହିଛନ୍ତି। କ୍ରାଇମବ୍ରାଞ୍ଚର ସାଇବର ସେଲ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଡିଜିପି ସମ୍ମିଳନୀ ବେଳେ ମଧ୍ୟ ଅକ୍ଷୟଙ୍କ ପାଖକୁ ପନ୍ନୁଙ୍କ ନାଁରେ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ପରବର୍ତ୍ତୀ ସମୟରେ ଆମେରିକା ଓ କାନାଡାରୁ ଏହି ମେଲ୍ ଆସିଥିଲା ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା।



ଗୁରୁପତ୍‌ୱନ୍ତ ସିଂ ପନ୍ନୁ

## ଭ୍ରମ ସଂଶୋଧନ

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଭଂଜନଗର ଶାଖା ଦ୍ୱାରା ଗତ ୩୧ ତାରିଖ ଡିସେମ୍ବର ୨୦୨୪ ପ୍ରକାଶିତ ଧରିତ୍ରୀ ଖବରକାଗଜରେ ସୁନା ଅଲଙ୍କାର ନିଲାମ ବିଜ୍ଞପ୍ତିରେ ନିଲାମ ତାରିଖ ଭୁଲବଶତଃ ୦୧.୦୨.୨୦୨୫ ପରିବର୍ତ୍ତେ ୧୬.୦୧.୨୦୨୫ ପ୍ରକାଶିତ ହୋଇଯାଇଛି । ନିଲାମଧାରୀ ଦୟାକରି ଜାନୁୟାରୀ ୧୬ ତାରିଖ ପରିବର୍ତ୍ତେ ୦୧ ଫେବୃୟାରୀ ଦିନ ନିର୍ଦ୍ଧାରିତ ୧୨ ଘଟିକା ପୂର୍ବରୁ ଉପସ୍ଥିତ ରହିବାକୁ ଅନୁରୋଧ ।

ଶାଖା ପରିଚାଳକ


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଶୁଦ୍ଧିପତ୍ର ନଂ. ୧** ପରିଶିଷ୍ଟ-ଏ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୮୧-ଏସ୍‌ଏନ୍‌ଟି-ପିଆରଓଜେ-ଟେଣ୍ଡର-୨୦୨୪ ତାରିଖ: ୦୪।୧୨।୨୦୨୪

ଶୁଦ୍ଧିପତ୍ର ନଂ. ୧: ଉପରୋକ୍ତ ଟେଣ୍ଡର ପାଇଁ ତା୧୯।୧୨।୨୦୨୪ରିଖରେ ଶୁଦ୍ଧିପତ୍ର ନଂ.୧ ଜାରି ହୋଇଛି । ଟେଣ୍ଡର ଖୋଲାଯିବା ତାରିଖରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିଏସ୍‌ଟିଇ (ସିଓଏନ୍) ଦ.ପୂ.ମ. ରେଳପଥ, ବିଳାସପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଟେଣ୍ଡର ଦସ୍ତାବିଜ ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ, ଯାହା ଆମର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ଉପ ମୁଖ୍ୟ ସଂକେତ ଓ ଦୂରସଞ୍ଚାର ଇଞ୍ଜିନିୟର (ପ୍ରକଳ୍ପ-II)

CPR/10/FL/411 ଦ.ପୂ.ମ. ରେଳପଥ, ବିଳାସପୁର

South East Central Railway @secrail


# ଖାଉଟି ଅଦାଲତରେ ବିଶାଲ ମେଗାମାର୍ଟ ଦଣ୍ଡିତ

## ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା

ଭବାନୀପାଟଣା,୩ା୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ବାହାଦୁର ବଗିଚାପଡାସ୍ଥିତ ବିଶାଲ ମେଗାମାର୍ଟ ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛି। ଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗ ଏକ ମାମଲାର ଶୁଣାଣି କରି ବିଶାଲ ମେଗାମାର୍ଟକୁ ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥଦଣ୍ଡ ରାଶିରୁ ୩୫ ହଜାର ଅଭିଯୋଗକାରୀ ଓ ଅବଶିଷ୍ଟ ୧ଲକ୍ଷ ଟଙ୍କାକୁ ଓଡିଶା ରାଜ୍ୟ ଖାଉଟି ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୮।୫।୨୦୨୪ରେ କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ବରାଖମା ଗ୍ରାମର ବିରୁପାକ୍ଷ ପାତ୍ର (ପେସାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ) ନିଜ ଭାଇ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସହ ଭବାନୀପାଟଣା ବାହାଦୁର ବଗିଚାପଡାସ୍ଥିତ ବିଶାଲ ମେଗାମାର୍ଟକୁ କିଣାକିଣି କରିବାକୁ ଯାଇଥିଲେ। ସେଠାରେ ସେ ଏକ ଲେଡିଜ୍ କୁର୍ତ୍ତା ପସନ୍ଦ କରିଥିଲେ, ଯାହାର ବିକ୍ରିମୂଲ୍ୟ ଉପରେ ୧୫% ରିହାତି ଅଫର ଉଲ୍ଲେଖ ରହିଥିଲା। ତେବେ ଏହାର ବିଲିଂ କରିବା ସମୟରେ ଉପରୋକ୍ତ ଲେଡିସ୍ କୁର୍ତ୍ତାର ୧୫% ରିହାତି ହିସାବ ନ ଥିବାରୁ ଅଭିଯୋଗକାରୀ ପାତ୍ର କାଉଣ୍ଟର ଇନ୍‌ଚାର୍ଜଙ୍କ ଦୃଷ୍ଟି ଆକାର୍ଷଣ କରିଥିଲେ। କିନ୍ତୁ ସେ ରିହାତି ଦେବାକୁ ଅଗ୍ରାହ୍ୟ କରିବା ସହ ମ୍ୟାନେଜରଙ୍କ ସହ କଥା ହେବାକୁ ପରାମର୍ଶ ଦେଇଥିଲେ। ଫଳରେ ଅଭିଯୋଗକାରୀ ପାତ୍ର ମ୍ୟାନେଜରଙ୍କୁ ସାକ୍ଷାତ କରିଥିଲେ। ହେଲେ ସେ ରିହାତି ଅଫର ଦେବାକୁ ମନା କରିବା ସହ କୁର୍ତ୍ତାରେ ଲାଗିଥିବା ଡିସ୍‌ପ୍ଲେ ଭୁଲ୍‌ରେ ଲାଗିଥିବା କହିଥିଲେ। ଟଙ୍କା ମଧ୍ୟ ଫେରସ୍ତ କରିବାକୁ ମନା କରିଦେଇଥିଲେ। ଫଳରେ ଅଭିଯୋଗକାରୀ ପାତ୍ର ନିରାଶ ହୋଇ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ।




ଭବାନୀପାଟଣାସ୍ଥିତ ବିଶାଲ ମେଗାମାର୍ଟ।

# ଶାଳୀଙ୍କୁ ବଳାତ୍କାର ଅଭିଯୋଗରେ ଭିଣୋଇ ଗିରଫ

ବଳଙ୍ଗା,୩ା୧(କେଦାରେଶ୍ୱର ନନ୍ଦ)

ଶାଳୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ବଳଙ୍ଗା ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରି ଶୁକ୍ରବାର ନିମାପଡ଼ା କୋର୍ଟ ଚାଲାଣ କରିଛି। ପୁରୀ ଜିଲା ନିମାପଡ଼ା ଥାନା ଗଡ଼ତୋରିହଁ ଗ୍ରାମରେ ଘଟିଛି ଏହି ଘଟଣା। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ୧/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳର ପୀଡ଼ିତା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ଭିଣୋଇ ତାଙ୍କୁ ଖରାପ ବ୍ୟବହାର ଦେଖାଇ ଟଣାଓଟରା କରିଥିଲେ। ପୀଡ଼ିତା ଅଭିଯୁକ୍ତଙ୍କୁ ଭାଇ କହିଥିଲେ ମଧ୍ୟ ସେ କିଛି ନ ଶୁଣି ମାଡ଼ ମାରିଥିଲେ। ତାଙ୍କ କଥା ରାଜି ନ ହେଲେ ମାରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତ ପୀଡ଼ିତାଙ୍କ ଭଉଣୀଙ୍କୁ ୨୦୧୫ରେ ବିବାହ କରିଥିଲେ। ସେମାନଙ୍କ କୌଣସି ଭାଇ ନ ଥିବାରୁ ଅଭିଯୁକ୍ତ ଭିଣୋଇ ଆସି ଶ୍ୱଶୁର ଘରେ ରହୁଥିଲେ। ହେଲେ ସେ ଯାହା ରୋଜଗାର କରନ୍ତି, ତାହା ପରିବାରକୁ ଦିଅନ୍ତି ନାହିଁ। ପୀଡ଼ିତାଙ୍କ ବୋଉଙ୍କୁ ଯାହା ପେନସନ ମିଳେ, ସେଥିରେ ଘରର ଗୁଜୁରାଣ ମେଣ୍ଟିଥାଏ। ଅଭିଯୁକ୍ତ ତାଙ୍କୁ ସବୁବେଳେ ଖରାପ ନଜରରେ ଦେଖୁଥିବା ସେ ଭଉଣୀ ଓ ବୋଉଙ୍କୁ ଜଣାଇଥିଲେ। ସେମାନେ ଏଥିରେ ପ୍ରତିବାଦ କରୁବାରୁ ଭିଣୋଇ ଦୁହିଁଙ୍କୁ ମାଡ଼ ମାରିଥିଲେ। ସେମାନେ ଲାଜରେ ଏ ବାବଦରେ ବାହାରେ କାହାରି ଆଗରେ ପ୍ରକାଶ କରି ନ ଥିଲେ। ସରଳତାର ସୁଯୋଗ ନେଇ ଅଭିଯୁକ୍ତ ଅଧିକ ଅସଭ୍ୟ କାର୍ଯ୍ୟ କରିବାକୁ ପଛାଉ ନ ଥିବାରୁ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା କହିଛନ୍ତି।

# ୩ ଶିକାରୀ ଗିରଫ

ବାରିପଦା,୩ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ପାଇଁ ଲଗାଯାଇଥିବା ଏଆଇ କ୍ୟାମେରା ମାଧ୍ୟମରେ ବନ ବିଭାଗ ୩ ଶିକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଶରତ ଥାନା ଅଧୀନ କତୁରିଆ ଅଞ୍ଚଳର ବିକ୍ରମ ସିଂ(୨୦), ବୀର ସିଂ(୨୦) ଓ ଦେହୁରୀ ସିଂ(୨୬)। ସେମାନଙ୍କଠାରୁ ଧନୁ, ତୀର ଓ ଶିକାର ସରଞ୍ଜାମ ଜବତ କରାଯାଇଛି। ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ,ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରେ ପ୍ରବେଶ କରିଥିବା ବେଳେ ଏଆଇ କ୍ୟାମେରା ଏହି ଶିକାରୀଙ୍କ ଫଟୋ ଉତ୍ତୋଳନକରି ବନ ବିଭାଗକୁ ପଠାଇଥିଲା। ଏହାକୁ ଯାଞ୍ଚ କରି ବନ କର୍ମଚାରୀମାନେ ୩ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।


**e-Procurement Cell**
**OFFICE OF THE EXECUTIVE ENGINEER BUILDING CONSTRUCTION DEPARTMENT BUILDING DIVISION NO. – 1, RANCHI**
(Behind State Guest House Morhabadi)
Dindayal Nagar Booty Road Ranchi-834008
**Short Term e-Procurement Notice**
**Date – 03-01-2025**

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/73/2024-25 | Upgradation and Renovation of Front Area Landscape Development (West side) in RINPAS Kanke Ranchi | 18855900.00 | Two Month 15 Day |
| 2 | BCD/Div.No.-1, Ranchi/74/2024-25 | Upgradation and Renovation of Front Area Landscape Development (East side) in RINPAS Kanke Ranchi | 12461700.00 | Two Month 15 Day |
| 3 | BCD/Div.No.-1, Ranchi/75/2024-25 | Renovation of Doctors Quarter D Type Block No. 2 (4 Unit) at RINPAS Kanke Ranchi | 9821800.00 | Two Month |
| 4 | BCD/Div.No.-1, Ranchi/76/2024-25 | Renovation of Staff Qtr. Block J and Block K Qtr. No. 1 to 4 (Total 8 Unit) at Bazartar RINPAS Kanke Ranchi | 8172600.00 | Two Month |
| 5 | BCD/Div.No.-1, Ranchi/77/2024-25 | Upgradation and Renovation of Male Ward No. 4 in of RINPAS Kanke, Ranchi | 7559100.00 | Two Month |
| 6 | BCD/Div.No.-1, Ranchi/78/2024-25 | Upgradation and Renovation of Male Ward No. 5 in of RINPAS Kanke, Ranchi | 7368400.00 | Two Month |
| 7 | Start Date of Submission of Bids | 11-01-2025 at 11.00 AM | | |
| 8 | Last Date/Time of Submission of Bids | 18-01-2025 at 11.00 AM | | |
| 9 | Date/Time of Opening of Bid | 20-01-2025 at 11.00 AM | | |
| 10 | Helpline Number of e-procurement Cell | 8527519262 | | |
| 11 | e-mail ID | eebcddiv1ranchi@gmail.com | | |
| 12 | Note :- Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in<br>Any Change can be on Website http://Jharkhandtenders.gov.in<br>Any Other information can be on Website http://Jharkhandtenders.gov.in | | | |

PR 343481 Building(24-25)D
Executive Engineer Building Construction Department
Building Division No. 1, Ranchi




**OFFICE OF THE SUPERINTENDING ENGINEER**
**P.W.D. (B&R) AMBIKAPUR CIRCLE, AMBIKAPUR**
Invitation Date : 31.12.2024
**E-Procurement Tender Notice**

01. For tender detail please visit http://eproc.cgstate.gov.in
02. Concern Division - S. No. 01 Pathalgaon & S.No. 2 Surajpur, S.No. 3 to 8 Ambikapur Division
03. S. No. 02 to 07 - 'D' Class And Above Contractor and S. No. 01 & 08 - 'C' Class And Above
04. Bid Submission Due Date - S. No. 1-15.01.2025 and S.No. 2 to 8-21.01.2025

| S. No. | N.I.T. No. | Name of work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 155 | Construction of Junadih Culvert to Kogabahri Approach Road Length 2.00 Km. Distt. Jashpur (Second Call) | 182.80 |
| 2 | 156 | Ordinary Repair, Upgradation and Renovation work of Rest House/Circuit House Buildings, Residential and Non Residential Building under Division Office Compound Surajpur, College Building, School Building, Court Building Surajpur/Pratappur, Jail Building, Family Court Surajpur under Sub Division Surajpur (First Call) | 92.00 |
| 3 | 157 | Construction of CC Road Kotchal to Gautam Chouk Length 450 Mtr. Block Mianpat Distt. Surguja (First Call) | 33.83 |
| 4 | 158 | Ordinary Repair Work of Darima Airport and Govt. Residential/Non Residential Building under PWD Sub Division No. 2 Ambikapur (First Call) | 39.97 |
| 5 | 159 | Ordinary Repair / Annual Repair work and Painting work of Govt Residential Building Civil Lines (F-04, D-01, F-10, F-12, F-06, F-05, F-12, F-08 and Others) Under Sub Division No. 1 Ambikapur at Ambikapur Distt Surguja (C.G.) (First Call) | 39.93 |
| 6 | 160 | Ordinary Repair work of VIP Bunglow Civil Lines and Govt Residential and Non Residential Building under Sub Division No. 01 Ambikapur Distt. Surguja (C.G.) | 30.00 |
| 7 | 161 | Ordinary Repair/Annual Repair work and Painting work of Govt Residential Building Civil Lines (F-13, F-09 and Others) and Non Residential Building under Sub Division No. 1 Ambikapur (First Call) | 29.86 |
| 8 | 162 | Construction of Stadium Building at Mainpat Distt Surguja (C.G) (First Call) | 165.04 |

G-242505023/2
Sd./- Superintending Engineer
P.W.D. Ambikapur Circle Ambikapur

ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମଝିଆ ଭାଇଙ୍କୁ ଆଜୀବନ କାରାଦଣ୍ଡ

## ସାନଭାଇଙ୍କୁ ହତ୍ୟା ମାମଲା

ବ୍ରହ୍ମପୁର,୩ା୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ପଛପାଖରେ ଥିବା ରାଜୀବ ଆବାସରେ ୨୦୨୩ରେ ପୂର୍ଣ୍ଣ ବେହେରା(୩୭) ନାମକ ଜଣେ ବ୍ୟକ୍ତି କୌଣସି କଥାକୁ ନେଇ ତାଙ୍କ ସାନ ଭାଇ ସୁରେନ୍ଦ୍ର ବେହେରାଙ୍କୁ ହତ୍ୟା କରିଥିଲେ। ଏହି ମାମଲାର ଚୂଡ଼ାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତ ପୂର୍ଣ୍ଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ହତ୍ୟାକାଣ୍ଡ ପରେ ପୂର୍ଣ୍ଣ ଜେଲରେ ଥିବାବେଳେ ମାସକ ତଳେ ସେ ଜାମିନରେ ମୁକୁଳିଥିଲେ। ଭାଇ ହତ୍ୟା ପୂର୍ବରୁ ପୂର୍ଣ୍ଣ ରେଳଷ୍ଟେଶନରେ ହୋଇଥିବା ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗିଥିଲେ ବୋଲି ଜଣାପଡିଛି।

ପ୍ରକାଶ ଯେ, ଗୋଷାଣୀ ନୂଆଗାଁର ୩ଭାଇ ନେହେରୁନଗରରେ ରାଜୀବ ଆବାସ ଯୋଜନାରେ ମିଳିଥିବା ଘରେ ରହୁଥିଲେ। ମା' ସୀମା ବେହେରା ମଧ୍ୟ ପୁଅମାନଙ୍କ ପାଖରେ ରୁହନ୍ତି। ବଡ଼ଭାଇ କାଳିଆ ମାନସିକ ଅନଗ୍ରସର। ସାନଭାଇ ସୁରେନ୍ଦ୍ର ଜଣେ ଅଟୋ ଚାଳକ ଥିଲେ। ୨୦୨୩ ଏପ୍ରିଲ ୪ ରାତିରେ ସୁରେନ୍ଦ୍ର ଓ ତାଙ୍କ ମଝିଆ ଭାଇ ପୂର୍ଣ୍ଣଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରଦିନ ଅର୍ଥାତ୍ ୫ ତାରିଖ ସକାଳେ ମା' ଓ ବଡ଼ଭାଇ କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ସୀମା ଘରକୁ ଫେରିବା ବେଳକୁ ସାନପୁଅ ସୁରେନ୍ଦ୍ର ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଘର ଚଟାଣରେ ପଡ଼ିଥିବା ଦେଖି ତୁରନ୍ତ ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେତେବେଳେ ମଝିଆ ପୁଅ ପୂର୍ଣ୍ଣ ଥାନାରେ ବସିଥିବା ଦେଖି ସୀମା ତାଙ୍କୁ ଘଟଣା ବିଷୟରେ ପଚାରିଥିଲେ। ସୁରେନ୍ଦ୍ର ଗଣ୍ଡଗୋଳ କରୁଥିବାରୁ ତାଙ୍କୁ ଲୁହା ଡମ୍ବଲସ୍‌ରେ ଛେଚି ହତ୍ୟା କରିଥିବା ସେ କହିଥିଲେ। ଏ ନେଇ ସୀମାଙ୍କ ଅଭିଯୋଗକ୍ରମେ ପୋଲିସ ୯୪/୨୩ନମ୍ବରରେ ମାମଲା ରୁଜୁ କରି ପୂର୍ଣ୍ଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ଶୁଣାଣି ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୀମା ଓ ପଡ଼ୋଶୀଙ୍କ ବୟାନକୁ ଆଧାର କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର (ପିପି) ତ୍ରିଲୋଚନ ପରିଡ଼ା ମାମଲା ପରିଚାଳନା କରୁଥିଲେ।

# ନୂଆପଡ଼ା-ଛତିଶଗଡ଼ ସୀମାନ୍ତରେ ଗୁଳି ବିନିମୟ: ଜଣେ ମାଓବାଦୀ ନିହତ

ନୂଆପଡ଼ା,୩ା୧(ମକାରୁ ବେମାଲ)

ନୂଆପଡ଼ା ଜିଲାର ଅନତି ଦୂର ଛତିଶଗଡ ସୀମାନ୍ତରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୫ ଜଣ ମାଓବାଦୀ ନିହତ ହୋଇଥିବା କୁହାଯାଉଛି। ହେଲେ ଜଣଙ୍କର ମୃତଦେହ ମିଳିଥିବା ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡି ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ ୨ ତାରିଖ ରାତି ଓ ୩ ତାରିଖରେ ନୂଆପଡା ଜିଲା ସୀମାନ୍ତରୁ ୮କି.ମି. ଦୂର ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ଇନ୍ଦାଗାଁ ନିକଟ ଅତାଙ୍ଗ ଜଙ୍ଗଲରେ ଓଡିଶା ଓ ଛତିଶଗଡ ମିଳିତ ବାହିନୀ ମାଓବାଦୀ ଦମନ ପାଇଁ କୋମ୍ବିଂ ଅପରେଶନ ଚଳାଇଥିଲେ। ଏଥିରେ ଉଭୟ ରାଜ୍ୟର ପ୍ରାୟ ୧୨ଟି ଟିମ୍ ସାମିଲ ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଗରିଆବନ୍ଧ ଜିଲାର ଅତାଙ୍ଗ ଜଙ୍ଗଲରେ ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ପ୍ରାୟ ୫ଜଣ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଥିବା କୁହାଯାଉଛି। ହେଲେ ସୁରକ୍ଷା ବାହିନୀକୁ ଗୋଟିଏ ମୃତଦେହ ହସ୍ତଗତ ହୋଇଛି। ମାଓବାଦୀ ଗ୍ୟାଙ୍ଗରେ ପ୍ରାୟ ୪ଜଣ ସଦସ୍ୟ ରହିଛନ୍ତି। ଏହି ସଂଖ୍ୟା ବଢ଼ିପାରେ ବୋଲି ସୂଚନା ମିଳିବା ପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ବୋଲି ଏସ୍‌ପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିପିଝିପି ବରଷା
ପରଲୋକ ଭରସା
ବ୍ରାହ୍ମଣ ଘରେ ପରଷା
କଲେ ଅଜା ଫସର ଫସା ।**

ଝିପିଝିପି ବରଷା ସହଜେ କମି ନ ଥାଏ, ତେଣୁ ବାଟ ଚାଲିବାରେ ଅସୁବିଧା ହୋଇଥାଏ। ପରଲୋକ ଉପରେ ଭରସା କଲେ ପଛକୁ ହଇରାଣ ହେବାକୁ ପଡ଼ିଥାଏ। ସେହିପରି ବ୍ରାହ୍ମଣ ଘର ପରଷାରେ ପେଟ କେବେ ପୂରି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଝିଣ୍ଟିକା ମାରି ବଣି ପୋଷିବା।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଦୁର୍ବଳ ବ୍ୟକ୍ତିଙ୍କ ଉପରେ ନିଜର ପତିଆରା ଦେଖାଇଥାନ୍ତି। ନିଜର ସ୍ୱାର୍ଥ ପୂରଣ କରିବା ଲାଗି ସେମାନେ ସବଳ ଲୋକଙ୍କୁ ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାବେଳେ ଦୁର୍ବଳ ବ୍ୟକ୍ତିଙ୍କ ଉପରେ ଦାଉ ସାଧିଥାନ୍ତି। ଦୁର୍ବଳକୁ ମାରି ସବଳକୁ ସାହାଯ୍ୟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:


ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank Together for the better
**ଡିମାଣ୍ଡ ନୋଟିସ୍**

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇମେଲ୍: cs8310@pnb.co.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରୀଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ପାଖକୁ ଏ./ଡ଼ି. ସହିତ ରେଜେଷ୍ଟ୍ରି ଡ଼ାକ ଯୋଗେ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ନିମ୍ନସ୍ୱାକ୍ଷରକାରୀଙ୍କ ପାଖକୁ ଫେରସ୍ତ ଆସିଅଛି। ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ କୁହାଯାଉଛିଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ। ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ। ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛିକି କଥିତ ଆକ୍ଟର ଧାରା ୧୩ ଉପଧାରା ୧୩ ଅନୁସାରେ ବ୍ୟାଙ୍କର ଲିଖିତ ଅନୁମତି ବିନା ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କରନ୍ତି ତେବେ ନିମ୍ନଲିଖିତ ରାଶି ପାଇଁ **ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ସମ୍ବଲପୁର ଶାଖା (୦୪୪୨୦୦) ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ସୁରେନ୍ଦ୍ର ସିଂହ କାବଲି (ଅଂଶୀଦାରୀ ଫାର୍ମ), ସା: କଣ୍ଡାକ୍ଟର କଲୋନୀ, ବୁର୍ଲା, ପୋ/ଥାନା: ବୁର୍ଲା, ଜିଲ୍ଲା: ସମ୍ବଲପୁର, ୨) ସୁରେନ୍ଦ୍ର ସିଂହ କାବଲି (ଅଂଶୀଦାର), ପିତା: ✓ ଉତ୍ତମ ସିଂହ କାବଲି, ସା: ଲମ୍ବଡୁଙ୍ଗୁରି, ପୋ/ଥାନା: ହିରାକୁଦ, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୧୬, ୩) ଗୁରୁତେଜ ସିଂହ କାବଲି (ଅଂଶୀଦାର), ପିତା: ✓ ଉତ୍ତମ ସିଂହ କାବଲି, ସା: ଲମ୍ବଡୁଙ୍ଗୁରି, ପୋ/ଥାନା: ହିରାକୁଦ, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୧୬ | ୨୬.୧୨.୨୦୨୪ / ନଗଦ ଋଣ- ଟ.୩୦,୦୦,୦୦୦/- ଏବଂ ମିଆଦୀ ଋଣ- ଟ.୩୦,୦୦,୦୦୦/- | ୦୨.୧୨.୨୦୨୪ ସୁଦ୍ଧା ଟ.୩୬,୪୯,୩୧୫.୬୨ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | (୧) ସୁରେନ୍ଦ୍ର ସିଂହ କାବଲିଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୨୯, ପ୍ଲଟ୍ ନଂ.: ୯୦, କ୍ଷେତ୍ର: ୬୬୩.୫ ବର୍ଗଫୁଟ, ମୌଜା: ସମ୍ବଲପୁର ଟାଉନ ୟୁନିଟ୍ ନଂ. ୪, ତହସିଲ/ଜିଲ୍ଲା: ସମ୍ବଲପୁର, (୨) ସୁରେନ୍ଦ୍ର ସିଂହ କାବଲିଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୨/୧୪୯, ପ୍ଲଟ୍ ନଂ.: ୧୭୭/୧୩୧୩, କ୍ଷେତ୍ର: ଏକର୦.୨୦୦ଡିସିମିଲି, ମୌଜା: ଲମ୍ବଡୁଙ୍ଗୁରି, ତହସିଲ/ଜିଲ୍ଲା: ସମ୍ବଲପୁର |

ସ୍ଥାନ: ସମ୍ବଲପୁର, ତାରିଖ: ୦୩.୦୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ

# ସୁଲଗ୍ନା

## ଗଳ୍ପ

ଡ. ଭବାନୀ ଶଙ୍କର ଦାଶ



ସୁଲଗ୍ନା ନାଁଟା ପ୍ରତି ତା'ର ଘୃଣା ଆସିଗଲାଣି। ସେ ସୁଲଗ୍ନା ନୁହେଁ, ନଷ୍ଟ ଲଗ୍ନା। ଏ ନାଁଟା କିଏ ଦେଇଥିଲା କେଜାଣି। କିନ୍ତୁ ବୋଉ ଥିଲାବେଳେ ଅନେକଥର କହିବାର ସେ ଶୁଣିଚି ଯେ, ସିଏ ଜନ୍ମହେଲା ପରେ ତାଙ୍କ ଘରର ଉନ୍ନତି ହୋଇଛି। ସେତେବେଳେ ଜେଜେ ବଞ୍ଚିଥିଲେ। ଯେଉଁ ଦିନ ତାଙ୍କର ଦେଢ଼ମାଣ ଜମି କିଣାଯାଇଥିଲା, ଠିକ୍ ତା'ର ଦିନକ ଆଗରୁ ତା'ର ଜନ୍ମ ବୋଲି ଜେଜେ ଶ୍ରଦ୍ଧାରେ ନାଁ ରଖିଥିଲେ ସୁଲଗ୍ନା। ତିନି ଭାଇରେ ଗୋଟିଏ ଭଉଣୀ। ତା' ବିଭାଘରର ବହୁ ଆଗରୁ ଜେଜେ ଆରପାରିକୁ ଚାଲିଯାଇଥିଲେ। ବିବାହଯୋଗ୍ୟା ହେଲା ପରେ ପାଖ ଗାଁର ପ୍ରତିଷ୍ଠିତ ପରିବାରର ଏକମାତ୍ର ସୁନ୍ଦର ଓ ସରକାରୀ ଚାକିରିଆ ପୁଅଟି ସହିତ ବାପା ବିଭାଘର ସ୍ଥିର କରିଦେଲେ। ନିର୍ବନ୍ଧ ସରି ଲଗ୍ନ ସ୍ଥିର ହୋଇଗଲା।

ବିବାହ ତିଥିର ଦୁଇଦିନ ପୂର୍ବରୁ ବିବାହ ସାମଗ୍ରୀ କିଣି ଘରକୁ ଫେରୁଥିବାବେଳେ ଅଜଣା ଗାଡ଼ି ଧକ୍କାରେ ବାପା ଚାଲିଗଲେ। ସୁଲଗ୍ନାର ଦୁନିଆ ହୋଇଗଲା ଲଗ୍ନହୀନ। ବିବାହ ସ୍ଥଗିତ ରହିଲା। ସୁଲଗ୍ନା ଆଉ ବିବାହ କରିବ ନାହିଁ ବୋଲି ମନେମନେ ନିଷ୍ପତ୍ତି ନେଇଗଲା। ରୋକଠୋକ ଘରେ ଜଣେଇ ବି ଦେଲା। କାରଣ ତା'ର ଧାରଣା ହୋଇଗଲା ଯେ, ତା' ବିବାହ ସ୍ଥିର ହେଲାରୁ ବାପା ଚାଲିଗଲେ। ଯଦି ବିବାହ ପରେ ତା' ଭାଇମାନଙ୍କର କିଛି ହୋଇଯାଏ, ସେ ନିଜକୁ କ୍ଷମା କରିପାରିବ ନାହିଁ। କିନ୍ତୁ ବରପକ୍ଷ ଥିଲେ ଖୁବ୍ ବୁଝିବା ଶୁଝିବାର। ବର୍ଷେ ଅପେକ୍ଷା କଲେ ସୁଲଗ୍ନାକୁ ବୋହୂ କରିବା ପାଇଁ। ବର ଅରୁଣ ବାରମ୍ବାର ଫୋନ୍‌ରେ ବୁଝାଇଲେ। ସୁଲଗ୍ନା ନିଜ ମତ ପରିବର୍ତ୍ତନ କଲା। ବାପାଙ୍କ ଅବର୍ତ୍ତମାନରେ ଭାଇମାନେ ଓ ମାମୁ ମିଶି ବେଶ୍ ଜାକଜମକରେ ବିଭାଘର କରାଇଦେଲେ। ପିଲାବେଳେ ମାଆକୁ ଖାଇଥିଲା ଓ ବିବାହ ବେଳେ ବାପକୁ ଖାଇଲା ବୋଲି ଗାଁ ସ୍ତ୍ରୀଲୋକଙ୍କ ଘୁପୁରୁଘାପୁରୁ କଥା ତା' ମନକୁ ଦୋହଲାଇ ଦେଉଥିଲା।

ଝିଅ ବିଦାବେଳେ ଅନ୍ତର ତଳେ ଥିବା ଅବୁଝା କୋହ ଲୁହ ହୋଇ ବୋହିଗଲା। ତା' ଭିତରୁ ବାପା ଲୁଚିଛପି ଯେମିତି କହୁଥିଲେ ବ୍ୟସ୍ତ ହୁଅନା। ମୁଁ ତୋ ପାଖେପାଖେ ଅଛି। ସବୁ ଠିକ୍ ହୋଇଯିବ। ସତରେ ସବୁ ଠିକ୍‌ଠାକ ଚାଲିଲା। ଦେବତା ଭଳି ସ୍ୱାମୀ। ସ୍ୱାମୀଙ୍କ ଭଲପାଇବା ଆଗରେ ଆଉସବୁ ଫିକା ପଡ଼ିଗଲା। କ୍ରମେ ଶାଶୁ ଶ୍ୱଶୁର ଡକାଡକି ହେଇ ଗଲା ଭଳି ଆରପାରିକୁ ଚାଲିଗଲେ। ଚାକିରିରୁ ଅରୁଣ ସନ୍ଧ୍ୟାରେ ଫେରିବାଯାଏଁ ଆସନ୍ନପ୍ରସବା ସୁଲଗ୍ନା ଘରେ ଏକା ହୋଇଗଲା। ଈଶ୍ୱରଙ୍କ କୃପାରୁ ପୁଅଟିଏ କୋଳକୁ ଆସିଲା। ସ୍ୱାମୀ-ସ୍ତ୍ରୀଙ୍କ ଖୁସି କହିଲେ ନସରେ। ପୁଅକୁ ପାଇ ଅରୁଣର ପିତାମାତାଙ୍କୁ ହରେଇବାର ଦୁଃଖ କିଛିଟା ଲାଘବ ହୋଇଯାଇଥିଲା। ପିଲାଟା ଦେଖିବାକୁ ଅବିକଳ ଅରୁଣ ପରି। ସୁଲଗ୍ନା ସିନା ଶ୍ୟାମଳ, ହେଲେ ପୁଅଟା ଥିଲା ବାପ ପରି ଗୋରା ତକତକ। ଦିନେ ପୁଅକୁ ପ୍ରତିଷେଧକ ଇଞ୍ଜେକ୍ସନ ଦେଇ ଡାକ୍ତରଖାନାରୁ ଫେରିବା ବାଟରେ ଏକ ମୋଟରସାଇକେଲ ଧକ୍କା ଦେଲା। ପୁଅକୁ ଛାତିରେ ଜାକିଧରି ସୁଲଗ୍ନା ଛିଟିକିପଡ଼ିଲା ଦୂରକୁ। ପୁଅର କିଛି କ୍ଷତି ହୋଇ ନଥିଲା। ସୁଲଗ୍ନାର ଅଣ୍ଟା ରାସ୍ତାକଡ଼ରେ ଥିବା ପଥରରେ ଖୁବ୍ ଜୋରରେ ଛେଚି ହୋଇଗଲା। ଆଲୋ ବୋଉଲୋ କହି ସୁଲଗ୍ନା ସେଇଠି ଅଚେତ ହୋଇପଡ଼ିଲା।

ନିଜେ କିଛିଟା ଖଣ୍ଡିଆଖାବରା ହୋଇଥିଲେ ବି ସେଥିପ୍ରତି ଭ୍ରୂକ୍ଷେପ ନ କରି ପୁଅକୁ କୋଳକୁ ନେଲା ଅରୁଣ। ପିଲାଟା ରାହା ଧରି କାନ୍ଦୁଥାଏ। ଉପସ୍ଥିତ ଲୋକଙ୍କ ସହାୟତାରେ କୌଣସିମତେ ସୁଲଗ୍ନାକୁ ଧରି ଡାକ୍ତରଖାନାରେ ପହଞ୍ଚିଲା। ଦୀର୍ଘ ଦୁଇ ଘଣ୍ଟାର ଚିକିତ୍ସା ପରେ ଚେତା ଫେରିଲା ସୁଲଗ୍ନାର। ଖୋଜିଲା ପୁଅକୁ। ପୁଅକୁ ତା'ପାଖେ ଶୁଆଇ ଦିଆଗଲା। ଅଣ୍ଟା ହାଡ଼ ଭାଙ୍ଗି ଯାଇଥିଲା। ପ୍ଲାଷ୍ଟର ହେଲା। ଦଶଦିନ ମେଡିକାଲରେ ରହି ଘରକୁ ଫେରିଲେ। ପ୍ଲାଷ୍ଟର ଖୋଲା ହେଲା ନିର୍ଦ୍ଦିଷ୍ଟ ଦିନ। ମାତ୍ର ସୁଲଗ୍ନା ଆଉ ବସିପାରିଲା ନାହିଁ କି ଠିଆ ହେଇପାରିଲା ନାହିଁ। ସେହି ଦିନଠୁ ଆଜକୁ ଚାରି ବର୍ଷ ହେଲା ଶଯ୍ୟାଶାୟୀ। ବହୁ ଡାକ୍ତର, ବହୁ ପ୍ରକାର ଚିକିତ୍ସା ସତ୍ତ୍ୱେ କିଛି ଲାଭ ନାହିଁ।

ଦୁଇ ଦୁଇ ଥର ଅସ୍ତ୍ରୋପଚାରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲା। ତଥାପି ନିଜ କାମ ନିଜେ କରିପାରେନି ସୁଲଗ୍ନା। ଅରୁଣ ସବୁ କରନ୍ତି। ତା' କାମ ଓ ପୁଅର କାମ ବି। ସକାଳୁ ଖାଡ଼ାବସା, ଦାନ୍ତଘସା, ଲୁଗାବଦଳା, ମୁଣ୍ଡବନ୍ଧା, ସିନ୍ଦୂରପିନ୍ଧା, ପିଲାକାମ ଓ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା ଇତ୍ୟାଦି ସବୁ କାମ ସାରି ଅଫିସ୍ ଯିବାକୁ ହୁଏ। କେବେ ଅରୁଣ ଏଥିପାଇଁ ବିରକ୍ତ ହୋଇ ନାହାନ୍ତି। ଈଶ୍ୱର ଓ ତା' ଭଲପାଇବା ଉପରେ ଅରୁଣର ଅଗାଧ ବିଶ୍ୱାସ। ସ୍ନାୟୁଗତ ତ୍ରୁଟି ଯୋଗୁ ସୁଲଗ୍ନାର ଅଣ୍ଟାଠୁ ତଳକୁ ଅଚଳ ଥିଲା। ଏବେ ହାତ ଦି'ଟା ବି ଅଚଳ ହେବାକୁ ବସିଲାଣି। ଅଫିସ୍ ଗଲା ବେଳେ ଅରୁଣ ପୁଅର ଗୋଡ଼କୁ ସୁଲଗ୍ନାକୁ ଧରେଇ ଦେଇ କବାଟ ଆଉଜେଇ ଦେଇ ଯାଏ। ଗୁରୁଣ୍ଡିବା ବୟସ ପିଲାଟାର। ଗୋଡ଼ ସେଦିନ ସୁଲଗ୍ନା ହାତରୁ ଖସିଗଲା। ପିଲାଟା ଖସିପଡ଼ିଲା ଖଟ ତଳକୁ। ମୁଣ୍ଡ ଫାଟିଗଲା। ବାଧ୍ୟ ହୋଇ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା କଥା ଚିନ୍ତା କଲା ଅରୁଣ। ସୁଲଗ୍ନା ଯେ ଆଉ ଭଲ ହେବନାହିଁ ଏ କଥା ଜାଣିସାରିବା ପରେ ବି ଅରୁଣ ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲା। ସୁଲଗ୍ନା କିନ୍ତୁ ସ୍ପଷ୍ଟ ଦେଖିପାରୁଥିଲା ଅରୁଣର ହସ ଭିତରେ ଲୁଚିଥିବା ଲୁହଗୁଡ଼ାକୁ। ସୁଲଗ୍ନା ଅନେକ ବୁଝାଇଲା ପରେ ଅରୁଣ ରାଜିହେଲେ ଦ୍ୱିତୀୟ ବିବାହ ପାଇଁ। ଘର ଚଳିବା ପାଇଁ ଅଗତ୍ୟା ଦ୍ୱିତୀୟ ବିବାହ କଲେ। ତାଙ୍କର ବି ଝିଅଟିଏ ଜନ୍ମ ହେଲା ଦି' ବର୍ଷ ତଳେ। ଆସନ୍ତାକାଲି ଗଣେଶ ପୂଜା। ଅରୁଣ ଛୋଟ ଝିଅ ପାଇଁ ଫ୍ରକ୍ ଖଣ୍ଡେ ଆଣିଲେ, ମାତ୍ର ପୁଅ ପାଇଁ କିଛି ଆଣିଲେ ନାହିଁ। ସୁଲଗ୍ନା ନିଜ ଭିତରେ ଶୁଣିପାରୁଥିଲା ନିଜର ବୁକୁଫଟା କ୍ରନ୍ଦନକୁ। କହିବ କାହାକୁ?

ଅରୁଣ କ'ଣ ଏତେଶୀଘ୍ର ବଦଳିଗଲେ! ସିଏ ଓ ତା' ପୁଅ କ'ଣ ଅରୁଣଙ୍କ ପାଇଁ ଅଲୋଡ଼ା ବୋଝ ହୋଇଗଲେ? ଦିନସାରା ପୁଅ ତା'ର ମା' ଶେଯ ପାଖରୁ ଆଜି ଦୂରକୁ ଯାଉନି କ'ଣ ଏଇ ସକାଶେ! ମା'ର ନିର୍ଜୀବ ଆଙ୍ଗୁଠିକୁ ଧରି ପୁଅ ପଚାରିଲା- ''ମା' ବାପା କ'ଣ ମୋ' ପାଇଁ ଗଣେଶ ପୂଜାରେ ନୂଆ ଡ୍ରେସ୍ ଆଣିବେନି?'' ସୁଲଗ୍ନା କିଛି କହିପାରୁ ନଥିଲା। ସେ ଠିକ୍ ମନେରଖିଚି ଯେ, ଝିଅ ଜନ୍ମ ପରେ ପରେ ଅରୁଣ ହୋଇଯାଇଛନ୍ତି ଏକ ଭିନ୍ନ ମଣିଷ। ତା' ଦି' ଆଖିରୁ ଧାର ଧାର ଲୁହ ନିଗିଡ଼ି ପଡୁଥିଲା ବର୍ଷାଧାର ପରି। ମା'କୁ କାନ୍ଦିବାର ଦେଖି ପୁଅ ବି ବଡ଼ ପାଟିକରି କାନ୍ଦି ଉଠିଲା। ପୁଅର କାନ୍ଦକୁ ଅରୁଣଙ୍କଠାରୁ ଲୁଚାଇବା ପାଇଁ ସୁଲଗ୍ନା ଦି' ହାତରେ ପୁଅ ମୁହଁକୁ ନିଜ ଛାତିରେ ଜାବୁଡ଼ି ଧରି ମିଛ ପ୍ରବୋଧନା ଦେଉଥିଲା। ତା' ଛାତିରୁ ମୁଣ୍ଡ ଉଠେଇ କାନ୍ଦମିଶା ଅନୁଚ୍ଚକଣ୍ଠରେ ପୁଅ କହୁଥିଲା, ପ୍ଲିଜ୍ ମାମା କାନ୍ଦନି। ମୁଁ ଆଉ ନୂଆ ଡ୍ରେସ୍ ପାଇଁ ଜମା କାନ୍ଦିବି ନାଇଁ। ପୁଅ ତା' କୁନିକୁନି ହାତରେ ତା' ମାଆର ଲୁହ ପୋଛି ଦଉଥିଲା। ନିଜ ଲୁହକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରି ବିଫଳ ହେଉଥିଲା ସୁଲଗ୍ନା। ମନ୍ଦିରରୁ ସନ୍ଧ୍ୟା ଆଳତିର ଘଣ୍ଟ ଘଣ୍ଟା ଶବ୍ଦ ଭାସି ଆସୁଥିଲା।

ମୋ: ୮୯୧୭୬୨୪୩୮୬

## ପୁସ୍ତକ ପରିଚୟ

### ଅତୁଲ୍ୟ ନୋବେଲ-୨୦୨୨




**ସମ୍ପାଦକ:** ହରିହର ମିଶ୍ର, ପ୍ରଭାସ ରଞ୍ଜନ ତ୍ରିପାଠୀ ଓ ଗୌରୀଶଙ୍କର ସାହୁ
**ପ୍ରକାଶକ:** ମା' ପ୍ରିଣ୍ଟର୍ସ, କଟକ-୩
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜ ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ଅର୍ଥନୀତିରେ ପ୍ରଦତ୍ତ ନୋବେଲ ପୁରସ୍କାର-୨୦୨୨କୁ ନେଇ ଆଲୋଚ୍ୟ ପୁସ୍ତକର ପରିକଳ୍ପନା ଓ ପରିପ୍ରକାଶ। ଉପରୋକ୍ତ ବିଷୟ ସମ୍ପର୍କରେ ତଥ୍ୟନିଷ୍ଠ ସମୀକ୍ଷା କରିଛନ୍ତି ଯଥାକ୍ରମେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଗୌରୀଶଙ୍କର ସାହୁ, ଜିତେନ୍ଦ୍ର ପ୍ରସାଦ ରାୟ, ଅନୀଲ କୁମାର ମିଶ୍ର, ଜିତେନ୍ଦ୍ର କୁମାର ନାୟକ ଓ ରୁଦ୍ରପ୍ରସନ୍ନ ମିଶ୍ର। 'ଅନନ୍ୟ ଦିଗବାରେଣୀ' ଶୀର୍ଷକ ସମ୍ପାଦକୀୟରେ କୁହାଯାଇଛି: ''୨୦୨୨ରେ ବିଭିନ୍ନ ବିଭାଗରେ ନୋବେଲ ପୁରସ୍କାର ଯୁଗାନ୍ତକାରୀ ଗବେଷଣା ସବୁକୁ ସମ୍ମାନିତ କରିବାରେ ଦିଗବାରେଣୀ ହୋଇପାରିଛି। ଅତୀତ, ଅତିଶୟ, ଆଧିଭୌତିକ ତତ୍ତ୍ୱ ଅନେକାଂଶରେ ବିଜ୍ଞାନାଗାରରେ ସତ୍ୟ ପ୍ରମାଣିତ ହୋଇଛି।'' ଏଥିରେ ନୋବେଲ୍ ପୁରସ୍କାରର ଇତିହାସକୁ ସଂକ୍ଷେପରେ ସୂଚିତ କରାଯିବା ସହ ୨୦୨୨ରେ ନୋବେଲ୍ ପ୍ରାପ୍ତ ବୈଜ୍ଞାନିକ, ଲେଖକ ଓ ବ୍ୟକ୍ତିବିଶେଷଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଛି। 'ସଂପର୍କର ଫାନ୍ଦ' (Quantum Entanglement) ପାଇଁ ଜନ୍ କ୍ଲଷ୍ଟର୍, ଆଲେନ୍ ଆସ୍ପେକ୍ଟ ଓ ଆଣ୍ଟନ ଜେଲିଙ୍ଗରଙ୍କୁ ପଦାର୍ଥ ବିଜ୍ଞାନରେ, କରୋଲିନ୍ ବେର୍ଟୋଜି, ମରଟେନ୍ ମେଡାଲ ଓ କେ. ବାରି ସାର୍ପଲେସ୍‌ଙ୍କୁ ରସାୟନ ବିଜ୍ଞାନରେ 'ଯୋଡ଼େଇ ଓ ଜୈବ ଯୌଗିକ ସଂଶ୍ଳେଷଣ' ପାଇଁ, ସ୍ୱାନ୍ତେ ପାବୋଙ୍କୁ 'ବିଲୁପ୍ତ ଜୀବାଷ୍ମରେ ମାନବ ଡିଏନ୍‌ଏ' ପାଇଁ ଭେଷଜ ବିଜ୍ଞାନରେ, ଆନି ଅର୍ଣ୍ଣୋଙ୍କ 'ଆତ୍ମଜୀବନୀ' ପାଇଁ ସାହିତ୍ୟରେ, ଭିକ୍ଟର ଭିଚ୍ ବିଲିଆଟ୍‌ସ୍କିଙ୍କୁ 'ଏକଛତ୍ରବାଦର ଗତିରୋଧକ' ପାଇଁ ଶାନ୍ତି ନୋବେଲ ଏବଂ ବେନ୍ ଏସ୍. ବର୍ଣ୍ଣାକେ, ଡଗ୍‌ଲାସ ଡାଇମଣ୍ଡ ଓ ଫିଲିପ୍ ଡିବିଗ୍‌ଙ୍କୁ 'ବ୍ୟାଙ୍କିଙ୍ଗ୍ ସଂକଟ ଅଧ୍ୟୟନ' ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ପୁସ୍ତକଟି ପାଠକ ଓ ପାଠାଗାର ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

### ବାପାଙ୍କ ସହ ଶେଷ ଜହ୍ନରାତି




**ଲେଖକ:** ବିପ୍ଳବ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୩୯/-

ଆଲୋଚ୍ୟ ଗଳ୍ପ ସଂକଳନରେ ୧୭ଟି ଗଳ୍ପ ରହିଛି ଓ ଗଳ୍ପଗୁଡ଼ିକର କଳେବର ନାତିଦୀର୍ଘ। ପ୍ରଚ୍ଛଦଲେଖରେ ପ୍ରକାଶକ କହନ୍ତି: ''ବିପ୍ଳବଙ୍କ ଗଳ୍ପଗୁଡ଼ିକ କେବେକେବେ ଆକାଶ ରଙ୍ଗର ପାଣିରେ ଭରା ପୋଖରୀରେ ଢଳଢଳ ପଦ୍ମଫୁଲ ପରି ଆକର୍ଷଣୀୟ ତ କେବେ ଚାଙ୍ଗୁଡ଼ିରେ ଭର୍ତ୍ତି ଫୁଲମାନଙ୍କ ପରି ସତ୍ୟ, ଶିବ ଆଉ ସୁନ୍ଦର। ବିପ୍ଳବଙ୍କ ଗଳ୍ପଗୁଡ଼ିକ ବେଶ୍ ସାମ୍ପ୍ରତିକ ଏବଂ ସେଥିରେ ଥାଏ ରାଷ୍ଟ୍ର, ଧର୍ମ, ସଂସ୍କୃତି ତଥା ସମାଜବିରୋଧୀ ଅପତତ୍ତ୍ୱମାନଙ୍କ ବିରୋଧରେ ବିକ୍ଷୋଦ୍‌ଗାର।'' ବହିଟିର ପ୍ରାୟ ଗଳ୍ପରେ ଜୀବନାନୁଭବର ଏକ ସାବଳୀ ରୂପ ଦେଖିବାକୁ ମିଳେ। ପ୍ରଥମ ଗଳ୍ପ 'ବାପାଙ୍କ ସହ ଶେଷ ଜହ୍ନରାତି' (୨୦ ମେ ୨୦୨୩ 'ଧରିତ୍ରୀ'ରେ ପ୍ରକାଶିତ)ରେ ଝିଅମାନଙ୍କର ବିବାହୋତ୍ତର ଜୀବନକୁ ନିରିଖେଇ ଦେଖାଯାଇଛି। ନାରୀ ଜୀବନର 'ଅସୁରକ୍ଷା' ପ୍ରସଙ୍ଗ ଗଳ୍ପଟିର କେନ୍ଦ୍ରରେ। କାହାଣୀ କହି ଯାଉଁ ଯାଉଁ ଠାଏ ଠାଏ ତାହା କବିତା ହୋଇଯାଉଛି। ମଦୁଆ ସ୍ୱାମୀ ପଛରୁ ମାରୁଛି ଗୋଇଠା। ଆଖିରୁ ଖସିପଡୁଛି ଅମାନିଆ ଲୁହ- 'ଯେମିତି ଦୁଇଟୋପା ପାହାନ୍ତିଆ କାକର ଭାରୀ ହୋଇ ଘାସ ପତରରୁ ମାଟିକୁ ଖସିପଡ଼ିଲା।' ଆଖୁବିଲରେ ଠିଆ ହେଇଛି ଆଖୁ- 'ବ୍ୟାଙ୍କ୍ ଆଗରେ ଠିଆ ହୋଇଥିବା ସୁରକ୍ଷାକର୍ମୀ ପରି।' ବାଃ ବିପ୍ଳବ! ଓଡ଼ିଆ ଭାଷାରେ ତମ ଓଡ଼ିଆ ଅସ୍ମିତାର ସ୍ୱାକ୍ଷର ମନେରହିଲା ଭଳି! ବହିରେ ଥିବା ଗଳ୍ପଗୁଡ଼ିକ ପାଠକାଦୃତି ଯେ ଲାଭ କରିବ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ

''ଦେବତାମାନଙ୍କ ଆଚରଣ ଠିକ୍ ତାଙ୍କୁ ତିଆରି କରିଥିବା ଲୋକଙ୍କ ପରି।''
- ଜୋରା ନୀଲ୍ ହର୍ଷ୍ଟନ୍



**ଜୋରା ନୀଲ୍ ହର୍ଷ୍ଟନ୍**ଙ୍କ ଜନ୍ମ ୭ ଜାନୁଆରୀ ୧୮୯୧ରେ ଓ ପରଲୋକ ୨୮ ଜାନୁଆରୀ ୧୯୬୦ରେ ଆମେରିକାରେ। ସେ ଏକାଧାରରେ ଲେଖିକା, ମାନବବିଜ୍ଞାନୀ, ଲୋକଗୀତିକାର ଓ ବୃତ୍ତଚିତ୍ର ଫିଲ୍ମ ନିର୍ମାତା। ତାଙ୍କ ରଚିତ ଚାରୋଟି ଉପନ୍ୟାସ ମଧ୍ୟରୁ ପ୍ରମୁଖ ହେଉଛି 'ଦେୟାର୍ ଆଇଜ୍ ୱ୍ୟାର୍ ୱାଚିଙ୍ଗ୍ ଗଡ୍' (୧୯୩୭)। ଉପନ୍ୟାସ ବ୍ୟତୀତ ସେ ଅନେକ ଗଳ୍ପ ଓ ନାଟକ ମଧ୍ୟ ଲେଖିଛନ୍ତି। କୃଷ୍ଣକାୟ ସଂପ୍ରଦାୟର ତଦାନୀନ୍ତନ ସମସ୍ୟା ତାଙ୍କ ରଚନାରେ ପ୍ରାଧାନ୍ୟ ପାଇଥାଏ। 'ଦ ନିଉ ନିଗ୍ରୋ' ଓ 'ଫାୟାର୍' ଭଳି ଗଳ୍ପ ପୁସ୍ତକ ଏହାର ପ୍ରମାଣ। ଜୀବଦ୍ଦଶାରେ ଲେଖିକା ଭାବେ ତାଙ୍କ ପରିଚୟ ଜନବିଦିତ ହୋଇପାରି ନ ଥିଲା। ୧୯୭୫ରେ ଆଲିସ୍ ୱାକର୍‌ଙ୍କ ନିବନ୍ଧ 'ଲୁକିଙ୍ଗ୍ ଫର୍ ଜୋରା' ପ୍ରକାଶ ପାଇବା ପରେ ମୃତ୍ୟୁର ୧୫ ବର୍ଷ ପରେ ସେ ଲୋକଲୋଚନକୁ ଆସିଥିଲେ। ଜୋରା କହନ୍ତି: 'ଦାରିଦ୍ର୍ୟର ବାସ୍ନା ଅବିକଳ ମୃତ୍ୟୁର ବାସ୍ନା ପରି।'

## କବିତା

### କେମିତି ଜୀବନ

ପ୍ରବାସିନୀ ମହାକୁଡ଼

**ସୀ**ମିତ ଜୀବନରେ ଅସୀମିତ ସ୍ୱପ୍ନକୁ ନେଇ
ମଣିଷ ବଞ୍ଚିବାକୁ ଭଲପାଏ
ଭଲପାଏ ପୁରୁଣା ସତ୍ୟର ବିଶ୍ୱାସକୁ ନେଇ
ନୂଆ କରି ଆଉ ଥରେ ସହିବାକୁ
ସୃଷ୍ଟିକୁ ଭଲ ପାଇବାକୁ ଚାହେଁ
ଅଗଣିତ ରହସ୍ୟ ଭିତରୁ
ଗୋଟିଏ ରହସ୍ୟରୁ ଉଠେଇଦେବାକୁ ଚାହେଁ
ସୂକ୍ଷ୍ମ ପର୍ଦ୍ଦା ଓ ଚାହେଁ
କେମିତି ଏ ଜୀବନ ମଧୁମୟ ଥିଲା
ଥିଲା କେତେ ସହଜ ସରଳ
ଆୟୁଷ ଦୀର୍ଘ ନ ଥିଲା
କିନ୍ତୁ ଶାନ୍ତି ଥିଲା
ଥିଲା ଗୋଟେ ଦିବ୍ୟ ଚେତନା ମଣିଷ ଭିତରେ
ଥିଲା ସବୁ ଭଲ ଜିନିଷକୁ ଭଲ ପାଇବାର ପ୍ରବଣତା

ସୀମିତ ଜୀବନରେ ଅସୀମିତ ସ୍ୱପ୍ନ ବି ନ ଥିଲା
ଥିଲା ଅନ୍ୟର ଦୁଃଖ ସମୟରେ
ପାଖରେ ଠିଆ ହେବାର ମାନସିକତା
ନିଜ ଖୁସିରେ ବି ସାମିଲ କରୁଥିଲା ପାଖ ପଡ଼ୋଶୀଙ୍କୁ
ସୁଖ ଦୁଃଖ ହେଉଥିଲା ସମୟ ମିଳିଲେ
କେମିତି ଆସ୍ତେ ଆସ୍ତେ କମିଯାଉଛି ଏସବୁ

ଟିଭି, ମୋବାଇଲ୍, କମ୍ପ୍ୟୁଟର ଆମକୁ କାଟିଦେଉଛି ବି
ଅନ୍ୟ ଅନେକ ସମ୍ପର୍କରୁ?
ଯେଉଁ ସମ୍ପର୍କମାନେ ହଜାର ହଜାର ବର୍ଷ ଧରି
ଆମ ରକ୍ତରେ ରହିଆସିଥିଲେ?

ଏଇନା ଭୋର ପାଞ୍ଚଟା ଚାଳିଶ
ମୁଁ ନୀଳ ସରସ୍ୱତୀଙ୍କୁ ଦେଖିପାରୁଛି
ଡିସେମ୍ବରର ଘନ କୁହୁଡ଼ି ଭିତରୁ।

ମୋ: ୮୭୬୩୯୭୧୧୨୬

### ତୁମେ ଗଲା ପରେ

ଧରଣୀଧର ତ୍ରିପାଠୀ

**ସେ**ଦିନ ସକାଳେ ଦେଖିଥିଲି
ସ୍ୱଚ୍ଛ ନୀଳ ଝରଣାଟିଏ
କୁଳୁକୁଳୁ ହୋଇ ଆସିଥିଲା ଝରି,
ଭିଜେଇ ପ୍ରାଣ ଝରିଗଲା ପୁଣି
ପଛକୁ ନ ଚାହିଁ ଥରେ ବି
ନିର୍ଲିପ୍ତ ନଦୀଟିଏ ପରି।

ଆଗୋ ସରିତା ତୁମେ,
ମିଶିଥିବ ଦିନେ ସାଗର ସଙ୍ଗେ
କେଉଁ ଦୂରଦେଶେ ଯାଇ,
ସିନ୍ଧୁରେ ମିଶି ହାରିଥିବ ସତ୍ତା
ନିଜ ଠିକଣା ହଜାଇ।

କେବେକେବେ ଦିଗନ୍ତ ସେପାରିରୁ
ଉଡ଼ିଆସେ ଯଦି ପକ୍ଷୀ,
ଭାବେ ମନେମନେ ପଠାଇଛ ବୋଧେ
ମୋ' ପାଇଁ ବାର୍ତ୍ତା କିଛି।

ବର୍ଷାଭିଜା ଘନ ମେଘମାଳା
ସନ୍ଧ୍ୟା ଆକାଶେ ଦେଖି,
ସେଦିନ ଝରଣା ଭିଜାଇଲା ପରି
ଲାଗେ, ଛୁଇଁଯାଏ ମୋତେ ଆସି।

ଆଜି ମୋ ଆଖି ଆଗରେ କୁହୁଡ଼ି
ଦିଶେ ସବୁ ଧୂଆଁଳିଆ,
ତୁମେ ଚାଲିଗଲ ଯେଉଁ ରାସ୍ତାରେ
ସେ ପଥ ବି ଆଉ ଦିଶେନା।

ଜାଣିଚି ସମୟ ଆଉ ସରିତା
ଫେରି ଆସିବନି କେବେ,
ତଥାପି ମୋ' ସଙ୍ଗେ ଖେଳି ଲୁଚକାଳି
ଭରିଛି ମଧୁର ସୁଗନ୍ଧ କେତେ।

ମୋ: ୯୮୧୯୫୫୦୨୭୯

### ବର୍ଷା ଓ ଈଶ୍ୱର

ଉମା ଶଙ୍କର ପାଳ

**ଅ**ବିଶ୍ରାନ୍ତ ଝରୁଥିଲା ବର୍ଷାର ଧାର
କାନ୍ଦୁଥିଲେ ଈଶ୍ୱର
ପବନର ଗତିଥିଲା, ଧୀର ଅଥଚ ଗମ୍ଭୀର।

ଗତ ରାତିର ଭୟାନକ ତାଣ୍ଡବ ପରେ
ସକାଳେ ଆବିଷ୍କାର ହୋଇଥିଲା
ଗୋଟେ କଅଁଳ ଫୁଲର ଛିନ୍‌ଛତ୍ର ଶରୀର
ଆକାଶରେ ସିସିଟିଭି କ୍ୟାମେରା ଥିଲା ଜହ୍ନର
କଏଦ ହୋଇଥିଲା
ନିଶାସକ୍ତ ଭଅଁରର ନିର୍ମମ ଅତ୍ୟାଚାର।

ରାସ୍ତାରେ ମିଳିଥିଲା ସଦ୍ୟ କଟା ଧର୍ମର ଶିର
ହିଂସାର ତରବାରି ଥିଲା ରକ୍ତ ଜରଜର
ଅନିଶ୍ଚିତ ଆଶଙ୍କାରେ ମ୍ରିୟମାଣ ଥିଲା
ଶରଣାର୍ଥୀ ଶିବିର
ଯୁଦ୍ଧ ଧ୍ୱସ୍ତ ସବୁଜ ପୃଥିବୀର ଦିଗ୍‌ବଳୟ
ଦିଶୁଥିଲା ଧୂସର।

କେଉଁ ଝୁମ୍ପୁଡ଼ି ଘରେ ମୃତ ମା' ଥନରୁ
ଅବୋଧ ଶିଶୁଟି ଖୋଜୁଥିଲା କ୍ଷୀର
କ୍ଷଣେ କ୍ଷଣେ ଶୁଭୁଥିଲା, କ୍ଷୀଣ କରୁଣ ସ୍ୱର
ପଞ୍ଚତାରକା ହୋଟେଲ କକ୍ଷରୁ ଭାସିଆସୁଥିଲା
ବିଳାସୀ ବାଦ୍‌ଶାହର ହସର ଫୁଆର।

ଏକପଦୀ ଅସହାୟ ବୃଷଭ ପିଠିରେ
ଲାଭଖୋର କଳି
କରୁଥିଲା ନିଷ୍ଠୁର ପ୍ରହାର
ସୃଷ୍ଟିର ବିଚ୍ୟୁତି ସହି ନ ପାରି
କାନ୍ଦୁଥିଲେ ଅନୁତପ୍ତ ଈଶ୍ୱର
ଅବିଶ୍ରାନ୍ତ ଝରୁଥିଲା ବର୍ଷାର ଧାର।

ମୋ: ୯୫୫୬୮୮୮୭୦୮

### ନାୟିକା

ଦୀପ୍ତି ମିଶ୍ର

**ଥ**ରେ ପାହାଡ଼ ସହ ବନ୍ଧୁତା କଲି,
ଯେମିତି କରିଥିଲି ଫୁଲ ସହ... ଜହ୍ନ ସହ,
ଯେମିତି କରିଥିଲି ନଦୀ ସହ... ଆକାଶ ସହ,
ଦୂର ପାହାଡ଼ର ସୁନ୍ଦରତାରେ
ମୁଗ୍ଧ ଆତୁରିତ ମନ
ପ୍ରବଳ ଭାବାବେଗରେ
ବାନ୍ଧି ହୋଇଗଲା ତା' ପ୍ରେମରେ।

ପାହାଡ଼ ମୋ' ସହ ହସୁଥିଲା...
କିନ୍ତୁ ସେ ହସରେ ନ ଥିଲା ଆବେଗ
ନ ଥିଲା ସ୍ୱଚ୍ଛତା,
ମୋ' ସହ ବସୁଥିଲା
କିନ୍ତୁ ତହିଁରେ ନ ଥିଲା ତଲ୍ଲୀନତା ଭାବ...

ଭାବିଥିଲା ସେ ମୋତେ
ନୈରାଶ୍ୟର ବାଲିଘରେ ପୋତିଦେବ
ଚିରଦିନ ପାଇଁ...
ହେଲେ ମୁଁ କ'ଣ କଲି ନା,
ସପନର ଦୋଳିରେ ଉଡ଼ିଯାଇ
ବସିଗଲି ପାହାଡ଼ର ଶିଖରରେ।

ବାସ୍, ଏବେ ମୁଁ ଦେଖିପାରୁଛି
ମୋ' ଚାରିପାଖ...
ପ୍ରୀତିର କୃଷ୍ଣଚୂଡ଼ା
ମେଲାଇ ବସିଛି ତା' ରଙ୍ଗର ପାଖୁଡ଼ା,
ବିଛାଡ଼ି ଦେଇ ମିଠାମିଠା
ଆବେଗଭରା ଗଳ୍ପ,
ଅରଡୁରେ ବି ରଡୁର କାହାଣୀ...
ଆଉ ମୁଁ ସାଜିଛି ସେଇ କାହାଣୀର
ମୁଗ୍ଧା ନାୟିକା।

ମୋ: ୯୪୩୮୪୦୪୩୦୮

### ଗୀତି-କବିତା

### ଭଲ ମନ୍ଦ

ଅମରନାଥ ବାରିକ

**କ**ଳଙ୍କ ଅଟଇ ଅନ୍ଧାରରୁ କଳା
ଭୂମିଠାରୁ ଭାରି ପାପ
ଅଧିକ ଚଞ୍ଚଳ ପବନଠୁଁ ମନ
ରାଧେ କୃଷ୍ଣ ନାମ ଜପ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ...

ଅଗ୍ନିତେଜଠାରୁ ପ୍ରଖର ଯେ କ୍ରୋଧ
ଜଳଠୁଁ ପତଳା ଜ୍ଞାନ
ଜହରଠୁଁ ବିଷ ମିଥ୍ୟା ପ୍ରତାରଣା
ଦାନଠାରୁ ନାହିଁ ପୁଣ୍ୟ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ...

ପଥର ଦିଅଁଠୁ ବଡ଼ ପିତାମାତା
ଚଳନ୍ତି ଦେବତା ମୋର
ମଧୁଠୁଁ ମଧୁର ମୋର ମାତୃଭାଷା
କହି ଜାଣିଲେ ସୁନ୍ଦର।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ...

ରତ୍ନ ଅଳଙ୍କାର ସବୁ ପରା ତୁଚ୍ଛ
ସ୍ୱାସ୍ଥ୍ୟ ସମ୍ପଦ କେବଳ
ଧନ ଅସ୍ତ୍ରଶସ୍ତ୍ର ସବୁ ପରାଜିତ
ପାଖେ ଥିଲେ ଶିକ୍ଷା ବଳ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ...

ଚଣ୍ଡାଳଠୁଁ ବଡ଼ ମୂର୍ଖ ସେହି ଜାଣ
କରେ ଯିଏ ପର ନିନ୍ଦା
ଧରେ ନାହିଁ ଦିନେ ହରିନାମ ତୁଣ୍ଡେ
କରୁଥାଇ ମିଛ ଧନ୍ଦା।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ...

ମୋ: ୯୫୪୦୩୦୮୦୯୫

## ଲଘୁଗଳ୍ପ

### ଜୀବନ

ରାଧାରାଣୀ ତ୍ରିପାଠୀ



ଶ୍ୱଶୁରଙ୍କ ଖାଇବା ଜଞ୍ଜାଳ ତୁଟେଇ ପୁଅକୁ ଧରି ଟିକେ ବିଶ୍ରାମ ନେବାକୁ ଚାହିଁଲା ରାଣୀ। ମାତ୍ର ଅଢ଼େଇ ମାସର ଛୁଆ। ମା'କୋଳ ତ ଖୋଜିବ ନିଶ୍ଚିତ। ଅବଶ୍ୟ ଦିନ ଏଗାରଟା ହୋଇଛି। ଦିଅର ନଳିନୀ ଅଫିସ୍‌ରୁ ଫେରୁଫେରୁ ଦେଢ଼ଟା ହେବ। ଏ ଭିତରେ କିଛି ସମୟ ଗଡ଼ିପାରିବ ରାଣୀ। ଗଡୁଗଡୁ କେତେବେଳେ ନିଦ ହୋଇଯାଇଛି ଜଣାନାହିଁ।

ତା' କୋଠରି ବାହାରେ ଶାଶୁଙ୍କ ତୁମ୍ଭିତୋଫାନର ଶବ୍ଦ ଶୁଣି ରାଣୀର ନିଦ ଭାଙ୍ଗିଗଲା। ଶାଶୁଙ୍କ ମୁହଁରୁ ଏମିତିକା ମଧୁର ସମ୍ଭାଷଣ ଅଧିକାଂଶ ସମୟରେ ରାଣୀ ପାଇଁ ହିଁ ବାହାରେ। ଆଜି କା' ଭାଗ୍ୟରେ ଜୁଟିଛି କେଜାଣି? ନହେଲେ ରାଣୀର ବାପଘର ଛପନ ପୁରୁଷଙ୍କ ଦି'ଶହ ଛବିଶ ଥର ଉଦ୍ଧାର ହୋଇଯାଏ କ୍ଷଣିକ ଭିତରେ। ବେଳେବେଳେ ସାଇପଡ଼ିଶାଙ୍କର ବି। 'ଆରେ ଆଜି ତ ସାଇର ଦୂତିକା ବିଶାଖା ଆଉ ଚିତ୍ରଲେଖାର କ'ଣ ସୋର ଶବ୍ଦ ନାହିଁ!' ମନେମନେ ଭାବିଲା ରାଣୀ- 'ନା ଏହା ତ ପୂରା ଅସମ୍ଭବ।'

ନଳିନୀର ପାଟି ବାଜୁଛି। ହାତଘଣ୍ଟାକୁ ଚାହିଁଲା ରାଣୀ। ଆରେ ବାପ୍‌ରେ ଦେଢ଼ଟା ଉପରେ। ଏବେ ତ ଅପେରା ଜମିବ। ଶାଶୁଙ୍କ ସହିତ ତାଳ ମିଳାଇବେ ଦୂତିକା ବିଶାଖା। ଚିତ୍ରଲେଖା ଆହୁତି ଢାଳିବ ଆଉ ନଳିନୀବାବୁ ଆମର ତଡ୍‌କା ଲଗାଇବେ ଆଉ କ'ଣ?

ଚୋକା ଖଣ୍ଡକ ଖାଲି ମାଇପି ନାଁ ପାଇନାହିଁ, ମାଇପି ଚରିତ୍ର ବି ସବୁ ରଖିଛି। ଲିଭି ଆସୁଥିବା ଦୀପଶିଖାରେ ପେଟ୍ରୋଲ୍ ଢାଳି ଧମାକା କରିବା ତାର ପୁରୁଣା ଖୋଇ। ସେ ଯାହାହେଉ ତରତର ହୋଇ ଦୁଆର ଖୋଲିଦେଲା ରାଣୀ। 'ଆରେ ନଳିନୀ! କେତେବେଳେ ଆସିଲ? ହାତଗୋଡ଼ ଧୁଆଧୋଇ ହୋଇ ଆସ। ମୁଁ ଖାଇବା ବାଢୁଛି।' ରାଣୀର କଥାକୁ ଗୁରୁତ୍ୱ ନଦେଇ ମା'ଙ୍କ କଥାର ମଜା ଉଠାଇବାରେ ବ୍ୟସ୍ତ ସେ।

ସିଆଇଡି ଅଫିସର ପରି ଶ୍ୱଶୁରଙ୍କୁ ଜେରା କରୁଥାନ୍ତି ଶାଶୁ- 'ସତ କୁହ, କିଏ ଖାଇଛି? କାରଣ ତୁମେ ତ କେବେ କଖାରୁଫୁଲ ଭଜା ଖାଅ ନାହିଁ।' ଶ୍ୱଶୁରଙ୍କ ପାଟି ଖନି ବାଜି ଯାଉଥାଏ। ଥ ଥ, ମ ମ ହୋଇ ଏପଟ ସେପଟ ଚାହୁଁଥା'ନ୍ତି। କାହିଁକି ଯେ ସତ ଲୁଚାଉ ଥା'ନ୍ତି। ତାଙ୍କ ପାଇଁ ଭାତ ବାଢ଼ିବା ବେଳେ ରାଣୀ ପଚାରିଥିଲା- 'କଖାରୁଫୁଲ ଭଜା ଦେବି କି ବାପା?' ନିଜେ ଖାଇବା ପାଇଁ ମନା କରିଦେଲେ। କିନ୍ତୁ ବଡ଼ ବାହାଦୁରିର ସହ କହିଥିଲେ 'ତୁ ଖାଇବୁ ଯଦି ଖାଆ ମାଆ। ଯାହା ହେବ ମୁଁ ସମ୍ଭାଳି ନେବି।' କୁନ୍ଥୁ କୁନ୍ଥୁ ହେଉଥିଲା ରାଣୀ। ହେଲେ ଶ୍ୱଶୁରଙ୍କ ଆଗ୍ରହ ଏଡ଼ିପାରିନଥିଲା। ତାର ଫଳଶ୍ରୁତି ସ୍ୱରୂପ ବର୍ତ୍ତମାନର ତାମସା। ରାଣୀ ଆକାଶରୁ ଖସିପଡ଼ିଲା ଯେମିତି। ହେ ଭଗବାନ! ତା'ହେଲେ ଏବେ ଏଇଠି କଖାରୁ ଫୁଲ ଉପାଖ୍ୟାନ ଚାଲିଛି। ପୁଣିଥରେ ନଳିନୀକୁ ଡାକିଲା ରାଣୀ- 'ଏଇ ନଳିନୀ ଆସିଲ, ମୁଁ ତୁମ ପାଇଁ ଖାଇବା ବାଢ଼ିଦିଏ।'

'ହେ ଗୃହ ଭାଉଜ! ଖାଇବି କ'ଣ? ଶୁଣୁଛ ତ! ଘରୁ ତରକାରି ଚୋରି ହୋଇଛି ନା ଆମ ଘରର ଇଷ୍ଟଦେବୀ ଲୁଚେଇ ଖାଇଯାଇଛନ୍ତି ଯେ ତା'ର ଖୋଜ ଖବର ଚାଲିଛି। ଟିକେ ଚୁପ୍ କର। ଅଯଥା ହଇରାଣ କର ନାହିଁ।' କହିଲା ନଳିନୀ। ମୁହଁରେ ତା'ର ଫୁଟି ଉଠୁଥିଲା କୁଟିଳ ହସ।

'ଆରେ ଚୋରି ହେବ କାହିଁକି ନା ଇଷ୍ଟଦେବୀ କାହିଁକି ଖାଇବେ? ମୁଁ ଫୋପାଡ଼ି ଦେଇଛି।' ତାହା ମିଛ କହି ପକାଇଲା ରାଣୀ। 'ବାପାଙ୍କ ପାଇଁ ଖାଇବା ବାଢ଼ିବା ବେଳେ ଭାତରୁ ଘୋଡ଼ଣୀ କାଢୁକାଢୁ କଖାରୁଫୁଲ ଭଜା ଦିଖଣ୍ଡ ତଳେ ପଡ଼ିଗଲା। ସେଥିପାଇଁ ମୁଁ ତାକୁ ଫୋପାଡ଼ି ଦେଲି।' ଆଜି ରାଣୀକୁ ଏକ ଶିକ୍ଷା ଦେଲା ଜୀବନ।

ମୋ: ୮୨୪୯୮୦୭୨୬୭

# 'ଦରବୃଦ୍ଧି ରୋକିବା ଲାଗି ସରକାରଙ୍କ ଆନ୍ତରିକତା ନାହିଁ'

**ଅତ୍ୟାବଶ୍ୟକ ଜିନିଷର ଦରବୃଦ୍ଧି ପ୍ରତିବାଦ**

**୬ରେ ବିଜେଡିର ଗଣବିକ୍ଷୋଭ**

ଭୁବନେଶ୍ୱର,୩।୧ (ଅନିଲ ଦାସ)



ଶଙ୍ଖଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଅତ୍ୟାବଶ୍ୟକ ଜିନିଷର ଅହେତୁକ ଦରବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କଲାଣି ଓ ରାଜ୍ୟ ସରକାର ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ବିଜେଡି ଅଭିଯୋଗ ଆଣିଛି। ଶଙ୍ଖଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ବରିଷ୍ଠ ମିଡିଆ ସଂଯୋଜକ ପ୍ରତାପ ଜେନା, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଯୁବ ସଭାପତି ବ୍ୟୋମକେଶ ରାୟ ଏହି ଅଭିଯୋଗ ଆଣିବା ସହ ଅହେତୁକ ଦରବୃଦ୍ଧି ବିରୋଧରେ ଆସନ୍ତା ୬ରେ ଲୋକସେବା ଭବନ ସମ୍ମୁଖରେ ଏକ ଗଣବିକ୍ଷୋଭ କରାଯିବ ବୋଲି ସୂଚନା ଦେଇଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଡବଲ ଇଞ୍ଜିନ ଡବଲ ବିକାଶର ନାରା ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ଆସିଥିବା ଭାଜପା ସରକାର ଦରଦାମ୍ ନିୟନ୍ତ୍ରଣ ଓ ଅର୍ଥନୀତିର ସୁପରିଚାଳନା କ୍ଷେତ୍ରରେ ବିଫଳ ହୋଇଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ନିୟମିତ ଭାବେ କମିଚାଲିଥିବା ବେଳେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିଚାଲିଛି। ସେହିଭଳି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାକ୍ଷେତ୍ରରେ ଉଭୟ କେନ୍ଦ୍ର ସରକାର ଏବଂ ଓଡ଼ିଶା ସମେତ ଭାଜପା ଶାସିତ ରାଜ୍ୟ ସରକାରମାନେ ବିଫଳ ହୋଇଛନ୍ତି। ଆଉ ଦରଦାମ୍ ବୃଦ୍ଧି ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଥିବାବେଳେ ସରକାରଙ୍କ ପକ୍ଷରୁ ଏହାକୁ ରୋକିବା ଲାଗି କୌଣସି ଆନ୍ତରିକତା ଦେଖିବାକୁ ମିଳୁନାହିଁ ବୋଲି ଦେବୀ କହିଛନ୍ତି।

# ବିଜେଡି ନାଟକ ପଦାରେ ପଡ଼ିସାରିଛି: ଭାଜପା

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)



ଅନିଲ ବିଶ୍ୱାଳ

ରାଜନୈତିକ ସଙ୍କଟ ଭିତରେ ଗତି କରୁଥିବା ବିଜେଡି ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଏବେ ବାରମ୍ବାର ନାଟକର ସାହାରା ନେଉଛି। ୨ ଦିନ ତଳେ ଚାଷୀଙ୍କ ଫସଲ କ୍ଷୟକ୍ଷତି ଦେଖିବା ବାହାନାରେ ବିଜେଡି ଯେଉଁ ନାଟକ ରଚିଥିଲା ତାହା ପଦାରେ ପଡିସାରିଛି। ଓଡ଼ିଶା ଲୋକେ ଦେଖିଲେ କିଭଳି ଜଣେ ବିଜେଡିର କୁଜି ନେତା ଜିନ୍ସ ପ୍ୟାଣ୍ଟ ପିନ୍ଧି ଗାଡିରେ ଆସିଲେ, ପୋଷାକ ବଦଳାଇ ଗାମୁଛା ପିନ୍ଧିଲେ, ନବୀନ ବାବୁ ସେଠାରେ ପହଞ୍ଚିବା ପରେ ସେ ଚାଷୀ ହୋଇ କାନ୍ଦିଲେ ଏବଂ ଗଣମାଧ୍ୟମ ଚାଲିଯିବା ପରେ ଭଲ ଅଭିନୟ ହୋଇଛି ଭାବି ହସିଲେ। ଏହି ସମସ୍ତ କଥା ଓଡ଼ିଶାର ଗଣମାଧ୍ୟମରେ ପ୍ରସାରିତ ହୋଇସାରିଛି। ଏସବୁ ଡ୍ରାମା ଦେଖିଲେ ଲାଗୁଛି, ବିଜେଡି ଓ ନବୀନ ବାବୁ ଚାଷୀମାନଙ୍କୁ କିଭଳି ପ୍ରତାରଣା କରିପାରନ୍ତି ଓ ସେମାନଙ୍କ ମନରେ କେତେ ଛଳନା ଭରି ରହିଛି। ବିଜେଡିର ସେଦିନର ଅଭିନୟ ଦେଖି ଲାଗୁଛି, ତାଙ୍କ ଦଳର ନାଁ ବିଜୁ ଯାତ୍ରା ଦଳ ହେବା ଦରକାର। ସେଦିନର ନାଟକ ବିଜେଡି ଓ ନବୀନ ବାବୁଙ୍କୁ ଲୋକହସା କରିବା ପରେ ଏବେ ସେମାନେ ଦରବୃଦ୍ଧି ହୋଇଛି ବୋଲି କହି ପୁଣି ନୂଆ ନାଟକ ରଚି ୨ ଦିନ ତଳର ରଚିଥିବା ପୁରୁଣା ନାଟକ ଉପରୁ ଦୃଷ୍ଟି ହଟାଇବା ପାଇଁ ଚାହୁଁଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଅନିଲ କହିଛନ୍ତି, ଏପ୍ରିଲ ୨୦୨୪ରେ ପରିସଂଖ୍ୟାନ ମନ୍ତ୍ରଣାଳୟ ଯେଉଁ ତଥ୍ୟ ପ୍ରକାଶ କରିଥିଲା ସେଥିରେ ଓଡ଼ିଶାର ଦରଦାମ ବୃଦ୍ଧି ହାର ଦେଶରେ ଏକ ନମ୍ବର ସ୍ଥାନରେ ଥିଲା। କେବଳ ସେତିକି ନୁହେଁ ସେହି ରିପୋର୍ଟରେ ସେତେବେଳେ ପ୍ରକାଶିତ ହୋଇଥିଲା, ଓଡ଼ିଶା ପ୍ରାୟ ବର୍ଷେ ଧରି ଦରଦାମ ବୃଦ୍ଧି ହାରରେ ଦେଶରେ ସବୁଠୁ ଆଗରେ ରହିଛି। ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ନବୀନ ବାବୁଙ୍କ ଏହା କେଉଁ ସୁଶାସନର ପ୍ରଦର୍ଶନ ଥିଲା ତାହା ବିଜେଡି ସ୍ପଷ୍ଟ କଲେ ଭଲ ହବ। ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ନବୀନ ବାବୁ ସରକାରରେ ଥିଲେ। ଆଳୁ, ପିଆଜ, ଟମାଟୋ, ରସୁଣ ଏସବୁ ରାଜ୍ୟରେ ଉତ୍ପାଦନ ପାଇଁ ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନ ଥିଲା ବରଂ ଆଳୁ ଏବଂ ପିଆଜ ମିଶନ ନାଁରେ ଶହ ଶହ କୋଟି ଟଙ୍କା ହରିଲୁଟ୍ କରାଗଲା। ବିଜେଡି ପ୍ରଥମେ ରାଜ୍ୟବାସୀଙ୍କୁ ଉତର ଦେଉ କାହିଁକି ଓଡ଼ିଶା ଆଜି ଆଳୁ, ପିଆଜ, ଟମାଟୋ, ରସୁଣ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ବୋଲି ଅନିଲ କହିଛନ୍ତି।

# ଅ, ଆ ରେ ରହିଯାଇଛନ୍ତି ମୁଖ୍ୟମନ୍ତ୍ରୀ: ବିଧାୟକ ଅରୁଣ

କଟକ,୩।୧ (ଶିଲ୍ପା ପ୍ରିୟଦର୍ଶିନୀ)



ଅରୁଣ ସାହୁ

ଭୁବନେଶ୍ୱରରେ ଆୟୋଜିତ କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ମନ୍ତବ୍ୟ ରଖିଛନ୍ତି ତାହା କେବଳ ଓଡ଼ିଆ ବର୍ଣ୍ଣବୋଧର ଅ, ଆ ରେ ରହିଯାଇଛନ୍ତି। ତାହାଠୁ ଆଗକୁ ଯାଉନାହାନ୍ତି। ଏଭଳି କିଛି ଢଙ୍ଗରେ ବିଧାୟକ ତଥା ବିଜେଡି ନେତା ଅରୁଣ ସାହୁ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। କଟକସ୍ଥିତ ଏକ ହୋଟେଲଠାରେ ଆୟୋଜିତ ବିଜେଡିର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅରୁଣ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ୭ ମାସର ସରକାର ଚଳାଇବା ପରେ ଓଡ଼ିଆ ବର୍ଣ୍ଣବୋଧର ପ୍ରଥମ ପୃଷ୍ଠାରେ ରହିଗଲେ। ବହିର ଭିତର ପୃଷ୍ଠାକୁ ଯିବାକୁ ଚାହୁଁନାହାନ୍ତି। ୨୪ ବର୍ଷର ବିଜେଡି ସରକାର ସମୟରେ କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ ବୋଲି କହିଆସୁଛନ୍ତି। ତାଙ୍କୁ ସ୍ପଷ୍ଟ ଭାବେ ସୂଚାଇ ଦେବାକୁ ଚାହେଁ ଯେ, ୨୦୦୦ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ନେଲେ। ସେ ସମୟରେ ଦୈନିକ ୨୦ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ହେଉଥିଲାବେଳେ ଏବେ ଦୈନିକ ୮୦ରୁ ୮୫ ଲକ୍ଷ ଲିଟର ଉତ୍ପାଦନ ହେଉଛି। ସେହିପରି ଅଣ୍ଡା, ମାଛ ଓ ଚିକେନ ଉତ୍ପାଦନ ମଧ୍ୟ ଆଶାଠୁ ଅଧିକ ବଢ଼ିଛି। ଧାନ, ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି। ଏପରି କି ୨୪ ବର୍ଷରେ ପନିପରିବା ଉତ୍ପାଦନ ୧୫୦ ଲକ୍ଷ ମେଟ୍ରିକ ଟନ୍ ଛୁଇଁଛି। ଏଥିର ଉଲ୍ଲେଖନୀୟ ସଫଳତା ପାଇଁ ବିଜେଡି ସରକାର ପୁରସ୍କୃତ ହୋଇଛି। କେନ୍ଦ୍ର ସରକାରଙ୍କୁ ରାଜ୍ୟ ଭାଜପା ସରକାର ପଚାରୁ ଯେ ଏଭଳି କୃଷିକ୍ଷେତ୍ରରେ ବିଜେଡିକୁ କାହିଁକି ପୁରସ୍କୃତ କରିଥିଲେ ବୋଲି ଅରୁଣ କହିଛନ୍ତି।

# ଦଳରେ କଂସ, ରାବଣ ଅଛନ୍ତି: ପ୍ରଭାତ ବିଶ୍ୱାଳ

କଟକ,୩।୧ (ଶିଲ୍ପା ପ୍ରିୟଦର୍ଶିନୀ)

ରାମାୟଣ ଓ ମହାଭାରତରେ ଯେଉଁ ଚରିତ୍ର ରହିଛି ତାହା ରାଜନୈତିକ ଦଳରେ ମଧ୍ୟ ଅଛି। ରାଜନୈତିକ ଗୋଡ଼ଟଣା ପାଇଁ ଏଭଳି ନାଲି ପୋଷାକ ପିନ୍ଧୁଛି। ସମୟ ଆସିଲେ ସମସ୍ତ ତଥ୍ୟ ସାମ୍ନାକୁ ଆଣିବି ବୋଲି ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି। ଶୁକ୍ରବାର କଟକ ମହାନଦୀ ବିହାରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ପ୍ରତିକ୍ରିୟା ରଖି ସେ ଏଭଳି କହିଛନ୍ତି। ଏଥିସହ ଅସନ୍ତୋଷ ବ୍ୟକ୍ତ କରି ପ୍ରଭାତ କହିଛନ୍ତି, ରିଙ୍ଗଫେନ୍ସରେ ମତେ ଛାଡିବା ସହ ମୋ ଗୋଡ଼ ଟଣା ହେଉଥିଲା। ପୁରାଣ ଯୁଗରେ ରାବଣ, କଂସ ଥିଲେ ଏବେବି କିଛି ଦଳରେ ଅଛନ୍ତି। ସେହି ରାବଣଙ୍କ ଦମନ ହେବା ସୁନିଶ୍ଚିତ ବୋଲି ସେ କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ବିଧାୟକ ଅରୁଣ ସାହୁ ଖବରଦାତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏଭଳି ମନ୍ତବ୍ୟ ବିଷୟରେ ମୁଁ ଅବଗତ ନାହିଁ। ଗଣମାଧ୍ୟମରୁ ଅବଗତ ହୋଇଛି। ପ୍ରଭାତ ବିଶ୍ୱାଳ ବିଜେଡିର ଜଣେ ଚାଣକ୍ୟ ନେତା। ସେ ସର୍ବଦା ଲୋକଙ୍କ ସାଙ୍ଗରେ ରହିଆସିଛନ୍ତି। ଯଦିଓ କିଛି କହି ଦେଇଥିବେ ସେସବୁକୁ ଆମେ ଆମ ଦଳ ଭିତରେ ସମାଧାନ କରିବୁ। ଦଳରେ କେହି କଂସ କି ରାବଣ ନାହାନ୍ତି। ପ୍ରତି ଦଳରେ କିଛି ନା କିଛି କନ୍ଦଳ ରହିଛି କିନ୍ତୁ ଆମ ଦଳରେ କେହି ଅସନ୍ତୁଷ୍ଟ ନାହାନ୍ତି।

# ଜିନ୍ନତ କ'ଣ ଆଳୁ ଯେ ପଶ୍ଚିମବଙ୍ଗ ସରକାର ତାକୁ ଛାଡ଼ିବେନାହିଁ: ମନ୍ତ୍ରୀ ଗଣେଶ ରାମ ସିଂ

ଭୁବନେଶ୍ୱର, ୩।୧ (ବନ୍ଦନା ସେଠୀ)

'ବାଘୁଣୀ ଜିନ୍ନତ କ'ଣ ଆଳୁ ହୋଇଛି ଯେ ତାକୁ ପଶ୍ଚିମବଙ୍ଗ ସରକାର ଛାଡ଼ିବେ ନାହିଁ'। ଏଭଳି କହି ପଶ୍ଚିମବଙ୍ଗ ସରକାରଙ୍କୁ କଟାକ୍ଷ କରିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିନ୍ନତ ପ୍ରସଙ୍ଗରେ ମନ୍ତ୍ରୀ ଏଭଳି କହିଛନ୍ତି। ବାଘୁଣୀ ଜିନ୍ନତକୁ ଓଡ଼ିଶାକୁ ଫେରାଇବା ପାଇଁ ଏନ୍‌ଟିସିଏ ଏବଂ ରାଜ୍ୟ ସରକାର ଚିଠି ଲେଖିବା ପର୍ଯ୍ୟନ୍ତ ଯିବା ପ୍ରସଙ୍ଗରେ ପଶ୍ଚିମବଙ୍ଗ ସରକାରଙ୍କୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଟେରଛା ବାଣ ମାରିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ପଶ୍ଚିମବଙ୍ଗ ସରକାରଙ୍କର ତାଙ୍କ ରାଜ୍ୟର ଆଳୁ ଉପରେ ଅଧିକାର ରହିଛି। ମାତ୍ର ଜିନ୍ନତ ଆମ ଓଡ଼ିଶାର, ଆମ ପରିବାରର ସଦସ୍ୟ।


**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**

**2nd Corrigendum Notice** | **No. 2605 dated 30.12.2024**

No. O-1120:- The 2nd Corrigendum to the Bid Identification No. **BLGR-Online-04/2024-25**, the revised date and time are as follows:

| Procurement Oficer | Bid Idenfication No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online-04/2024-25 | 30.11.2024 at 11.00 A.M. | 16.01.2025 upto 5.00 P.M. | 15.01.2025 upto 5.00 P.M. | 17.01.2025 at 11.00 A.M. | Will be intimated separately |

N.B.- All other terms and conditions remain unchanged.

Sd./- S. Mahali, Chief Construction Engineer, Rural Works Circle, Bolangir

OIPR-25118/11/0019/2425

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2051 **Bid Document No.-OMC/E-PROC/C&P/048/2024-25**

| | | |
|---|---|---|
| 1 | Name of the Work / Service | **Hiring of Mechanical Road Sweeping Machine alongwith Vacuum Cleaning System for 5 years at Various Locations of OMC.** |
| 2 | Availability of tender documents | **Dated:-03.01.2025** |

All other details can be seen from the Tender Document available on the e-Procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0127/2425 Sd./- Head (C&P)

**OFFICE OF THE DIVISIONAL FOREST OFFICER**
**PURI WILDLIFE DIVISION, PURI** No.MM-397
E-mail ID: dfo.puriwl@odisha.gov.in, Tel. (0675)-2228281
Ltr.No-8608 Puri, the 31 December 2024
**INVITATIONS FOR BIDS (IFB)**
**COMPETITIVE BIDDING**
**Bid Identification No. 13/ 2024-25**

1. The Divisional Forest Officer, Puri Wildlife Division on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government/MES/ Railways for the building works detailed in the table below on turnkey basis (i.e. Architectural planning with design & execution).
2.

| Sl No. | Name of the building | Class of Contractor | Bid Security (₹) | Cost of bid documents | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Divisional Forest Office, Puri Wildlife Division in Puri District in the State of Odisha on Turnkey Basis | "A" Class Contractor | 3,13,000/- | 10,000/- | 12 (Twelve) months |

3. The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. and http:// wwwpuri.odisha.gov.in. Any addendum / corrigendum / cancellation of tender can also be seen in the said web site only.
4. The Bid documents will be available for downloading in the website: https://tendersodisha.gov.in from Dt.01.01.2025 at 9:00AM.
5. Bids shall be received online on or before Dt. 07.01.2025 up to 5:00 PM. The bidder must possess compatible Digital Signature Certificate (DSC) of Class-II or Class-III.
6. Bids received online on due date and time shall be opened at Dt. 08.01.2025 at 11:30 AM in the Office of the Divisional Forest Officer, Puri Wildlife Division, Puri.
7. Other details can be seen in the bidding documents.
8. The authority reserves the right to cancel any or all bids without assigning any reason.

Sd./- Divisional Forest Officer, Puri Wildlife Division, Puri

OIPR-08140/11/0011/2425

**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**
E-mail:eerw_ptng@yahoo.in, Phone No.-06658-222121
**e-Procurement Notice**
No.O-1077: **IFB IDENTIFICATION NO. EEPTNG-Online-09/2024-25**

| | | | |
|---|---|---|---|
| 1. | Name of Work | : | Special Repair of Road Works |
| 2. | Total No. of Work | : | 17 (Seventeen) Nos. Road Work |
| 3. | Time for Completion | : | 01 (One) Calendar Month |
| 4. | Approximate estimated Cost | : | 8.47 Lakh to 25.42 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-On-line- 09/2024-25 | 03.01.2025 at 11.00 AM | 16.01.2025 upto 5.00 P.M. | 15.01.2025 upto 5.00 P.M. | 17.01.2025 at 11.00 A.M. |

- Further details can be seen from the website www.tendersorissa.gov.in
- Any Corrigendum/ Addendum will be displayed in the above e tender website only.

OIPR-25154/11/0011/2425 Sd./- Executive Engineer, R.W.Division, Patnagarh

**OFFICE OF THE PRINCIPAL**
**K. K. S. WOMEN'S COLLEGE**
**BALASORE, ODISHA**
At.- Manikhamb, P.O.-Motiganj, Dist.-BALASORE-756003
Ph. No.06782-295558, E-mail id: kks wc@yahoo.co.in,
website - www.kksgovwc.org
Affiliated to F.M. University, Accredited by NAAC B++

No. 01 Date: 02.01.25

**Tender Call Notice**

No. N-160:- Sealed tenders are invited from the reputed registered firms/Authorized Dealers etc. having valid GST registration, income tax PAN etc. for the supply of Laboratory Equipments of different Departments of K K S Women's College, Balasore. The sealed quotation should reach the undersigned on or before 22.01.2025 by 17.00 hrs. by Regd. Post or Speed post only. The quotations will be opened on 24.01.2025 at 11.00 hrs. in the presence of the bidders or their representatives. For any corrigendum / addendum/ extension relating to this will only be uploaded in the website and will not be published in the newspaper. For details of items and information visit the website www.kksgovwc.org.

Sd./- Principal
OIPR-11120/11/0009/2425 K.K.S. Women's College, Balasore

**Government of Odisha**
**e-Procurement Notice** No.O-1027
E.Mail : rw_boudh@yahoo.co.in
**Bid Identification No. Online tender/09/E.E.RW BOUDH/2024-25**
**NATIONAL COMPETITIVE BIDDING THROUGH E-PROCUREMENT**

| | | |
|---|---|---|
| | Name of the work | : Road works - 13 Nos |
| 1. | Estimated cost | : Rs. 5.04 lakhs to 15.13 (approximately) |
| 2. | Period of completion | : 02 (Two) Calendar months |
| 3. | Date & Time of availability of Bid documents in the portal | : From 3.01.2025 10.00 A.M. to 16.01.2025, 5.00 P.M. |
| 4. | Last date / Time for receipt of bids in the portal | : 16.01.2025 up to 5.00 P.M. |
| 5. | Last date / Time for seeking of Tender clarification | : 15.01.2025 up to 5.00 P.M. |
| 6 | Date & Time of opening of Tender / Bid | : 17.01.2025 at 11.00 A.M. |
| 7 | Name & Address of the officer inviting Bid | : Superintending Engineer, R.W Division, Boudh |

**Further details, corrigendum (s) etc can be seen from the e-procurement portal "Https://www.tendersorissa.gov.in"**

Sd./- Superintending Engineer
OIPR-25061/11/0010/2425 R.W. Division, Boudh

No.C-1377:
**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Bid Reference No.MC(CMC)CTC_EL_No.09/2024-25**
**Tender ID : 2024_ORULB_108860**
**Tender Call Notice No.10995 (PW) Date.31.12.2024**
Name of Works : Electrical Works
No. of Works : 01
Bid Value : Rs.41.94 Lakhs
Period of Completion: Two Calendar Months
Date and Time Schedule:

| Start | End | Opening |
|---|---|---|
| 13.00 PM on Dt.02.01.2025 | 5.00 PM on dt.13.01.2025 | 11.00 A.M. on Dt.17.01.2025 |

Tender Details: Can be seen from the procurement portal: www.tendersorissa.gov.in.

Sd./- Executive Engineer
OIPR-13031/11/0119/2425 City Div-III

**OFFICE OF THE**
**COLLECTOR & DISTRICT MAGISTRATE, BALANGIR**
(Odia Language, Literature & Culture Section)
No. 495/OLL&C Dt.31.12.2024
**SHORT TENDER CALL NOTICE**

No. RR-45: District Culture Office, Balangir invite proposal with certain terms & conditions from reputed & registered Tent Houses/Food Agencies/ Event Management having GSTIN No. for the Tentage & Allied, Fooding and other works for the **22nd Balangir Lok Utsav** to be organized at Koshal Kalamandal, Balangir from **20.01.2025 to 23.01.2025**.

The tender papers along with details documents, terms & conditions, criteria, format etc. for tentage & allied and other works will be available for purchase from 1st January 2025 to 8th January 2025 during official day of office hour in the District Culture Office, Balangir on payment of Rs.6,000.00 (Rupees Six Thousand) only or can be downloaded from District portal **https://balangir.odisha.gov.in**. In case the tender paper is downloaded from the Govt. website, the applicant shall furnish a Demand Draft for an amount of Rs.6,000.00 (Rupees Six Thousand) only in favour of **District Council of Culture, Balangir** towards the cost of tender paper. The sealed tenders will be received latest upto **4.00 P.M. on 08.01.2025** at Office of District Culture Officer, Balangir in the tender box. The tenders will be opened in the District Culture Office, Balangir on **08.01.2025 at 5.00 P.M.** in the presence of the tenderers or their authorized representatives. The undersigned reserves the right to accept or reject any or all the tenders without assigning any reason thereof.

By order of the Collector & Chairman, District Council of Culture, Balangir.

OIPR-24130/11/0004/2425 Sd./- District Culture Officer, Balangir

**OFFICE OF THE MUNICIPAL COUNCIL: BRAJRAJNAGAR** No.C-1385
**E-Procurement Notice**
Bid Identification No.:- BRJNRM-05/2024-25
Total No. of Works:- 143 Nos.
Tender ID:- **2025_ORULB_108954**
Tender Value:- Rs.2.00 Lakhs to 48.53 Lakhs
Bid Security:- Rs.2,000.00 to Rs.48,530.00
Tender Opening Date:- 15th January 2025, 11.00 A.M.
Bidders are requested to participate in advance with their Class-II, Class-III and Class-IV Contractor DSC before the closing date.
Further details please visit:- www.tendersodisha.gov.in

Sd./- Executive Officer
OIPR-13099/11/0021/2425 Brajrajnagar Municipality

**DISTRICT OFFICE, SUNDARGARH**
**(Social Welfare Section)**
No. 4092 Dt.18.12.2024
**SHORT TENDER CALL NOTICE**
**CORRIGENDUM**

No. g-145: It is hereby notified that due to non receiving of minimum bid, the last date for submission of tender paper of supply of design of packaging material for THR provided under MSPY to DSWO, Sundargarh Ref. No. 4092 / Dt.18.12.2024 has been extended as detailed below.
1. Last date and time for submission of Tender Document: 07.01.2025 upto 3.00 P.M.
2. Date and time of opening of Technical Bids: 07.01.2025 at 5.00 P.M.

Others terms and condition are remain same.

Sd./- District Social Welfare Officer, Sundargarh
OIPR-19222/11/0001/2425

**Government of Odisha,**
**Department of Water Resources, Office of the Superintending Engineer, Main Dam Division, Burla**
AT/PO-Burla, Dist.Sambalpur (Odisha) 768017
Email ID : semaindamdivn@gmail.com
Letter No. 15357 /Dated : 31-12-2024
Expression of Interest No.-e-06/2024-25
**EXPRESSION OF INTEREST**
**Expression of Interest for Supply, Installation, Testing and Commissioning of 01 no. 04 (four) passenger Elevator (Home lift) at Ashok Niwas, Burla, Sambalpur, Odisha**

**No.A-810** : The Superintending Engineer, Main Dam Division, Burla invites EXPRESSION OF INTEREST in sealed cover along with requisite documents are from reputed firms / manufacturers to provide Expression of Interest for **Supply, Installation, Testing and Commissioning of 01 no. 04 (four) passenger Elevator (Home lift) at Ashok Niwas, Burla.** The Bid Document can be downloaded from the website : www.tendersorissa.gov.in / www.dowr.odisha.gov.in/www.sambalpur.odisha.gov.in. and available in the office of the Superintending Engineer, Main Dam Division, Burla on dated **07.01.2025 11.00 A.M. to 16.01.2025 upto 1.00 P.M.** The bidder has to submit the cost of document i.e. **Rs.6000/- (Rupees Six thousand)** only in shape of D.D. Cash issued in favour of Superintending Engineer, Main Dam Division, Burla, payable at S.B.I. Burla with the technical bid and financial bid simultaneously. The last date of receipt of the sealed offers in the office of the Superintending Engineer, Main Dam Division, Burla, on dtd. **16.01.2025 up to 4.00 P.M.** by **Speed Post / Registered Post / drop box** only. The "Technical & Technical Bids" will be opened at **dt.17.01.2025 11.00 A.M.** in presence of the bidders or their authorized representatives.

The bidders have to submit documents as specified along with technical bid in conformity with the detail terms & conditions in bid documents.

**The authority reserves the right to accept or reject any or all the offers without assigning any reason thereof.**

Sd./- Superintending Engineer,
OIPR-32017/11/0006/2425 Main Dam Division, Burla

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**
**e-Procurement Notice**
**BID IDENTIFICATION NO. - SEMIDN-07/2024-25**
**Letter No. 2704** **Dated: 26.12.2024**

No. A-800: The Superintending Engineer, Minor Irrigation Division, Nayagarh on behalf of Governor of Odisha invites percentage rate bids in Double Cover only in ONLINE mode for the construction of works detailed in the table from "B" Class contractors registered with the State Government and contractors of equivalent Grade/Class registered with Central Government/M.E.S./Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

| | | |
|---|---|---|
| Name of the works | : | Construction of New Check Dam under MATY grant for the year 2024-25 |
| Total No. of Works | : | 02 (Two) |
| Estimated Cost | : | Varies from Rs.51.69 lakh to Rs.54.17 lakh approximately |
| Class of Contractor | : | Class "B" |
| Period of Completion | : | 04 (Four) Calendar Months |
| Date & time of Availability of Bid document in the portal for online bidding | : | From 03.01.2025 at 10 A.M. to 09.01.2025 upto 5 P.M. |
| Last date/time for receipt of Bid only in Online | : | 09.01.2025 upto 5 P.M. |
| Date/time of Opening of Technical Bid | : | 10.01.2025 at 11.00 A.M. at Office of the Superintending Engineer, M.I. Division, Nayagarh |
| Date/time of Opening of Financial Bid | : | To be intimated through website after evaluation of Technical Bid |
| Date of Transparent Lottery (if cases arise) | : | At 11.00 hrs. onwards of Dt.17.01.2025 |
| Name & Address of the Officer Inviting the Bid | : | Office of the Superintending Engineer, M.I. Division, Nayagarh, Tel. No. (06753) 291009, e-Mail ID: **eemidivisionnayagarh@gmail.com** |

Further details can be seen from the "e" Procurement Portal **https://tendersodisha.gov.in**.

Sd./- Superintending Engineer
OIPR-32260/11/0011/2425 M.I. Division, Nayagarh

**OFFICE OF THE NOTIFIED AREA COUNCIL, KESINGA**
No. 02 / NAC(K) Dt. 02.01.2025
**SHORT QUOTATION CALL NOTICE**

**No.C-1380** : Sealed quotations are invited from the tent house /firm having valid GST/PAN for erection of temporary tent, sound system and illumination of lights etc. on the occasion of Kalahandi Ustav 2025. The quotation will be received separately for tent work and sound system,light etc..The quotation schedule will be available in the office of the undersigned **from 03.12.2024 to 06.01.2025 upto 5.00 P.M.**The last date for receiving of the quotation is **07.01.2025 up to 3.00 P.M.** through Regd post/speed post and same will be opened on the same day at 4.00 P.M. in presence of the quotationer or their authorized reprentative who wish to remain present at that time. The authority reserves the right to accept or cancel any or all quotation without assigning any reason there of. Other details can be seen in the quotation documents.The quotation will be also available in the official website i.e. www.nac-kesinga.in

Sd./- Executive Officer,
OIPR-13109/11/0018/2425 NAC, Kesinga

ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
**OFFICE OF THE NOTIFIED AREA COUNCIL, ATTABIRA**
DIST-BARGARH (ODISHA) PIN-768027,
Email-attabiranac.2013@gmail.com, Ph.06682-221212
No.01/ATTB, Dated.02.01.2025
**Bidding through e-Procurement**
**Bid Identification No-NAC-ATTB-03/2024-25**

**No.C-1384:**The Executive Officer, N.A.C. Attabira on behalf of NAC invites Percentage bid through e-procurement in single cover system according to norm of e-Procurement system in online mode.
1.Name of Works: Electric Work as mentioned in website. 2.No.of Works:1 (One) nos of work. 3. Estimated Cost:31.01 Lakhs. 4.Class of Contractor:HT License. 5. Period of Completion:As per DTCN. 6.Date & time availability of bids documents in the portal: From 10 A.M. hours of 03.01.2025 to 5 P.M. hours of Dt.15.01.2025. 7. Last Date & Time of received of bids in portal: 5 P.M. hours of Dt.15.01.2025. 8. Date & Time of opening of bids: Dt.16.01.2025 at 11.00 AM. 9. Name & Address of the Office: Executive Officer, Attabira NAC.
The bidders have to participate in online bidding only. Further details can be seen from the e-Procurement portal- www.tendersorissa.gov.in.

Sd./- Executive Officer
OIPR-13176/11/0006/2425 Attabira NAC

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଷ କାର୍ଯ୍ୟଦିବସରେ ନିବେଶକ ନିରାଶ

**ମୁମ୍ବାଇ,୩।୧**

କ୍ରମାଗତ ଭାବେ ଘରୋଇ ଶେୟାର ବଜାରର ନିବେଶକମାନେ ନିରାଶ ହେଉଛନ୍ତି। ଏପରିକି ବର୍ଷ ଆରମ୍ଭରୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିବେଶକମାନେ ଆଶ ଓ ଆଶଙ୍କା ମଧ୍ୟରେ କାରବାର କରୁଥିବାବେଳେ ପୁଞ୍ଜି ବଜାରରେ ଲକ୍ଷାଧିକ ଟଙ୍କାର ନିବେଶ ହରାଇ ନବେଶକ ନିରାଶ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଶେଷ



କାର୍ଯ୍ୟ ଦିବସରେ ବିଏସଇ ସେନସେକ୍ସର କାରବାର ୦.୯୦% ହ୍ରାସ ଘଟି ୭୯,୨୨୩.୧୧ ଅଙ୍କରେ ରହିଥିଲାବେଳେ ନିଫ୍ଟି ୫୦ର କାରବାର ମଧ ୦.୭୬% କମି ୨୪,୦୦୪.୭୫ଅଙ୍କରେ ରହିଛି।

ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର ମିଡକ୍ୟାପ ଓ ସ୍ମଲକ୍ୟାପର କାରବାର ପ୍ରାୟ ୧% ହ୍ରାସ ଘଟିଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୧୭୭.୧୫% କମି ୫୭,୯୩୧.୦୫ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ସ୍ମଲକ୍ୟାପର କାରବାର ୦.୫୮% ହ୍ରାସ ଘଟି ୯୦୧୨.୭୫ ଅଙ୍କରେ ଥିଲାବେଳେ ବ୍ୟାଙ୍କିଙ୍ଗ ୧.୨୦% ହ୍ରାସ ଘଟି ୫୦,୯୮୮.୮୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

ସେହିପରି ସେକ୍ଟରିଆଲ କ୍ଷେତ୍ରରେ ସମସ୍ତ ନିବେଶକ ପ୍ରାୟ ୧ରୁ ୨%

## ଶେୟାର ବଜାର କାରବାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୭୨୧ (୭୨୦.୬୦) ପଏଣ୍ଟ କମି ୭୯,୨୨୩ (୭୯,୨୨୩.୧୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୮୪ (୧୮୩.୯୦) ପଏଣ୍ଟ ହ୍ରାସ ଘଟି ୨୪,୦୦୫ (୨୪,୦୦୪.୭୫) ଅଙ୍କରେ କାରବାର ଶେଷ ହୋଇଥିଲା।

ନିବେଶ ହରାଇଥିଲାବେଳେ ଅଟୋ, ଆଇଟି ଏବଂ ଏଫଏମସିଜି, ଅଏଲ ଆଣ୍ଡ ଗ୍ୟାସ, ପିଏସୟୁ, ରିଅଲିଟି ଏବଂ ବ୍ୟାଙ୍କ ଆଦିର ନିବେଶକ କ୍ଷତି ସହିଛନ୍ତି।

# ଡ. ତାପସ ନାଲ୍କୋର ନୂତନ ନିର୍ଦ୍ଦେଶକ


ଡ. ତାପସ କୁମାର ପଟ୍ଟନାୟକ

**ଭୁବନେଶ୍ୱର,୩।୧ (ଅଭୟ ଦାଶ)**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ)ର ନୂତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ଡ. ତାପସ କୁମାର ପଟ୍ଟନାୟକ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡର (ରିଫାଇନେରୀ ଡିଭିଜନ) ମୁଖ୍ୟାଳୟଠାରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ମାନବ ସମ୍ବଳ) ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ମାନବ ସମ୍ବଳ ଏବଂ ଶୈଳ୍ପିକ ସମ୍ପର୍କ କ୍ଷେତ୍ରରେ ତାଙ୍କର ୩୩ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ଅଭିଜ୍ଞାତ ସହିତ ସାଂଗଠନିକ ବିକାଶ, କର୍ମଚାରୀଙ୍କ ନିୟୋଜନ, ପ୍ରତିଭା ଅଧିଗ୍ରହଣ, ଶିଳ୍ପ ସମ୍ପର୍କ, ଶିକ୍ଷଣ ଓ ବିକାଶ ଏବଂ ମାନବ ସମ୍ବଳ ରଣନୀତି କ୍ଷେତ୍ରରେ ସେ ବିଶେଷ ଅଭିଜ୍ଞତା ହାସଲ କରିଛନ୍ତି। ଖଣି, ବିଶୋଧନାଗାର, ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଡ. ପଟ୍ଟନାୟକଙ୍କର ମଧ ବିଶେଷ ଅଭିଜ୍ଞତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଡ. ପଟ୍ଟନାୟକ କାର୍ମିକ ପରିଚାଳନା ଏବଂ ଶୈଳ୍ପିକ ସମ୍ପର୍କ କ୍ଷେତ୍ରରେ ସ୍ନାତକୋତ୍ତର ଏବଂ ପିଏଚଡି ସହ ଆଇନରେ ମଧ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ନାଲକୋ ସିଏମଡି ସଞ୍ଜୟ ଲୋହିୟା ଡକ୍ଟର ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ନୂତନତା ଆଣିବେ ବୋଲି ଆଶା ପ୍ରକଟ କରିଛନ୍ତି।

# ଆଇସିଆଇସିଆଇ ପ୍ରୁ ୱିଶ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩।୧**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ୱିଶ୍' ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ଉତ୍ପାଦକୁ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବାବେଳେ ଜୀବନ ବୀମା ଶିଳ୍ପରେ ମଧ ଏହା ପ୍ରଥମ ଧରଣ ସ୍ୱାସ୍ଥ୍ୟ ଉତ୍ପାଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଅମିତ ପାଲ୍‌ଟା କହିଛନ୍ତି, ଆଇସିଆଇସିଆଇ ପ୍ରୁ ୱିଶ୍ ହେଉଛି ଜୀବନ ବୀମା ଶିଳ୍ପର ପ୍ରଥମଧରଣର ସ୍ୱାସ୍ଥ୍ୟ ଉତ୍ପାଦ। ଯାହାକୁ ସ୍ୱତନ୍ତ୍ର ଭାବେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଗମ୍ଭୀର ଅସୁସ୍ଥତା ଚିହ୍ନଟ ହେଲେ ପଇଠ କରାଯିବାକୁ ଥିବା ମୋଟ ରାଶି ସେମାନଙ୍କୁ ଏଭଳି ଜଟିଳ ସ୍ଥିତିର ମୁକାବିଲା କରିବା ପାଇଁ ଆର୍ଥିକ ଶକ୍ତି ପ୍ରଦାନ କରିଥାଏ। ୩୦ ବର୍ଷ ପାଇଁ ଏକ ପ୍ରିମିୟମ ଗ୍ୟାରେଣ୍ଟି ପ୍ରଦାନ କରିବା ବ୍ୟତୀତ ଏହି ଉତ୍ପାଦକୁ ଏଭଳି ଏକ ଶୈଳୀରେ ଡିଜାଇନ କରାଯାଇଛି, ଯାହା ଗ୍ରାହକଙ୍କୁ ନିର୍ଦ୍ଦିଷ୍ଟ ଚିକିତ୍ସକୀୟ ପରିସ୍ଥିତି ପାଇଁ ଏକାଧିକ ଦାବି କରିବା ପାଇଁ ଅନୁମତି ଦେଇଥାଏ। ସେହିପରି ଏହି ଉତ୍ପାଦର ଅନ୍ୟ ଏକ ଉଲ୍ଲେଖନୀୟ ଫିଚର ହେଉଛି, ପ୍ରିମିୟମ ହଲିଡେ, ଉଦାହରଣ ସ୍ୱରୂପ ଗ୍ରାହକଙ୍କ ନିକଟରେ ପ୍ରିମିୟମ ପଇଠ ଅବଧି ସମୟରେ ଯେକୌଣସି ୧୨ମାସ ଅବଧି ପାଇଁ ପ୍ରିମିୟମ ପଇଠ ନକରିବାର ବିକଳ୍ପ ରହିଛି।

# ଷ୍ଟୋଭକ୍ରାଫ୍ଟ ଆଇକିଆର ଗ୍ଲୋବାଲ ସପ୍ଲାଇ ପାର୍ଟନର

**ନୂଆଦିଲ୍ଲୀ,୩।୧**

ବିଶ୍ୱ ପ୍ରସିଦ୍ଧ ରିଟେଲ ଚେନ୍ କମ୍ପାନୀ ଆଇକିଆ ପକ୍ଷରୁ ବିଶ୍ୱ ଯୋଗାଣ ସହଯୋଗୀ ଭାବେ ଷ୍ଟୋଭକ୍ରାଫ୍ଟ ଲିମିଟେଡ୍‌କୁ ଚୟନ କରାଯାଇଛି। ଏହି ଭାଗୀଦାରିର ଏକ ଅଂଶ ଭାବେ ଷ୍ଟୋଭକ୍ରାଫ୍ଟ ୨୦୨୬ରୁ ଆଇକିଆର ଗ୍ଲୋବାଲ ନେଟ୍‌ୱାର୍କ ଅଫ୍ ଷ୍ଟୋର ମାଧ୍ୟମରେ ବିକ୍ରି ହେବାକୁ ଥିବା ରନ୍ଧନ ସାମଗ୍ରୀଗୁଡିକର ଏକ ସ୍ୱତନ୍ତ୍ର ଶୃଙ୍ଖଳାକୁ ବିକଶିତ କରିବ। ଏହି ଯୋଗାଣ ଭାଗିଦାରୀ ପାଇଁ ଷ୍ଟୋଭକ୍ରାଫ୍ଟ ତା'ର ହାରୋହଲ୍ଲୀ କ୍ୟାମ୍ପସରେ ୧,୮୦,୦୦୦ ବର୍ଗଫୁଟର ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରୁଛି। ଷ୍ଟୋଭକ୍ରାଫ୍ଟର ଏମ୍‌ଡି ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି, ଆଇକିଆ ସହ ଭାଗୀଦାରି ହୋଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଷ୍ଟୋଭକ୍ରାଫ୍ଟର ଅଭିବୃଦ୍ଧି ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ପ୍ରତିନିଧିତ୍ୱ କରୁଛି, ଯାହା ଏହାର ବିଶ୍ୱସ୍ତରୀୟ ପାଦ ବିସ୍ତାର କରିବା ଏବଂ ଅନ୍ତର୍ଜାତୀୟ ବଜାରରେ ଆମର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ବ୍ରାଣ୍ଡର ରଣନୈତିକ ଲକ୍ଷ୍ୟ ସହିତ ଯୋଡ଼ି ହୋଇଛି।


## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ



ଁ ରଘୁନାଥ ମହାପାତ୍ର
(ସାକ୍ଷୀଗୋପାଳଙ୍କ ପୂଜାପଣ୍ଡା)
ସାକ୍ଷୀଗୋପାଳ, ମହାପାତ୍ର ସାହି
ଆବିର୍ଭାବ - ୯.୧୧.୧୯୪୪
ତିରୋଧାନ - ୧୫.୧.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ସ୍ମୃତିରେ ଚିର ଲିପିବଦ୍ଧ ହୋଇରହିଥାଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ଝିଅ - ଗୁନ, ପିନା, ଜ୍ୱାଇଁ - ବିଜୟ, ପୁତ୍ର ପୁତ୍ରବଧୂ - ନାରଣ, ସୁମିତ୍ରା, ନାତିନାତୁଣୀ - ଚନ୍ଦନ, ସୁମନ, କ୍ରିଶ୍, ଡୁଡୁଲି, ଲଭ୍‌ଲି, ରୋମି, ଓମ୍, ବନ୍ଧୁ ଓ ପରିବାରବର୍ଗ।

ଧ-୭୫୩୫୭

### ୧୮ତମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳସୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬

ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଇଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।

ଧ-୨୪୭୯

### ଦଶମ ଶ୍ରାଦ୍ଧବାର୍ଷିକୀ



ଁ ରାଜଲକ୍ଷ୍ମୀ ମିଶ୍ର
ସ୍ୱାମୀ : ଁ ପ୍ରଫେସର ତ୍ରିଲୋଚନ ମିଶ୍ର
(ପୂର୍ବତନ କୁଳପତି)
ପ୍ଲଟ ନଂ : ୩୧୬-ଏ, ସହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୧.୧୯୨୯
ତିରୋଧାନ - ୨୬.୧୨.୨୦୧୪

"କିଏ ଦାରା କିଏ ସୁତ
କେ ଭଉଣୀ ଭାଇ
ଅଦୃଶ୍ୟ ଆତ୍ମାର ନାମକରଣ ବା କାହିଁ ?
ଏ ଜୀବଜଗତ ଡାକେ
ତ୍ରାହି ତ୍ରାହି ତ୍ରାହି
ଶରଣାଗତରେ ପୁନର୍ଜନ୍ମ ଦିଅ ନାହିଁ। ସେହି ଜଗତନାଥ ଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମର ଆତ୍ମା ଶରଣାଗତ, ମିଶ୍ର ପରିବାର।

D-2465


# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ୍

**ଭୁବନେଶ୍ୱର,୩।୧**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ସର୍ବପୁରାତନ ରିଟେଲ ଚେନ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ ଶୁକ୍ରବାର ବାଲେଶ୍ୱରର ଜାନୁଗଞ୍ଜଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏମଡି ରାଜେଶ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ଗୁପ୍ତାଙ୍କ ସମେତ ଶୋରୁମ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେହିଭଳି ବାଲେଶ୍ୱରରେ ବ୍ରାଣ୍ଡର ୩୦ତମ ମେଗା ଶୋ'ରୁମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମେଗା ସେଲସ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ସମୟ ମଧ୍ୟରେ ଗ୍ରାହକ ଯୋକୌଣସି ସାମଗ୍ରୀ କ୍ରୟ କରି ଆକର୍ଷଣୀୟ ଅଫର ପାଇପାରିବେ। ଏପରିକି ପ୍ରଥମ ୧୦୦ଜଣ ଗ୍ରାହକ ମେଗା ଲକିଡ୍ର ସାହାଯ୍ୟରେ ଏଲଇଡି ଟିଭି, ରେଫ୍ରିଜରେଟର, ୱାଶିଂମେଶିନ ଏବଂ ମିକ୍ସର ଗ୍ରାଇଣ୍ଡ ଭଳି ଉପହାର ପାଇପାରିବେ। ସେହିଭଳି ଦୈନିକ ଲକି ଡ୍ର ଜରିଆରେ ଗ୍ରାହକ ଆକର୍ଷଣୀୟ ଉପହାର ଓ ୨୬%ର କ୍ୟାଶବ୍ୟାକ ଭଳି ପୁରସ୍କାର ବ୍ୟତିତ ସୋନି ପାନସୋନିକ ହାୟକର ଡୋଲାଟାସ ଗୋଦରେଜ ଲଏଡ ଆଏଫବି ହିଟାଚି ହୁଇର୍ଲପୁଲ ବ୍ଲୁଷ୍ଟାର କ୍ୟାରିଅର ଡାଇକିନ ଭଳି କମ୍ପାନୀର ଶୁଭାରମ୍ଭ ଅଫର ଦିଆଯାଉଛି। ଏପରିକି ଶୋରୁମ ପକ୍ଷରୁ ମଧ ଅନେକ ଉତ୍ପାଦ ଉପରେ ୫୦% ରିହାତି ଅଫର ଦିଆଯାଉଥିଲାବେଳେ ଡିଜିଟାଲ ପ୍ରଡକ୍ଟ ଉପରେ ୧୦ଟି ଆକର୍ଷଣୀୟ ଅଫର



### ବାଲେଶ୍ୱରରେ ୩୦ତମ ମେଗା ଶୋ'ରୁମ

ସାମିଲ ରହିଛି। ସେହିପରି ସୌଖୀନ ଫର୍ନିଚରଗୁଡିକ ଉପରେ ୬୦% ରିହାତି ସାଙ୍ଗକୁ ବୀମା ଓ ଅନେକ ସୁବିଧା ସହିତ ଆକର୍ଷଣୀୟ ଉପହାର ମଧ ଦିଆଯାଉଛି।

ଏ ସମ୍ପର୍କରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏମଡି ରାଜେଶ ଗୁପ୍ତା କହିଥିଲେ, ଆମେ ଆମର ନୂତନ ଶୋରୁମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଉତ୍ତରଓଡିଶାର ବାଣିଜ୍ୟିକ ପେଣ୍ଠସ୍ଥଳୀ ବାଲେଶ୍ୱରଠାରେ ବ୍ରାଣ୍ଡର ୩୦ ତମ ମେଗା ଶୋ'ରୁମ ଶୁଭାରମ୍ଭ ହୋଇଯାଇଛି। ଏହି ଶୋରୁମ ଜରିଆରେ ଗ୍ରାହକ ସେମାନଙ୍କ ମନ ପସନ୍ଦର ଉତ୍ପାଦ ସୁଲଭ ଓ ସରଳ ବୀମା ସୁବିଧାରେ ପାଇପାରିବେ। ଆଗାମୀ ଦିନରେ ମଧ ରାଜ୍ୟର ବିଭିନ୍ନ ସହରରେ ନୂଆ ଶୋରୁମ ଖୋଲିବାକୁ ଯାଉଛି ବୋଲି ଗୁପ୍ତା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।


# Classified Everyday
0674-2580101, 9692975378




SALE

Official space & shops (BMC & RERA approved) for sale in a prime location of BBSR. For details please contact: 7605932509.
D-2319

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769. D-2373

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228

1BHK Ready to move in flats available in Hi-Tech, Brundaban Project near Batamangala Temple, Puri Town. 9937787418, 9348871895. D-2473

Right Price and Right Place. Amazing Plot for Sale 0.86 Acre, Near Jyoti Motors (Nexa), 200 Meter from Kolkata-Chennai Highway (in Lane), For details Connect: +91 9122721444. D-2475

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814.
D-2474




Newly open Jyoti Spa Positively Health benefits (Expert Therapist). 8458067955
D-76184

Newly open Spa Health benefits relax refresh good therapist. 9040286886 D-76185

Newly open health benefits spa by experience lady therapist. 8117972440.
D-76182

Newly open health benefits spa special offer @799, Bapujinagar, 8018429809.
D-76183

## AFFIDAVIT

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, ଚିଲିକା, ଖୋର୍ଦ୍ଧା (ଆଫିଡାଭିଟ୍ ନଂ. ୧୦୩୩/୨୦୧୬)ଙ୍କ ପାଖରେ ଶପଥ କରୁଅଛି କି ମୁଁ ସବିତା ମହାରଣା, ସ୍ୱା.: ରାଜେନ୍ଦ୍ର କୁମାର ମହାରଣା, ଗ୍ରା/ପୋ.: ବିରିବାଡ଼ି, ଥା: ଟାଙ୍ଗୀ, ଜି.: ଖୋର୍ଦ୍ଧା ମୋ ଝିଅ ପ୍ରଜ୍ଞା ପ୍ରିୟଦର୍ଶନୀ, ଆଧାର ନଂ. XXXX XXXX ୩୩୮୧ରେ ଥିବା ଝିଅର ଆଗ ନାମ ଓ ଠିକଣା ବଦଳାଇ ରିୟାଂଶି ମହାରଣା, ପି.: ରାଜେନ୍ଦ୍ର କୁମାର ମହାରଣା, ଗ୍ରା/ପୋ.: ବିରିବାଡ଼ି କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ।
D-2476

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମାନ୍ୟବର ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ.-୪, ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍-୫, ଭୁବନେଶ୍ୱର**
2408
31.12.2024
**ଓ.ଏସ୍.ଏସ୍. କେସ୍ ନଂ.୧୧୮୬/୨୦୨୩**
**ଧାରା ୧୫ (ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ**

ଭରତ ଭୋଇ ଓ ଅନ୍ୟ ଜଣେ ... ... ... ବାଦୀମାନେ
ବନାମ
ମାଳତୀ ଦେବୀ ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.-୫ ନିୟମ ୨୦ ଉପନିୟମ ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ ନଂ.-୧ ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀ ନାମ ଓ ଧାମ :
ପ୍ରତିବାଦୀ ନଂ.-୧ ମାଳତୀ ଦେବୀ, ସ୍ୱାମୀ- ରାଜ କିଶୋର ଦାଶ, ସା./ପୋ.- ଘାଟିକିଆ, ଥାନା- ଭରତପୁର, ଜିଲ୍ଲା- ଖୋର୍ଦ୍ଧା।

ଉପରଲିଖିତ ପ୍ରତିବାଦୀ ନଂ.-୧ (ମାଳତୀ ଦେବୀ)ଙ୍କ ମୃତ୍ୟୁ ହୋଇଯାଇଥିବାରୁ ତାଙ୍କୁ ପଠାଯାଇଥିବା ନୋଟିସ ଫେରିଆସିଥିଲା, ତେଣୁ ବାଦୀମାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ମୃତ ପ୍ରତିବାଦୀ ନଂ.-୧ଙ୍କର ଉତ୍ତରାଧିକାରୀମାନଙ୍କର ଠିକଣା ସଂଗ୍ରହ କରିବାରେ ବିଫଳ ହେବାରୁ ଅଦ୍ୟ ଇସ୍ତାହାର ଖବରକାଗଜ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି, ଭୁବନେଶ୍ୱର ତହସିଲଦାର ଅଧୀନସ୍ଥ ଘାଟିକିଆ ମୌଜା ସାବକ ଖାତା ନଂ.-୨୨୪, ସାବକ ପ୍ଲଟ୍ ନଂ.-୪୧୬, ରକବା- ଏ୦.୧୨୫ ଡିସିମିଲ ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.- ୧୩୩୭, ହାଲ୍ ପ୍ଲଟ୍ ନଂ.୪୪୯୭, ରେକର୍ଡ ରକବା ଏ.୦.୧୨୫ ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୭।୨।୨୦୨୫ରିଖ ଦିବା ୧୦.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଅଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମାନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ: ଭୁବନେଶ୍ୱର
ତାରିଖ: 31.12.2024

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ଙ୍କ ଆଦେଶକ୍ରମେ
**ସ୍ୱା./- କୋର୍ଟ ଅଫିସର**

ଧ-୨୪୭୨

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏସ୍ ଆଣ୍ଡ ପି ଗ୍ଲୋବାଲ ସିଏସ୍ଏରେ ବେଦାନ୍ତ ଦ୍ୱିତୀୟ

**ନୂଆଦିଲ୍ଲୀ,୩।୧**



ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ନୂତନ ସ୍ୱୀକୃତି ଓ ସଫଳତା ମିଳିଛି। ଏପରିକି କମ୍ପାନୀର ଅତୁଳନୀୟ ସ୍ଥିରତା ପ୍ରୟାସ ପାଇଁ ଏସ୍ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ ସ୍ଥିରତା ମୂଲ୍ୟାଙ୍କନ (ସିଏସ୍ଏ)ରେ ବେଦାନ୍ତ ଆଲୁମିନିୟମ ୨ୟ ସ୍ଥାନ ଅଧିକାର କରିଛି। ସେହିଭଳି ଆଲୁମିନିୟମ କ୍ଷେତ୍ର ପାଇଁ କମ୍ପାନୀ ସର୍ବଭାରତୀୟସ୍ତରରେ ସାମଗ୍ରିକ ସ୍କୋର ୭୭ ସହ ଦୃଢ଼ ପରିବେଶ, ସାମାଜିକ ଏବଂ ଶାସନ(ଇଏସ୍‌ଜି) ପାରାମିଟର ଉପରେ ଆଧାରିତ ରହିଛି। ଏହି ସଫଳତା ସ୍ଥିରତା ପାଇଁ ଜାରି ରହିଥିବା ପ୍ରତିବଦ୍ଧତା ପାଇଁ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି। କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଏହି ର୍ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟସ୍ତରରେ ଶୀର୍ଷ କମ୍ପାନୀଗୁଡିକ ମଧ୍ୟରେ ବେଦାନ୍ତ ଆଲୁମିନିୟମର ବୈଶିଷ୍ଟ୍ୟ ଏହି ସଫଳତାକୁ ଆହୁରି ଚମତ୍କାର କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏଚ୍‌ଜେଡ୍‌ଏଲ୍‌ର ଚେୟାରମ୍ୟାନ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଏହି ସ୍ୱୀକୃତି ବେଦାନ୍ତ ଆଲୁମିନିୟମରେ ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ସର୍ବଭାରତୀୟସ୍ତରରେ ଏସ୍ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ୍ ସଷ୍ଟେନେବିଲିଟି ଆକ୍‌ସେସ୍‌ରେ ୨ୟ ସ୍ଥାନକୁ ସୁରକ୍ଷିତ କରିବା କେବଳ ସ୍ଥିରତା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ନୁହେଁ ବରଂ ଆମ ଦଳର ଉତ୍ସାହ ଏବଂ କଠିନ ପରିଶ୍ରମକୁ ପ୍ରତିଫଳିତ କରିଥାଏ।

# ରିଟେଲ ନେଟ୍‌ୱର୍କର ସମ୍ପ୍ରସାରଣ

**ନୂଆଦିଲ୍ଲୀ,୩।୧**

ହିନ୍ଦ୍‌ୱାରେ ଲିମିଟେଡ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ନିକଟରେ ଭୁବନେଶ୍ୱର ଟଙ୍କପାଣି ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ନୂଆ ବ୍ରାଣ୍ଡ ଷ୍ଟୋର ସହ ବ୍ରାଣ୍ଡର ରିଟେଲ ନେଟ୍‌ୱର୍କକୁ ମଧ ସମ୍ପ୍ରସାରଣ କରାଯାଇଛି। ଅପରପକ୍ଷରେ ଏହି ସଦ୍ୟତମ ସଂଯୋଗ ସହ ଭୁବନେଶ୍ୱରରେ ୪ ଏବଂ ଓଡ଼ିଶାରେ ୧୮ ହିନ୍ଦ୍‌ୱାରେର ବ୍ରାଣ୍ଡ ଷ୍ଟୋର ରହିଛି।

ଉଲ୍ଲେଖଯୋଗ୍ୟ, ସ୍ୱସ୍ତିମ୍ ସାନିଟାରି ଆନୁକୂଲ୍ୟରେ ଏହି ନୂଆ ହିନ୍ଦ୍‌ୱାରେ ଗ୍ୟାଲେରିଆ ଷ୍ଟୋରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏଠାରେ ବାଥ୍‌ରୁମ୍‌ର ସମସ୍ତ ଆବଶ୍ୟକତା ସହ ଏକ ସହଜ ଶପିଂ ଅନୁଭୂତି ଗ୍ରାହକଙ୍କୁ ମିଳିଥାଏ। ଏ ସମ୍ପର୍କରେ ହିନ୍ଦ୍‌ୱାରେ ଲିମିଟେଡ୍ (ବାଥ୍ ଆଣ୍ଡ ଟାଇଲ୍ସ)ର ସିଇଓ ସୁଧାଂଶୁ ପୋଖରିଆଲ କହିଛନ୍ତି, ଭୁବନେଶ୍ୱରଠାରେ ଆମେ ଆମର ନୂତନ ହିନ୍ଦ୍‌ୱାରେ ଗାଲେରିଆ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭୁବନେଶ୍ୱର ବଜାରରେ ଆମର ସମ୍ପ୍ରସାରଣ ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଅଞ୍ଚଳ ଆମର ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ମଥୁରାନଗରୀ

**ମଥୁରାନଗରୀ,୩।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ମହୋତ୍ସବକୁ ସ୍ୱାଗତ କରିବା ପାଇଁ ବରଗଡ଼ ସାମ୍ବାଦିକ ସଂଘର ପରିକଳ୍ପନା ଏବଂ ଉଦ୍ୟମକ୍ରମେ କିଛିବର୍ଷ ତଳୁ ଆରମ୍ଭ ହୋଇଥିବା ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ ଏଥର ମଧ୍ୟ ହୋଇଥିଲା। ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ୧୭ ସାଂସ୍କୃତିକ ଅନୁଷ୍ଠାନ ସାମିଲ ହୋଇଥିଲେ। ସକାଳୁ ସ୍ଥାନୀୟ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ସବୁ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମବେତ ହୋଇଥିଲେ। ସେଠାରୁ ପାରମ୍ପରିକ ବେଶଭୂଷା ଏବଂ ବାଦ୍ୟ ସହିତ ସେମାନେ ଗାନ୍ଧୀଛକକୁ ଯାଇଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଆଦିତ୍ୟ ଗୋୟଲ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ ମୀନା ପ୍ରମୁଖ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିର ଅଭିମୁଖେ ଯାଇଥିଲା। ସମଲେଶ୍ୱରୀ ମନ୍ଦିରକୁ ଶୋଭାଯାତ୍ରା ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ ପାଇଁ ସେଠାରେ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ହାଟପଦା ରାଜ ଦରବାରକୁ ଆସିଥିଲା ଏବଂ ଶୋଭାଯାତ୍ରା ସେଠାକୁ ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା।

## ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ସାଂସ୍କୃତିକ ଶୋଭାଯାତ୍ରାର ଝଲକ୍


ଶଙ୍ଖଧ୍ୱନି ନୃତ୍ୟ।


ପରଭା ନୃତ୍ୟ।


ବ୍ୟାଣ୍ଡ ବାଜା।


ଛତିଶଗଡ଼ କଳାକାରଙ୍କ ଆଦିବାସୀ ନୃତ୍ୟ।


ଛତିଶଗଡ଼ର କରମା ନୃତ୍ୟ।

## ଆଜିର ଧନୁଯାତ୍ରା କାର୍ଯ୍ୟକ୍ରମ

ତାରିଖ:-୪।୧।୨୦୨୫(ଶନିବାର)

**ମଥୁରାନଗରୀ**

ସନ୍ଧ୍ୟା ୬ଟାରେ ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ ଉଦଘାଟନ, ରାତିରେ ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଶ୍ରୀକୃଷ୍ଣଙ୍କ ଜନ୍ମ, ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା, ଉଗ୍ରସେନଙ୍କ ସହିତ ଭେଟ, ବିଜୁଳିକନ୍ୟାଙ୍କ ସହିତ ମଥୁରା ପ୍ରତ୍ୟାବର୍ତ୍ତନ, ଦୁର୍ମିଳା ରାକ୍ଷସଙ୍କ ସହିତ କଂସଙ୍କ ଯୁଦ୍ଧ, ଦୁର୍ମିଳା ରାକ୍ଷସ ନିହତ, ଚାଣ୍ଡୁର-ମୁଷ୍ଟିକ ଆବାହନ।


**ଗୋପପୁର**

ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁରରେ ପ୍ରବେଶ, ବିଜୁଳି କନ୍ୟାଙ୍କ ସହିତ ମଥୁରାରେ ପ୍ରବେଶ।

# ରିଷିଡ଼ା ମଣ୍ଡିରେ କଟ୍‌ନିକୁ ନେଇ ଚାଷୀଙ୍କ ଧାରଣା


**ରିଷିଡ଼ା/କର୍ଲାମୁଣ୍ଡା, ୩।୧(ସୁଶାନ୍ତ ମଲ୍ଲିକ/ ପ୍ରଦିପ କୁମାର ସାହୁ)**


କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ରିଷିଡ଼ା ଧାନ ମଣ୍ଡିରେ ଧାନ କଟନୀକୁ ବିରୋଧ କରି ଚାଷୀମାନେ ଶୁକ୍ରବାର ସନ୍ଧ୍ୟାରୁ ମଣ୍ଡି ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ମିଲର୍ସମାନେ ମନମାନି କରି କୁଇଣ୍ଟାଲ ପିଛା ୭ କେଜି ଧାନ କାଟୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏକ ସ୍ୱୟଂ ସହାୟକ ଗ୍ରୁପ ଜିମାରେ ଦଶହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ୧୫ଦିନ ହେବ ପଡ଼ିରହିଛି। ମିଲର୍ସମାନଙ୍କ କଟନି ଜିଦ ପାଇଁ ଧାନ ମଣ୍ଡିରୁ ଉଠୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଯଦି ଏହାର ସମାଧାନ ନ ହୁଏ ତା'ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ଚାଷୀ ନେତା ମାନୁ ସାହୁ, ସିତାରାମ ରଣା, ଶତ୍ରୁଘନ ରଣା, ମହେନ୍ଦ୍ର ପ୍ରଧାନୀ, ସୁଶିଲ ରଣା, ଯୁଗଳକିଶୋର ରଣା, ଟୁନୁ ସାହୁ, ସନ୍ତୋଷ ସାହୁଙ୍କ ସମେତ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ପଚାରିବାରୁ ଯେଉଁ ମିଲର୍ସମାନେ ଧାନର ମାନ ନାଁରେ ୭କେଜିରୁ ଅଧିକ ଧାନ କେଉଁ କାରଣରୁ କଟନି କରୁଛନ୍ତି ସେ ନେଇ ଜିଲାପାଳଙ୍କ ସହିତ କଥାହୋଇ ମିଲର୍ସମାନଙ୍କୁ ତଦନ୍ତ ଭୁକ୍ତ କରାଯିବ ବୋଲି କହିଥିଲେ।























ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୪/୨୦୨୫ Bhubaneswar, Saturday, January 4/ 2025

# ବର୍ଷ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ



ଉଇକେଟ ନେବାପରେ ଉଲ୍ଲସିତ ସ୍କଟ ବୋଲାଣ୍ଡ।

**ସିଡ୍‌ନୀ, ୩।୧**

ବର୍ଷ ବଦଳିଛି, ମାତ୍ର ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ କ୍ରିକେଟ ଦଳର ଖରାପ ବ୍ୟାଟିଂ ରେକର୍ଡରେ ପରିବର୍ତ୍ତନ ହୋଇନାହିଁ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ବୋଲରମାନେ ଭାରତ ପ୍ରଥମ ଇନିଂସକୁ ୧୮୫ରେ ସୀମିତ ରଖି ଦେଇଛନ୍ତି। ଟପ୍‌ଠାରୁ ଆରମ୍ଭ କରି ଲୋୟର ଅର୍ଡର ପର୍ଯ୍ୟନ୍ତ କୌଣସି ବ୍ୟାଟର ଅଷ୍ଟ୍ରେଲୀୟ ବୋଲିଂକୁ ସଫଳ ମୁକାବିଲା କରିପାରି ନାହାନ୍ତି। ରିଷଭ ପନ୍ତ ସର୍ବାଧିକ ୪୦ ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜା ୨୬ ଓ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଯଶପ୍ରୀତ୍ ବୁମ୍‌ରା ୨୨ ରନ କରିଥିବାବେଳେ ଅତିରିକ୍ତଭାବେ ୨୬ ରନ ଭାରତ ସ୍କୋରରେ ଯୋଡ଼ି ହୋଇଥିଲା। ବିରାଟ କୋହଲିଙ୍କ ଟେକ୍ନିକ୍‌ରେ ତ୍ରୁଟି ଅପରିବର୍ତ୍ତିତ ରହିଛି। ଅଫ୍‌ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଯାଇ ସେ ମାତ୍ର ୧୭ ରନରେ ପ୍ୟାଭିଲିୟନ ଫେରିଛନ୍ତି।

### ଭାରତ ଇନିଂସ ୧୮୫ରେ ସୀମିତ

ସିଡ୍‌ନୀର ଗ୍ରୀନ୍ ଟପ୍ ପିଚ୍‌ରେ ଅଷ୍ଟ୍ରେଲିଆ ବୋଲରମାନେ ଭାରତୀୟ ବ୍ୟାଟରଙ୍କୁ ନାକେଦମ କରିଛନ୍ତି। ଶଟ୍ ଖେଳିବା ସହଜ ହୋଇନାହିଁ। ସେଥିପାଇଁ ପ୍ରଥମ ସେଶନରେ ୫୭ ଓ ଦ୍ୱିତୀୟ ସେଶନରେ ମାତ୍ର ୫୦ ରନ ସଂଗ୍ରହ କରିପାରିଥିଲେ ଭାରତୀୟ ବ୍ୟାଟର। ଏଥିପାଇଁ ଟସ୍ ଜିତି ଭାରତର ବ୍ୟାଟିଂ ନିଷ୍ପତ୍ତିକୁ ଅନେକେ ନାପସନ୍ଦ କରିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ସ୍କଟ ବୋଲାଣ୍ଡ ୪ଟି, ମିଚେଲ ଷ୍ଟାର୍କ ୩ଟି, ପ୍ୟାଟ୍ କୁମିନ୍ସ ୨ଟି ଓ ନାଥାନ ଲିୟନ ଗୋଟିଏ ଉଇକେଟ ନେଇଛନ୍ତି।

ଅଷ୍ଟ୍ରେଲିଆର ମଧ୍ୟ ଆରମ୍ଭ ଭଲ ହୋଇନାହିଁ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଘରୋଇ ଦଳ ୯ ରନ ମଧ୍ୟରେ ନିର୍ଭରଯୋଗ୍ୟ ଓପନର ଉସମାନ ଖ୍ୱାଜା(୨)ଙ୍କ ଉଇକେଟ ହରାଇଛି। ଏହି ଉଇକେଟ ସହ ଫର୍ମରେ ଥିବା ଯଶପ୍ରୀତ୍ ବୁମ୍‌ରା ଏଠାରେ ତାଙ୍କ ଅଭିଯାନ ଆରମ୍ଭ କରିଥିବାବେଳେ ଯୁବ ଓପନର ସାମ୍ କୋନ୍‌ଷ୍ଟାସ ୭ ରନରେ ଅପରାଜିତ ରହିଥିଲେ। ପ୍ରଥମ ଦିବସରେ ମୋଟ ୧୧ଟି ଉଇକେଟର ପତନ ଘଟିଛି।

**ସଂକ୍ଷିପ୍ତ ସ୍କୋର**

ଭାରତପ୍ରଥମଇନିଂସ: ୧୮୫/ଅଲ୍‌ଆଉଟ (ରିଷଭ ପନ୍ତ-୪୦, ରବୀନ୍ଦ୍ର ଜାଡେଜା-୨୬, ସ୍କଟ ବୋଲାଣ୍ଡ-୪/୩୧, ମିଚେଲ ଷ୍ଟାର୍କ-୩/୪୯, ପ୍ୟାଟ୍ କୁମିନ୍ସ-୨/୩୭, ନାଥାନ ଲିୟନ-୧/୧୯)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୯/୧।

## ରୋହିତଙ୍କ ବିଶ୍ରାମକୁ ନେଇ ପ୍ରଶ୍ନବାଚୀ



ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ସିଡ୍‌ନୀ କ୍ରିକେଟ ଟେଷ୍ଟରେ ନ ଖେଳି ବିଶ୍ରାମ ନେବାକୁ ଉଚିତ ମନେକରିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ମାତ୍ର ଏହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖରାପ ଫର୍ମ ଯୋଗୁ ରୋହିତ ୩ ଟେଷ୍ଟର ୫ ଇନିଂସରେ ମାତ୍ର ୩୧ ରନ କରିଛନ୍ତି। ତେଣୁ କର ଅବା ମର ସ୍ଥିତି ସୃଷ୍ଟି କରିଥିବା ସିରିଜ ନିର୍ଣ୍ଣାୟକ ଟେଷ୍ଟରେ ସେ ଶୁବମନ ଗିଲ୍‌ଙ୍କ ପାଇଁ ବାଟ ଛାଡ଼ିଛନ୍ତି। ରୋହିତଙ୍କ ଅନୁପସ୍ଥିତିରେ ତାଙ୍କ ଡେପୁଟି ଯଶପ୍ରୀତ୍ ବୁମ୍‌ରା ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି। ବୁମ୍‌ରାଙ୍କ ନେତୃତ୍ୱରେ ଭାରତ ପର୍ଥ ଟେଷ୍ଟରେ ବିଜୟୀ ହୋଇଥିଲା। ମାତ୍ର ଏହାପରେ ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରୋହିତଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି ବୁମ୍‌ରା। "ନିଜକୁ ବିଶ୍ରାମ ଦେଇ ଆମ ଅଧିନାୟକ ଲିଡରଶିପ୍‌ର ନମୁନା ଦେଖାଇଛନ୍ତି। ଆମ ଦଳ ମଧ୍ୟରେ ଏକତା ଥିବା ଏହା ପ୍ରମାଣିତ କରୁଛି" ବୋଲି ବୁମ୍‌ରା କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ଏକ ଭାବପ୍ରବଣ ମୁହୂର୍ତ୍ତ ବୋଲି କହିଛନ୍ତି ରିଷଭ ପନ୍ତ। ସେ ଆମ ଲିଡର, ଏହା ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ବୋଲି ସେ କହିଛନ୍ତି। ପ୍ରି-ମ୍ୟାଚ ୱାର୍ମଅପ୍ ସମୟରେ ସେ ବିରାଟ କୋହଲି, ପନ୍ତ, ସର୍ଫରାଜ ଖାଁ ଓ ଅଭିମନ୍ୟୁ ଈଶ୍ୱରନଙ୍କ ସହ ଫୁଟବଲ ଖେଳିଥିଲେ। ଏହାପରେ ଭିଡିଓ ଆନାଲିଷ୍ଟ ହରି ପ୍ରସାଦଙ୍କ ସହ କିଛି ସମୟ ଆଲୋଚନା କରି ପଡ଼ିଆ ଛାଡ଼ିଥିଲେ। ବୁମ୍‌ରା ଟସ୍ ପାଇଁ ଯାଇଥିଲେ। ଟିଭି କ୍ୟାମେରା ବୁଲିବା ବେଳକୁ ଡ୍ରେସିଂ ରୁମ୍‌ରେ ରୋହିତ ଫିଲ୍ଡିଂ କୋଚ୍ ର୍ୟାନ ଟେନ୍ ଡୋଶ୍ଚେଟ ନିକଟରେ ବସିଥିଲେ। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ତାଙ୍କଠାରୁ କିଛି ଦୂରରେ ଥିଲେ। ରୋହିତଙ୍କ ଏପରି ନିଷ୍ପତ୍ତିକୁ ପୂର୍ବତନ ଭାରତୀୟ ଖେଳାଳି ସଞ୍ଜୟ ମଞ୍ଜେରକର ପ୍ରଶଂସା କରିଥିବାବେଳେ ନବଜୋତ ସିଂ ସିଦ୍ଧୁ ପସନ୍ଦ କରିନାହାନ୍ତି। ମ୍ୟାନେଜମେଣ୍ଟର ଏହି ନିଷ୍ପତ୍ତି ଭୁଲ୍ ସଙ୍କେତ ଦେଇଛି, ରୋହିତଙ୍କୁ ଏହି ଟେଷ୍ଟରେ ଉପଯୁକ୍ତ ସମ୍ମାନ ମିଳିବା ଉଚିତ ଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଖରାପ ଫର୍ମ ଯୋଗୁ ରୋହିତଙ୍କ କ୍ୟାରିୟର ଏବେ ସଙ୍କଟରେ ରହିଛି। ଏଠାରେ ରୋହିତ ନିଜକୁ ବିଶ୍ରାମ ଦେଇଛନ୍ତି ବୋଲି କୁହାଯାଉଥିଲେ ହେଁ ଏପରି କରିବାକୁ ତାଙ୍କୁ ବାଧ କରାଯାଇଛି ବୋଲି ସୂଚନା ମିଳୁଛି। ଏପରି କି ତାଙ୍କ ଟେଷ୍ଟ କ୍ୟାରିୟର ସମ୍ଭବତଃ ଶେଷ ହୋଇଛି ବୋଲି ମଧ୍ୟ ଆଲୋଚନା ହେଉଛି।

## ହରିୟାଣାଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**

ଜୟପୁରରେ ଶୁକ୍ରବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ହରିୟାଣାଠାରୁ ହାରି ଯାଇଛି। ଅଧିନାୟକ ସନ୍ଦିପ ପଟ୍ଟନାୟକଙ୍କ ସହ ରାଜେଶ ଧୂପର ଓ ପ୍ରୟାସ ସିଂଙ୍କ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ୫୦ ଓଭରରେ ୫ ଉଇକେଟ ହରାଇ ୨୬୮ ରନ କରିଥିଲା। ସନ୍ଦିପ ଓ ଧୂପର ୬୯ ରନ ଲେଖାଏ କରିଥିବାବେଳେ ପ୍ରୟାସ ୫୦ ରନକରି ଆଉଟ ହୋଇଥିଲେ। ଜବାବରେ ହରିୟାଣା ୪୭ ଓଭରରେ ୬ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରି ନେଇଥିଲା। ଯୁବରାଜ ଯୋଗେନ୍ଦର ସିଂ ୬୭ ଓ ଅଧିନାୟକ ଅଙ୍କିତ କୁମାର ୬୨ ରନ କରିଥିଲେ ଏବଂ ରାହୁଲ ଟେୱାଟିଆ ୩୭ ବଲ୍‌ରୁ ୫୯ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁମିତ ଶର୍ମା ୨ଟି ଏବଂ ତାପସ ଦାସ, ଜାମଳା ମହାପାତ୍ର, ଅଭିଷେକ ରାଉତ ଓ କାର୍ତ୍ତିକ ବିଶ୍ୱାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୬ ମ୍ୟାଚରୁ ଓଡ଼ିଶାର ଏହାଥିଲା ୪ର୍ଥ ପରାଜୟ।

## ଓଡ଼ିଶା କ୍ୟାରମ ଦଳ ଘୋଷିତ

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ):** ସର୍ବଭାରତୀୟ ୨୯ତମ ଫେଡେରେଶନ କପ୍ କ୍ୟାରମ୍ ପ୍ରତିଯୋଗିତା ଆନ୍ଧ୍ର ପ୍ରଦେଶର ନେଲୋରଠାରେ ଶୁକ୍ରବାର ଆରମ୍ଭ ହୋଇଛି। ୭ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୪ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଭାଗନେବେ। ଓଡ଼ିଶା ମହିଳା ଦଳରେ ଦୀପା ନାଏକ, କବିତାଞ୍ଜଳି ପାଲ୍, ଦୀପ୍ତିରାଣୀ ଆଧ୍ୟା ଓ ମମତା କୁମାରୀ ସ୍ଥାନ ପାଇଥିବାବେଳେ ମ୍ୟାନେଜର ରହିଛନ୍ତି ରାଜଶ୍ରୀ ପଟ୍ଟନାୟକ। ସେହିପରି ପୁରୁଷ ଦଳରେ ଗୌତମ ପ୍ରସାଦ ଭୋଳ, ଜୟ ପ୍ରକାଶ ଦାଶ, କାଳି ନାରାୟଣ ପଟ୍ଟନାୟକ ଓ କେ. ବିମ୍ମାୟା ଖେଳାଳି ଓ ରାଜେଶ ସାହୁ ମ୍ୟାନେଜର ଭାବେ ନେଲୋର ଯାତ୍ରା କରିଛନ୍ତି।

## ଜାତୀୟ ଖୋ ଖୋ ଦଳର ପ୍ରାୟୋଜକ ହେବ ଓଡ଼ିଶା

**ଭୁବନେଶ୍ୱର, ୩।୧(ତପନ ସ୍ୱାଇଁ)**

ସ୍ୱଦେଶୀ କ୍ରୀଡ଼ା 'ଖୋ ଖୋ' ପାଇଁ ଆସିଛି ଏକ ସୁବର୍ଣ୍ଣ ସମୟ। ଓଡ଼ିଶା ସରକାର ଏହି ଖେଳକୁ ଯୋଗାଇଦେବେ ପ୍ରୋତ୍ସାହନ। ପୂର୍ବରୁ ଓଡ଼ିଶା ଜାତୀୟ ହକି ଦଳର ପ୍ରାୟୋଜକ ଥିବାବେଳେ ଏବେ ଖୋ ଖୋ ଖେଳକୁ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଆଗାମୀ ୩ ବର୍ଷ ପାଇଁ ଭାରତୀୟ 'ଖୋ ଖୋ' ଦଳର ପ୍ରାୟୋଜକ ରହିବେ। ସ୍ପନସରଶିପ୍‌ର ଅବଧି ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ରହିବ। ଏଥିପାଇଁ ବର୍ଷକୁ ୫ କୋଟି ହିସାବରେ ସମୁଦାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶା ଖଣି ନିଗମ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯିବ। ଏହାଦ୍ୱାରା ଭାରତୀୟ ଖୋ ଖୋ ଖେଳାଳି ପ୍ରୋତ୍ସାହନ ପାଇବା ସହ ଓଡ଼ିଶା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜ୍ୱଳ କରିପାରିବ।

### ବର୍ଷକୁ ୫ କୋଟି, ୩ ବର୍ଷରେ ୧୫ କୋଟି

## ଶୁଟ୍ ଆଉଟରେ ଜିତିଲା ତାମିଲନାଡୁ ଡ୍ରାଗନ୍ସ

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ମ୍ୟାଚରେ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ଶୁଟ୍ ଆଉଟ ୬-୫ ଗୋଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଲାନ୍ସର୍ସ ପକ୍ଷରୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ୨୪ ଓ ୪୩ତମ ମିନିଟରେ ୨ଟି ଏବଂ ଡ୍ରାଗନ୍ସ ପକ୍ଷରୁ ଟମ୍ କ୍ରେଗ୍ ୩୧ ଓ ଜିପ୍ ଜାନସେନ ୫୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ ୨-୨ ସ୍ଥିତିରେ ରହିବାରୁ ଫଳାଫଳ ପାଇଁ ଶୁଟ୍ ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ପ୍ରଥମ ୫ ଲେଖାଏ ଶୁଟ୍‌ରୁ ଫଳାଫଳ ୪-୪ ହେବାରୁ ପ୍ରକ୍ରିୟା ଜାରି ରହିଥିଲା। ଡ୍ରାଗନ୍ସ ପରବର୍ତ୍ତୀ ୨ ଉଦ୍ୟମରେ ସଫଳ ହୋଇଥିବାବେଳେ ଲାନ୍ସର୍ସ ଗୋଟିଏରେ ସଫଳ ଏବଂ ଗୋଟିଏରେ ବିଫଳ ରହିଥିଲା। ଫଳରେ ଡ୍ରାଗନ୍ସ ୬ ଏବଂ ଲାନ୍ସର୍ସ ୫ ଗୋଲ କରିବାରେ ସକ୍ଷମ ହୋଇଥିଲା। ୨ ମ୍ୟାଚରୁ ତାମିଲନାଡୁ ଡ୍ରାଗନ୍ସର ଏହା ପ୍ରଥମ ବିଜୟ ହୋଇଥିବାବେଳେ କଳିଙ୍ଗ ଲାନ୍ସର୍ସର କ୍ରମାଗତ ଦ୍ୱିତୀୟ ପରାଜୟ।



ହକି ଇଣ୍ଡିଆ ଲିଗ୍‌ରେ ଶୁକ୍ରବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା।

## ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ରେକର୍ଡ ଦର୍ଶକ

**ସିଡ୍‌ନୀ, ୩।୧(ପି.ଟି.):** ଶୁକ୍ରବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ(ଏସ୍‌ସିଜି)ରେ ଶୁକ୍ରବାରଠାରୁ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ପଞ୍ଚମ କ୍ରିକେଟ ଟେଷ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୪୭,୫୬୬ ଦର୍ଶକ ଉପସ୍ଥିତ ଥିଲେ, ଯାହା କି ଏସ୍‌ସିଜିରେ ଏକ ସର୍ବକାଳୀନ ରେକର୍ଡ। ପୂର୍ବରୁ ୨୦୦୩/୦୪ ସିରିଜ ବେଳେ ରେକର୍ଡ ସଂଖ୍ୟକ ୪୪, ୯୦୧ ଦର୍ଶକଙ୍କ ଉପସ୍ଥାନ ଦେଖିବାକୁ ମିଳିଥିଲା, ଯାହାକି ୧୯୭୬ ପରେ ସର୍ବାଧିକ ଥିଲା।

## ଲିଷ୍ଟ 'ଏ' କ୍ରିକେଟ: କରୁଣ ନାୟାରଙ୍କ ବିଶ୍ୱ ରେକର୍ଡ

**ବିଜୟନଗରମ୍, ୩।୧ (ପି.ଟି.)**

ଆଉଟ ନ ହୋଇ ଲିଷ୍ଟ 'ଏ' କ୍ରିକେଟରେ ସର୍ବାଧିକ ରନ ସଂଗ୍ରହ କରିବାରେ କରୁଣ ନାୟାର ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାଙ୍କର ଏହି ପ୍ରଦର୍ଶନକୁ ପାଥେୟ କରି ବିଦର୍ଭ ବିଜୟ ହଜାରେ ଟ୍ରଫି ଗ୍ରୁପ୍ 'ଡି'ର ଏକ ମ୍ୟାଚ ଉତ୍ତରପ୍ରଦେଶକୁ ୮ ଉଇକେଟରେ ପରାସ୍ତ କରିଛି। କରୁଣ ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ଜେମ୍ସ ଫ୍ରାଙ୍କଲିନ୍ (୨୦୧୦ରେ ୫୨୭ରନ)ଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏହି ଡାହାଣହାତୀ ବ୍ୟାଟର ୧୧୨ ରନ କରି ଆଉଟ ହୋଇଥିଲେ। ତେବେ ସେତେବେଳ କ୍ରମାଗତ ନଟ ଆଉଟ ରହି ତାଙ୍କ ମୋଟ ରନ ସଂଖ୍ୟା ୫୪୨ରେ ପହଞ୍ଚି ଯାଇଥିଲା, ଯାହା କି ଏକ ନୂଆ ରେକର୍ଡ। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ବ୍ୟାଟରମାନେ ହେଲେ ଜୋଶୁଆ ହିର୍ଦ୍ଦିନ (୫୧୨), ଫଖର ଜମାନ (୪୫୫) ଓ ତୌଫିକ୍ ଉମର (୪୨୨)। ବିଜୟ ହଜାରେ ଟ୍ରଫିରେ କରୁଣଙ୍କର ଏହାଥିଲା ୪ର୍ଥ ଏବଂ କ୍ରମାଗତ ତୃତୀୟ ଶତକ।

## ଜିମ୍ନାଷ୍ଟ ରିତିକାଙ୍କ ସଫଳତା

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**



ଜେ.ଏମ. ରିତିକା ଦାସ

ଓଡ଼ିଶାର ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ଜେ.ଏମ. ରିତିକା ଦାସ ନିକଟରେ ଅନୁଷ୍ଠିତ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ୨୦୨୪ ଡିସେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ସୁରଟରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍‌ରେ ସେ ସିନିୟର ବୟସ ବର୍ଗରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ପ୍ରଥମ ଥର ୧୬୨.୮୦ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଥିଲା। ରେଲୱେ ଦଳ ୧୭୫.୯୦ ପଏଣ୍ଟ ସହିତ ପ୍ରଥମ ଓ ମହାରାଷ୍ଟ୍ର ୧୬୬.୦୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ରିତିକା ୫ମ ସ୍ଥାନରେ ରହି ଦଳଗତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୩ଟି ଆପରଟସ ଯଥା ଭଲ୍ଟିଂ ଟେବୁଲ,ବାଲାନ୍ସିଂ ବିମ୍ ଓ ଫ୍ଲୋର ଏକ୍ସରସାଇଜ୍‌ରେ ଅଂଶ ଗ୍ରହଣ କରିଥିଲେ। ଦଳଗତ ଭାବରେ ସେ ଭଲ୍ଟିଂ ଟେବୁଲ୍‌ରେ ୫ମ, ବାଲାନ୍ସିଂ ବିମ୍‌ରେ ୪ର୍ଥ ଓ ଫ୍ଲୋର ଏକ୍ସରସାଇଜ୍‌ରେ ୨ୟ ସ୍ଥାନ ଅଧିକାର କରିଥିବାରୁ ଆସନ୍ତା ଫେବୃଆରୀରେ ଉତ୍ତରାଖଣ୍ଡରେ ହେବାକୁ ଥିବା ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ଦଳ ତରଫରୁ ଚୟନ ହୋଇ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଆଶାୟୀ ରହିଛନ୍ତି।

ସୂଚନାଯୋଗ୍ୟ, ସେ ଗତ ଅକ୍ଟୋବରରେ ମହାରାଷ୍ଟ୍ରରେ ଅନୁଷ୍ଠିତ ସିବିଏସ୍‌ସି ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ଦିଲ୍ଲୀ ପବ୍ଲିକ ସ୍କୁଲ ତରଫରୁ ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ ହେବା ସହିତ ଆସନ୍ତା ଫେବୃଆରୀ ୨ ଓ ୩ରେ କୋଲକାତାଠାରେ ହେବାକୁ ଥିବା ଏସ୍‌ଜିଏଫ୍‌ଆଇ ନାଶନାଲ ଚାମ୍ପିଅନଶିପ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ନଭେମ୍ବରରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ଚାମ୍ପିୟନ ହୋଇଥିଲେ। ଏହା ବ୍ୟତୀତ କୋରାପୁଟର ଜୟପୁରଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତାର ଭଲ୍ଟିଂ ଟେବୁଲ୍‌ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତି ସୁରଟରେ ହୋଇଥିବା ଓପନ ନାଶନାଲ ପାଇଁ ଓଡ଼ିଶା ଦଳରେ ସାମିଲ ହୋଇଥିଲେ ରିତିକା। ତାଙ୍କର ଜିମ୍ନାଷ୍ଟିକ କ୍ୟାରିୟର ମାତ୍ର ୬ ବର୍ଷ ବୟସରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନ୍ ସେ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ହାଇ ପରଫର୍ମାନ୍ସ ସେଣ୍ଟର୍‌ରେ ଅଭ୍ୟାସରତ। ଭୁବନେଶ୍ୱର ଜିଲା ଜିମ୍ନାଷ୍ଟିକ ସଂଘ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ନରେନ୍ଦ୍ର ସେଠୀ, ସହସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରା ରାଣୀ ଦାସ, ଯଶୋବନ୍ତ ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଫାଇନାଲରେ ପାରାମାଉଣ୍ଟ 'ବ୍ଲୁ'

**ଭୁବନେଶ୍ୱର, ୩।୧ (ତପନ ସ୍ୱାଇଁ)**

ସିଦ୍ଧାନ୍ତ ସ୍ମାରକୀ ୧୪ ବର୍ଷରୁ କମ୍ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ ପାରାମାଉଣ୍ଟ 'ବ୍ଲୁ' ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ୫୨ ରନରେ ଲାଇଭ୍ ଲିଜେଣ୍ଡ କ୍ରିକେଟ କ୍ଲବ (ଏଲଏଲସିସି)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ସ୍ୱାଧୀନ ପ୍ରମାଣିକଙ୍କ ୮୭ ଓ ସ୍ୱସ୍ତିକ ଚୌଧୁରୀଙ୍କ ୩୭ ରନ ବଳରେ ୩୫ ଓଭରରେ ୯ ଉଇକେଟ ହରାଇ ୧୮୪ ରନ କରିଥିଲା। ଜବାବରେ ଏଲଏଲସିସି ୩୫ ଓଭରରେ ୯ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ୧୪ ରନରେ ଅପରାଜିତ ରହିବା ସହ ମାତ୍ର ୧୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିବା ପାରାମାଉଣ୍ଟର ଶୁଭମ୍ ପରିଡ଼ାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବ ଉପସଭାପତି ସନତ ଦାସ ପୁରସ୍କାର ପ୍ରଦାନ କରିଥିଲେ।




ପୁରସ୍କାର ନେଉଛନ୍ତି ଶୁଭମ୍ ପରିଡ଼ା।

## ଖୋ ଖୋ ବିଶ୍ୱକପ୍‌ର ଟ୍ରଫି ଓ ମାସ୍କଟ ଉନ୍ମୋଚିତ

**ନୂଆଦିଲ୍ଲୀ, ୩।୧ (ପି.ଟି.)**

ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଜାନୁଆରୀ ୧୩ରୁ ୧୯ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହାର ଟ୍ରଫି ଏବଂ ଟୁର୍ନାମେଣ୍ଟର ଅଫିସିଆଲ ମାସ୍କଟ ତାରା ଓ ତେଜସର ଉନ୍ମୋଚନ ସ୍ଥାନୀୟ ଇମ୍ପେରିଆଲ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେଜସ ଉର୍ଜାର ପ୍ରତୀକ ହୋଇଥିବାବେଳେ ତାରା ମାର୍ଗଦର୍ଶନ ଓ ଆକାଂକ୍ଷାର ପ୍ରତୀକ ଅଟେ। ବିଶ୍ୱକପ୍‌ରେ ଭାରତରୁ ଉଭୟ ପୁରୁଷ ଓ ମହିଳା କାଟେଗୋରିରେ ଯଥା ଭାରତ 'ଏ' ଓ ଭାରତ 'ବି' ଦୁଇଟି ଲେଖାଏ ଦଳ ଅଂଶଗ୍ରହଣ କରିବେ। ଦଳ ଘୋଷଣା ଆସନ୍ତା ୮ତାରିଖରେ ହେବ। ପୁରୁଷ ଓ ମହିଳା ପ୍ରତିଯୋଗିତା ପାଇଁ ପ୍ରତି ଦଳରେ ୧୫ଜଣ ଲେଖାଏ ଖେଳାଳି ରହିବେ। ଉଭୟ ଗ୍ରୁପ୍‌ର ୬୦ଜଣ ଖେଳାଳିଙ୍କୁ ନେଇ କ୍ୟାମ୍ପ ଚାଲିଛି। ସେଥିରୁ ଖେଳାଳି ଚୟନ କରାଯିବ। ପ୍ରତିଯୋଗିତା ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ଏବଂ ନଏଡା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତ୍ତଲ ଏହି ଅବସରରେ ସୂଚନା ଦେଇଛନ୍ତି। ୭ ଦିନିଆ କାର୍ଯ୍ୟସୂଚୀରେ ପ୍ରତ୍ୟେକ ଦଳ ପ୍ରତି ଦିନ ଏକାଧିକ ମ୍ୟାଚ ଖେଳିବେ। ପାକିସ୍ତାନ ଖେଳାଳିଙ୍କ ଲାଗି ଭିଜାକୁ ଅପେକ୍ଷା କରାଯାଇଛି। ସେମାନେ ପ୍ରଥମ ଥର ଅନୁଷ୍ଠିତ ହେବାକୁଥିବା ବିଶ୍ୱକପ୍‌ରେ ଭାଗ ନେଇପାରିବେ ବୋଲି ଆଶା କରାଯାଉଛି ବୋଲି ମିତ୍ତଲ କହିଛନ୍ତି। ଟୁର୍ନାମେଣ୍ଟରେ ଉଭୟ ପୁରୁଷ ଓ ମହିଳା ଦଳ ଲିଗ୍-କମ୍-ନକ୍‌ଆଉଟ ଫର୍ମାଟରେ ଖେଳିବେ। ଏଥିରେ ୟୁଏସ୍‌ଏ, ଇଂଲଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ ଓ ବ୍ରାଜିଲ ସମେତ ୨୪ଟି ଦେଶ ଅଂଶଗ୍ରହଣ କରିବେ। ଇଣ୍ଡୋନେସିଆ କେବଳ ମହିଳା ଦଳ ପଠାଇବ। ଅନ୍ୟ ଦେଶଗୁଡ଼ିକ ଉଭୟ କାଟେଗୋରିରେ ଭାଗ ନେବେ। କ୍ୱାର୍ଟରଫାଇନାଲ ଜାନୁଆରୀ ୧୭ରେ, ସେମିଫାଇନାଲ ଜାନୁଆରୀ ୧୮ରେ ଏବଂ ଫାଇନାଲ ଜାନୁଆରୀ ୧୯ରେ ଖେଳାଯିବା ଲାଗି ଧାର୍ଯ୍ୟ କରାଯାଇଛି। ଟୁର୍ନାମେଣ୍ଟରେ ମୋଟ ୬୧୫ ଖେଳାଳି ଓ ୧୨୫ ସପୋର୍ଟ ଷ୍ଟାଫ୍ ଭାଗ ନେବେ। ଜବାହରଲାଲ ନେହେରୁ ଷ୍ଟାଡିୟମରେ ୬୦ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳା ଖେଳାଳିଙ୍କୁ ନେଇ ଜାତୀୟ କ୍ୟାମ୍ପ ଚାଲିଛି।

### ଭାରତୀୟ ଦଳ ଘୋଷଣା ୮ରେ




ଉନ୍ମୋଚିତ ହୋଇଥିବା ଖୋ ଖୋ ବିଶ୍ୱକପ ଟ୍ରଫି ଓ ମାସ୍କଟ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ